ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.123, Saturday, 22 August 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୩, ଶନିବାର, ୨୨ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.123, Saturday, 22 August 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୩, ଶନିବାର, ୨୨ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Ambruta™
Pyaas Zaroori Hai

JOIN US AS A
DISTRIBUTOR!
Be the Source of
ODISHA'S
TRUSTED HYDRATION

Call us Tollfree
1800 123 6373

FOLLOW US

CALL US FOR
Business Enquiry and Bulk Order
Toll Free number : 1800 123 6373

ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.123, Saturday, 22 August 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୩, ଶନିବାର, ୨୨ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ ା, ମୂଲ୍ୟ - ୯ ଟଙ୍କା

Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନୀତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଜୀଙ୍କ ଜନ୍ମ ଶତବାର୍ଷିକୀ ମହୋତ୍ସବରେ ମୁଖ୍ୟମନ୍ତ୍ରୀ

ଗୁରୁଜାଙ୍ଗ ହେବ ଐତିହ୍ୟ ଗ୍ରାମ ଓ ଆଦର୍ଶ ପଞ୍ଚାୟତ

■ ସ୍ୱାମୀଜୀଙ୍କର ଅତୁଳନୀୟ ତ୍ୟାଗ ସମାଜ ପାଇଁ ପ୍ରେରଣାଦାୟୀ
■ 'ସବ୍‌କା ସାଥ୍, ସବ୍‌କା ବିକାଶ' ଭିତରେ ନିହିତ ଅଛି ସ୍ୱାମୀଜୀଙ୍କ ଅନ୍ତ୍ୟୋଦୟ ବିଚାରଧାରା

ଭୁବନେଶ୍ୱର(ବ୍ୟୁରୋ)

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଜୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଅନୁଗୋଳ ଜିଲ୍ଲା ତାଳଚେର ନିକଟସ୍ଥ ଗୁରୁଜାଙ୍ଗଠାରେ ଆୟୋଜିତ ମହୋତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବଡ଼ ଘୋଷଣା କରିଛନ୍ତି । ସ୍ୱାମୀଜୀଙ୍କ ସ୍ମୃତିପୂତ ପବିତ୍ର ଗୁରୁଜାଙ୍ଗ ଗ୍ରାମକୁ 'ଐତିହ୍ୟ ଗ୍ରାମ' ଭାବେ ଗଢି ତୋଳାଯିବା ସହ ଗୁରୁଜାଙ୍ଗ ପଞ୍ଚାୟତକୁ 'ଆଦର୍ଶ ପଞ୍ଚାୟତ' ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ କେବଳ ଜଣେ ବ୍ୟକ୍ତି ନ ଥିଲେ, ସେ ଥିଲେ ଏକ ମହାନ ଆଦର୍ଶ, ଅଲୌକିକ ଅନୁଷ୍ଠାନ ଓ ସନାତନ ଧର୍ମର ଦୀପ୍ତିମନ୍ତ ମାର୍ଗଦର୍ଶକ । ଆଜିର ଆଧୁନିକ ଯୁଗରେ ସୁଖ-ସୁବିଧା ତ୍ୟାଗ କରି ସେ କନ୍ଧମାଳର ଦୁର୍ଗମ ଓ ଘଞ୍ଚ ଜଙ୍ଗଲରେ ରହି ଅସହାୟ ବନବାସୀଙ୍କ ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ସେଠାରେ ଚକାପାଦ ଓ ଜଲେଶପଟା ଆଶ୍ରମ ଏବଂ କନ୍ୟା ଗୁରୁକୁଳ ପ୍ରତିଷ୍ଠା କରି ବନବାସୀ ଝିଅମାନଙ୍କୁ ସଂସ୍କୃତ ଶିକ୍ଷା ଓ ସଂସ୍କାରରେ ସ୍ୱାବଲମ୍ବୀ କରି ଗଢ଼ିତୋଳିଥିଲେ । ତାଙ୍କ ଦ୍ୱାରା ବୁଣାଯାଇଥିବା ସଂସ୍କୃତିର ମଞ୍ଜି ଆଜି ମହାଦ୍ରୁମରେ ପରିଣତ ହୋଇଛି ଏବଂ ଧର୍ମାନ୍ତରୀକରଣ ବିରୋଧରେ ସେ ଆରମ୍ଭ କରିଥିବା ସଚେତନତା ସମଗ୍ର ରାଜ୍ୟରେ ଏକ ଜାଗ୍ରତ ସନାତନୀ ସଙ୍କଳ୍ପ ଭାବେ ଛିଡ଼ା ହୋଇଛି । ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହେଉଛନ୍ତି ଆମ ସମାଜର 'ଗୁରୁ, ଗ୍ରନ୍ଥ ଏବଂ ଗରିମା' ବୋଲି ସେ କହିଥିଲେ । ସ୍ୱାମୀଜୀଙ୍କ ଅତୁଳନୀୟ ତ୍ୟାଗ ଓ ସେବାକୁ ସମ୍ମାନ ଜଣାଇ ରାଜ୍ୟ ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । 'ଫୁଲବାଣୀ ସରକାରୀ ମେଡିକାଲ କଲେଜ'କୁ 'ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ମେଡିକାଲ କଲେଜ' ଭାବେ ନାମିତ କରାଯାଇଛି । ଏହାସହ ସ୍ୱାମୀଜୀଙ୍କ କର୍ମପୀଠ ଜଲେଶପଟା ଆଶ୍ରମ, ଆଶ୍ରମ ସ୍କୁଲ ଓ କନ୍ୟାଶ୍ରମର ବିକାଶ ଏବଂ ଐତିହ୍ୟ ସଂରକ୍ଷଣ ପାଇଁ 'ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା' ପାଣ୍ଠିରୁ ୧୩ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏଥିମଧ୍ୟରୁ ୫କୋଟି ଟଙ୍କା ବିନିଯୋଗରେ ଛାତ୍ରୀମାନଙ୍କ ପାଇଁ ୩୦୦ ଆସନ ବିଶିଷ୍ଟ ଛାତ୍ରୀ ନିବାସ, ୩ କୋଟି ଟଙ୍କାରେ ଐତିହ୍ୟ ସ୍ଥଳର ସଂରକ୍ଷଣ ଏବଂ ପାନୀୟ ଜଳ ଯୋଗାଣ ପାଇଁ ଏକ ମେଗା ରିଭର ଲିଫ୍ଟ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ସଦାସର୍ବଦା ସ୍ୱାମୀଜୀଙ୍କ ସେବା ଓ ସନାତନୀ ନିଷ୍ଠାକୁ ଗଭୀର ସମ୍ମାନ ଜଣାଇ ଆସିଥିବା କଥା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମୋଦୀଜୀଙ୍କ 'ସବ୍‌କା ସାଥ୍, ସବ୍‌କା ବିକାଶ' ଆଦର୍ଶ ଭିତରେ ସ୍ୱାମୀଜୀଙ୍କ ଅନ୍ତ୍ୟୋଦୟ ବିଚାରଧାରା ହିଁ ନିହିତ ରହିଛି । ଶେଷରେ ଆଜିର

■ ପୃଷ୍ଠା-୧୫

ପରପାରିରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ପ୍ରଣବ

□ ଓଡ଼ିଶା ସଂଗୀତ ଜଗତ ହରାଇଲା ଧ୍ରୁବତାରା
□ ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷ ହୋଇଥିଲା
□ ଚିକିତ୍ସାଧୀନ ଅବସ୍ଥାରେ ହେଲା ପରଲୋକ
□ ୨ଶହରୁ ଅଧିକ ସଂଗୀତରେ କରିଛନ୍ତି କଣ୍ଠଦାନ
□ ଶୋକପ୍ରକାଶ କଲେ ମୁଖ୍ୟମନ୍ତ୍ରୀ ଓ ବିରୋଧୀଦଳ ନେତା

ଭୁବନେଶ୍ୱର(ବ୍ୟୁରୋ)

ଜୀବନଟା ଏକ ନାଟକ ଗୀତରୁ ଆରମ୍ଭ...ଜୀବନର ଶେଷ ଭାଗ ବୋଧହୁଏ ଏମିତି । ଦିନେ ନିଜ କଣ୍ଠରେ ଜୀବନକୁ ଏମିତି ବ୍ୟାଖ୍ୟା କରିଥିଲେ । ଆଉ ଆଜି...ନାଟକ ଶେଷ ହୋଇଗଲା, ମଞ୍ଚ ଖାଲି ହୋଇଗଲା, ଆଉ ନାୟକ ଫେରିଗଲେ ଅଫେରା ରାଇଜକୁ । ମାଝିରେ ଗୀତ...ହଁ ତାଙ୍କ ପାଇଁ ସତରେ ଶ୍ରାବଣ ହିଁ ଶେଷ ଥିଲା । ଶ୍ରାବଣ ସରୁ ସରୁ ଭାଦ୍ରବର ପୁରୁବା ପବନ ସାଙ୍ଗେ ବହିଗଲେ ଅଜଣା ଦିଗକୁ । ସଂଗୀତ ଦୁନିଆ ଝୁରୁଛି, ପୂରା ରାଇଜ ଖୋଜୁଛି । ଆଉ ନାହାନ୍ତି ପ୍ରଖ୍ୟାତ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ । ଶୁକ୍ରବାର ସକାଳେ ତାଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷ ହୋଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି । ଦୀର୍ଘଦିନ ହେବ ସେ ଅସୁସ୍ଥ ଥିଲେ । ଓଡ଼ିଶା ଓ ଓଡ଼ିଶା ବାହାରେ ଜଣେ ଖ୍ୟାତନାମା କଣ୍ଠଶିଳ୍ପୀ ଭାବେ ପ୍ରଣବଙ୍କର ଥିଲା ପରିଚୟ । ସେ ୨ଶହରୁ ଅଧିକ ସଂଗୀତରେ କଣ୍ଠଦାନ କରିଛନ୍ତି । ୧୯୩୮ ଜାନୁଆରୀ ୨୦ରେ ପ୍ରଣବ ଜନ୍ମଗ୍ରହଣ କରିଥିଲେ । ୧୯୫୮ 'ମା' ଚଳଚ୍ଚିତ୍ରରେ ସେ ପ୍ରଥମେ କଣ୍ଠଦାନ କରି ନିଜର କ୍ୟାରିୟର ଆରମ୍ଭ କରିଥିଲେ । ଓଡ଼ିଶୀ, ଭଜନ, ପାରମ୍ପରିକ ଲୋକଗୀତ ଗାଇବାରେ ପ୍ରଣବଙ୍କର ଭିନ୍ନ ଏକ ପରିଚୟ ଥିଲା । ନିଜ କଣ୍ଠସ୍ୱରରେ ସେ ଶ୍ରୋତାଙ୍କୁ ବାନ୍ଧି ରଖି ପାରୁଥିଲେ । ୨୦୧୬ରେ ସେ 'ଜୟଦେବ ସମ୍ମାନ'ରେ ସମ୍ମାନିତ ହୋଇଥିଲେ । ତାଙ୍କ ପରଲୋକରେ ଓଡ଼ିଶା ସଂଗୀତ ଜଗତରୁ ଜଣେ ଧ୍ରୁବତାରା ବିଦାୟ ନେଇଛନ୍ତି । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ପ୍ରଣବଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଯେ, 'ନିଜର କାଳଜୟୀ କଣ୍ଠସ୍ୱରରେ ସମଗ୍ର ଓଡ଼ିଶାକୁ ବିମୋହିତ କରିଥିବା ମହାନ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ପରଲୋକ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ । ଜୟଦେବ ପୁରସ୍କାର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଏବଂ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଭଳି ଅନେକ ସମ୍ମାନରେ ଭୂଷିତ ଏହି ଅତୁଳନୀୟ ସଙ୍ଗୀତ ସାଧକଙ୍କ ଦେହାନ୍ତ ଓଡ଼ିଆ କଳା ଓ ସଂସ୍କୃତି ଜଗତରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି କରିଛି । ତାଙ୍କର ସୁମଧୁର ସ୍ୱରର ମୂର୍ଚ୍ଛନା ଓ କାଳଜୟୀ ସଙ୍ଗୀତ ପ୍ରତ୍ୟେକ ଓଡ଼ିଆଙ୍କ

■ ପୃଷ୍ଠା-୧୫

୨୮ରେ ମିଳିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର(ବ୍ୟୁରୋ)

ଆସନ୍ତା ୨୮ତାରିଖ ରାକ୍ଷୀ ପୂର୍ଣ୍ଣିମା ଦିନ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରିବେ ରାଜ୍ୟ ସରକାର। ନୟାଗଡ଼ ଜିଲ୍ଲାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଏହି କିସ୍ତି ଟଙ୍କା ପ୍ରଦାନ କରାଯିବ। ହିତାଧିକାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଡିବିଟି ମାଧ୍ୟମରେ ଏହି ଟଙ୍କା ଯିବ। ପୂର୍ବଥର ତୁଳନାରେ ପ୍ରାୟ ୨ ଲକ୍ଷ ଅଧିକ ମହିଳାଙ୍କୁ ସହାୟତା ମିଳିବ। ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ଅର୍ଥ ପ୍ରଦାନକୁ ନେଇ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୮ତାରିଖ ରାକ୍ଷୀପୂର୍ଣ୍ଣିମା ଦିନ ନୟାଗଡ଼ ଜିଲ୍ଲାରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଏହି କିସ୍ତି ଟଙ୍କା ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି । ଏହି ପଂଚମ ପର୍ଯ୍ୟାୟରେ ରାଜ୍ୟର ମୋଟ ୧ କୋଟି ୩ଲକ୍ଷ ୨୬ହଜାର ୧୬୨ଜଣ ଯୋଗ୍ୟ ମହିଳା ହିତାଧିକାରୀମାନଙ୍କୁ ଚିହ୍ନଟ କରାଯାଇଛି। ପ୍ରଥମ ଥର ପାଇଁ ୨ ଲକ୍ଷ ୨୧ ହଜାର ୫୪ ଜଣ ହିତାଧିକାରୀ ପାଇବେ।ଏହି ଯୋଗ୍ୟ ମହିଳାମାନଙ୍କ ବ୍ୟାଙ୍କ ଖାତାକୁ ମୋଟ ୫୧୬କୋଟିରୁ ଅଧିକ ଟଙ୍କା ସିଧାସଳଖ ହସ୍ତାନ୍ତର କରାଯିବ। ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତିରେ ରାଜ୍ୟ ସରକାର ୧କୋଟି ୪ ଲକ୍ଷ ଜଣ ମହିଳାଙ୍କୁ ଡିବିଟି ମାଧ୍ୟମରେ ୫ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିଥିଲେ। ଆଜିର ଏହି ପ୍ରସ୍ତୁତି ବୈଠକରେ ହିତାଧିକାରୀ ଚୟନ, ଡିବିଟି ପ୍ରଣାଳୀର କାର୍ଯ୍ୟକ୍ଷମତା ଓ ବ୍ୟାଙ୍କ କାରବାର ବ୍ୟବସ୍ଥାରେ ଯେପରି କୌଣସି ବୈଷୟିକ ତ୍ରୁଟି ବିନା ସୁରୁଖୁରୁରେ ପରିଚାଳିତ ହେବ, ତା'ର ତଦାରଖ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର ବରିଷ୍ଠ ଅଧିକାରୀ, ଓକାକ୍ ଟିମ୍ ଓ ବିଭିନ୍ନ ବ୍ୟାଙ୍କର ପ୍ରତିନିଧିମାନେ ଉପସ୍ଥିତ ରହି ବୈଷୟିକ ତଥା ବ୍ୟାଙ୍କିଙ୍ଗ ଭିତ୍ତିଭୂମି ଉପରେ ଆଲୋଚନା କରିଥିଲେ। ଏହି କିସ୍ତି ଟଙ୍କା ଦେବା ପାଇଁ ସରକାର ସମସ୍ତ ପ୍ରକାରର ଆଗୁଆ ପଦକ୍ଷେପ ଗ୍ରହଣ କରିଛନ୍ତି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅର୍ଥ ପଠାଇବା ପ୍ରକ୍ରିୟା ଶେଷ କରିବାକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଛନ୍ତି।

ଆଇପିଏସ ସ୍ତରରେ ଅଦଳବଦଳ

ଇଓଡବ୍ଲ୍ୟୁ ଓ ଏସଟିଏଫ ଆଇଜି ହେଲେ ହିମାଂଶୁ ଲାଲ୍

କଟକ(ବ୍ୟୁରୋ)

ବରିଷ୍ଠ ଆଇପିଏସ୍ସ୍ତରରେ ବଡ଼ ଅଦଳବଦଳ। ବରିଷ୍ଠ ଆଇପିଏସ୍ ବିନୟତୋଷ ମିଶ୍ର ଅନ୍ତରୀଣ ଡିଜିପି ଦାୟିତ୍ୱ ନେବା ପରେ ଆଜି ଆଇପିଏସ୍ ସ୍ତରରେ ଅଦଳ ବଦଳ କରିଛନ୍ତି ସରକାର। ଆଜି ୬ଜଣ ବରିଷ୍ଠ ଆଇପିଏସଙ୍କୁ ବଦଳି କରିଛନ୍ତି। ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୨୦୦୩ ବ୍ୟାଚର ଆଇପିଏସ ତଥା ସମ୍ବଲପୁରର ଉତ୍ତରାଂଚଳ ଆଇଜି ଭାବେ କାର୍ଯ୍ୟରତ ଥିବା ହିମାଂଶୁ କୁମାର ଲାଲଙ୍କୁ ଭୁବନେଶ୍ୱରସ୍ଥିତ ଇଓଡବ୍ଲ୍ୟୁ ଓ ଏସଟିଏଫ ଆଇଜି ଭାବେ ବଦଳି କରାଯାଇଛି । ସେ ଦୀର୍ଘ ୩ବର୍ଷ ହେଲା ସମ୍ବଲପୁରରେ ଆଇଜି ଭାବେ କାର୍ଯ୍ୟରତ ଅଛନ୍ତି। ସେହିପରି ତାଳଚେରସ୍ଥିତ ଏନସିଆର ଆଇଜି ସହ ଅନୁଗୋଳ ପିଟିସିର ପ୍ରିନ୍ସିପାଲ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିବା ୨୦୦୪ ବ୍ୟାଚର ଆଇପିଏସ ସତ୍ୟବ୍ରତ ଭୋଇଙ୍କୁ ଗୁଇନ୍ଦା ଆଇଜି ଭାବେ ବଦଳି କରାଯାଇଛି । ଭୁବନେଶ୍ୱରରେ ଗୁଇନ୍ଦା ଆଇଜି ଭାବେ କାର୍ଯ୍ୟରତ ୨୦୦୫ ବ୍ୟାଚର ଆଇପିଏସ ଜୟ ନାରାୟଣ ପଙ୍କଜଙ୍କୁ ବ୍ରହ୍ମପୁର ଦକ୍ଷିଣାଂଚଳ ଆଇଜି ଭାବେ ଅବସ୍ଥାପିତ କରାଯାଇଛି। ବ୍ରହ୍ମପୁରରେ ଦକ୍ଷିଣାଂଚଳ ଆଇଜି ଥିବା ୨୦୦୭ ବ୍ୟାଚ୍ ଆଇପିଏସ୍ ନୀତିଶେଖର କଟକସ୍ଥିତ ପୁଲିସ ମୁଖ୍ୟାଳୟରେ ପ୍ରୋଜିକ୍ଟିଂ ଆଇଜି ଭାବେ କାର୍ଯ୍ୟ କରିବେ। ସେହିପରି ପ୍ରୋଜିକ୍ଟିଂ ଡିଆଇଜି ଭାବେ କାର୍ଯ୍ୟରତ ୨୦୦୯ ବ୍ୟାଚର ଆଇପିଏସ ଚରଣ ସି�ଂ ମୀନାଙ୍କୁ ସମ୍ବଲପୁରର ଉତ୍ତରାଂଚଳ ଡିଆଇଜି ଭାବେ ବଦଳି କରାଯାଇଛି । କେନ୍ଦ୍ରୀୟ ଡେପୁଟେସନରୁ ଫେରି ରାଜ୍ୟ ଗୃହ ବିଭାଗରେ ଯୋଗ ଦେଇଥିବା ୨୦୧୦ ବ୍ୟାଚର ଆଇପିଏସ ଆଶିଷ କୁମାର ସିଂଙ୍କୁ ତାଳଚେର ଏନସିଆର ଡିଆଇଜି ଭାବେ ଅବସ୍ଥାପିତ କରାଯାଇଛି। ସେ ଅନୁଗୁଳ ପୁଲିସ ପ୍ରଶିକ୍ଷଣ କେନ୍ଦ୍ରର ପ୍ରିନ୍ସିପାଲ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ।

୧୪୯ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ

ରାଜ୍ୟରେ ନିବେଶ ହେବ ୨୭୮୦ କୋଟି

■ ୧୪ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ
■ ୧୪,୧୦୪ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ

ଭୁବନେଶ୍ୱର(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ସରକାର ରାଜ୍ୟରେ ଶିଳ୍ପ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି ଦିଗରେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ବିକଶିତ ଓଡ଼ିଶା ୨୦୩୬ର ଲକ୍ଷ୍ୟକୁ ଆଗେଇ ନେବା ଦିଗରେ ଆଉ ଏକ ପଦକ୍ଷେପ ସ୍ୱରୂପ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୪୯ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ମୋଟ ୨,୬୮୦.୧୦ କୋଟି ଟଙ୍କାର ପୁଞ୍ଜିନିବେଶ ସହ ୧୪ଟି ଶିଳ୍ପ ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । ଏହି ପ୍ରସ୍ତାବଗୁଡ଼ିକ ମାଧ୍ୟମରେ ରାଜ୍ୟରେ ୧୪,୧୦୪ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି । ଅନୁମୋଦିତ ପ୍ରକଳ୍ପଗୁଡ଼ିକ ଖାଦ୍ୟ ପ୍ରକ୍ରିୟାକରଣ, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, ବୟନ ଓ ପୋଷାକ, ରସାୟନ ଓ ରସାୟନିକ ଉତ୍ପାଦ, ଚିକିତ୍ସା ଉପକରଣ, ଔଷଧ ଶିଳ୍ପ, ଇଲେକ୍ଟ୍ରୋନିକ୍ସ ସିଷ୍ଟମ ଡିଜାଇନ ଓ ମାନୁଫ୍ୟାକ୍ଚରିଂ (ଇଏସଡିଏମ), ଇସ୍ପାତ, ଲୁହା ଓ ଫେରୋ ଆଲଏଜ, ଇସ୍ପାତ ଡାଉନଷ୍ଟ୍ରିମ୍ ମାନୁଫ୍ୟାକ୍ଚରିଂ ଏବଂ ଭିତ୍ତିଭୂମି ସମେତ ବିଭିନ୍ନ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରୁଛି । ଏହି ପ୍ରକଳ୍ପଗୁଡ଼ିକ ଅନୁଗୋଳ, ବଲାଙ୍ଗିର, କଟକ, ଢେଙ୍କାନାଳ, ଗଞ୍ଜାମ, କେନ୍ଦୁଝର, ଖୋର୍ଦ୍ଧା, ନୟାଗଡ଼, ନୂଆପଡ଼ା ଏବଂ ସୁନ୍ଦରଗଡ଼ ସମେତ ବିଭିନ୍ନ ଜିଲ୍ଲାରେ ସ୍ଥାପିତ ହେବ । ଏହାଦ୍ୱାରା ରାଜ୍ୟର ବିଭିନ୍ନ ଅଞ୍ଚଳରେ ଶିଳ୍ପ କାର୍ଯ୍ୟକଳାପର ସମ୍ପ୍ରସାରଣ ହେବ । ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ହଲଦୀରାମ ସ୍ନାକ୍ସ ଫୁଡ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧା/କଟକ ଜିଲ୍ଲାରେ ୫୦୦ କୋଟି ଟଙ୍କାର ପୁଞ୍ଜିନିବେଶରେ ସ୍ନାକ୍ସ ଏବଂ ବେକ୍ଡ ପ୍ରଡକ୍ଟସ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ । ଏହି ପ୍ରକଳ୍ପ ମାଧ୍ୟମରେ ୮୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ମଧ୍ୟ ନୂତନ ପୁଞ୍ଜିନିବେଶ ଆସିବ । ଡିଥ୍ୱାନା ନ୍ୟୁଟ୍ରିସନ୍ ଗ୍ଲୋବାଲ ପ୍ରାଇଭେଟ୍ ଲିମିଟେଡ୍ ୧୪୦ କୋଟି ଟଙ୍କାର ପୁଞ୍ଜିନିବେଶରେ ଏକ ଗୋ-ଖାଦ୍ୟ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ, ଯାହା ମାଧ୍ୟମରେ ୨,୫୦୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ସେହିପରି ପ୍ରିମିୟମ୍ ଚିକ୍ ଫିଡ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧା, କଟକ ଓ ନୟାଗଡ଼ ଜିଲ୍ଲାରେ ୧୦୫.୩୮ କୋଟି ଟଙ୍କାର ପୁଞ୍ଜିନିବେଶରେ ଚିକ୍ ଫିଡ୍ ଉତ୍ପାଦନ ୟୁନିଟ୍

■ ପୃଷ୍ଠା-୧୫

ବିଜେଡିର ରଣହୁଙ୍କାର

ନିଜ ମାଟିରେ ମନ୍ତ୍ରୀଙ୍କୁ ତୀବ୍ର ବିରୋଧ

ରାଜ୍ୟରେ ଡବଲ ଇଞ୍ଜିନ ସରକାରକୁ ଷଣ୍ଢୁଆସି ଆକ୍ରମଣ ଆରମ୍ଭ ହେଲାଣି। ନୂତନ ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟିକୁ ବିରୋଧ ଜୋର ଧରିଲାଣି। ମୁଖ୍ୟ ବିରୋଧୀ ଦଳ ବିଜେଡି ସରକାରୀ ଦୋଷତ୍ରୁଟିକୁ ନେଇ ରଣହୁଙ୍କାର ଦେଇଛି। ଏମ୍ଡିଏମଆର ବିଲ୍, ଚାଷୀ ସମସ୍ୟା, ବନ୍ୟାପାଢ଼ିତଙ୍କ ଦୁର୍ଦ୍ଦଶା ଭଳି ଅନେକ ପ୍ରସଙ୍ଗକୁ ନେଇ ବିଜେଡି ସରକାରଙ୍କୁ ଘେରିଛି। ସରକାର ସବୁଥିରେ ଅପାରଗ ବୋଲି କହୁଛି। ବିଶେଷ କରି ନୂତନ ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟିକୁ ନେଇ ଗଣଶିକ୍ଷା ମନ୍ତ୍ରୀଙ୍କୁ ନିଜ ମାଟିରେ ବିରୋଧ କରିଛି। ସରକାର ନସୁଧୁରିଲେ ପରିସ୍ଥିତି ଭୟଙ୍କର ରୂପ ନେବ ବୋଲି କୁହାଯାଇଛି।

□ ଜୋର୍‌ଧରିଲା ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି
□ ନୂତନ ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟିକୁ ବିରୋଧ
□ ପଦାରେ ପଡ଼ିଲା ସରକାରଙ୍କ ଗୁରୁଚଣ୍ଡାଳ ଦୋଷ

ଭୁବନେଶ୍ୱର (ବ୍ୟୁରୋ)

ରାଜ୍ୟରେ ଗଣଶିକ୍ଷା ବିଭାଗ ଅଧୀନ ନୂତନ ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟି ସହିତ ପା

ଅସ୍ତିତ୍ୱ ସଙ୍କଟ ଟିଏମ୍‌ସିରେ

ପଶ୍ଚିମବଙ୍ଗରେ କ୍ଷମତାରୁ ଟିଏମ୍‌ସି ବାହାରିବାର ତିନି ମାସ ବିତିଗଲାଣି। ଏବେ ରାଜନୀତିରେ ଅନେକ ଫରକ ଦେଖାଦେଇଛି। ପଶ୍ଚିମବଙ୍ଗରେ ଏବେ ବିଜେପି ସରକାର ଗଢ଼ିଥିବା ବେଳେ ଟିଏମ୍‌ସି ବିରୋଧୀ ଭୂମିକାରେ ଅବତୀର୍ଣ୍ଣ। ୧୫ ବର୍ଷ କ୍ଷମତାରେ ରହିବା ପରେ ଦଳ ଦ୍ୱିତୀୟ ଥର ପାଇଁ ବିରୋଧୀ ଦଳ ଭାବେ ରହିଛି। କିନ୍ତୁ ଏଥର ଚ୍ୟାଲେଞ୍ଜ କେବଳ ନିର୍ବାଚନୀ ପରାଜୟର ନୁହେଁ। ଏବେ ପ୍ରଶ୍ନ ଉଠୁଛି ଦଳର ଅସ୍ତିତ୍ୱକୁ ନେଇ। ଏବେ ଦଳ ସମ୍ପୂର୍ଣ୍ଣ ଭାବେ ଖଣ୍ଡବିଖଣ୍ଡିତ ହୋଇ ତିନିଫାଳ ହୋଇଯାଇଛି। ମମତା ବାନାର୍ଜୀ କ'ଣ ବିଖଣ୍ଡିତ ହେଉଥିବା ଦଳକୁ ପୁଣି ଏକଜୁଟ କରିପାରିବେ ? ଟିଏମ୍‌ସି କ'ଣ ପୁଣି ନିଜର ପୁରୁଣା ଶକ୍ତି ଫେରାଇ ଆଣିପାରିବ, ନା ନିର୍ବାଚନୀ ପରାଜୟ ବଙ୍ଗଳାର ପ୍ରମୁଖ ବିରୋଧୀ ଦଳକୁ ସ୍ଥାୟୀ ଭାବେ ଅନେକ ଭାଗରେ ବିଭାଜିତ କରିଦେବ ? ଏମିତି ଅନେକ ପ୍ରଶ୍ନ ମନେରେ ଆସିବା ସ୍ୱାଭାବିକ କଥା। ଏନେଇ ରାଜନୀତି ସମୀକ୍ଷକମାନେ ବି ଅବଗଣନା ଆରମ୍ଭ କରିଛନ୍ତି। ହେଲେ ନିକଟ ଭବିଷ୍ୟତରେ ଟିଏମ୍‌ସିରେ ସୁଧାର ଆସିବାର ସମ୍ଭାବନା ବହୁତ କମ୍ ବୋଲି କୁହାଯାଇପାରେ।

ସୁଶାନ୍ତ କୁମାର ଦାସ

ଟିଏମ୍‌ସିରେ ବର୍ତ୍ତମାନ ଦେଖାଦେଇଛି ଅସ୍ତିତ୍ୱ ସଙ୍କଟ। ଦୀର୍ଘବର୍ଷ ଧରି କ୍ଷମତାରେ ରହିବା ପରେ ଏବେ ଦଳ ବିରୋଧୀ ଆସନରେ। ହେଲେ ଦଳୀୟ ସାଂଗଠନିକ ସ୍ଥିତି ଓ ଦଳୀୟ ନେତାଙ୍କ ମନରେ ସେଭଳି ଏକମନ ଆଉ ନାହିଁ। ବିଭିନ୍ନ ଗୋଷ୍ଠୀରେ ଏବେ ଦଳ ବିଭକ୍ତ ହୋଇସାରିଛି। ଏଭଳି ସ୍ଥିତିରେ ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀ କିଭଳି ଦଳକୁ ସୁଧାରିବେ, ତାହା ଏକ ଚ୍ୟାଲେଞ୍ଜ ସୃଷ୍ଟିହୋଇଛି।

ଟିଏମ୍‌ସିରେ ତିନୋଟି ଅଲଗା କେନ୍ଦ୍ର

ବର୍ତ୍ତମାନ ଟିଏମ୍‌ସି ଭିତରେ ତିନୋଟି ଅଲଗା କେନ୍ଦ୍ର ଉଭା ହୋଇଛି। ପ୍ରଥମଟି ହେଉଛି ମମତା ବାନାର୍ଜୀଙ୍କ ଗୋଷ୍ଠୀ। ଦ୍ୱିତୀୟଟି ହେଉଛି ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ବିଦ୍ରୋହୀ ଗୋଷ୍ଠୀ। ତୃତୀୟଟି ହେଉଛି ୨୦ ଜଣ ଲୋକସଭା ସାଂସଦଙ୍କ ଗୋଷ୍ଠୀ, ଯେଉଁମାନେ ଏନ୍‌ସିପିଆଇରେ ସାମିଲ ହୋଇ ଏନ୍‌ଡିଏକୁ ସମର୍ଥନ କରୁଛନ୍ତି। ବିବାଦ ଏବେ ନିର୍ବାଚନ ଆୟୋଗ ପର୍ଯ୍ୟନ୍ତ ପହଞ୍ଚିଛି। ଉଭୟ ଗୋଷ୍ଠୀ ଦଳର ସଂଗଠନ ଉପରେ ନିଜର ଦାବି କରୁଛନ୍ତି। ଅନ୍ୟପଟେ ସାଂସଦମାନଙ୍କ୍ଭଧରେ ଏକତା ଭାଙ୍ଗିଯିବା ଯୋଗୁଁ ଲୋକସଭାରେ ମଧ୍ୟ ଟିଏମ୍‌ସିର ଶକ୍ତି ବହୁତ କମିଯାଇଛି। ଏବେ ଦଳ ଏକହୋଇ ରହିନାହିଁ, ବରଂ ବିଭିନ୍ନ ଗୋଷ୍ଠୀରେ ପରିଣତ ହୋଇଛି ବୋଲି କୁହାଯାଇପାରେ।

ମମତାଙ୍କ ସାମ୍ନାରେ ବଡ଼ ଚ୍ୟାଲେଞ୍ଜ

ମମତା ବାନାର୍ଜୀଙ୍କ ସାମ୍ନାରେ ବର୍ତ୍ତମାନ ଟିଏମ୍‌ସିକୁ ପୁଣିଥରେ ଠିଆ କରିବାର ବଡ଼ ଚ୍ୟାଲେଞ୍ଜ ରହିଛି। ତାଙ୍କୁ ଏଭଳି ଏକ ସଂଗଠନ ଗଢ଼ିବାକୁ ପଡ଼ିବ, ଯାହା ସରକାରରେ ନଥାଇ ମଧ୍ୟ ପ୍ରଭାବଶାଳୀ ଭାବେ କାମ କରିପାରିବ। ୧୫ବର୍ଷ ଧରି କ୍ଷମତା ଓ ସଂଗଠନ ଏକାଧାରରେ ରାଜନୈତିକ ବ୍ୟବସ୍ଥାର ଅଂଶ ହୋଇ ରହିଥିଲା। ମନ୍ତ୍ରୀ, ବିଧାୟକ, ପୌରସଂସ୍ଥା ଓ ଜିଲ୍ଲାସ୍ତରୀୟ ନେତାମାନେ କ୍ଷମତାକୁ କେନ୍ଦ୍ରକରି କାମ କରୁଥିଲେ। କ୍ଷମତା ସହିତ ରାଜନୈତିକ ପ୍ରଭାବ ଓ ପହଞ୍ଚର ସିଧାସଳଖ ଲାଭ ମିଳୁଥିଲା। ଏବେ ଏହି ବ୍ୟବସ୍ଥା ଶେଷ ହୋଇଯାଇଛି।

ଏହି କାରଣରୁ ଲଢ଼େଇ କେବଳ ନେତାମାନଙ୍କ ଦଳବଦଳ ମଧ୍ୟରେ ସୀମିତ ରହିନାହିଁ। ବିବାଦ ଏବେ ଟିଏମ୍‌ସିର ସଂଗଠନ, ନିର୍ବାଚିତ ପ୍ରତିନିଧି, ସମ୍ପତ୍ତି, ରାଜନୈତିକ ଐତିହ୍ୟ ଏବଂ ସମ୍ଭାବ୍ୟ ଭାବେ ନିର୍ବାଚନୀ ଚିହ୍ନ ପର୍ଯ୍ୟନ୍ତ ପହଞ୍ଚିଛି। ରତବ୍ରତ ଗୋଷ୍ଠୀ ଦାବି କରିଛି ଯେ, ଟିଏମ୍‌ସିର ବିଧାୟକମାନେ ତାଙ୍କ ସହ ଅଛନ୍ତି। ଏହି ଗୋଷ୍ଠୀ ବରିଷ୍ଠ ବିଧାୟକ ଅରୂପ ରାୟଙ୍କୁ ଅଧ୍ୟକ୍ଷ ଭାବେ ଚୟନ କରିବା ସହ ସମାନ୍ତରାଳ ନେତୃତ୍ୱ ବ୍ୟବସ୍ଥା ଘୋଷଣା କରିଛି। ମମତା ଗୋଷ୍ଠୀ ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଅସାମ୍ବିଧାନିକ ବୋଲି କହିଛି। ଦଳରେ ଏଭଳି ଲୁଚାଛପା ରାଜନୀତି ବେଶ ରୋଚକ ସ୍ଥିତିରେ ପହଞ୍ଚିଛି।

ମମତାଙ୍କ ସହ ଅଛନ୍ତି ବିଦ୍ରୋହୀ ନେତା

ମମତା ଗୋଷ୍ଠୀର ପ୍ରମୁଖ ସ୍ୱର ମଧ୍ୟରୁ ଅନ୍ୟତମ କୁଣାଲ ଘୋଷ ବିଦ୍ରୋହୀ ଗୋଷ୍ଠୀର କାର୍ଯ୍ୟକଳାପକୁ 'କମେଡି ଶୋ' ବୋଲି କହିଛନ୍ତି। ସେ କହିଛନ୍ତି, 'ଟିଏମ୍‌ସି ମାନେ ମମତା ବାନାର୍ଜୀ। ବାକି ସବୁ ତାମସା।' ଘୋଷଙ୍କ ଦାବି ଅନୁଯାୟୀ, ୬ ଜଣ ବିଦ୍ରୋହୀ ସାଂସଦ ଏବଂ ଅଧାରୁ ଅଧିକ ଅସନ୍ତୁଷ୍ଟ ବିଧାୟକ ଏବେ ବି ମମତାଙ୍କ ସହ ଯୋଗାଯୋଗରେ ଅଛନ୍ତି ଏବଂ ଫେରିବାକୁ ଚାହୁଁଛନ୍ତି। ପୁଲିସର ଚାପ ଯୋଗୁଁ ସେମାନେ ଏପରି କରିପାରୁନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଅନେକ ବିଧାୟକ ମମତାଙ୍କୁ ପସନ୍ଦ କରନ୍ତି ଓ ଟିଏମ୍‌ସିରେ ରହି କାର୍ଯ୍ୟ କରିବାକୁ ଚାହାନ୍ତି ବୋଲି ସେ କହିଛନ୍ତି।

ଅଭିଷେକଙ୍କୁ ବିଦ୍ରୋହୀ ଗୋଷ୍ଠୀର ବିରୋଧ

ବିଦ୍ରୋହୀ ଗୋଷ୍ଠୀର କାହାଣୀ ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ସେମାନଙ୍କ କହିବା କଥା ହେଉଛି, ପୁରୁଣା ଟିଏମ୍‌ସି ନିଜର ରାଜନୈତିକ ପରିଚୟ ଆଗରୁ ହିଁ ହରାଇ ସାରିଛି। ରତବ୍ରତ ଗୋଷ୍ଠୀ ସହ ଜଡ଼ିତ ସନ୍ଦୀପନ ସାହା କହିଛନ୍ତି ଯେ, ଯେଉଁ ବିଚାରଧାରା ସହିତ ଦଳର ଆରମ୍ଭ ହୋଇଥିଲା, ତାହା ଏବେ ଆଉ ନାହିଁ। ତାଙ୍କ ଯୁକ୍ତି ହେଉଛି, ଏହି ବିଦ୍ରୋହ କେବଳ ମମତା ବାନାର୍ଜୀଙ୍କ ଅଧିକାରକୁ ଚ୍ୟାଲେଞ୍ଜ କରିବାର ପ୍ରୟାସ ନୁହେଁ। ତାଙ୍କ ଅନୁଯାୟୀ, ଅଧିକ ଗଣତାନ୍ତ୍ରିକ ଉପାୟରେ ସଂଗଠନକୁ ପୁଣି ହାତକୁ ନେବା ଏହାର ଉଦ୍ଦେଶ୍ୟ। ରତବ୍ରତ ଗୋଷ୍ଠୀର ଶକ୍ତି ବଢ଼ିବାର ଏକ ବଡ଼ କାରଣ ହେଉଛି ଅଭିଷେକ ବାନାର୍ଜୀଙ୍କ ବଢୁଥିବା ପ୍ରଭାବକୁ ବିରୋଧ। ଅସନ୍ତୁଷ୍ଟ ନେତାମାନଙ୍କ ଅଭିଯୋଗ ହେଉଛି, ପୂର୍ବତନ ନେତୃତ୍ୱ ଦଳର ମୌଳିକ ରାଜନୈତିକ ଚରିତ୍ରକୁ ଛାଡ଼ି ଦେଇଥିଲା। ମଦନ ମିତ୍ରା, ଫିରହାଦ ହାକିମ ଏବଂ ଅରୂପ ବିଶ୍ୱାସଙ୍କ ସମେତ ଅନେକ ପ୍ରମୁଖ ନେତା ରତବ୍ରତ ଗୋଷ୍ଠୀ ଆଡ଼କୁ ଚାଲିଯାଇଛନ୍ତି। ଅର୍ଥାତ, ଲଢ଼େଇ ଏବେ କେବଳ

ମମତା ବାନାର୍ଜୀ ବନାମ ବିଦ୍ରୋହୀ ନେତାଙ୍କ ମଧ୍ୟରେ ସୀମିତ ନାହିଁ। ଏହା ଟିଏମ୍‌ସିର ଦିଗ ଏବଂ ଏହାର ରାଜନୈତିକ ଭବିଷ୍ୟତର ଲଢ଼େଇରେ ପରିଣତ ହୋଇଛି।

ସାଂସଦମାନେ ଦଳ ଛାଡ଼ିବା ଦେଇଛି ଝଟକା

ତୃତୀୟ ଗୋଷ୍ଠୀ ଟିଏମ୍‌ସିରୁ ବାହାରି ନିଜର ଅଲଗା ରାଜନୈତିକ ଭୂମି ପ୍ରସ୍ତୁତ କରୁଛି। ଏନ୍‌ସିପିଆଇ ସଂସଦୀୟ ଗୋଷ୍ଠୀର ନେତାମାନଙ୍କ ମଧ୍ୟରୁ ଅନ୍ୟତମ ସୁଦୀପ ବନ୍ଦ୍ୟୋପାଧ୍ୟାୟ କହିଛନ୍ତି ଯେ, ଅଲଗା ହୋଇଥିବା ସାଂସଦମାନେ ମମତାଙ୍କ ନିୟନ୍ତ୍ରଣ ବାହାରେ ଏକ ରାଜନୈତିକ ସ୍ଥାନ ସୃଷ୍ଟି କରିଛନ୍ତି। ସେ କହିଛନ୍ତି, 'ଏନ୍‌ସିପିଆଇକୁ ନିର୍ବାଚନ ଆୟୋଗର ମାନ୍ୟତା ମିଳିଛି ଏବଂ ଆମେ ବଙ୍ଗଳାର ବିକାଶ ପାଇଁ କେନ୍ଦ୍ର ସହ ହାତ ମିଳାଇବାକୁ ଚାହୁଁଛୁ।' ଏହି ପରିବର୍ତ୍ତନ ଏଥିପାଇଁ ଗୁରୁତ୍ୱପୂର୍ଣ୍ଣ ଯେ, ଟିଏମ୍‌ସିର ୨୮ଜଣ ଲୋକସଭା ସାଂସଦଙ୍କ ମଧ୍ୟରୁ ୨୦ ଜଣ ନୂଆ ଗଠନରେ ସାମିଲ ହୋଇଛନ୍ତି। ଏହା ଦଳର ସଂସଦୀୟ ଶକ୍ତିରେ ବଡ଼ ପରିବର୍ତ୍ତନ ଆଣିଛି। ଏବେ ପରବର୍ତ୍ତୀ ବଡ଼ ଲଢ଼େଇ ମାଟିସ୍ତରୀୟ ସଂଗଠନକୁ ନେଇ ହେବ।

ଶକ୍ତିଶାଳୀ ଥିଲା ଟିଏମ୍‌ସିର ପୁରୁଣା ମଡେଲ

୨୦୧୧ରେ ମମତା ବାନାର୍ଜୀ ବଙ୍ଗଳାର ସବୁଠାରୁ ବଡ଼ ବିରୋଧୀ ନେତ୍ରୀରୁ ନିଜକୁ କ୍ଷମତା ପରିବର୍ତ୍ତନର ପ୍ରମୁଖ ନାୟିକାରେ ପରିଣତ କରିଥିଲେ। ସେ ୩୪ ବର୍ଷର ବାମ ଶାସନର ଅନ୍ତ ଘଟାଇଥିଲେ। ୨୦୨୬ରେ ପରିସ୍ଥିତି ସମ୍ପୂର୍ଣ୍ଣ ଓଲଟା। ଏବେ ମମତାଙ୍କୁ ସରକାରର ପ୍ରଶାସନିକ ମେସିନାରୀ, ସୁରକ୍ଷା ବ୍ୟବସ୍ଥା ଏବଂ ସଂସ୍ଥାଗତ ସୁବିଧା ବିନା ଦଳକୁ ପୁଣିଥରେ ଠିଆ କରିବାକୁ ପଡ଼ିବ। ରାଜନୈତିକ ବିଶ୍ଳେଷକ ବିଶ୍ୱନାଥ ଚକ୍ରବର୍ତ୍ତୀ କହିଛନ୍ତି ଯେ, ଟିଏମ୍‌ସିର ମଡେଲ୍ କ୍ଷମତା ପର୍ଯ୍ୟନ୍ତ ପହଞ୍ଚ ଉପରେ ଆଧାରିତ ଥିଲା। ଯେତେବେଳେ ସେହି ଢାଞ୍ଚା ବଦଳିଯାଏ, ସେତେବେଳେ ସମଗ୍ର ଢାଞ୍ଚାକୁ ନୂଆ ଭାବେ ଚିନ୍ତା କରିବାକୁ ପଡ଼େ। ଟିଏମ୍‌ସିର ପୁରୁଣା ମଡେଲ୍ ଶକ୍ତିଶାଳୀ ସ୍ଥାନୀୟ ନେତାଙ୍କ ଉପରେ ଅନେକ ମାତ୍ରାରେ ନିର୍ଭରଶୀଳ ଥିଲା। ଏହି ନେତାମାନେ ମମତାଙ୍କ ରାଜନୈତିକ ଛବିକୁ ଗାଁ ଓ ବୁଥ୍ ସ୍ତର ପର୍ଯ୍ୟନ୍ତ ପହଞ୍ଚାଉଥିଲେ। କ୍ଷମତା ହାତଛଡ଼ା ହେବା ପରେ ଏହି ବ୍ୟବସ୍ଥା ଦୋହଲିଯାଇଛି। ଏବେ ଦଳକୁ ସଂଗଠନକୁ ପୁଣିଥରେ ଠିଆ କରିବାକୁ ପଡ଼ିବ। ତାହା ସହିତ ଆଭ୍ୟନ୍ତରୀଣ ଗୋଷ୍ଠୀକନ୍ଦଳର ମଧ୍ୟ ସାମ୍ନା କରିବାକୁ ପଡ଼ିବ।

ଟିଏମ୍‌ସିରେ ବିଭାଜନ ବିଜେପି ପାଇଁ ସୁଯୋଗ

ଟିଏମ୍‌ସିର ସଙ୍କଟ ବିଜେପି ପାଇଁ ଏକ ବଡ଼ ରାଜନୈତିକ ସୁଯୋଗ ସୃଷ୍ଟି କରିଛି। ପଶ୍ଚିମବଙ୍ଗ ବିଜେପି ସଭାପତି ସମିକ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, ରାଜନୀତିରେ ଅହଂକାରର କୌଣସି ସ୍ଥାନ ନାହିଁ। ତାଙ୍କ କହିବା ଅନୁଯାୟୀ, ଭୋଟରମାନେ ଟିଏମ୍‌ସିର ଅହଂକାର ବିରୋଧରେ ନିଜର ରାୟ ଦେଇଛନ୍ତି। ବିଜେପିର ଲକ୍ଷ୍ୟ କେବଳ ନିର୍ବାଚନରେ ମମତାଙ୍କୁ ପରାସ୍ତ କରିବା ନୁହେଁ। ଯଦି ଟିଏମ୍‌ସିର ଜିଲ୍ଲାସ୍ତରୀୟ ସଂଗଠନ ମଧ୍ୟ ବିଖଣ୍ଡିତ ହୋଇଯାଏ, ତେବେ ବିଜେପି ଏହାର ବଡ଼ ଫାଇଦା ପାଇପାରେ। କିନ୍ତୁ ବିଜେପି ସାମ୍ନାରେ ଏହା ମଧ୍ୟ ଚ୍ୟାଲେଞ୍ଜ ରହିଛି। ସରକାର ପରିବର୍ତ୍ତନ ପରେ ପ୍ରାରମ୍ଭିକ ଉତ୍ସାହ ସବୁବେଳେ ବଜାୟ ରହେନାହିଁ। ଆଗାମୀ ଦିନରେ ଶାସନ ମଧ୍ୟ ନିର୍ବାଚନୀ ପ୍ରସଙ୍ଗ ହେବ। ପ୍ରଶାସନିକ ବିବାଦ, ଜନବିରୋଧୀ ନିଷ୍ପତ୍ତି କିମ୍ବା ଲୋକଙ୍କ ଆଶା ପୂରଣ ନକରିପାରିବା ମମତାଙ୍କୁ ସୁଯୋଗ ଦେଇପାରେ। ମମତା ଏକଦା ଜଣେ ତୀକ୍ଷ୍ଣ ଓ ଆକ୍ରମଣାତ୍ମକ ବିରୋଧୀ ନେତ୍ରୀ ଭାବେ ନିଜର ପରିଚୟ ସୃଷ୍ଟି କରିଥିଲେ। ଆଜି ମଧ୍ୟ ତାଙ୍କ ପାଖରେ ଭୋଟରମାନଙ୍କୁ ନିଜ ପକ୍ଷକୁ ଆଣିବା ଏବଂ ବଙ୍ଗଳର ବିରୋଧୀ ରାଜନୈତିକ ବିମର୍ଶକୁ ପ୍ରଭାବିତ କରିବାର ଶକ୍ତି ରହିଛି। କିନ୍ତୁ ଏହି ଶକ୍ତି ହିଁ ଟିଏମ୍‌ସିର ଦୁର୍ବଳତା ପାଲଟିଛି। ଦଳ ମମତାଙ୍କ ସମକକ୍ଷ ଅନ୍ୟ କୌଣସି ଶକ୍ତିଶାଳୀ ନେତୃତ୍ୱ କେନ୍ଦ୍ର ଗଢ଼ିପାରିଲା ନାହିଁ। ଅଭିଷେକ ବାନାର୍ଜୀଙ୍କୁ ଏହି ଭୂମିକା ପାଇଁ ଆଗକୁ ନିଆଯାଉଥିଲା। କିନ୍ତୁ ତାଙ୍କର ବଢୁଥିବା ପ୍ରଭାବ ସଂଗଠନର କିଛି ଅଂଶରେ ଅସନ୍ତୋଷର କାରଣ ପାଲଟିଥିଲା। ଏହି ଅସନ୍ତୋଷ ହିଁ ବିଦ୍ରୋହୀ ନେତାମାନଙ୍କ ପାଇଁ ବଡ଼ ଆଧାର ପାଲଟିଛି। କ୍ଷମତାରୁ ହଟିଯିବା ପରେ ଟିଏମ୍‌ସିରେ ଏହି ବିଦ୍ରୋହ ନିଆଁ ଲଗାଇଦେଲା। ଦଳ ଏବେ ତିନିଖଣ୍ଡ ହୋଇ ବିଭିନ୍ନ ନୀତି ଆଦର୍ଶରେ ପରିଚାଳିତ ହେବାରେ ଲାଗିଛନ୍ତି। ଏଭଳି ଗୋଷ୍ଠୀଗତ ରାଜନୀତି ଟିଏମ୍‌ସି ଲାଗି କ୍ଷମତା ହାସଲକରିବାରେ ବାଧକ ସାଜିବ, ଏଥିରେ ଦ୍ୱିମତ ନାହିଁ।

ବିଜେପି ରାଜ୍ୟରେ କ୍ଷମତାସୀନ ହେବା ପରେ ଟିଏମ୍‌ସିର ରାସ୍ତା ଏକ ପ୍ରକାର ବନ୍ଦ ହୋଇଯାଇଛି। ସରକାରୀ ଗୋଟିଚାଳନା ଟିଏମ୍‌ସିର ବିଭିନ୍ନ ଗୋଷ୍ଠୀ ଉପରେ ପଡୁଛି। ଫଳରେ ବିଦ୍ରୋହ ବଢ଼ିବାର ଆଶଙ୍କା ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ଦଳ ଏକମନ ହୋଇ ଆଗକୁ ବଢ଼ିବାର ଆଶା କରାଯିବା ବୃଥା।

ପଶ୍ଚିମ ଓଡ଼ିଶା

ହାଇଦ୍ରାବାଦରୁ ଟିକେଟ୍ କାଟି ଅଧାରାସ୍ତାରେ ଫସିଲେ ଯାତ୍ରୀ

ଟିକେଟ ପୂରା ରାସ୍ତାର, ସେବା ଅଧାବାଟର

କଳାହାଣ୍ଡି(ଅମୃତ ମିଡିଆ): ଘରୋଇ ବସ୍ କର୍ମଚାରୀଙ୍କ ଦବଙ୍ଗଗିରି। ଟିକେଟ୍ କାଟିଲେ ପୂରା ରାସ୍ତାର, ହେଲେ ଅଧା ବାଟରେ ଯାତ୍ରୀଙ୍କୁ ଓହ୍ଲାଇ ଦେଲେ ବସ୍ କର୍ମଚାରୀ। ଏପରି ଅଭାବନୀୟ ଦୃଶ୍ୟ ଗୁରୁବାର କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଆମପାଣି ମୁଖ୍ୟ ଛକ ଜାତୀୟ ରାଜପଥରେ ଦେଖି ?ବାକୁ ମିଳିଛି। ଯାତ୍ରୀଙ୍କ ଅଭିଯୋଗ ଅନୁସାରେ, ସେମାନେ ନିଜ ଗନ୍ତବ୍ୟ ସ୍ଥଳକୁ ଆସିବା ପାଇଁ ହାଇଦ୍ରାବାଦ ସ୍ଥିତ ରାଜଧାନୀ ବସ୍ କାଉଣ୍ଟରରେ ଟିକଟ ପାଇଁ ପହଞ୍ଚି ଥିଲେ। ତେବେ ସେଠାରେ ପ୍ରବାସୀ ଶ୍ରମିକ ମାନଙ୍କୁ ମାଡ଼ ମାରିବା ସହ ପାଖରେ ଯାହା ଟଙ୍କା ଥିଲା ଜୋର ଜବରଦସ୍ତ ଛଡାଇ ନେବା ସହ ଫୋନ୍-ପେ ରେ ଥିବା ଟଙ୍କା ମଧ୍ୟ ଜବରଦସ୍ତି ନେଇଥିବା ଅଭିଯୋଗ କରିଛନ୍ତି। ଏହି ପ୍ରବାସୀ ଶ୍ରମିକ ମାନେ ହାଇଦ୍ରାବାଦରୁ ନୂଆପଡ଼ା ଜିଲ୍ଲାର ସିନାପାଲି, ବଲାଙ୍ଗୀର ଜିଲ୍ଲାର ବଙ୍ଗୋମୁଣ୍ଡା, ମୁରିବାହାଲ, କେମନା ଓ କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ପାଇଁ ୩୦ରୁ ଉର୍ଦ୍ଧ୍ୱ ଜଣଙ୍କ ଟିକେଟ୍ କାଟିଥିଲେ। ହେଲେ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ପରିବର୍ତ୍ତେ , ଆମପାଣିଠାରେ ହିଁ ବସ୍ କର୍ମଚାରୀ ସେମାନଙ୍କୁ ଓହ୍ଲାଇ ଦେଇଥିଲେ। ଘଟଣାକୁ ନେଇ ରାସ୍ତା ମଝିରେ ପ୍ରବଳ ହୋହାଲ୍ଲା ଓ ଉତ୍ତେଜନା ପ୍ରକାଶ ପାଇଥିଲା। ପରିସ୍ଥିତି ଏପରି ହେଲା ଯେ' ଘଟଣା ସ୍ଥଳରେ ଆମପାଣି ଥାନା ପୋଲିସ ପହଞ୍ଚି ପ୍ରବାସୀ ଶ୍ରମିକ ମାନଙ୍କୁ ବୁଝାସୁଝା କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା। ଏହାସହ ବସ କୁ ଜବତ କରି ଥାନାକୁ ଆଣିବା ସହ ତଦନ୍ତ ଚଳାଇଥିଲେ। ତେବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଏହି ବସଟି କୌଣସି ଯାତ୍ରୀବାହୀ ବସ୍ ନଥିଲା, ବରଂ ଏହା ଏକ

'ଟୁରିଷ୍ଟ ବସ୍' ଥିଲା। ଏକ ଟୁରିଷ୍ଟ ବସରେ କେମିତି ଯାତ୍ରୀବାହୀ ବସ୍ ଭଳି ନିୟମ ଉଲଂଘନ କରି ଟିକେଟ୍ କଟାଯାଇଥିଲା। ଯାହା ପୋଲିସ ଓ ପରିବହନ ବିଭାଗ ପ୍ରତି ପ୍ରଶ୍ନ ସୃଷ୍ଟି କରିଛି। କାହିଁକି ନାଁ ବେଆଇନ ଭାବେ

ଏପରି ବସ୍ ଏହି ରୁଟରେ ଗୋଟିଏ କି ଦୁଇଟି ନୁହେଁ ପ୍ରାୟ ୨୦ ରୁ ଉଦ୍ଧ୍ୱ ବସ୍ ହାଇଦ୍ରାବାଦ, ବେଙ୍ଗାଲୁରୁ ଆଦି ସ୍ଥାନ କୁ ଚାଲୁଥିବା ସତ୍ତ୍ୱେ ପୋଲିସ ଓ ପରିବହନ ବିଭାଗ କାହିଁକି ଚୁପ୍ ବସିଛନ୍ତି ? ଏହା ପଛରେ କାହାର ଛାତ୍ରଛାୟା ରହିଛି, ତାହାକୁ ନେଇ ଏବେ ଜନ ସାଧାରଣରେ ବଡ଼ ଚର୍ଚ୍ଚା ସୃଷ୍ଟି ହୋଇଛି। ତେବେ ଅନେକ ସମୟ ଧରି ଥାନାରେ ଆଲୋଚନା ହେବାପରେ ବସ୍ କର୍ମଚାରୀ ମାନେ ଯାତ୍ରୀମାନଙ୍କ ଗନ୍ତବ୍ୟ ସ୍ଥଳକୁ ନେଇ ଛାଡ଼ିବା ପାଇଁ ଲିଖିତ ଭାବରେ ଦେବାପରେ ଥାନାରୁ ଗାଡି ଛଡାଯାଇଥିଲା । ତେବେ ଉକ୍ତ ଘରୋଇ ବସ୍ ଟି ଟୁରିଷ୍ଟ ବସ୍ ହୋଇ ଥିଲେ ମଧ୍ୟ ଯାତ୍ରୀ ମାନଙ୍କୁ ଟିକଟ କାଟି ସାଧାରଣ ଯାତ୍ରୀବାହୀ ବସ୍ ଭଳି କେଉଁ ପରିସ୍ଥିତିରେ ନେଉଥିଲେ । ଏଣେ ଉକ୍ତ ବସ୍ କୁ କୌଣସି ଚାଲାଣ ମଧ୍ୟ କଟା ଯାଇ ନଥିବାରୁ ପୋଲିସ ପ୍ରତି ଜନ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

ଦେଓଗାଁ ଅଞ୍ଚଳରେ ହାତୀପଲ : ଭୟଭୀତ ଗ୍ରାମବାସୀ

- ଚାଷ ଜମିରେ ଉତ୍ପାତ ମଚାଉଛନ୍ତି ହାତୀ
- ଆଖୁ ଖାଇ ନଷ୍ଟ କଲେ
- ଲୋକଙ୍କ ପାଇଁ ୩୦ ଟିକିଆ ହାତୀପଲ ଗୋଷ୍ଠୀଛଡ଼ା

ଦେଓଗାଁ(ଅମୃତ ମିଡିଆ): ଗତ ୨ଦିନ ହେଲା ଦେଓଗାଁ ଅଞ୍ଚଳରେ ହାତୀ ବୁଲୁ ଥିବାର ଦେଖିବାକୁ ମିଳିଛି । ଗ୍ରାମବାସୀଙ୍କ ସହ ଚାଷୀମାନେ ଆତଙ୍କିତ ହୋଇଥିବା ବେଳେ ହାତୀ ପଛେ ପଛେ ବନ ବିଭାଗ ରହିଛି । ଶୁକ୍ରବାର ସକାଳୁ ଦେଓଗାଁ ମଦନପାଲି ଓ ଜୁର୍ଲାକାନି ମଝିରେ ରହିଥିବା ବେଳେ ଲୋକଙ୍କ ଗହଳି ଯୋଗୁଁ ହାତୀମାନେ ମଧ୍ୟ ଭୟଚିତ ହୋଇ ଏପଟ ସେପଟ ହେଉଥିବା ଦେଖିବାକୁ ମିଳିଛି । ସ୍ଥାନୀୟ ଅସାଧାରଣ ଲୋକଙ୍କ ପାଇଁ ଏହି ୩୦ ଟିକିଆ ହାତୀପଲ ଏବେ ଗୋଷ୍ଠୀ ଛଡ଼ା ହୋଇ ନିଜ ଗୋଷ୍ଠୀକୁ ଖୋଜି ବୁଲୁଥିବା ସନ୍ଦେହ ହେଉଛି । ଗୋଟିଏ ଗୋଷ୍ଠୀ ନଦୀ କୂଳରେ ରହିଥିବା ବେଳେ ଆଉ ଗୋଟିଏ ଗୋଷ୍ଠୀ ମଦନପାଲି ଓ ଜୁର୍ଲାକାନି ରାସ୍ତାର ଡୁଙ୍ଗୁରିରେ ରହିଥିବା ଜାଣିବାକୁ ମିଳିଛି । ନିକଟରେ ଥିବା ଏକ ଆଖୁ କିଆରୀର ଆଖୁ ଖାଇବା ସହ ମାଡ଼ି ନଷ୍ଟ କରିଦେଇଛନ୍ତି ଏହି

ହାତୀପଲ । ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛନ୍ତି । ପ୍ରକାଶ ଯେ, ଗତ ୨ଦିନ ହେଲା ହାତୀ କେତେବେଳେ ରେଳ ଲାଇନ କଡରେ ତ ଆଉ କେତେବେଳେ ଏନ୍ ଏଚ୍ ୨୬ କଡକୁ ଚାଲି ଆସୁଥିଲେ । ତେବେ ଗତ ବୁଧବାର ରାତିରେ ହାତୀ କନ୍ଧକେଲଗାଁ ଫରେଷ୍ଟ ସେକ୍ସନର ବରମୁଣ୍ଡା ଓ ନାଇକେନଶିରା ମଝିରେ ରହିଥିବା ବେଳେ ରେଳ ଲାଇନର ପାଟେରୀ ଡେଇଁ ହାତୀସରା ଗାଁ ନିକଟକୁ ପ୍ରବେଶ କରିଥିଲେ । ଗୁରୁବାର ସକାଳେ ଦେଓଗାଁ ଛେଳି ପ୍ରଜନନ କେନ୍ଦ୍ର ନିକଟରେ ରହିବାରୁ ସେଠି କାମ କରୁଥିବା ଗୋଟିଏ ପରିବାର ଭୟଚିତ ହୋଇ ରହିଥିଲେ । ଏପରିକି ହାତୀ ଭିତରେ ରହିଥିବାରୁ ଛେଳି ଚରାଳିମାନେ ମଧ୍ୟ ଛେଳିର ଯତ୍ନ ନେବା ପାଇଁ ଯାଇ ପାରିନଥିଲେ । ବୁଧବାର ଉପରଓଳି ହାତୀପଲ ବଙ୍ଗଳା ଛକ ଓ ସୋନବନ୍ଧ ନିକଟରେ ରହିଥିବାରୁ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ହାତୀ ପଲଙ୍କ ଉପଦ୍ରବ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଓ ଭୟର ପରିବେଶ ସୃଷ୍ଟି ହୋଇଛି । ଗତକାଲି ରାତିରୁ ଦେଓଗାଁ ଛେଳି ପ୍ରଜନନ କେନ୍ଦ୍ର ଓ ସୋନବନ୍ଧ ପୋଖରା ନିକଟସ୍ଥ ଜଙ୍ଗଲରେ ପାଖାପାଖି ୩୦ ଟିକିଆ ବଡ଼ ହାତୀପଲ ଘୁରି ବୁଲୁଛନ୍ତି । ହାତୀମାନେ ବଙ୍ଗଳା ଛକ ନିକଟସ୍ଥ ଆଖୁ କିଆରୀ ଓ ଫସଲ ଜମିରେ ପଶି ନଷ୍ଟ କରିଥିବା ବେଳେ, ଲୋକମାନେ ନିଜ ନିଜର ସୁରକ୍ଷା ପାଇଁ ଚିନ୍ତିତ ଅଛନ୍ତି ।

ବାଲିଭର୍ତ୍ତି ହାଇୱା ଅଟକ

ରାଇଘର(ଅମୃତ ମିଡିଆ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ବାଗ ବେଢ଼ା ଠାରେ ଖାଲି କରୁଥିବା ବାଲି ଭର୍ତ୍ତି ହାଇୱା ଗାଡ଼ି ନୋ ସି ଜି୦୪ପି ଏ ୮୮୧୧ ଗାଡ଼ି କୁ ଅଟକ ରଖି ପଚରା ଉଚରା କରିବା ସହ ମାଇଁ ବିଭାଗକୁ ଖବର ଦିଆ ଯାଇଥିବା ତହସିଲଦାର ମନମୋହନ ସାହୁ ଜଣାଇଛନ୍ତି।। ହାଇୱା ଗାଡି ଟି ଛତିଶ ଗଡ଼ର ବୁରୁଙ୍ଗା ର ବୋଲି ଜଣାଯାଇଛି। ହାଇୱା ଗାଡି ଟି ର କାଗଜ ପତ୍ର ଯାଞ୍ଚ ଶହ ଫାଇନ୍ କରାଯିବ ବୋଲି ତହସିଲଦାର କହିଛନ୍ତି। ପ୍ରକାଶ ଥାଉକି ଛତିଶ ଗଡ଼ ଅଞ୍ଚଳରୁ ବହୁ ଗାଡି ଓଡ଼ିଶା ରେ ବେ ଆଇନ ବାଲି ଚାଲାଣ କରୁଥିବା ବେଳେ ପ୍ରଶାସନ ଏହା ପ୍ରତି ନଜର ଦେଇ ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକତା ରହିଛି। ଛତିଶ ଗଡ଼ ଅଞ୍ଚଳର ବହୁ ଗାଡି ଲୁଚା ଚୋରା ଶହ ରାତ୍ର ସମୟରେ ମଧ୍ୟ ବାଲି ଚାଲାଣ କରୁଥିବା ବେଳେ ଅନ୍ୟ କେତେକ ଗାଡ଼ି ଖୁଲମ୍ ଖୋଲା ରାଇଘର ଅଞ୍ଚଳରେ ବାଲି ଚାଲାଣ କରୁଛନ୍ତି।

ହାସ୍ୟ କଳାକାର ବିଶ୍ୱ ବଗର୍ତ୍ତିଙ୍କ ଅକାଳ ବିୟୋଗ

ବରଗଡ଼(ଅମୃତ ମିଡିଆ): ବରଗଡ଼ ମାଟିର ବିଶିଷ୍ଟ ହାସ୍ୟ କଳାକାର ତଥା ଲୋକପ୍ରିୟ କଳାକାର ବିଶ୍ୱ ବଗର୍ତ୍ତି ଆଉ ନାହାନ୍ତି। ତାଙ୍କ ଅକାଳ ବିୟୋଗରେ ବରଗଡ଼ ସମେତ ସାରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କଳା ମାଧ୍ୟମରେ ବିଶ୍ୱ ବରାଳ ଅନେକ ଲୋକଙ୍କ ମୁହଁରେ ହସ ଫୁଟାଇବା ସହ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ହାସ୍ୟ ଅଭିନୟ ଓ କଳା ପ୍ରତିଭା ଯୋଗୁଁ ସେ ବରଗଡ଼ ସହ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ କଳା ଜଗତ ସହ ଜଡ଼ିତ ବ୍ୟକ୍ତିବିଶେଷ, ଶୁଭେଚ୍ଛୁ ଓ ଅଞ୍ଚଳବାସୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଜଣେ ହାସ୍ୟ କଳାକାର ଭାବେ ଲୋକଙ୍କୁ ହସାଇଥିବା ବିଶ୍ୱ ବରାଳଙ୍କ ସ୍ମୃତି ସର୍ବଦା ଲୋକଙ୍କ ମନରେ ଜୀବନ୍ତ ରହିବ। ବିଶ୍ୱ ବଗର୍ତ୍ତିଙ୍କ ଅକାଳ ବିୟୋଗରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।

ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ସରକାରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ସମୀକ୍ଷା ବୈଠକ

ବଲାଙ୍ଗୀର(ଅମୃତ ମିଡିଆ): ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଓ ସରକାରୀ କାର୍ଯ୍ୟକ୍ରମର ସଫଳ ରୂପାୟନକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାରଙ୍କ ସାର୍ବଜନୀନ ଉଦ୍ୟୋଗ ବିଭାଗ (ପବ୍ଲିକ ଏଣ୍ଟରପ୍ରାଇସ ଡିପାର୍ଟମେଣ୍ଟ)ର କମିଶନର-ତଥା-ଶାସନ ସଚିବ ମହମ୍ମଦ ସାଦ୍ଦିକ୍ ଆଲମ୍ ଦୁଇ ଦିନିଆ ବଲାଙ୍ଗିର ଜିଲ୍ଲା ଗସ୍ତରେ ଆସିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସଚିବ ଶ୍ରୀ ଆଲମ୍ଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା, ସେଗୁଡ଼ିକର ସଫଳତା, 'ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ' ଏବଂ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଜିଲ୍ଲାପାଳ ଗୌରବ ଶିବାଜୀ ଇସଲଓ୍ୱାର, ଅତିରିକ୍ତ ଜିଲ୍ଲାପାଳ ଡଃ. ବିଜୟାନନ୍ଦ ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତରଣୀ ସୁନା ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ବୈଠକରେ ବିଶେଷ କରି 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା', 'ଆୟୁଷ୍ମାନ୍ ଭାରତ – ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା', 'ଅନ୍ତ୍ୟୋଦୟ ଗୃହ ଯୋଜନା', 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା', ପାଇପ୍ ଜଳ ଯୋଗାଣ ଓ ପରିମଳ, 'ସେତୁ ବନ୍ଧନ ଯୋଜନା' ଏବଂ ଗ୍ରାମୀଣ ବିଦ୍ୟୁତୀକରଣ କାର୍ଯ୍ୟସୂଚୀର ସମୀକ୍ଷା ହୋଇଥିଲା । ଶିକ୍ଷା ଓ ଶିଶୁ ବିକାଶ କ୍ଷେତ୍ରରେ 'ପଞ୍ଚସଖା ଶିକ୍ଷା ସେତୁ', 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ', 'ପିଏମ୍ ଶ୍ରୀ ସ୍କୁଲ୍', ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ 'ଏମ୍.ଏମ୍-ପୋଷଣ (ମଧ୍ୟାନ୍ନ ଭୋଜନ)' ଏବଂ ପ୍ରାରମ୍ଭିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏହା ସହିତ 'ସୁଭଦ୍ରା ଯୋଜନା', 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା', 'ପୋଷଣ ଅଭିଯାନ', ଶିଶୁ ବିକାଶ ପ୍ରକଳ୍ପ, ଆଦିବାସୀ ଛାତ୍ରାବାସ, 'ପିଏମ୍ ଜନମନ୍' ଏବଂ 'ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା'ର ମଧ୍ୟ ଆଲୋଚନା ହୋଇଥିଲା। ଅନ୍ୟାନ୍ୟ ପ୍ରମୁଖ ବିଷୟ ମଧ୍ୟରେ ୨୪ଘଣ୍ଟ 'ସୁଜଳ' ଜଳ ଯୋଗାଣ, 'ଅମୃତ (୨.୦)' ଜି.ଆଇ.ଏସ୍. ମାଷ୍ଟର ପ୍ଲାନ୍, ଖାଉଟି କଲ୍ୟାଣ, ସାଧାରଣ ବଣ୍ଟନ ପ୍ରଣାଳୀ, 'ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ', 'ମଧୁବାବୁ ପେନସନ ଯୋଜନା' ଏବଂ ଚାଷୀଙ୍କ ପାଇଁ ସୁଧ ରିହାତି ଯୋଜନାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ସେହିପରି, ଗ୍ରାମୀଣ ଶିଳ୍ପ ପାର୍କ/କ୍ଲଷ୍ଟରର ବିକାଶ ଏବଂ ଜିଲ୍ଲା ଓ ଉପ-ଜିଲ୍ଲା ସ୍ତରୀୟ 'ଜନ ଶୁଣାଣି' ପୋର୍ଟାଲରେ ବିଚାରାଧୀନ ଥିବା ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ଦିଶା କଳିଙ୍ଗ ବୈଶ୍ୟ ମହିଳା ସଂଘ ଓ ନିଷ୍ଠା ପରିବାରର ରକ୍ତଦାନ ଶିବିର

ବରଗଡ଼(ଅମୃତ ମିଡିଆ): ବରଗଡ଼ ସ୍ଥିତ ହାଟ ପଦା, ମନା ବନ୍ଧ ଠାରେ କଳିଙ୍ଗ ବୈଶ୍ୟ ସଙ୍ଘ ପେଣ୍ଠ ଘର ଠାରେ ଦିଶା କଳିଙ୍ଗ ବୈଶ୍ୟ ମହିଳା ସଂଘ ଓ ନିଷ୍ଠା ପରିବାର ତରଫରୁ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିର କୁ ମୁଖ୍ୟ ଅତିଥି ଭାବରେ ବରଗଡ ବିଧାୟକ ଶ୍ରୀ ଅଶ୍ୱିନୀ ଷଡ଼ଙ୍ଗୀ ଯୋଗ ଦେଇ ଫିତା କାଟି ଆନୁଷ୍ଠାନିକ ଭାବରେ ଶିବିରର ଶୁଭାରମ୍ଭ କରିଥିଲେ। ଏହି ଶିବିର ରୁ ସର୍ବମୋଟ ୪୫ ୯ୟୁନିଟ ରକ୍ତ (୧୨ଜଣ ମହିଳା ରକ୍ତ ଦାତା ରକ୍ତ ଦାନ) ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ରକ୍ତ ଭଣ୍ଡାର ରେ ରକ୍ତ ର ଅଭାବ ଥିବା ଖବର ପାଇ ଦିଶା କଳିଙ୍ଗ ବୈଶ୍ୟ ମହିଳା ସଂଘ ତୁରନ୍ତ ଏକ ରକ୍ତ ଦାନ ଶିବିର ଆୟୋଜନ କରି ସହଯୋଗ ର ହାତ ବଢ଼ାଇଥିଲେ। ଏହି ଶିବିରକୁ ଦିଶା କଳିଙ୍ଗ ବୈଶ୍ୟ ମହିଳା ସଂଘ ସଭାପତି ବିଜୟ ଲକ୍ଷ୍ମୀ ସୁବୁଦ୍ଧି, ସମ୍ପାଦକ ପୁନମ ପାତ୍ର, କୋଷାଧ୍ୟକ୍ଷ ସୁନୀତା ପାତ୍ର, ପ୍ରଭାତୀ ପାତ୍ର, ଉଷା ରାଣୀ ସୁବୁଦ୍ଧି, ମଞ୍ଜୁଶ୍ରୀ ପାତ୍ର, ସାଧନା ରାଣୀ ସୁବୁଦ୍ଧି, ରାଧିକା ପାତ୍ର, ପଲ୍ଲବୀ ପ୍ରିୟ ଦର୍ଶିନୀ ଙ୍କ ସହ ଅନ୍ୟ ସଦସ୍ୟାଙ୍କ ସହ କଳିଙ୍ଗ ବୈଶ୍ୟ ସଂଘ ର ସଭାପତି ପ୍ରଶାନ୍ତ ପାତ୍ର, ମନୋଜ ସୁବୁଦ୍ଧି, ଦେବେନ୍ଦ୍ର ପାତ୍ର, ମନୋଜ ପାତ୍ର, ଚନ୍ଦ୍ର ଶେଖର ପାତ୍ର, ରଞ୍ଜିତ ପାତ୍ର, ଧର୍ମେନ୍ଦ୍ର ପାତ୍ର ଧୀରଜ ପାତ୍ର, କାମଦେବ ପାତ୍ର, ରଞ୍ଜିବ ସୁବୁଦ୍ଧି, ଅଶୋକ ପାତ୍ର, ରଜତ ପାତ୍ର ଅନ୍ୟ ସଦସ୍ୟ ଓ ନିଷ୍ଠା ପରିବାରର ସଦସ୍ୟ ସଦସ୍ୟା ସୁପରିଚାଳନା କରିଥିଲେ। ପରିସେଶ ରେ ରକ୍ତ ଦାନ ଶିବିର ଆୟୋଜନ ପାଇଁ ଦିଶା କଳିଙ୍ଗ ବୈଶ୍ୟ ମହିଳା ସଂଘ କୁ ନିଷ୍ଠା ପରିବାର ତରଫ ରୁ ଏକ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ବୋଲେରୋ-ବାଇକ୍ ଧକ୍କାରେ ଯୁବକ ଗୁରୁତର

ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ : ଖପ୍ରାଖୋଲ ଥାନା ଅନ୍ତର୍ଗତ ବୁଢ଼ାବାହାଲ ବ୍ରିଜ ନିକଟରେ ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟା ସମୟରେ ଏକ ବାଇକ ଓ ବୋଲେରୋ ମଧ୍ୟରେ ଭୟଙ୍କର ଧକ୍କା ଘଟିଛି। ଏହି ଦୁର୍ଘଟଣାରେ ବାଇକ ଚାଳକ ଦେବରାଜ ଜାଲ ଗୁରୁତର ଆହତ ହୋଇଥିବାବେଳେ ତାଙ୍କୁ ପ୍ରଥମେ ଖପ୍ରାଖୋଲ ଡାକ୍ତରଖାନା ଓ ପରେ ଅଧିକ ଚିକିତ୍ସା ପାଇଁ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଦେବରାଜ ଜାଲ ଖପ୍ରାଖୋଲ ଥାନା ଅନ୍ତର୍ଗତ ବାଞ୍ଜିପାଲି ଗ୍ରାମରେ ରହୁଥିବାବେଳେ ତାଙ୍କ ନିଜ ଘର ଜଗଦଳପୁର ଥାନା ଅନ୍ତର୍ଗତ ଚରଡ଼ାପାଲିରେ। ଶୁକ୍ରବାର ସେ କୌଣସି କାମରେ ଏକାକୀ ବାଇକ ଯୋଗେ କର୍ଲାବାହାଲି ଦିଗକୁ ଯାଉଥିଲେ। ଏହି ସମୟରେ କର୍ଲାବାହାଲି ପଟରୁ ଆସୁଥିବା ଏକ ବୋଲେରୋ ସହ ବୁଢ଼ାବାହାଲ ବ୍ରିଜ ନିକଟରେ ତାଙ୍କ ବାଇକର ଧକ୍କା ହୋଇଥିଲା। ଧକ୍କା ଏତେ ତୀବ୍ର ଥିଲା ଯେ ଦେବରାଜ ରାସ୍ତାରେ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଘଟଣା ପରେ ବୋଲେରୋର ଚାଳକ ତୁରନ୍ତ ଖପ୍ରାଖୋଲ ଡାକ୍ତରଖାନାକୁ ନିଆଯାଇଥିଲା । ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ଅଧିକ ଚିକିତ୍ସା ପାଇଁ ବଲାଙ୍ଗୀର ସ୍ଥାନାନ୍ତର କରିଥିବା ଜଣାପଡ଼ିଛି । ଖବର ପାଇ ଖପ୍ରାଖୋଲ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ ଓ ବୋଲେରୋକୁ ଜବତ କରିଛି। ଦୁର୍ଘଟଣାର ପ୍ରକୃତ କାରଣ କଣ ଏବଂ କାହାର ଅବହେଳା ଯୋଗୁଁ ଏହି ଦୁର୍ଘଟଣା ଘଟିଲା, ସେନେଇ ପୁଲିସ ଛାନଭିନ ଆରମ୍ଭ କରିଛି। ପୁଣି ଏକ ସଡ଼କ ଦୁର୍ଘଟଣା ଖପ୍ରାଖୋଲ ଅଞ୍ଚଳରେ ସଡ଼କ ସୁରକ୍ଷା ଓ ଯାନବାହନ ଚଳାଚଳ ନେଇ ପ୍ରଶ୍ନ ଉଠାଇଛି। ଅସାବଧାନତା ଓ ଅତିରିକ୍ତ ବେଗ ଯେ କେତେବେଳେ ଜୀବନକୁ ବିପଦରେ ପକାଇପାରେ, ଏହି ଘଟଣା ତାହାର ଆଉ ଏକ ଦୁଃଖଦ ଉଦାହରଣ ପାଲଟିଛି।

ଦାଦନ ଦୁଃଖର ମୃତ୍ୟୁ

ବିକାଶର ଡିଣ୍ଡିମ ମଧ୍ୟରେ ଶ୍ରମିକଙ୍କ ଜୀବନ କେତେ ସୁରକ୍ଷିତ

- ଦାଦନ ରୋକିବା ନାଁରେ କେବଳ ସଚେତନତା
- ସର୍ଦ୍ଦାର, ସେକେଣ୍ଡ ସର୍ଦ୍ଦାର ଓ ଦାଦନର ଜାଲ
- ସରକାରଙ୍କ ପାଇଁ ବଡ଼ ପ୍ରଶ୍ନ

ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ: ରୋଜଗାରର ଅଭାବ ଆଜି ବି ଖପ୍ରାଖୋଲ ଅଞ୍ଚଳର ଗରିବ ପରିବାରଙ୍କୁ ଘର ଛାଡ଼ି ଦୂର ରାଜ୍ୟକୁ ଦାଦନ ଖଟିବାକୁ ବାଧ କରୁଛି। ସରକାରୀ ମଞ୍ଚରେ ବିକାଶର ଡିଣ୍ଡିମ ପିଟାଯାଉଛି, ଯୋଜନା ପରେ ଯୋଜନା ଘୋଷଣା ହେଉଛି, ଦାଦନ ରୋକିବାକୁ ଟାସ୍କଫୋର୍ସ ଗଠନ ଠାରୁ ଆରମ୍ଭ କରି ପ୍ରବାସୀ ଶ୍ରମିକ ସଚେତନତା ଶିବ

ସମ୍ପାଦକୀୟ...

ଚରମ ଚେତାବନୀ

ଆମେରିକାର ଇରାନ୍ ବିରୋଧୀ ଆଭିମୁଖ୍ୟ ଦିନକୁ ଦିନ ଏବେ ଜଟିଳ ହେବାରେ ଲାଗିଛି। ଯେବେଠାରୁ ଆମେରିକା ଏବଂ ଇରାନ୍ ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା, ସେବେଠାରୁ ଆମେରିକା ଏବଂ ଇରାନ୍ ମଧ୍ୟରେ ତିକ୍ତତା ମଧ୍ୟ ବଢ଼ିବାରେ ଲାଗିଲା। କୌଣସି ଦୁଇଦେଶ ମଧ୍ୟରେ ଯେବେ ଯୁଦ୍ଧ ଆରମ୍ଭ ହୋଇଯାଏ.. ତେବେ ଉଭୟଙ୍କ ମଧ୍ୟରେ କେବଳ ତିକ୍ତତା ହିଁ ବୃଦ୍ଧିପାଏ। ତିକ୍ତତା ଧୀରେ ଧୀରେ ଏପରି ବୃଦ୍ଧିପାଏ ଯାହାକୁ ଆମେ କେବଳ ଚରମ ଶତ୍ରୁତା ବୋଲି କହି ପାରିବା। ଆଉ ଚରମ ଶତ୍ରୁତାର ପରିଣାମ ସଦା ଗମ୍ଭୀର ହୋଇଥାଏ। ଏବେ ସେହିଭଳି କିଛି ଗମ୍ଭୀର ପରିଣାମ ଭୋଗିବାକୁ ଯାଉଛି ଇରାନ୍। କାରଣ ଆମେରିକା ଏବେ ବିଶ୍ୱର ବିଭିନ୍ନ ଦେଶକୁ ଧମକ ଚମକ ଦେବା ଆରମ୍ଭ କଲାଣି। ଯିଏ ବି ଇରାନକୁ ସହାୟତା ଦେବ, ଆମେରିକା କେବେ ବି ସେମାନଙ୍କୁ କ୍ଷମା ଦେବନି। ସେମାନଙ୍କ ଉପରେ କଡ଼ା ଆକ୍ସନ ନେବ ଆମେରିକା। ସିଏ ଯିଏ ବି ହେଉ ନା କାହିଁକି। ତେବେ ହଁ ଆମେରିକା ତା'ର ବନ୍ଧୁ ରାଷ୍ଟ୍ରମାନଙ୍କୁ, ତା'ର ସହଯୋଗୀ ରାଷ୍ଟ୍ରମାନଙ୍କୁ ମଧ୍ୟ ଦେଇଛି କଡ଼ା ଚେତାବନୀ। ଯେ କେହି ବି ଆମେରିକା କଥାକୁ ଅମାନ୍ୟ କରି ଇରାନକୁ ସାହାଯ୍ୟ କରିବ, ସେମାନଙ୍କ୍ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଆମେରିକା। କାହା ଉପରେ ଟାରିଫ୍ ତ ଆଉ କାହା ଉପରେ ଆକ୍ରମଣ ଧମକ ଅବା ଆଉ କାହା ଉପରେ ଅନ୍ୟ କିଛି ଭୟ ଦେଖାଇ ସେ ସବୁ ଦେଶମାନଙ୍କୁ ଧମକ ଚମକ ଦେବାକୁ ଚେଷ୍ଟା କରୁଛି ଆମେରିକା । ପୂରା ପୃଥିବୀକୁ ଏବେ ଧମକ ଦେବାକୁ ଚେଷ୍ଟା କରୁଛି ଆମେରିକା ସତେ ଯେମିତି ପୂରା ପୃଥିବୀ ଯେମିତି ଆମେରିକା ମୁଠିରେ । ଇରାନ୍ ଏବଂ ଧନ କିମ୍ବା ଆୟତନ କଥା ପରେ ବିଚାରକୁ ନିଆଯିବ। ତେବେ ପ୍ରଭାବ ଦୃଷ୍ଟିରୁ କିନ୍ତୁ ବିଶ୍ୱରେ ଯେ ଆମେରିକା ଆଗରେ, ଏ କଥାକୁ ଅବଶ୍ୟ ସ୍ୱୀକାର କରିବାକୁ ହେବ। ସେଥିପାଇଁ ତ ସମୟ ସମୟରେ ଆମେରିକା ବିଶ୍ୱରେ ନିଜର ପତିଆରା ଜାହିର କରୁଛି। ନିଜର ବଡ଼ଭାଇ ପଣିଆ ଜାହିର କରୁଛି। କେବେ ଇରାକ୍ ଉପରେ ତ କେବେ ଇରାନ୍ ଉପରେ। ଏବେ ଅବଶ୍ୟ ଇରାକ ନୁହେଁ, ଇରାନ୍ ଉପରେ ଜାହିର କରୁଛି ତା'ର ପତିଆରା। ତେବେ ଆମେରିକା ଭଳି ବିଶ୍ୱର ଏତେ ପ୍ରଭାବଶାଳୀ ଦେଶ ହୋଇ ଇରାନ୍ ଉପରେ କାହିଁକି କରୁଛି ଆକ୍ରମଣ। ଭାବିଲେ ଅତି ଆଶ୍ଚର୍ଯ୍ୟ ଲାଗେ। ଭାବିଲେ ଅତି ଖରାପ୍ ଲଗେ। ହେଲେ ଆଉ କାହାକୁ ଲାଗିଲେ କି ହେବ ? ଯିଏ ମୁଖ୍ୟ ଆସାମୀ ମାନେ ଆମେରିକାକୁ ତ କିଛି ଖରାପ୍ ଲାଗୁନି। ଆଜିର ସମୟରେ ଆମେରିକାର ଏହିଭଳି ସ୍ଥିତି ଯାହାପାଇଁ ବିଶ୍ୱର ଅନେକ ଦୁର୍ବଳ ରାଷ୍ଟ୍ରର ପରିସ୍ଥିତି ଏବେ ହୁଏତ ଖରାପ୍ ହୋଇଯାଇଛି। ଏଇ ଯେମିତି ଆମେ କହିପାରିବା ଦକ୍ଷିଣ ଆମେରିକୀୟ ରାଷ୍ଟ୍ର.. କଥା ଯାହାର ରାଷ୍ଟ୍ରପତିଙ୍କୁ ରାତାରାତି ଗାଏବ୍ କରିଦେଇଥିଲା ଆମେରିକା। ଏହିଭଳି ନୀତିର ହେଉଛି ଆମେରିକା। କେତେବେଳେ କାହା ଉପରେ କିଛି ବି ଆକ୍ସନ୍ ନେଇପାରେ। ଆମେରିକର ସ୍ୱାର୍ଥ ଉପରେ କିଛି ବି ବାଧା ଉପୁଜିଲେ, ଆମେରିକା କାହାକୁ ବି ଛାଡ଼ିଲାବାଲା ନୁହେଁ। କାରଣ ସେ କାହାର ନୁହେଁ। କିଏ ବା କହାର ? ହୁଏତ ସମସ୍ତେ ସମସ୍ତଙ୍କର ଅବା କେହି ନୁହେଁ କାହାର। ଏହା ତ ସାଧାରଣ କଥା । ଏଣୁ ଆମେରିକାଠାରୁ ଅଧିକ ଆଉ କ'ଣ ଆଶା କରାଯାଇପାରେ ?ଅବା ଆମେରିକାବିଷୟରେ ଆଉ ଅଧିକ କ'ଣ କୁହାଯାଇପାରେ। ବିଉଶାଳୀ ଅବା କ୍ଷମତାଶାଳୀ ବୋଲି ଅନେକ ସମୟରେ ଆମେରିକା ଅନେକ ସମୟରେ ବିଶ୍ୱର କେତେକ ଦୁର୍ବଳ ରାଷ୍ଟ୍ର ଉପରେ ନାଲିଆଖି ଦେଖାଉଛି। ହେଲେ ଇରାନ୍ ଏବେ ନାଲିଆଖି ଦେଖାଇବା ଆରମ୍ଭ କରିଛି ଆମେରିକା ଉପରେ। ଇରାନ୍ର ରାଜନୈତିକ ଇତିହାସରେ ବୋଧହୁଏ ଏହା ପ୍ରଥମ ଘଟଣା ଯେ ଇରାନ୍ ଆମେରିକା ଉପରେ ଏମିତି ଦେଖାଇବା ଆରମ୍ଭ କରିଛି ନାଲିଆଖି କିନ୍ତୁ କାହିଁକି ? ଆମେରିକା ଭଳି ବିଶ୍ୱର ଗୋଟାଏ ବିଉଶାଳୀ ତଥା ବଳଶାଳୀ ଦେଶ ଏବଂ ପ୍ରଭାବଶାଳୀ ଦେଶର ଇରାନ ସହିତ ଏମିତି ଶତ୍ରୁତା କାହିଁକି ? କାରଣ ତ ଅତି ଜବରଦସ୍ତ ଉତ୍ତର ରହିଛି ଏଭଳି ପ୍ରଶ୍ନ ପଛରେ। ଇତିହାସକୁ ଏତେ ଫେଣେଇବାର ଆବଶ୍ୟକତା ନାହିଁ। ତେବେ ଗୋଟାଏ କଥା ସ୍ପଷ୍ଟ ଯେ ଆମେରିକା ଏବଂ ଇରାନ୍ ମଧ୍ୟରେ ଏବେ ଆରମ୍ଭ ହୋଇଯାଇଛି ପାରମ୍ପରିକ ଶତ୍ରୁତା ଯାହାର ପରିଣାମ ଆଗକୁ କିନ୍ତୁ ହୋଇପାରେ ଅତି ଭୟଙ୍କର।

ଜ୍ଞାନାମୃତ

କୁନି କାଉ

ଗୋଟାଏ ପକ୍ଷୀଦଳ ସକାଳୁ ସକାଳୁ ଆରମ୍ଭ କରିଥିଲେ ତାଙ୍କ ଯାତ୍ରା। ଲକ୍ଷ୍ୟ ତ ଥାଏ ତଥାପି ତାଙ୍କ ଯାତ୍ରା ସରୁ ନଥାଏ। ପକ୍ଷୀଦଳଙ୍କ ଯାତ୍ରା ବୋଧହୁଏ ଥିଲା ବହୁତ ଲମ୍ବା। ତେବେ ସେମାନେ କୁଆଡ଼େ ଯାଉଥାଆନ୍ତି କେଜାଣି ? ସମସ୍ତ ପକ୍ଷୀଙ୍କୁ ମଧ୍ୟ ତାହା ଜଣା ନଥାଏ। ବୋଧହୁଏ ଗୋଟାଏ ଲମ୍ବା ଯାତ୍ରା କିମ୍ବା ଗୋଟାଏ ବହୁତ ବଡ଼ ଯାତ୍ରାରେ ବାହାରିଥିଲେ ସେମାନେ। ହସ ଖୁସିରେ ଯାଉ ଯାଉ ବହୁ ଦୂରକୁ ଚାଲି ଯାଇଥିଲେ ସେମାନେ। ସମ୍ଭବତଃ ସେମାନଙ୍କ ଯାତ୍ରା ପଥରୁ ଓହରିଯାଇ କିଛି ଆଗକୁ ଚାଲିଯାଇଥିଲେ ସେମାନେ। ହୁଏତ ସେମାନଙ୍କ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇ ଭିନ୍ନ ରାସ୍ତାରେ କିଛି ଆଗକୁ ଚାଲି ଯାଇଥିଲେ ସେମାନେ। ଯାହା ହେଉ.. ଉଡ଼ାଣ କିନ୍ତୁ ଜାରି ରହିଥିଲା ସେହି ପକ୍ଷୀ ଦଳର। ଖରାଦିନର କଥା। ଆକାଶରେ ଖରା ମୁଣ୍ଡ ଉପରକୁ ଉଠିଗଲାଣି। ଖରାଦିନର ଏତେ ଖରା ପରେ ବି ସେମାନଙ୍କ ଯାତ୍ରା ସରୁ ନଥାଏ। ହଠାତ୍ ସେମାନଙ୍କ ମଧ୍ୟରୁ ବୁଢ଼ା ପକ୍ଷୀଟିଏ ଆଉ ଉଡ଼ି ନପାରି ପୂରା ହାଲିଆ ହୋଇପଡ଼ିଲା। ତଳକୁ ଖସିବାର ଉଦ୍ୟମ ଆରମ୍ଭ କରିଦେଲା। ଅନ୍ୟମାନେ ବି ପ୍ରାୟ ସେହିଭଳି ସ୍ଥିତିକୁ ଆସିଗଲେଣି। ହେଲେ କ'ଣ କରିବେ। ଲକ୍ଷ୍ୟପଥ ଏବେ ବି ରହିଛି ଆହୁରି ଦୂରରେ। ତେବେ ସାଥୀମାନଙ୍କର ଥକ୍କାପଣକୁ ଲକ୍ଷ୍ୟରେ ରଖି ଦଳର ମୁଖିଆ ବି ଚିନ୍ତାରେ । କ'ଣ କରାଯିବ ? ଏବେ ସମସ୍ତେ ପ୍ରାୟ ହାଲିଆ। ଉଡ଼ି ଉଡ଼ି ଏତେ ବାଟ ଆସିଲା ପରେ ଯେ କେହି ବି ହାଲିଆ ହେବା ସ୍ୱାଭାବିକ। ଏବେ କ'ଣ କରିବେ କୁଆଡ଼େ ଯିବେ ? ଏହି ଚିନ୍ତାରେ ସମସ୍ତେ ପଡ଼ିଗଲେ। କିଛି ସମୟ ପାଇଁ କାଉଦଳ ଉଡ଼ା ବନ୍ଦକରି ନିକଟରେ ଥିବା ଗୋଟାଏ ବଡ ଗଛରେ ବସିଗଲେ। ସମସ୍ତେ ଗଛରେ କିଛି ସମୟ ପାଇଁ ବସିଗଲା ପରେ ପ୍ରଥମେ ସେମାନେ ତାଙ୍କର ଥକ୍କା ମେଣ୍ଟାଇଲେ। ପରେ ପୁଣି ସେହି ଦଳ ସେମାନଙ୍କ ଗନ୍ତବ୍ୟ ପଥରେ ଉଡ଼ିବା ପାଇଁ ସ୍ଥିର କଲେ। ତେବେ ସେହି ପକ୍ଷୀ ଦଳ ଭିତରେ ଦୁଇଟା ବୃଦ୍ଧ କାଉ ରହିଯାଇଥିଲେ। ସେମାନେ ଆଗକୁ ଆଉ ଉଡ଼ିବା ଅବସ୍ଥାରେ ନଥିଲେ। ପ୍ରଥମତଃ ସେମାନେ ବହୁତ ବାଟ ଉଡ଼ି ଉଡି ହାଲିଆ ହୋଇଯାଇଥିଲେ। ଦ୍ୱିତୀୟରେ ସେମାନଙ୍କୁ ଏତେ ଜୋର୍‌ରେ ଶୋଷ ଲାଗୁଥିଲା ଯେ ସେମାନେ ଆଉ ଟିକିଏ ବି ଉଡ଼ିବା ଅବସ୍ଥାରେ ନଥିଲେ। ବରିଷ୍ଠ ପକ୍ଷୀମାନଙ୍କର ଏପରି ସ୍ଥିତି ଦେଖି ବାକିମାନେ ପଡ଼ିଗଲେ ଚିନ୍ତାରେ। ଚିନ୍ତାର ବିଷୟ ଥିଲା ଯେ ନିଘଞ୍ଚ□ଜଙ୍ଗଲରେ ପାଣି ବ୍ୟବସ୍ଥା। ତେବେ ହଠାତ ଅନତି ଦୂରରେ ଗୋଟାଏ କିଛି ପାତ୍ର ଥୁଆ ହୋଇଥିବାର ନଜର ପଡ଼ିଲା ପରେ ଗୋଟାଏ କାଉ ସେଠାକୁ ଯାଇ ଦେଖେ ତ ସେଥିରେ କିଛି ପାଣି ଥିଲା। ହେଲେ ପାଣି ତଳେ ଥିବା ଦେଖି ବୁଦ୍ଧି ଗୁଡୁମା। ପରେ ବୃଦ୍ଧ କାଉର ବୁଦ୍ଧି ନେଇ ଆର କୁନି କାଉଟି ସେଥିରେ କିଛି ଛୋଟ ପଥରଖଣ୍ଡ ପକାଇଦେବା ପରେ ଭିତର ପାଣି ଉପରକୁ ଆସିବା ପରେ ତୃଷାର୍ତ୍ତ କାଉ ପାଣି ପିଇ ସେମାନଙ୍କ ତୃଷା ମେଣ୍ଟାଇଲେ। ଶେଷରେ ସମସ୍ତେ ସେହି କୁନି କାଉର ବୁଦ୍ଧିକୁ ଖୁବ୍ ପ୍ରଶଂସା କଲେ। କେବେ କେବେ ବୁଦ ବଳରୁ କେତେକ କଷ୍ଟକର କାର୍ଯ୍ୟ ବି ସହଜ ହୋଇଯାଇଥାଏ।

ଚାନ୍ଦ ପାଇଁ ରାକ୍ଷୀଟିଏ

·ସୁବ୍ରତ କୁମାର ଦାସ

ପୂଜା ଥିଲା ଖୁବ୍ ସରଳ ଓ ଗେହ୍ଲା ଝିଅ। ତା'ର ସବୁଠାରୁ ପ୍ରିୟ ସାଥୀ ଥିଲା ତାଙ୍କ ଘର ଗୁହାଳରେ ଥିବା ଛୋଟ ବାଛୁରୀ 'ଚାନ୍ଦ'।ଚାନ୍ଦଟି ଦେଖିବାକୁ ଯେମିତି ସୁନ୍ଦର, ସେମିତି ଥିଲା ଶାନ୍ତ ସ୍ୱଭାବର। ତା' ଧଳା ଦେହରେ ଥିଲା ଛୋଟ ଛୋଟ କଳା ଦାଗ। ବଡ଼ ବଡ଼ ଆଖି ଦୁଇଟିରେ ସବୁବେଳେ ଝଲସୁଥିଲା ନିରୀହ ଭଲପାଇବା। ପ୍ରତିଦିନ ସକାଳେ ପୂଜା ନିଦରୁ ଉଠି ଦାନ୍ତ ଘଷିବା ପୂର୍ବରୁ ଚାନ୍ଦ ପାଖକୁ ଦୌଡ଼ି ଯାଉଥିଲା। ପୂଜାକୁ ଦେଖିଲେ ଚାନ୍ଦ ମଧ୍ୟ ଗୁହାଳରୁ ଧୀରେ ଧୀରେ ବାହାରି ଆସି ତା' ପାଖରେ ଘସି ହେଉଥିଲା। ଚାନ୍ଦ ! ତୁ ଆସିଗଲୁ ? ପୂଜା ତା' ମୁଣ୍ଡରେ ହାତ ଥାପୁଡ଼ାଇ କହୁଥିଲା। ଚାନ୍ଦ ମଧ୍ୟ ତା' ଗୋଲାକାର ଆଖିରେ ପୂଜାକୁ ଚାହିଁ ଜିଭ ବଢ଼ାଇ ଦେଉଥିଲା। ପୂଜା ଖିଲିଖିଲି ହସି କହୁଥିଲା, ଆରେ ! ଏତେ ସକାଳୁ ଭୋକ ଲାଗିଲାଣି କି ? ତା'ପରେ ସେ ଦୌଡ଼ି ଘର ଭିତରକୁ ଯାଉଥିଲା। ମାଆ ପରିବା କାଟୁଥିବା ବେଳେ ପୂଜା ଚୁପ୍ ?ଚାପ୍ କିଛି ପରିବା ନେଇ ଚାନ୍ଦ ପାଖକୁ ଆସୁଥିଲା।

ନେ ଚାନ୍ଦ, ତୋ ପାଇଁ ଗାଜର। ଏଇଟା ଖା। ଚାନ୍ଦ ଖୁସିରେ ପରିବା ଖାଉଥିଲା। ପୂଜା ତା' ମୁଣ୍ଡ କୁ ଆଉଁସି ଦେଇ ଖୁସି ହେଉଥିଲା। ଏମିତି ଦିନ ପରେ ଦିନ ଦୁହିଁଙ୍କ ମଧ୍ୟରେ ଏକ ନିଆରା ସମ୍ପର୍କ ଗଢ଼ି ଉଠିଥିଲା। ଦିନ କେତଟା ପରେ ଆସିଲା ରକ୍ଷାବନ୍ଧନ। ଘରେ ରଙ୍ଗୋଲି ପଡ଼ିଲା। ମାଆ ମିଠା ତିଆରି କଲେ। ପୂଜା ମଧ୍ୟ ନୂଆ ପୋଷାକ ପିନ୍ଧି ଖୁବ୍ ସଜେଇ ହେଲା। କିନ୍ତୁ ତା' ମନ ଭିତରେ ଗୋଟିଏ କଥା ଚିନ୍ତା ଘାରୁଥିଲା। ସମସ୍ତେ ଭାଇଙ୍କ ହାତରେ ରାକ୍ଷୀ ବାନ୍ଧିବେ। ହେଲେ ,ସେ କାହା ହାତରେ ରାକ୍ଷୀ ବାନ୍ଧିବ ?

ହଠାତ୍ ତା' ମୁହଁରେ ହସ ଫୁଟିଲା। ଆରେ .. ମୋର ପରା ଚାନ୍ଦ ଅଛି ! ମୁଁ ତା ହାତରେ ରାକ୍ଷୀ ବାନ୍ଧିବି । ସେ ତୁରନ୍ତ ତା'ର ଛୋଟ ରାକ୍ଷୀଟି କୁ ନେଇ ଗୁହାଳକୁ ଦୌଡ଼ିଗଲା।

ଚାନ୍ଦ ପୂଜାକୁ ଦେଖି ପ୍ରତିଦିନ ଭଳି ତା' ପାଖକୁ ଆସି ଘସି ହେଲା। ପୂଜା ତା'ର ମୁଣ୍ଡକୁ ଆଉଁସି ଦେଇ କହିଲା, ଚାନ୍ଦ, ଆଜି ତୋ ପାଇଁ ଗୋଟିଏ ବିଶେଷ ଦିନ। ଆଜି ତୁ ମୋର ଭାଇ। ସେ ଚାନ୍ଦର ବେକରେ ସ୍ନେହରେ ରାକ୍ଷୀଟି ବାନ୍ଧିଦେଲା। ତା'ପରେ ମାଆ ଆଣିଥିବା ଏକ ନୂଆ ଲାଲ କପଡ଼ା ଚାନ୍ଦର ତା ପିଠି ଉପରେ ଘୋଡ଼େଇ ଦେଲା। ଚାନ୍ଦ ଯେମିତି ଆଜି ନିଜକୁ ଆହୁରି ଅଧିକ ସୁନ୍ଦର ମନେ କରୁଥିଲା ! ସେ ଲାଞ୍ଜ ହଲାଇ ହଲାଇ ପୂଜାକୁ ଚାହିଁ ରହିଲା। ପୂଜା ତା' କପାଳରେ ଚୁମ୍ବନ ଦେଇ କହିଲା,

"ଚାନ୍ଦ, ତୁ ମୋର ସବୁଠାରୁ ଭଲ ସାଙ୍ଗ। ମୁଁ ତୋତେ ସବୁବେଳେ ଭଲ ପାଇବି। ଚାନ୍ଦ ତା' ଜିଭ ବଢ଼ାଇ ପୂଜାର ହାତକୁ ଚାଟିଦେଲା। ପୂଜା ଖିଲିଖିଲି ହୋଇ ହସି ଉଠିଲା।ସେତେବେଳେ ମାଆ ପାଖରେ ଠିଆ ହୋଇ ସବୁ ଏ ଦୃଶ୍ୟ ଦେଖୁଥିଲେ। ସେ

ପୂଜାର ମୁଣ୍ଡରେ ହାତ ରଖି କହିଲେ, ଆରେ ମା 'ପୂଜା, ରକ୍ଷାବନ୍ଧନର ଅର୍ଥ କେବଳ ମଣିଷ ମଣିଷ ମଧ୍ୟରେ ଭଲପାଇବା ନୁହେଁ। ଯେଉଁ ଜୀବ ଆମକୁ ଭଲପାଏ, ତା' ପ୍ରତି ଦୟା, ସ୍ନେହ ଓ ଯତ୍ନ ଦେଖାଇବା ମଧ୍ୟ ଆମର ଦାୟିତ୍ୱ। ପୂଜା ମୁଣ୍ଡ ହଲାଇଲା। ହଁ ମାଆ। ମୁଁ ଚାନ୍ଦକୁ ସବୁବେଳେ ଭଲ ଭାବରେ ରଖିବି। ସେଦିନଠାରୁ ଚାନ୍ଦର ବେକରେ ବନ୍ଧା ରାକ୍ଷୀଟି କେବଳ ଏକ ସୂତା ହୋଇ ରହିଲା ନାହିଁ। ତାହା ପୂଜା ଓ ଚାନ୍ଦ ମଧ୍ୟରେ ଥିବା ନିର୍ମଳ ସ୍ନେହର ପ୍ରତୀକ ହୋଇଗଲା।ଆକାଶରେ ସେଦିନ ପୂର୍ଣ୍ଣିମାର ଚନ୍ଦ୍ର ହସୁଥିଲା। ଆଉ ଗୁହାଳ ଭିତରେ ପୂଜାର ଚାନ୍ଦ ମଧ୍ୟ ନୂଆ କପଡ଼ା ଘୋଡ଼େଇ, ବେକରେ ରାକ୍ଷୀ ପିନ୍ଧି, ଖୁସିରେ ଠିଆ ହୋଇଥିଲା। ମାଆ କହିଲେ; ମା ପୂଜା - ଭଲପାଇବାର ଭାଷା, ମଣିଷ କି ପଶୁ କେହି ବି ବୁଝିପାରେ। ଯେଉଁ ହୃଦୟରେ ଦୟା ଓ ସ୍ନେହ ଥାଏ, ସେଇଠି ପ୍ରତିଦିନ ରକ୍ଷାବନ୍ଧନ ହୁଏ।

ରାଜେନ୍ଦ୍ରପୁର, ବାରିକପୁର ବଜାର,ଭଦ୍ରକ
ମୋ:୯୪୩୭୭୩୧୯୦୩

ଆମ ଗାଁ ଜଗୁ ସାହୁଙ୍କ ଅଷ୍ଟପ୍ରହରୀ ନାମ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଅଷ୍ଟ ପ୍ରହରୀ, ସାରଳାର୍ଥରେ ଆଠ ପ୍ରହର, ଯାହାର ଏକ ଅହୋରତ୍ର ବା ୨୪ ଘଣ୍ଟା ସୂର୍ଯ୍ୟ ଏକ ଦିନ ଉଦୟ ବେଳରୁ ପରଦିନ ଉଦୟ ସମୟ ଯାଏ। ବା ଏକ ଦିନ ସୂର୍ଯ୍ୟାସ୍ତରୁ ପରଦିନ ସୂର୍ଯ୍ୟାସ୍ତ ଯାଏ ସମୟ। ଏଠାରେ ପ୍ରହରୀ ଲଗାଯିବାରୁ ଅନ୍ୟ କେତେ ଅର୍ଥ ଉଙ୍କି ମାରୁଛି। ଏକ ପ୍ରହର ବ୍ୟାପ୍ତି ତିନି ଘଣ୍ଟା। ପ୍ରହରୀମାନେ ଏକ ସ୍ଥାନରେ ଏତିକି ସମୟ କର୍ତ୍ତବ୍ୟରତ ରହୁଥିଲେ। ଏହା ପୂର୍ବେ କଟୁଆଳ ପ୍ରଶାସନରେ ବିଭିନ୍ନ ସ୍ଥାନରେ ଡିଉଟିରେ ମୁତୟନ କରାଯାଉଥିଲା। ଅବଶ୍ୟ ଏ ସମୟରେ ସହରୀ ଛକ ମାନଙ୍କରେ ଏପରି ରକ୍ଷାର ଯାନ ନିୟନ୍ତ୍ରଣକାରୀ ଟ୍ରାଫିକ ପୋଲିସ ବାବୁ ମାନଙ୍କୁ ଏପରି କର୍ତ୍ତବ୍ୟ ରତ ହେବା ଦେଖାଯାଉଛି। ନେପାଳରେ ଏବେ ବି ଅଛି ବଡ଼ ପ୍ରହରୀ କାର୍ଯ୍ୟାଳୟ, ଯାହା ସୀମା ଫାଟକକୁ ନିୟନ୍ତ୍ରଣ ପ୍ରହରୀ ପଠାଇ ଜଗୁଆଳିରକ୍ଷୀ କାମ କରାଉଛନ୍ତି। ଆମର ଅଷ୍ଟର ପ୍ରୟୋଗ ଦିଗ ସମ୍ବନ୍ଧରେ ଆସେ, ଅଷ୍ଟ ଶମ୍ଭୁ କହିଲେ ପ୍ରତି ସ୍ଥାନର ଆଠ ଦିଗ ୪କୋଣ ଚାରି ପଟ ସ୍ଥାନରେ ପ୍ରତିଷ୍ଠିତ ଶିବ ଲିଙ୍ଗଙ୍କୁ ବୁଝାଉଛି। ପ୍ରତି ସ୍ଥାନର ଇଶାନ କୋଣର ମାଲିକ ଇଷାନ ବା ଶିବ, ଏକ ସ୍ଥାନରେ ଯଦି ଅନ୍ୟ ସ୍ଥାନ ମାନ ଜଡ଼ିତ ହେବ, ତେବେ ପ୍ରତିସ୍ଥାନ ଇଶାନ ଦେବଦେବ ମହାଦେବ, ସଂସାର ବିଷ ହରଙ୍କୁ ମାନ୍ୟତା ପାଇଁ ଏପରି କୌଶଳ ଶୈବ ସାଧକମାନେ କରି ନିଜ ମଧ୍ୟରେ କଳି ନକରିବା ପାଇଁ କୌଶଳ ଲଗାଇଛନ୍ତି।

'ବାନ୍ଧବାଃ ଶିବଭକ୍ତନାଂ' ଏ ଉକ୍ତି ସୂଚାଉଛି। କଳିଯୁଗରେ କିଛି ଦିବ୍ୟ ନାମ, ମନ୍ତ୍ର ଅଛି, ସେ ସ୍ୱୟଂ ସିଦ୍ଧ, ତାହା ଭିତରେ 'ନମଃ ଶିବାୟ' ଏକମନ୍ତ୍ର, ଏ ଶୈବ୍ୟ ଉପାସକଙ୍କ ମନ୍ତ୍ର। ଶ୍ରାବଣୀ ଜଳ ବାହକ କାଉଡିଆ ବାହକ ମାନେ ନଦୀର ଜଳ ତୋଳା ଘାଟରୁ ଉଦ୍ଦିଷ୍ଟ, ଇପ୍ସିତ ଶିବ ମନ୍ଦିରର ଶିବଲିଙ୍ଗରେ ଜଳ ଢାଳିବା ଯାଏ ଏହି ନମଃ ଶିବୟ ଉଚ୍ଚାରଣ କରି ଯିବା ମୂଳ ନିୟମ। ସହଜିଆ ବୈଷ୍ଣବ ଧର୍ମରେ କଳିଯୁଗର ତାରକ ମନ୍ତ୍ର ସହ ମାଗଦର୍ଶକ ଗୁରୁ ମାନଙ୍କ ଦତ୍ତ ମନ୍ତ୍ର ଜପ ଭଜନ ଏକାଗ୍ରତାରେ ପାଠ କରିଲେ ବଡ଼ ବଡ଼ ସଙ୍କଟ, ଭ୍ରାନ୍ତି, ଅକାଳ, ପ୍ରାକୃତିକ ବିପର୍ଯ୍ୟୟ ଚଳିଯାଏ, ଏ ବିଶେଷ ଦୃଢ଼ ବିଶ୍ୱାସ ଲୋକଙ୍କର ଅଛି, ମାତ୍ର ଏହା ସୁପ୍ତ ଏହାକୁ ସବୁ ସମ୍ପ୍ରଦାୟ ଗୁରୁ, ଆଚାର୍ଯ୍ୟମାନେ ଜାଗ୍ରତ କରାନ୍ତି। ଖାଲି ହିନ୍ଦୁ ଧର୍ମରେ ନୁହେଁ ଅନ୍ୟ ଧର୍ମରେ ଅଛି, ଅଖଣ୍ଡ ପାଠ। ଶ୍ରୀଚୈତନ୍ୟ ଦେବ ଆମ ରାଜ୍ୟରେ ସେହି ସୁପ୍ତ ଧାରାକୁ ଉଜ୍ଜୀବିତ କରାଇ ନାମ ଭଜନ, ନାମ ଜପ, ଧାରାକୁ ପୁନଃ ପ୍ରତିଷ୍ଠିତ କରିଯାଇଛନ୍ତି। ଏହା ଏକ ଯଜ୍ଞ, ନାମ ଯଜ୍ଞ, ମୋର ମନେ ଅଛି ଏପରି ଆମେ ଗ୍ରାମ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ପଢ଼ିବା ବେଳେ ଏମିତି ଏକ ଅଷ୍ଟ ପ୍ରହରୀ ଆମ ଗ୍ରାମର ଏକ କେନ୍ଦ୍ର ସ୍ଥଳ ଉମାପୋଖରୀ ପାଖ ବଟ ଓଷ୍ଟ ଯୋଡ଼ି ମୂଳ ଖୋଲା ରାସ୍ତା ଉପରେ ହୋଇଥିଲା ଏହାର କର୍ତ୍ତା ଥିଲେ ଜଗବନ୍ଧୁ ସାହୁ ଆମର ଗ୍ରାମର ଜଣେ ନାମଜାଦା ପଟ୍ଟବଣିକ କୁଳଜାତ, ସୁସ୍ଥ ସବଳ ମଣିଷ। ସେ ଭାଗବତ ସାହୁଙ୍କ କନିଷ୍ଠ ଭାଇ, ଭାଗବତ ସାହୁ ଜଣେ ଭଲ କୃଷିଜୀବୀ ସାହୁକାର ଥିଲେ। ତାଙ୍କର ଅନେକ ଚାଷ ଜମି ଥିଲେ ସେ ପୁରୁଣା ଘରୁଆ, ନାମକରା ତାଙ୍କର ଦେହାନ୍ତ ହୋଇ ଯିବାପରେ ତାଙ୍କ ଭାଇ ରଘୁ ଓ ଜଗୁ ସେହିପରି ସାହୁକାର ପରି ଚଳଣିରେ ରହି ପାରିନଥିଲେ। ହେଲେ ତାଙ୍କ ଗୁରୁଜାଣ ସ୍ୱ ଶ୍ରମ ଓ କିଞ୍ଚିତ ଚାଷ ଜମିରେ ଚଳି ଯାଉଥିଲା। ରଘୁ କଲିକତାରେ ଝୋଟ ଶିଳ୍ପ କାରଖାନା ଶ୍ରମିକ ରହି ଭଲଅର୍ଜନ କରିଥିଲେ। ଜଗୁ ଗ୍ରାମରେ ଜଣେ ପ୍ରବୀଣ କୃଷିଜୀବୀ, କାଠ ହଣା, ମାଟିଘର ନିର୍ମାଣର କାଠୁ ଦିଆ କାଁଥିଆ ମସ୍ତୀ ଥିଲେ।

ତାଙ୍କର ପୁରୀ ଧାମ ପ୍ରାୟ ଚାଷ ଫାଙ୍କା ବେଳେ ସବୁ ବର୍ଷ ପ୍ରଭୁ ଦର୍ଶନରଥ ଟଣା ଟୁଙ୍କ ଥିଲା। ସେ ଏହି ଅଷ୍ଟ ପ୍ରହରୀ ନାମକୀର୍ତ୍ତନ କରିବାକୁ ମାନସ କରି ତାଙ୍କ ଜଣେ ତାସ ଖେଳ ସାଥି ଅର୍ଜୁନ ବେହେରା କୁମ୍ଭକାର ମିସ୍ତାଙ୍କ ସହ ପରାମର୍ଶ କରି, କୀର୍ତ୍ତନ ଦଳ ଶ୍ରୋତା ଗଣଙ୍କ ପ୍ରସାଦ ରନ୍ଧନ ପାଇଁ ଗ୍ରାମର ଶୁଦ୍ଧ ପୂଜାହାରୀ ବ୍ରାହ୍ମଣ ନଟବର ପଣ୍ଡାଙ୍କ ପାଖରେ ଭୋଜନ ଉପକରଣର ସଂଗ୍ରହ ତାଲିକା, ନେବାସହ ତାଙ୍କର ସ୍ଥାନରେ ରୋଷେଇ ବ୍ୟବସ୍ଥା ଆଦି କରି ସଞ୍ଚିତ ପୁଞ୍ଜି ଅନୁସାରେ ଦ୍ରବ୍ୟ ସଂଗ୍ରହ କଲେ, ଏହି ନଟବର ନାନା ଆମ ଗ୍ରାମ ନୃସିଂହ ନାଥ ଠାକୁର ବାଡ଼ିର ପୂଜକ ସେବକ ପୁଣି ପୁପକାର କାର୍ଯ୍ୟ ବହୁ ବର୍ଷ ଧରି କରୁଥିଲେ। ତାଙ୍କ ଠାକୁର ସେବାନୀତି ନିଷ୍ଠା ପୂର୍ଣ୍ଣ ଥିଲା। ତାଙ୍କର ସମ୍ମାନ ଗ୍ରାମଜନଙ୍କ ମଧ୍ୟରେ ରହିଥିଲା। ବର୍ତ୍ତ

ପାରାଦୀପରୁ ଶ୍ରୀକ୍ଷେତ୍ର ପୁରୀ ନିଶା ନିବାରଣ ସଚେତନତା ଅଭିଯାନ

ପାରାଦୀପ (ଅମୃତ ମିଡିଆ) : ଦେଶରେ ନିଶା ମୁଖ୍ୟତଃ ଭାବେ ବ୍ରାଉନ ସୁଗାର ଡ୍ରଗ୍ସ ବ୍ୟବହାର ଓ କାରବାର ବୃଦ୍ଧି ପାଇ ସାଧାରଣରେ ଚିନ୍ତାର କାରଣ ପାଲଟିଥିବା ବେଳେ ଆଇନଜୀବୀ ଗତିକୃଷ୍ଣ ଶତପଥୀଙ୍କ ନେତୃତ୍ୱରେ ଗଠିତ ବାଣୀଧାରା ସଂଗଠନ ୱାର ଏଗନେଷ୍ଟ ଡ୍ରଗ ଆବ୍ୟୁଜ (ୱାଦା) ଅଭିଯାନ ମାଧ୍ୟମରେ ବିଭିନ୍ନ ବର୍ଗର ଜନସାଧାରଣ ଓ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନ ହେଉଛି । ଏହି ଅଭିଯାନ ଦ୍ୱାରା ଭାରତ ବର୍ଷର ଯୁବ ସମାଜକୁ ଅବୈଧ ନିଶା କବଳରୁ ରକ୍ଷା କରି ଦେଶର ମେରୁଦଣ୍ଡ ସୁଦୃଢ଼ କରିବା ମୂଳ ଲକ୍ଷ୍ୟ । ଏହି ଅବସରରେ ଗତ ସ୍ୱାଧୀନତା ଦିବସ ଅଗଷ୍ଟ ୧୫ ତାରିଖ ଦିନ ଠାରୁ ୧୯ ଅଗଷ୍ଟ ପର୍ଯ୍ୟନ୍ତ ୱାଦା ଅଭିଯାନର ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ଏକ ମାରାଥନ କ୍ୟାମ୍ପେନ ଆୟୋଜିତ ହୋଇଥିଲା । ଏହି ଅବସରରେ ସ୍ୱେଚ୍ଛାସେବୀ ମାନେ ଅଗଷ୍ଟ ୧୫ ତାରିଖ ଦିନ ପାରାଦୀପର ଗୋପବନ୍ଧୁ ଷ୍ଟାଡିୟମ ଠାରୁ ବାହାରି କୁଜଙ୍ଗ, କଟକ, ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରି ୧୭ ତାରିଖ ଦିନ ପୁରୀରେ

ପହଞ୍ଚି ୧୮ ତାରିଖ ଦିନ ସମୁଦ୍ର କୂଳରେ ବିଭିନ୍ନ ସ୍ଥାନ ମାନଙ୍କରେ ପୋଷ୍ଟର ଲଗେଇ ପର୍ଯ୍ୟଟକ ମାନଙ୍କୁ ପତ୍ର ଦେଇ ସଚେତନ କରିଥିଲେ । ୧୯ ତାରିଖ ଦିନ ସକାଳ ୮.୩୦ ରେ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରୁ ଏକ ସଚେତନ ପଦଯାତ୍ରା ଆରମ୍ଭ ହୋଇ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ । ୧୧.୩୦ ମିନିଟ ସମୟରେ ପୁରୀ ସରକାରୀ ମହିଳା ମହାବିଦ୍ୟାଳୟରେ 'ଅବୈଧ ଡ୍ରଗ୍ସକୁ ରୋକିବାରେ ଛାତ୍ରଛାତ୍ରୀମାନଙ୍କ ଭୂମିକା' କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡା. ସ୍ମିତା ସାହୁ ସଭାପତିତ୍ୱ କରିଥିଲେ । ଏଥିରେ ଆନ୍ତର୍ଜ୍ୟାତିୟ ସ୍ପିକର ଡ୍ରାଇଭର ଡା.ସବିର ବକ୍ସ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ । ପୁରୀ ଜିଲ୍ଲାର ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୌମ୍ୟରଞ୍ଜନ ମଲ୍ଲିକ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଉପସ୍ଥିତ ଛାତ୍ରମାନଙ୍କୁ ଅବୈଧ ଡ୍ରଗ୍ସକୁ ନେଇ ଆଇନ ଶୃଙ୍ଖଳା ବିଷୟରେ ଆଲୋକପାତ କରିଥିବା ବେଳେ, ୱାଦା ଅଭିଯାନର ଅଞ୍ଚଳ ଭାରତୀୟ ସଂଯୋଜକ ଆଇନଜୀବି ଗତିକୃଷ୍ଣ ଶତପଥୀ ଛାତ୍ରଛାତ୍ରୀମାନେ କିପରି ସମାଜ ଓ ରାଷ୍ଟ୍ର ପ୍ରେମର ନିଶାରେ ନିଜକୁ ସମର୍ପିତ କରି ମାନନୀୟ ପ୍ରଧାନ ମନ୍ତ୍ରୀଙ୍କ ନିଶା ମୁକ୍ତ ଭାରତ ଅଭିଯାନ ସଫଳ କରିବାରେ ନିଜର ଭାଗୀଦାରୀ ରଖିବାକୁ ପ୍ରେରଣା ଦେଇଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀମାନେ ଉପସ୍ଥିତ ରହି ସହଯୋଗ କରିବା ସହିତ ନିଜ ନିଜର ମତ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଂଯୋଜକ କଙ୍କତରୁ ସ୍ୱାଇଁ, ମହାବିଦ୍ୟାଳୟ ସଂଯୋଜକ ସତ୍ୟ ସୁନ୍ଦର ସାମନ୍ତରାୟ, ଯୁବ ସଂଯୋଜକ ନିରୋଜ କୁମାର ବେହେରା, ନରହରି ତରାଇ, ଯୁବରାଜ ଖୁଣ୍ଟିଆ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ତେବେ ଏହି ଡ୍ରଗ୍ସ ବ୍ୟବହାର ଓ କାରବାର ବେନିୟନ୍ତ୍ରିତ ହୋଇପଡିଥିବା ବେଳେ ଗତିକୃଷ୍ଣ ଓ ତାଙ୍କ ସଂଗଠନର ସଚେତନତା ଅଭିଯାନ ବେସ ପ୍ରଭାବି ହେଉଥିବା ଦେଖିବାକୁ ମିଳୁଛି ।

ସୁକିନ୍ଦାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଯାଜପୁର (ଅମୃତ ମିଡିଆ) : ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ପରିସରରେ ବ୍ଲକ ସ୍ତରୀୟ 'ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ' ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ ?ଘାଟନ କରିଥିଲେ। ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କୁ ସରକାରୀ ସାମାଜିକ ସୁରକ୍ଷା ଯୋଗାଇଦେବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ ପ୍ରକାଶ କରିଥିଲେ। ମନ୍ତ୍ରୀ ଶ୍ରୀ ବଳ ସାମନ୍ତ ନିଜ ବକ୍ତବ୍ୟରେ କହିଥିଲେ 'ଭିନ୍ନକ୍ଷମମାନେ ସମାଜର ଆବଶ୍ୟକୀୟ ଅଙ୍ଗ, ସେମାନେ କୌଣସି ଗୁଣରେ କାହାରିଠାରୁ କମ୍ ନୁହଁନ୍ତି। ସେମାନଙ୍କର ଆତ୍ମବିଶ୍ୱାସ ଓ ପ୍ରତିଭାକୁ ସଠିକ୍ ଦିଗଦର୍ଶନ ଦେବା ଏବଂ ସେମାନଙ୍କୁ ସାମାଜିକ ଓ ଅର୍ଥନୈତିକ ଭାବେ ସଶକ୍ତ କରିବା ପାଇଁ ଆମ ସରକାର ସଦାସର୍ବଦା ବଦ୍ଧପରିକର। ଏହି ଶିବିର କେବଳ ସହାୟତା ବଣ୍ଟନର ମାଧ୍ୟମ ନୁହେଁ, ବରଂ ସେମାନଙ୍କ ଜୀବନରେ ଆଶା ଓ ସ୍ୱାବଲମ୍ବନର ନୂତନ

ଆଲୋକ ଭରିବାର ଏକ ନିଷ୍ଠାପର ପ୍ରୟାସ।'ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଦିବ୍ୟ ରଞ୍ଜନ ବରାଳ, ଉପାଧ୍ୟକ୍ଷା ଶ୍ରୀମତୀ ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ଜାନକୀ ହେମ୍ବ୍ରମ, ତହସିଲଦାର, ବ୍ୟାସନଗର ମାନସ ରଞ୍ଜନ ତ୍ରିପାଠୀ, ସଞ୍ଜିତ୍ କୁମାର ମହାନ୍ତି ଏବଂ ରମଣୀ ରଞ୍ଜନ ବଳ ସାମନ୍ତ ସଂଚାଳିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିବିରରେ ସୁକିନ୍ଦା ବ୍ଲକର ବିଭିନ୍ନ ପ୍ରାନ୍ତରୁ ମୋଟ ୨୯୦ ଜଣ ଭିନ୍ନକ୍ଷମ ହିତାଧିକାରୀ ଅଂଶଗ୍ରହଣ କରି ନିଜର ନାମ ପଞ୍ଜୀକରଣ କରିଥିଲେ। ଏଥିମଧ୍ୟରୁ ଅସ୍ଥିଗଲ୍ୟ ବିଭାଗରେ ୧୫୭ ଜଣ, କର୍ଣ୍ଣ/ନାସା/ଗଳା/ଶ୍ରବଣ ବାଧିତ ବିଭାଗରେ ୬୨ ଜଣ, ମାନସିକ ବାଧିତ ବିଭାଗରେ ୩୫ ଜଣ, ଦୃଷ୍ଟି ବାଧିତ ବିଭାଗରେ ୩୧ ଜଣ ଏବଂ ଭେଷଜ/ବହୁବିଧ ବାଧିତ ବିଭାଗରେ ୫ ଜଣ ହିତାଧିକାରୀ ସାମିଲ ହୋଇଥିଲେ। ଏହି ଅବସରରେ ଆବଶ୍ୟକତା ଅନୁଯାୟୀ ହିତାଧିକାରୀଙ୍କୁ ୪ ଟି ହୁଇଲ୍ ଚେୟାର, ୧ ଟି ରୋଲେଟର ଏବଂ ୧ ଟି ଧଳା ବାଡ଼ି ପ୍ରଦାନ କରାଯାଇଥିଲା। ଏହା ସହିତ କ୍ରୀଡ଼ା କ୍ଷେତ୍ରରେ ନିଜର ଶ୍ରେଷ୍ଠ ଯୋଗଦାନ ପାଇଁ ୨ ଜଣ କୃତୀ ପାରା-ଆଥଲେଟଙ୍କୁ ଅତିଥିମାନଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

ଠକେଇ ଅଭିଯୋଗରେ ଯୁବକ କୋର୍ଟ ଚାଲାଣ

ବାଲିଅନ୍ତା (ଅମୃତ ମିଡିଆ) : ଧଉଳି ଥାନା ପୁଲିସ ଠକେଇ ଅଭିଯୋଗରେ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ସୂତ୍ରରୁ ଜଣାପଡ଼ିଛି ଅଭିଯୁକ୍ତ ଜଣକ ହେଲେ ଦେବଗଡ଼ ଜିଲ୍ଲା କୁଣ୍ଡେହିଗୋଲା ଥାନା ଅନ୍ତର୍ଗତ ଖଲାବେରେଣି ଗ୍ରାମର ସନ୍ତୋଷ କୁମାର ସାହୁ (୩୨)। ସନ୍ତୋଷ ଲକ୍ଷ୍ମୀସାଗର ନିଳକଣ୍ଠେଶ୍ୱର ନଗରରେ ରହୁଥିଲେ କ୍ଷ ଖବରନେବାରେ ଜଣାପଡିଛି ୨୦୨୪ ରେ ଶିଶୁପାଳଗଡ଼ ଶକ୍ତିନଗର ଅଞ୍ଚଳର ସମ୍ମିତ ରାଉଳ ପରିବାର ସହ ପଡ଼ୋଶୀ ଭାବେ ରହୁଥିଲେ ସନ୍ତୋଷ । ସେଠାରେ ରହିବା ସମୟରେ ସେମାନଙ୍କ ମଧ୍ୟରେ ସୁସମ୍ପର୍କ ଗଢ଼ି ଉଠିଥିଲା । ସମ୍ମିତଙ୍କ ପରିବାର ସହ ବିଶ୍ୱାସର ସୁଯୋଗ ନେଇ ସନ୍ତୋଷ ସେମାନଙ୍କୁ ଏକ ଚିକିତ୍ସା ପ୍ରତିଷ୍ଠାନରେ ସ୍ୱତନ୍ତ୍ର ଭାବେ ସରକାରୀ ଚାକିରି କରାଇଦେବାର ପ୍ରତିଶୃତି ଦେଇଥିଲେ । ତାଙ୍କ ପ୍ରତିଶୃତି ଉପରେ ବିଶ୍ୱାସ ରଖି ସମ୍ମିତଙ୍କ ପରିବାର ସନ୍ତୋଷଙ୍କୁ ମୋଟ ୩ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ । ମାତ୍ର ପରବର୍ତ୍ତୀ ସମୟରେ ସନ୍ତୋଷ ନା ପ୍ରତିଶୃତି ଅନୁଯାୟୀ ଚାକିରିର ବ୍ୟବସ୍ଥା କଲେ ନା ସମ୍ମିତଙ୍କ ପରିବାର ଠାରୁ ନେଇଥିବା ସମସ୍ତ ଟଙ୍କା ଫେରସ୍ତ କଲେ । ସମ୍ମିତଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ସନ୍ତୋଷ କେବଳ ୧ ଲକ୍ଷ ୧୦ ହଜାର ଟଙ୍କା ଫେରସ୍ତ କରିଥିଲେ । ମାତ୍ର ସନ୍ତୋଷ ଆଉ ବଳକା ଟଙ୍କା ଫେରାଇବା ପରିବର୍ତ୍ତେ ସମ୍ମିତଙ୍କ ପରିବାର ଠାରୁ ଦୂରେଇ ରହିବାକୁ ଲାଗିଲେ । ଗତ ୧୯ ତାରିଖ ରାତିରେ ସମ୍ମିତ ଏବଂ ତାଙ୍କ ପରିବାର ସଦସ୍ୟମାନେ ସନ୍ତୋଷଙ୍କୁ ଠାବ କରି ଲକ୍ଷ୍ମୀସାଗର ଥାନାକୁ ନେଇ ଆସିଥିଲେ । ଧଉଳି ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତ ସନ୍ତୋଷ କୁମାର ସାହୁଙ୍କୁ ଏହି ଘଟଣାରେ ଗିରଫ କରିଥିଲେ ।

ଭାଜପା ପକ୍ଷରୁ ମଣ୍ଡଳସ୍ତରୀୟ ବୈଠକ

ଚଣ୍ଡିଖୋଲ (ଅମୃତ ମିଡ଼ିଆ) : ବଡଚଣା ଭାଜପା ପକ୍ଷରୁ ଛତିଆ ସ୍ଥିତ ଅମରାବତୀ ମଣ୍ଡପ ଠାରେ ବୁଥ ସ୍ତରରୁ ସଂଗଠନକୁ ସୁଦୃଢ଼ କରିବା ସହ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସଫଳ ରୂପାୟନ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିବ ଏଥି ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସମ୍ପାଦକ ବିକାଶ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ତୃଣମୂଳ ସ୍ତରରୁ ସଂଗଠନ ମଜବୁତ କରିବା ସହ ଆମ ସରକାରଙ୍କ ବିଭିନ୍ନ ଜନହିତକର ପ୍ରକଳ୍ପ ଓ ସାଧରଣ ଲୋକଙ୍କ ପାଇଁ ଆସୁଥିବା ସମସ୍ତ ମୌଳିକ ଯୋଜନା ସଫଳ ରୂପାୟନ ଆମର ନୈତିକ ଦାୟୀତ୍ୱ ଓ କର୍ତ୍ତବ୍ୟ ଅଟେ। ବୈଠକରେ ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତ୍ତା ଯେଉଁମାନେ ନିଜର ଦାୟୀତ୍ୱ ନିର୍ବାହ ସଠିକ ଭାବରେ କରୁନାହାନ୍ତି ସେମାନଙ୍କୁ ପାର୍ଟିର ବିଚାରଧାରା ଓ ସେବା ମନୋଭାବ ନେଇ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚି ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ପରାମର୍ଶ ଦେଇଥିଲେ।ବୈଠକ ପ୍ରାରମ୍ଭ ରେ ଭାରତ ମାତା,ଶ୍ୟାମପ୍ରସାଦ ମୁଖାର୍ଜୀ ଓ ଦିନଦୟାଲ ଉପାଧ୍ୟାୟଙ୍କ ତୈଳ ଚିତ୍ରରେ ମାଲ୍ୟର୍ପଣ କରାଯାଇଥିଲା।ଜିଲ୍ଲା ସମ୍ପାଦକ ପ୍ରମୋଦ କୁମାର ଜେନା ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ବୈଠକର ଆଭିମୁଖ୍ୟ ବିଷଦ ଭାବେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ

ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯଚିନ୍ଦ୍ର ପ୍ରସାଦ ନାୟକ, ମଣ୍ଡଳ ସଭାପତି ବିମଳ ପ୍ରସନ୍ନ ପ୍ରଧାନ, ମାନସ ରାଉତ ରାୟ,ବିଶ୍ୱଜିତ ସାମଲ, ରାଜ୍ୟ ପରିଷଦ ସଭ୍ୟ ନାରାୟଣ ସାମଲ, ଜିଲ୍ଲା କମିଟି କୋଷାଧ୍ୟକ୍ଷ ବିନୋଦିନୀ ଦାଶ,ସଭ୍ୟା ସସ୍ମିତାସାମଲ, ଅଭୟ ତରାଇ, ରବିନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ମତାମତ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ନେତା ପଦ୍ମଲାଭ ପଣ୍ଡା,ନିରଞ୍ଜନ ସେନାପତି, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଭାଗ୍ୟଧର ମଲିକ, ସମିତି ସଭ୍ୟ ମଧୁସୂଦନ ବଳ, ଦୀପକ ସାହୁ, ନିଳମଣୀ ରାଉତ, ଲାଲାଟେନ୍ଦୁ ମହାପାତ୍ର, ସରପଞ୍ଚ ସାଗରିକା ତରାଇ, ରଞ୍ଜନ କୁମାର ଦାଶ, ବେଣୁଧର ବିଶ୍ୱାଳ, ଯଯାତି କେଶରୀ ରାଉତ,ସମୀର ରାଉତ,ଅକ୍ଷୟ ରାଉତ ରାୟ,ନବଦ୍ୀପ ନାୟକ, ନମୀତା ରାଉତ,ସମରେନ୍ଦ୍ର ମହାପାତ୍ର, ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ସ୍ମୃତିରଞ୍ଜନ ମହାଲା,ସଂଗ୍ରାମ ବିଶ୍ୱାଳ, ଦୂର୍ଗା ପ୍ରସାଦ ସ୍ୱାଇଁ,ଶକ୍ତିକେନ୍ଦ୍ର ପ୍ରମୁଖ ରଞ୍ଜନ କୁମାର ସାହୁ,ଜ୍ୟୋସ୍ନାରାଣୀ ପ୍ରଧାନ,ଚିନ୍ମୟୀ ସାହୁଙ୍କ ସହ ବଡଚଣା,ମହାବିନାୟକ ଓ ଛତିଆ ମଣ୍ଡଳ ସମସ୍ତ ପଞ୍ଚାୟତ ପ୍ରମୁଖ, ପ୍ରଭାରୀ, ସରପଞ୍ଚ, ସମିତି ସଭ୍ୟ, ବୁଥ ସଭାପତି ମାନେ ଉପସ୍ଥିତ ହୋଇଥିଲେ। ଶେଷରେ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଧ୍ୟାକ୍ଷ ସାନୀ ଜାରିକା ଧନ୍ୟବାଦ ଅର୍ପଣ କରିଥିଲେ।

ଲିଙ୍ଗରାଜ ମହାପ୍ରଭୁଙ୍କ ସମସ୍ୟା ନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅବଗତ

ବାଲିଅନ୍ତା (ଅମୃତ ମିଡିଆ) : ଅଗ୍ରଣୀ ସ୍ୱଚ୍ଛାସେବୀ ସଙ୍ଗଠନ ସେବା ପ୍ରତିନିଧିର ମୁଖ୍ୟ ନୀଳମଣି ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନାଙ୍କ ନିକଟରେ ମହାପ୍ରଭୁ ଲିଙ୍ଗରାଜଙ୍କ ସମସ୍ୟା ଅବଗତ କରିଥିଲେ। ମହାପ୍ରଭୁ ଲିଙ୍ଗରାଜଙ୍କ ସୂଚନା କେନ୍ଦ୍ର ଖୋଲିବା, ମହାପ୍ରଭୁ ଲିଙ୍ଗରାଜଙ୍କୁ ସୁରକ୍ଷା ଦେଉଥିବା ସୁରକ୍ଷା କର୍ମୀଙ୍କୁ ବର୍ଷା ,କାକର ,ଖରା ଦାଉରୁ ରକ୍ଷା କରିବାପାଇଁ ଷ୍ଟାପ ଅଫିସ୍ ରୁମ୍ , ମନ୍ଦିର ଭିତରେ ଥିବା ଖରାପ ସି ସି ଟିଭିକୁ କାର୍ଯ୍ୟକାରୀ କରାଇବା, ମନ୍ଦିରରେ ଭଜନ ଜଣାଣ ମାଇକ୍ ଯୋଗେ ଗାନ କରାଇବା। ମହାପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନାଭିଳାଷୀଙ୍କ ରାତ୍ରୀ ଯାପନ ପାଇଁ ଗୃହର ବ୍ୟବସ୍ଥା କରାଇବା, ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଗାଡି ମଟର ରହଣି ପାଇଁ ମ୍ୟୁନିସିପାଲଟି ଆଦାୟ କରୁଥିବା ଅର୍ଥ ମନ୍ଦିରକୁ ଦେବା, ଲିଙ୍ଗରାଜ ମହାପ୍ରଭୁଙ୍କ ୧୪ ନୀତିରୁ ବନ୍ଦ ହୋଇ ଥିବା ୧୦ ନୀତିକୁ କାର୍ଯ୍ୟକାରୀ କରାଇବା ପ୍ରଭୃତି ଦାବି ଶ୍ରୀ ମିଶ୍ର କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ଶ୍ରୀ ମିଶ୍ରଙ୍କ କଥାର ଉତ୍ତର ଦେଇ କହିଥିଲେ :- ସୂଚନା କେନ୍ଦ୍ର ନିକଟରେ ଟେଣ୍ଡର ହୋଇଯାଇଅଛି । ତାହା ଜୋତା ଷ୍ଟାଣ୍ଡ ନିକଟରେ କରାଯିବ ଏବଂ ସୁରକ୍ଷା କର୍ମୀଙ୍କ ପାଇଁ ବ୍ୟବସ୍ଥା ହୋଇଯାଇଅଛି ।ସି ସି ଟିଭି, ଯାତ୍ରୀମାନଙ୍କ ରାତ୍ରୀ ଯାପନ ବ୍ୟବସ୍ଥା ନିକଟରେ ସମାଧାନ କରାଯିବ ।ଗାଡି ଟିକସ ମ୍ୟୁନିସିପାଲଟି ମନ୍ଦିର କାର୍ଯ୍ୟାଳୟକୁ ଦେବେ। ଯେଉଁ ସେବାୟତମାନଙ୍କର ଯାହା ପ୍ରାପ୍ୟ ତାହା ଧର୍ଯ୍ୟ ପାଇଁ ଶୀଘ୍ର ବ୍ୟବସ୍ଥା କରାଯାଉଅଛି। ସେବାୟତମାନଙ୍କୁ ପରିଚୟପତ୍ର ପ୍ରଦାନ କରିବା ପାଇଁ ବ୍ୟବସ୍ଥା ଚାଲିଛି। ଲିଙ୍ଗରାଜ ମହାପ୍ରଭୁଙ୍କ ସ୍ୱତନ୍ତ୍ର ଆୟ ନିମନ୍ତେ ବ୍ୟାଙ୍କ ଜରିଆରେ ହୁଣ୍ଡି ବ୍ୟବସ୍ଥା ଚାଲୁ ରହିଛି। ନିକଟରେ ମହାପ୍ରଭୁ ଲିଙ୍ଗରାଜଙ୍କ ନିମନ୍ତେ ସାମୁଦ୍ରିକ ସଫେଇ କାର୍ଯ୍ୟ କରିବା ପାଇଁ ବ୍ୟବସ୍ଥା କରାଯାଉଛି। ପରିଶେଷରେ ଶ୍ରୀ ମିଶ୍ର ଅତିରିକ୍ତ ଜିଲ୍ଲାପାଳଙ୍କ ମହତ କାର୍ଯ୍ୟ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

ବାଲିଅନ୍ତା ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବାଲିଅନ୍ତା (ଅମୃତ ମିଡିଆ) : ବାଲିଅନ୍ତା ପଞ୍ଚାୟତ ସମିତି ଆନୁକୂଲ୍ୟରେ" ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର" ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବାଲିଅନ୍ତା ପଞ୍ଚାୟତ ସମିତି ଅଧୀନରେ ଥିବା ୧୬ ଟି ଗ୍ରାମପଞ୍ଚାୟତର ଦିବ୍ୟାଙ୍ଗ ବ୍ୟକ୍ତିମାନେ ସେମାନଙ୍କର ପଞ୍ଜିକରଣ କରି ଡାକ୍ତର ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସେବା ପାଇଥିଲେ। ଆଜିର ଶିବିରରେ ସର୍ବମୋଟ ୧୪୧ ଜଣ ଭିନ୍ନକ୍ଷମ ବାକ୍ତି ପଞ୍ଜିକୃତ କରି ଥିଲେ, ତନ୍ମଧ୍ୟରୁ ଶାରୀରିକ ଅକ୍ଷମ ପାଇଁ ୭୪ ଜଣ, ଦୃଷ୍ଟିହୀନ ପାଇଁ ୧୨ ଜଣ , ଶ୍ରବଣ ଓ ବାକଶକ୍ତି ବାଧିତରେ ୨୫ ଜଣ ଏବଂ ମାନସିକ ଅନଗ୍ରସର ପାଇଁ ୩୦ ଜଣ ଆସିଥିଲେ । ଏହି ଶିବିରରେ ଡାକ୍ତରି ପରୀକ୍ଷଣ ପରେ ୭୫ ଜଣ ଭିନ୍ନକ୍ଷମଙ୍କ ସାର୍ଟିଫିକେଟ ନିର୍ଦ୍ଧାରିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ ଓ ଖୋରଧା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ ଉଦଘାଟନ କରିଥିଲେ। ଏହି ଶିବିରରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶୁଭଶ୍ରୀ ଦାସ, କୁନିୟର ଆସିଷ୍ଟାଣ୍ଟ ଶିବ ପ୍ରସାଦ ଭଟ୍ଟ ଓ ପିଏ ନାରାୟଣ ଦାସ ଓ ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ରହି ଏହି ଶିବିରକୁ ସୂଚାରୁ ରୂପେ ପରିଚାଳନା କରିଥିଲେ।

ଆଇଆଇଏମଟି ସହ ବିଶ୍ୱ ଦକ୍ଷତାକେନ୍ଦ୍ରର ବୁଝାମଣାପତ୍ର ସ୍ୱାକ୍ଷର

ଭୁବନେଶ୍ୱର (ବ୍ୟୁରୋ) : ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି) ଛାତ୍ରଛାତ୍ରୀଙ୍କ ତାଲିମ ଏବଂ ନିଯୁକ୍ତି କ୍ଷେତ୍ରରେ ସହଯୋଗ ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ର , ଭୁବନେଶ୍ୱର ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି ।ଏହି ବୁଝାମଣାପତ୍ରରେ ବିଶ୍ୱ ଦକ୍ଷତା କେନ୍ଦ୍ର ଅଧକ୍ଷ ଡକ୍ଟର ଶୁଭାଙ୍ଗ କିଶୋର ଦାସଙ୍କ ଉପସ୍ଥିତିରେ ଆଇଆଇଏମଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଜୟଦେବ କର ସ୍ୱାକ୍ଷର କରିଛନ୍ତି। ଏହି ସହଭାଗୀତା ଆଇଆଇଏମଟି ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ର ମଧ୍ୟରେ ଏକ ଦୃଢ଼ ସଂସ୍ଥାଗତ ସଂଗଠନ ପ୍ରତିଷ୍

ସମସ୍ୟାଘେରରେ ମା'ରକ୍ତମାଉଳୀ ଉଚ୍ଚବିଦ୍ୟାଳୟ

ସିନାପାଲି (ଅମୃତ ମିଡିଆ) : ସିନାପାଲି ବ୍ଲକ ଅନ୍ତର୍ଗତ ଚଳନା ସ୍ଥିତ ମାଁ ରକ୍ତ ମାଉଳୀ ଉଚ୍ଚ ବିଦ୍ୟାଳୟ ବର୍ତ୍ତମାନ ଅବ୍ୟବସ୍ଥା ଘେରରେ ରହିଥିବା ବେଳେ ଅନେକ ସମସ୍ୟା ନେଇ ଗତି କରୁଥିବା ଜଣାପଡ଼ିଛି । ବିଦ୍ୟାଳୟରେ ଦୀର୍ଘ ବର୍ଷ ହେଲା ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷାଦାନରେ ବାଧାପ୍ରାପ୍ତ ହେଉଛି । ଫାଇଭ୍-ଟି ଯୋଜନାରେ ବିଦ୍ୟାଳୟ କୋଠା ନିର୍ମାଣ କରାଯାଇଥିଲା । ହେଲେ ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁଁ ଅଫିସ କୋଠରୀ ର ଛାତ ଭାଙ୍ଗି ବର୍ଷା ପାଣି ପଡୁଥିବା ଦେଖିବାକୁ ମିଳିଛି । ସଂପୃକ୍ତ ଠିକାଦାର ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ଛାଡ଼ି ଦେଇଥିବା ଅଭିଯୋଗ ହୋଇଛି । ଏଠାରେ ନିର୍ମାଣ ହୋଇଥିବା ଏକ ସାଇନ୍ସ ପାର୍କ ନିର୍ମାଣ କାର୍ଯ୍ୟ ମଧ୍ୟ ଅଧପନ୍ତରିଆ ହୋଇ ପଡ଼ିଛି । ତତ୍ ସହିତ ବିଦ୍ୟାଳୟ ରାସ୍ତା ଓ ବାରଣ୍ଡା ପେଭର୍ ବ୍ଲକ ବିଭିନ୍ନ ସମସ୍ୟାରେ ରହିଥିବା ବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳୁନଥିବା ସ୍କୁଲ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି । ପ୍ରାପ୍ତ ସୂଚନାନୁଯାୟୀ ଗତ ୧୯୯୩ ରେ ସ୍ଥାପିତ ହୋଇଥିବା ଏହି ବିଦ୍ୟାଳୟ ବର୍ତ୍ତମାନ ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ ଦଣ୍ଡାୟମାନ ହୋଇ ପାରିଛି । ହେଲେ ବିଭିନ୍ନ ସମସ୍ୟା ଘେରରେ ରହିଥିବା ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀରେ ମୋଟ ୬୮ ଜଣ ଛାତ୍ରଛାତ୍ରୀ ଥିବାବେଳେ ମୋଟ ୬ ଶିକ୍ଷକ କାର୍ଯ୍ୟରତ ଅଛନ୍ତି । ବିଦ୍ୟାଳୟରେ ଦୀର୍ଘ ବାର ବର୍ଷ ହେଲା ବିଜ୍ଞାନ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ଦୁଇ ବର୍ଷ ହେଲା ଗଣିତ ଶିକ୍ଷକ ମଧ୍ୟ ନାହାନ୍ତି । ଯାହା ଫଳରେ ବିଦ୍ୟାଳୟ ଶିକ୍ଷାଦାନରେ ବାଧା ସୃଷ୍ଟି ହୋଇଛି । ସ୍ଥାନୀୟ ଶିକ୍ଷକ ମାନେ ନିଜସ୍ୱ ବ୍ୟବସ୍ଥାରେ ଶିକ୍ଷାଦାନ ବ୍ୟବସ୍ଥା କରୁଛନ୍ତି । ଏପରି ସ୍ଥଳେ ଗତ ୨୦୨୨-୨୩ ଆର୍ଥିକ ବର୍ଷରେ ବିଦ୍ୟାଳୟର ବିକାଶ ପାଇଁ ଲକ୍ଷାଧିକ ଟଙ୍କା ଅଟକଳ ମୂଲ୍ୟ ଫାଇଭ ଟି ଯୋଜନାରେ ମଞ୍ଜୁର ହୋଇଥିଲା । ଏଥିରେ ବିଦ୍ୟାଳୟ କୋଠା, ରାସ୍ତା,ବାରଣ୍ଡା,ସାଇନ୍ସ ପାର୍କ ନିର୍ମାଣ ସହ ବିଦ୍ୟାଳୟର ସୌନ୍ଦର୍ଯ୍ୟ କରଣ ଓ ଅନ୍ୟାନ୍ୟ ଉନ୍ନତ ମାନର ଆନୁଷଙ୍ଗିକ ବ୍ୟବସ୍ଥା ରହିଥିଲା । ହେଲେ ସଂପୃକ୍ତ ଠିକାଦାର ନିର୍ମାନର ନିର୍ମାଣ କାର୍ଯ୍ୟ କରି କାମ ସାରି ଦେଇଥିବା ଅଭିଯୋଗ ହୋଇଛି । ବିଦ୍ୟାଳୟ କୋଠା ନିର୍ମାଣ ରେ ଅନିୟମିତତା ହୋଇଥିବା ବେଳେ ଅଫିସ କୋଠରୀର ଆଯବେଷ୍ଟ ଛାତ ଭାଙ୍ଗି ବର୍ଷା ପାଣି ପଡୁଛି । ରାସ୍ତା ଏବଂ ବାରଣ୍ଡା ପେଭର ବ୍ଲକ ଦବି ବିପଦ ସଙ୍କୁଳ ଅବସ୍ଥାରେ ଅଛି । ଏଠାରେ ନିର୍ମାଣ କରାଯାଇଥିବା ଏକ ସାଇନ୍ସ ପାର୍କ ନିର୍ମାଣ କାର୍ଯ୍ୟ ନିମ୍ନ ମାନର ହେବା ସହ ଅଧପନ୍ତରିଆ ହୋଇପଡ଼ିଛି । ପାର୍କକୁ ଯିବା ପାଇଁ ରାସ୍ତାଟିଏ ମଧ୍ୟ ନିର୍ମାଣ କରାଗଲା ନାହିଁ । ଏ ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷ ସଂପୃକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କୁ ବାରମ୍ବାର ଜଣାଇ କରିଥିଲେ ସୁଦ୍ଧା କାହାରି କଥା କର୍ଣ୍ଣପାତ କରିନଥିବା କହିଛନ୍ତି । ବିଦ୍ୟାଳୟରେ ପାଚେରୀ ନଥିବା ଯୋଗୁଁ ପରିସର ଅସୁରକ୍ଷିତ ଥିବା ସହ ଅବାଧରେ ଗାଈଗୋରୁ ତଥା ବାହାରିଆ ଲୋକେ ପ୍ରବେଶ କରି ପରିବେଶକୁ ନଷ୍ଟ କରୁଛନ୍ତି । ଏଠାରେ ଛାତ୍ରଛାତ୍ରୀମାନଙ୍କ ସୁବିଧା ପାଇଁ ସାଇକେଲ ଷ୍ଟାଣ୍ଡଟିଏ ମଧ୍ୟ ନାହିଁ । ଛାତ୍ରଛାତ୍ରୀ ମାନେ ଖରା ବର୍ଷାରେ ଗଛମୂଳେ ସାଇକେଲ ରଖିବାକୁ ବାଧ ହେଉଛନ୍ତି । ଏ ସମ୍ପର୍କରେ ସ୍ଥାନୀୟ ପ୍ରଧାନ ଶିକ୍ଷକ ନବକିଶୋର ଆଚାର୍ଯ୍ୟଙ୍କୁ ପଚାରିବାରୁ ସଂପୃକ୍ତ ଠିକାଦାର, ଯନ୍ତ୍ରୀ ତଥା ଅଧିକାରୀ ତାଙ୍କ ମନମୁଖୀ କାର୍ଯ୍ୟ କଲେ, ଆମ କଥାକୁ କର୍ଣ୍ଣପାତ କଲେ ନାହିଁ। ଫଳରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି ବୋଲି ପ୍ରକାଶ କରିଥିଲେ। ବର୍ତ୍ତମାନ ବିଦ୍ୟାଳୟ ପାଇଁ ଶିକ୍ଷକ ସହ ସାଏ ଦବ୍ୟଦୃଷ୍ଟ ଯୋଜନା ଆନୁକୁଲ୍ୟରେ ଆଜି କଳାହାଣ୍ଡି ଜିଲ୍ଲାପାଳଙ୍କ ବୈଠକ କକ୍ଷରେ ବିଦ୍ୟାଳୟ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାର ସମସ୍ତ ସରକାରୀ ଓ ସରକାରୀ ସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟର ପ୍ରଥମ ଶ୍ରେଣୀଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା ଓ ମାଗଣା ଚଷମା ବଣ୍ଟନ ପାଇଁ ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ତପସିଲ ଭୁକ୍ତ ଜାତି ଓ ଉପଜାତି ଉନ୍ନୟନ ବିଭାଗ ଏବଂ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗର ଏକ ସମନ୍ୱୟ ବୈଠକକୁ କଳାହାଣ୍ଡି ଜିଲ୍ଲାର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ମୁଖ୍ୟ ଚକସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ସମସ୍ତ ଗୋଷ୍ଠି ଜନସ୍ୱାସ୍ଥ୍ୟ ଅଧିକାରୀ, ଜଇଝଙ୍କ ପରିଚାଳକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଚକ୍ଷୁ ଚିକିତ୍ସା ଅଧିକାରୀମାନେ ଭାଗ ନେଇଥିଲେ । ଉକ୍ତ ବୈଠକରେ ବିଦ୍ୟାଳୟ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନା କରିବା ପାଇଁ ସମସ୍ତ ବିଭାଗର ସମନ୍ୱୟକୁ ଗୁରୁତ୍ୱ ଦିଆଯାଇଥିଲା ।

୧୨ବର୍ଷ ହେଲା ନାହାନ୍ତି ବିଜ୍ଞାନ ଶିକ୍ଷକ
ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ
ନିର୍ମାଣ ନିମ୍ନମାନର ଯୋଗୁଁ ଛାତରୁ ଗଳୁଛି ପାଣି
ଅଧପନ୍ତରିଆ ପଡ଼ିଛି ସାଇନ୍ସ ପାର୍କ

ବିଦ୍ୟାଳୟର ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମ୍ବନ୍ଧରେ ବୈଠକ

ନିଶା ନିବାରଣ ଓ ଭୋଟର ସଚେତନତା କାର୍ଯ୍ୟକ୍ରମ

ବରଗଡ(ଅମୃତ ମିଡ଼ିଆ) : ବିନ୍ଧ୍ୟବାସିନୀ ସ୍ୱାତକ ମହାବିଦ୍ୟାଳୟରେ ଅଧକ୍ଷ ଶ୍ରୀ ଲୋହିତ କୁମାର ବାରିକଙ୍କ ଅଧକ୍ଷତାରେ ନବାଗତ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଏକ 'ପ୍ରବେଶ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଅଧ୍ୟକ୍ଷ ଶ୍ରୀ ବାରିକ ନବାଗତ ଛାତ୍ରଛାତ୍ରୀଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ ଜଣାଇ ମହାବିଦ୍ୟାଳୟର ଶୃଙ୍ଖଳିତ ପରିବେଶ ସଂପର୍କରେ ସୂଚନା ଦେଇଥିଲେ । ପ୍ରାଧାପକ ପ୍ରଦୀପ୍ତ କୁମାର ସାହୁ ନବାଗତ ଛାତ୍ରଛାତ୍ରୀଙ୍କୁ ଜାତୀୟ ଶିକ୍ଷାନୀତି -୨୦୨୦ ଅନୁଯାୟୀ ନିର୍ଦ୍ଧାରିତ ପାଠ୍ୟକ୍ରମ ସଂପର୍କରେ ଅବଗତ କରାଇଥିଲେ । ପ୍ରାଧାପକ ପ୍ରଭାତ କୁମାର ବିଶ୍ୱାଳ ମହାବିଦ୍ୟାଳୟର ଶୈକ୍ଷିକ ପରିବେଶ ସଂପର୍କରେ ଆଲୋଚନା କରିଥିବା ବେଳେ ଅଧାପକ ପ୍ରଦୀପ କୁମାର ଦେଓ୍ୱାନ ଛାତ୍ର ଜୀବନରେ ଶୃଙ୍ଖଳା ଓ ସଂସ୍କାର ତଥା କଠିନ ପରିଶ୍ରମର ଗୁରୁତ୍ୱକୁ ଦର୍ଶାଇଥିଲେ । ଏହା ବ୍ୟତୀତ ନିଶାନିବାରଣ ଓ ଭୋଟର ସଚେତନତା ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା । ପାଇକମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଫୁଲ୍ଲ କୁମାର ଉଦୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମତଦାନ କରି ଦେଶ ଗଠନରେ ସାମିଲ ହେବା ପାଇଁ ପ୍ରେରଣା ଦେଇଥିଲେ । ବ୍ଲକ ପ୍ରଶାସନ କର୍ମଚାରୀ ମାନଙ୍କ ସହ ବି.ଏଲ୍. ଓ. ମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନେ କିଭଳି ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇ ମତଦାନରେ ନିଜକୁ ସାମିଲ କରିପାରିବେ ସେଇଥିପାଇଁ ଉତ୍ସାହିତ କରିଥିଲେ । ସାଂପ୍ରତିକ ସ୍ଥିତିରେ ନିଶା ହେଉଛି ଏକ ସାମାଜିକ ବ୍ୟାଧି ତେଣୁ ନିଶା ଠାରୁ ଦୂରେଇ ରହିବାକୁ ଛାତ୍ରଛାତ୍ରୀ ଙ୍କୁ ଦିଗଦର୍ଶନ ଦେଇଥିଲେ । ଏହି ଅବସରରେ ଏକ ଶପଥ ଗ୍ରହଣ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା । ସଭା ଶେଷରେ ଅଧାପିକା ପୁଷ୍ପମଞ୍ଜରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

୭୭ ଏକର ଜମିରେ ଆଧୁନିକ ପ୍ରଣାଳୀରେ ବାଇଗଣ ଚାଷ

ଯୁବଚାଷୀଙ୍କ ପ୍ରୟାସକୁ କୃଷିମନ୍ତ୍ରୀଙ୍କ ପ୍ରଶଂସା

ଖପ୍ରାଖୋଲ (ଅମୃତ ମିଡିଆ/ଅଶୋକ କୁମାର ବାଗ) : ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକର ଲୁହାସିଂହା ପଞ୍ଚାୟତ ଅନ୍ତର୍ଗତ ବାହାଲଭଟଲି ଓ ଟେଙ୍ଗେରାପଥର ଗାଁରେ ବାଇଗଣ ଚାଷ ଏବେ ଚାଷୀଙ୍କ ପାଇଁ ଆୟର ନୂଆ ଦ୍ୱାର ଖୋଲିବା ସହ ଅନେକ ଶ୍ରମିକ ପରିବାରକୁ ଆତ୍ମନିଯୁକ୍ତିର ସୁଯୋଗ ଦେଇଛି । ପାରମ୍ପରିକ ଚାଷରୁ ଆଗକୁ ବଢ଼ି ଆଧୁନିକ କୃଷି ପ୍ରଣାଳୀ ଆପଣାଇ ଯୁବ ଚାଷୀମାନେ ଏଠାରେ ବାଇଗଣ ଚାଷକୁ ଏକ ସଫଳ କୃଷି ଉଦ୍ୟୋଗର ରୂପ ଦେଇଛନ୍ତି । ବାହାଲଭଟଲି ଗାଁର ଉଚ୍ଚଶିକ୍ଷିତ ଯୁବ ଚାଷୀ ସୁଶାନ୍ତ ମେହେର ପ୍ରାୟ ୨୫ ଏକର ଜମିରେ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ବାଇଗଣ ଚାଷ କରିଛନ୍ତି । ବୁନ୍ଦା ଜଳସେଚନ ବ୍ୟବସ୍ଥା, ଜଳସେଚନ ମାଧ୍ୟମରେ ଉର୍ବରକ ପ୍ରୟୋଗ ଏବଂ କଲମୀ ଚାରା ରୋପଣ ଭଳି ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରି ସେ ଚାଷକୁ ଅଧିକ ଲାଭଜନକ କରିବାର ପ୍ରୟାସ କରିଛନ୍ତି । ସୁଶାନ୍ତ ଗତ କିଛି ବର୍ଷ ଧରି ବିଭିନ୍ନ ପନିପରିବା ଚାଷ କରି ଆସୁଥିବା ବେଳେ ଚଳିତ ବର୍ଷ ସମସ୍ତ ୨୫ ଏକର ଜମିରେ ବାଇଗଣ ଚାଷ କରିଛନ୍ତି । ଏହି ଚାଷ ଫଳରେ ବର୍ଷସାରା ୫୦ରୁ ଊର୍ଦ୍ଧ୍ୱ ଶ୍ରମିକ ନିୟମିତ କାମ ପାଇ ମଜୁରି ଉପାର୍ଜନ କରୁଛନ୍ତି । ଫଳରେ ଏହି ବାଇଗଣ ଚାଷ କେବଳ ଜଣେ ଚାଷୀଙ୍କ ଆୟର ମାଧ୍ୟମ ହୋଇନାହିଁ, ବରଂ ସ୍ଥାନୀୟ ଶ୍ରମିକ ପରିବାରଗୁଡ଼ିକ ପାଇଁ ରୋଜଗାରର ଏକ ବଡ଼ ଆଧାର ପାଲଟିଛି । ଯୁବ ଚାଷୀଙ୍କ ଏହି ଅଭିନବ ପ୍ରୟାସ ଦେଖିବାକୁ କିଛି ଦିନ ତଳେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବାହାଲଭଟଲି ଗାଁରେ ପହଞ୍ଚିଥିଲେ । ସେ ବାଇଗଣ ଚାଷ ଜମି ବୁଲି ଦେଖିବା ସହ ଚାଷୀ ଓ ଶ୍ରମିକଙ୍କ ସହ ଆଲୋଚନା କରିଥିଲେ । ଏପରିକି ଚାଷୀଙ୍କଠାରୁ କିଛି ବାଇଗଣ କିଣି ଚାଷୀଙ୍କ ଉତ୍ପାଦନ ପ୍ରତି ଉତ୍ସାହ ପ୍ରକାଶ କରିଥିଲେ । ବାଇଗଣ ଚାଷ ମାଧ୍ୟମରେ ଏତେ ସଂଖ୍ୟକ ଶ୍ରମିକ ରୋଜଗାର ପାଇଥିବାରୁ ମନ୍ତ୍ରୀ ଖୁସି ବ୍ୟକ୍ତ କରିବା ସହ ଚାଷୀଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ । ଏହି ଅବସରରେ ମନ୍ତ୍ରୀ ଟେଙ୍ଗେରାପଥର ଗାଁରେ ଥିବା ୫୨ ଏକର ଜମିର ଛାପାଡ଼ିଆ କୃଷି ଫାର୍ମରେ ହୋଇଥିବା ବାଇଗଣ ଚାଷ ମଧ୍ୟ ବୁଲି ଦେଖିଥିଲେ । ଫାର୍ମରେ ଉତ୍ପାଦିତ ବାଇଗଣର ବିକ୍ରିବଟା, ଚାଷରୁ ମିଳୁଥିବା ଲାଭ ଏବଂ ଶ୍ରମିକ ନିଯୁକ୍ତି ସମ୍ପର୍କରେ ସେ ଚାଷୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ଚାଷ ଯଦି ଯୁବପିଢ଼ିର ହାତରେ ଉଦ୍ୟୋଗର ରୂପ ନିଏ, ତେବେ ଏହା କେବଳ ଚାଷୀଙ୍କ ଭାଗ୍ୟ ବଦଳାଇବ ନାହିଁ, ଗ୍ରାମୀଣ ଅର୍ଥନୀତିକୁ ମଧ୍ୟ ସୁଦୃଢ଼ କରିବ ବାହାଲଭଟଲି ଓ ଟେଙ୍ଗେରାପଥରର ବାଇଗଣ ଚାଷ ମଧ୍ୟ ବୁଲି ଦେଖିଥିଲେ । ଫାର୍ମରେ ଉତ୍ପାଦିତ ବାଇଗଣର ବିକ୍ରିବଟା, ଚାଷରୁ ମିଳୁଥିବା ଲାଭ ଏବଂ ଶ୍ରମିକ ନିଯୁକ୍ତି ସମ୍ପର୍କରେ ସେ ଚାଷୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ଚାଷ ଯଦି ଯୁବପିଢ଼ିର ହାତରେ ଉଦ୍ୟୋଗର ରୂପ ନିଏ, ତେବେ ଏହା କେବଳ ଚାଷୀଙ୍କ ଭାଗ୍ୟ ବଦଳାଇବ ନାହିଁ, ଗ୍ରାମୀଣ ଅର୍ଥନୀତିକୁ ମଧ୍ୟ ସୁଦୃଢ଼ କରିବ ବାହାଲଭଟଲି ଓ ଟେଙ୍ଗେରାପଥରର ବାଇଗଣ ଚାଷ ଏବେ କେବଳ ଏକ କୃଷି କାର୍ଯ୍ୟକ୍ରମ ନୁହେଁ; ଏହା ଗ୍ରାମୀଣ ଯୁବକଙ୍କ ଉଦ୍ୟମ, ଚାଷୀଙ୍କ ଆତ୍ମନିର୍ଭରତା ଓ ଶ୍ରମିକ ପରିବାରଙ୍କ ରୋଜଗାରର ଏକ ନୂଆ ମଡେଲ୍ ଭାବେ ଉଭା ହେଉଛି ।

ପଲିଥିନ ସାହାରାରେ ପର୍ଲା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ

କାର୍ଯ୍ୟାଳୟ ଖୋଜୁଛି ସାହାରା
ବିପଦପୂର୍ଣ୍ଣ ଅବସ୍ଥାରେ ଆରଆଇ କାର୍ଯ୍ୟାଳୟ

କଳାହାଣ୍ଡି (ଅମୃତ ମିଡ଼ିଆ) : ଧର୍ମଗଡ଼ ତହସିଲ ଅଧୀନ ପର୍ଲା ରାଜସ୍ୱ ନିରୀକ୍ଷକ (ଆରଆଇ) କାର୍ଯ୍ୟାଳୟର ଦୁର୍ଦ୍ଦଶାକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ଓ ସମାଲୋଚନା ବଢ଼ିବାରେ ଲାଗିଛି । ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସାଧାରଣ ଲୋକଙ୍କ ବିଭିନ୍ନ ରାଜସ୍ୱ ସମ୍ପର୍କିତ କାମରେ ଏକ ଗୁରୁତ୍ୱପୂର୍ଣ ସରକାରୀ କାର୍ଯ୍ୟାଳୟ । ବିଶେଷକରି ଜମିଜମା, ରେକର୍ଡ, ରାଜସ୍ୱ ଓ ଅନ୍ୟାନ୍ୟ ସେବା ପାଇଁ ଲୋକେ ଏଠାକୁ ଆସିଥାନ୍ତି । ହେଲେ ଯେଉଁ କାର୍ଯ୍ୟାଳୟ ଲୋକଙ୍କ ସମସ୍ୟାରେ ସହାୟତାର ମାଧ୍ୟମ ହେବା କଥା, ସେହି କାର୍ଯ୍ୟାଳୟ ନିଜେ ଏବେ ଅବ୍ୟବସ୍ଥାର ସାହାରା ଖୋଜୁଥିବା ଭଳି ଦୃଶ୍ୟ ସୃଷ୍ଟି ହୋଇଛି । ପର୍ଲା ଆର ଆଇ କାର୍ଯ୍ୟାଳୟ ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ପଡ଼ିରହିଛି । ଛାତରୁ ପାଣି ଝରୁଥିବା ବେଳେ ଚାରିକାନ୍ଥରେ ଫାଟ ସୃଷ୍ଟି ହୋଇଛି । ବର୍ଷା ହେଲେ କାର୍ଯ୍ୟାଳୟ ଭିତରେ ପାଣି ଜମି ରହୁଥିବା ଅଭିଯୋଗ ହୋଇଛି । ଛାତରୁ ପାଣି ଝରିବା ରୋକିବା ପାଇଁ ପଲିଥିନର ସାହାରା ନିଆଯାଇଥିବା ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି । ଏଭଳି ପରିସ୍ଥିତିରେ କର୍ମଚାରୀମାନେ ବର୍ଷା ଋତୁରେ ବିପଦ ମଧ୍ୟରେ ବସି କାର୍ଯ୍ୟ କରୁଥିବା କୁହାଯାଉଛି । କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଲୋକମାନେ ମଧ୍ୟ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କାର୍ଯ୍ୟାଳୟର କାନ୍ଥ ଓ ଛାତର ଅବସ୍ଥାକୁ ଦେଖି ଆଗାମୀ ଦିନରେ କୌଣସି ଅଘଟଣ ଘଟିବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇପାରୁନାହିଁ । କର୍ମଚାରୀମାନଙ୍କ କହିବା ଅନୁଯାୟୀ, ବର୍ଷା ମାସରେ ଜୀବନକୁ ବିପଦରେ ପକାଇ କାର୍ଯ୍ୟ କରିବାକୁ ପଡୁଛି । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସରକାରୀ ବିଭାଗର କାର୍ଯ୍ୟାଳୟ ଦୀର୍ଘଦିନ ଧରି ଏପରି ଅବହେଳିତ ଅବସ୍ଥାରେ ରହିବାକୁ ନେଇ ବିଭିନ୍ନ ମହଲରେ ତୀବ୍ର ସମାଲୋଚନା ହେଉଛି । ରାଜସ୍ୱ ବିଭାଗ ମାଧ୍ୟମରେ ସରକାର ବିଭିନ୍ନ ପ୍ରକାରର ରାଜସ୍ୱ ଆଦାୟ କରୁଥିବା ବେଳେ, ସେହି ବିଭାଗର ଏକ ଗୁରୁତ୍ୱପୂର୍ଣ କାର୍ଯ୍ୟାଳୟର ଏଭଳି ଦୁର୍ଦ୍ଦଶାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । କାର୍ଯ୍ୟାଳୟର ମରାମତି କିମ୍ବା ନୂତନ ଗୃହ ନିର୍ମାଣ ନେଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି ।

ହରିଶଙ୍କର–ପୁରୀ ଭୋଲଭୋ ବସ୍‌ସେବା

ଉଦ୍‌ଘାଟନର ଚମକ, କିଛିଦିନରେ ସେବା ଠପ୍! ଗଛଡାଳ ନାଁରେ ବନ୍ଦ କାହିଁକି

ଖପ୍ରାଖୋଲ (ଅଶୋକ କୁମାର ବାଗ) : ଅଞ୍ଚଳବାସୀଙ୍କ ଦୀର୍ଘଦିନର ଆଶା ଓ ଦାବିକୁ ନଜରରେ ରଖି କିଛି ଦିନ ତଳେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ପ୍ରଚେଷ୍ଟାରେ ପ୍ରସିଦ୍ଧ ଶୈବପୀଠ ହରିଶଙ୍କରରୁ ପୁରୀ ପର୍ଯ୍ୟନ୍ତ ଭୋଲଭୋ ବସ ସେବା ଆରମ୍ଭ ହୋଇଥିଲା । ବସ ସେବାର ଶୁଭାରମ୍ଭକୁ ନେଇ ଅଞ୍ଚଳରେ ଉତ୍ସାହର ମାହୋଲ ଦେଖାଦେଇଥିଲା । ଏପରିକି ଉପମୁଖ୍ୟମନ୍ତ୍ରୀ ନିଜେ ବସରେ ଯାତ୍ରା କରି ପାଟଣାଗଡ଼ ପହଞ୍ଚିଥିଲେ । ପ୍ରଶାସନ ଓ ଗଣମାଧ୍ୟମ ପକ୍ଷରୁ ମଧ୍ୟ ତାଙ୍କୁ ଏବଂ ବସକୁ ଭବ୍ୟ ସ୍ୱାଗତ କରାଯାଇଥିଲା । କିନ୍ତୁ ଉଦ୍‌ଘାଟନର ଚମକ ଯେତିକି ଥିଲା, ବସ ସେବାର ସ୍ଥାୟୀତ୍ୱ ସେତିକି ରହିଲା ନାହିଁ । ବସ ଚଳାଚଳ ଆରମ୍ଭ ହେବାର କିଛି ଦିନ ପରେ ହିଁ ହରିଶଙ୍କରରୁ ବସ ଚଳାଚଳ ବନ୍ଦ ହୋଇଯାଇଥିବା ଅଭିଯୋଗ ହେଉଛି । ପ୍ରାୟ ଗୋଟିଏ ସପ୍ତାହ ହେଲା ବସଟି ହରିଶଙ୍କର ପରିବର୍ତ୍ତେ ଖପ୍ରାଖୋଲରୁ ପୁରୀ ଅଭିମୁଖେ ଯାଉଛି ଏବଂ ଫେରିବା ପରେ ମଧ୍ୟ ଖପ୍ରାଖୋଲରେ ରହୁଛି । ବସ ହରିଶଙ୍କର ଯାଉନଥିବାର କାରଣ ସମ୍ପର୍କରେ ବସ କର୍ମଚାରୀଙ୍କୁ ପଚାରିବାରୁ ରାସ୍ତାରେ ଥିବା ଗଛର ଡାଳ ବସ ଚଳାଚଳରେ ବାଧା ସୃଷ୍ଟି କରୁଥିବା କୁହାଯାଇଥିବା ଜଣାପଡ଼ିଛି । ଏହି ଉତ୍ତର ଏବେ ଅଞ୍ଚଳବାସୀଙ୍କ ମନରେ ଆହୁରି ବଡ଼ ପ୍ରଶ୍ନ ଠିଆ କରିଛି । ଗଛଡାଳ ବାଧା ଦେଉଛି ତେବେ ଏହା କାହାର ଦା

ଗଙ୍ଗାହାର ଓ ବୁଢ଼ାବଳଙ୍ଗ ବନ୍ୟାରେ ବ୍ୟାପକ କ୍ଷତି

ସ୍ଥାୟୀ ଭେଡ଼ିବନ୍ଧ ନିର୍ମାଣ ଓ କ୍ଷତିପୂରଣ ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାରିପଦା(ଅମୃତମିଡିଆ): ମୟୂରଭଞ୍ଜ ଜିଲ୍ଲା, ବଡ଼ସାହି ବ୍ଲକ ଦେଇ ପ୍ରବାହିତ ଗଙ୍ଗାହାର ଓ ବୁଢ଼ାବଳଙ୍ଗ ନଦୀରେ ବାରମ୍ବାର ବନ୍ୟା ଯୋଗୁଁ ଅଞ୍ଚଳରେ ନାହିଁ ନଥିବା କ୍ଷୟକ୍ଷତି ଘଟିଛି । ଗଙ୍ଗାହାର ନଦୀ କୂଳରେ ନିର୍ମିତ ଭେଡ଼ିବନ୍ଧର ନିମ୍ନମାନର କାର୍ଯ୍ୟ ହେତୁ ବାରମ୍ବାର ଘାଇ ସୃଷ୍ଟି ହୋଇ ମାନଗୋବିନ୍ଦପୁର, ଶାଳଗାଁ, ଚନ୍ଦନପୁର ଓ ମାଣଡ଼ୀ ଆଦି ପଞ୍ଚାୟତର ହଜାର ହଜାର ଏକର ଚାଷଜମି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇ ନଷ୍ଟ ହୋଇଯାଇଛି । ଏହାର ସ୍ଥାୟୀ ନିରାକରଣ ଓ କ୍ଷତିଗ୍ରସ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଆଞ୍ଚଳିକ ବନ୍ୟା ନିୟନ୍ତ୍ରଣ କମିଟି ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ ଗଙ୍ଗାହାର ଭେଡ଼ି ବନ୍ଧରେ ହୋଇଥିବା ଘାଇଗୁଡ଼ିକର ଜରୁରୀକାଳୀନ ଭିତ୍ତିରେ ମରାମତି କରାଯିବା, ନଦୀର ଉଭୟ ପାର୍ଶ୍ୱରେ ସ୍ଥାୟୀ ପ୍ରଟେକ୍ସନ ୱାଲ ନିର୍ମାଣ କରି ବନ୍ୟା ଦାଉରୁ ଅଞ୍ଚଳକୁ ରକ୍ଷା କରାଯିବା, ନଷ୍ଟ ହୋଇଥିବା ଫସଲର ସଠିକ ଆକଳନ ସହ ଚାଷୀଙ୍କୁ ପୂର୍ଣ୍ଣାଙ୍ଗ କ୍ଷତିପୂରଣ ପ୍ରଦାନ କରାଯିବା ଇତ୍ୟାଦି ଦାବୀ କରାଯାଇଛି । ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ପରିଡା, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବିଜେଡି ଯୁବନେତା ରାକେଶ ମହାପାତ୍ର, ବୀରେନ୍ଦ୍ର ପ୍ରଧାନ, କିଶୋର ରାଉତ, ପରେଶ ପ୍ରଧାନ, ଅରୁଣ ସିଂହ, ଗିରିଶ ଚନ୍ଦ୍ର ରାଉତ, ରାଧାକୃଷ୍ଣ ମହାଳିକ, ନିରଞ୍ଜନ ମହାନ୍ତି ଓ ସନ୍ତୋଷ ପରିଡା ପ୍ରମୁଖ ଜିଲ୍ଲା ପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହିତ ଜିଲ୍ଲା ପ୍ରଶାସନ ଏହି ସମସ୍ୟା ଗୁଡିକର ତୁରନ୍ତ ସମାଧାନ ନକଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି କମିଟି ସଦସ୍ୟମାନେ ଚେତାବନୀ ଦେଇଛନ୍ତି ।

ଥାନାରେ ମିଳିଲାନି ନ୍ୟାୟ; ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ବାସନ୍ଦ ପରିବାର

ବାରିପଦା(ଅମୃତମିଡିଆ): କପ୍ତିପଦା ଥାନା ଅନ୍ତର୍ଗତ ନେଦାମ ଗ୍ରାମର ସାମାଜିକ ବାସନ୍ଦ ପରିବାର ନିମାଇଁ ମୁର୍ମୁ ତାଙ୍କର ସ୍ତ୍ରୀ,ଛୁଆଙ୍କ ପକ୍ଷରୁ ମଙ୍ଗଳବାରଦିନ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏବଂ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି । କୁହାଯାଇଛି ଯେ, ସମ୍ବିଧାନର ଅନୁଚ୍ଛେଦ ୨୧ ଭଳି ମୌଳିକ ଅଧିକାରକୁ ହତ୍ୟା କରାଯାଉଥିବା ସତ୍ୱେ ଆଇନ କାନୁନର ରକ୍ଷକ ପୁଲିସ ପ୍ରଶାସନ ଆଜି ଭକ୍ଷକ ସାଜିଛି । ବାସନ୍ଦ ପରିବାରର ଦୁଃଖକଷ୍ଟର ଗୁହାରକୁ କର୍ଣ୍ଣପାତ କରିନଥିବାର ଅଭିଯୋଗ କରାଯାଇଛି । ଅର୍ଥାତ୍ ନେଦାମ ଗ୍ରାମର ଗ୍ରାମମୁଖ୍ୟ (ମାଝୀବାବା) ଏବଂ ମାଝୀ ମହଲ ସଂଗଠନର କର୍ମକର୍ତ୍ତାଙ୍କ ନିର୍ଦ୍ଦେଶରେ ଶ୍ରୀ ମୁର୍ମୁଙ୍କ ପରିବାରକୁ ସାମାଜିକ ବାସନ୍ଦ କରାଯାଇ ଗ୍ରାମବାସୀମାନେ ତାଙ୍କ ସହିତ କଥାବାର୍ତ୍ତା ବନ୍ଦ, ଗ୍ରାମବାସୀଙ୍କ ବିଲବାଡ଼ି ଦେଇ ନିଜର ବିଲବାଡ଼ିକୁ ଯିବା ବନ୍ଦ, ସରକାରୀ ପୋଖରୀ, କୂଅ, ନଳକୂଅରୁ ପାଣିନେବା ବନ୍ଦ ଭଳି ମୌଳିକ ଅଧିକାର ଉପରେ ସିଧାସଳଖ ଆକ୍ରମଣ କରାଯାଇଛି ଏବଂ ନଳକୂପରୁ ପାନୀୟ ଜଳ ନେବାବେଳେ ସ୍ତ୍ରୀ, ଝିଅ ଓ ପୁଅକୁ ମରଣାନ୍ତକ ଆକ୍ରମଣ କରି ମୋବାଇଲ, ସାଇକେଲ, ଗଗରା , ଛଡ଼ାଇ ନେଇଥିବାର ଦର୍ଶାଯାଇଛି । ଏ ବାବଦରେ ଗତ ମଇ ମାସ ୩୦ ତାରିଖ ଦିନ କପ୍ତିପଦା ଥାନାରେ ଅଭିଯୋଗ କରିଥିଲେ କିନ୍ତୁ ବାସନ୍ଦ ପରିବାରକୁ ନ୍ୟାୟ, ସୁରକ୍ଷା ଦେବା ବଦଳରେ ପୁଲିସ ପ୍ରଶାସନ ତରଫରୁ ନିର୍ଯାତନା ଦିଆଯାଇଥିଲା ବୋଲି ଉଲ୍ଲେଖ କରାଯାଇଛି । ତେଣୁ ଛଡାଇ ନିଆଯାଇଥିବା ଜିନିଷ ଆଜି ପର୍ଯ୍ୟନ୍ତ ପାଇପାରି ନାହାନ୍ତି ବୋଲି ପ୍ରକାଶ କରିଛନ୍ତି । ୭ ଦିନ ମଧ୍ୟରେ ବାସନ୍ଦ ପରିବାରକୁ ତାଙ୍କର ଜିନିଷ ଫେରି ପାଇବା ସହିତ ନ୍ୟାୟ, ସୁରକ୍ଷା ବ୍ୟବସ୍ଥା କରାନଗଲେ ଏସପି କିୟା କଲେକ୍ଟରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦିଆଯାଇଛି ।

ମୟୂରଭଞ୍ଜରେ ରେଳ ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣ ତ୍ୱରାନ୍ୱିତ କରିବାକୁ ଦାବି

ଜିଲ୍ଲାପାଳଙ୍କୁ ଦାବି ଜଣାଇଲେ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତୀ

ବାରିପଦା(ଅମୃତମିଡିଆ): ମୟୂରଭଞ୍ଜ ଜିଲ୍ଲାରେ ପ୍ରସ୍ତାବିତ ତିନୋଟି ନୂଆ ରେଳପଥ ପ୍ରକଳ୍ପର ଜମି ଅଧିଗ୍ରହଣ ପ୍ରକ୍ରିୟା ତ୍ୱରାନ୍ୱିତ କରି ରେଳ ପ୍ରଶାସନକୁ ହସ୍ତାନ୍ତର କରିବାକୁ ବହଳଦାର ପୂର୍ବତନ ବିଧାୟକ ପ୍ରହ୍ଲାଦ ପୁର୍ତ୍ତୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସେ ଦର୍ଶାଇଛନ୍ତି ଯେ, ମୟୂରଭଞ୍ଜ ଓ କେନ୍ଦୁଝରର ଜିଲ୍ଲାର ସାମଗ୍ରିକ ସାମାଜିକ-ଅର୍ଥନୈତିକ ବିକାଶ ପାଇଁ ବାଦାମପାହାଡ଼-କେନ୍ଦୁଝରଗଡ଼, ଗୋରୁମହିଷାଣି-ବାଙ୍ଗିରିପୋଷି ଏବଂ ବୁଢ଼ାମରା- ଚାକୁଲିଆ ଏହି ତିନୋଟି ରେଳପଥ ପ୍ରକଳ୍ପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ୮୨କିମି ଲମ୍ବ ବାଦାମପାହାଡ଼-କେନ୍ଦୁଝରଗଡ଼ ନୂଆ ରେଳପଥ ପାଇଁ ୨.୧୦୬କୋଟି ଟଙ୍କା ମଞ୍ଜୁର ହୋଇଥିବା ବେଳେ ଗୋରୁମହିଷାଣି-ବାଙ୍ଗିରିପୋଷି ୮୬କିମି ନୂଆ ରେଳପଥ ପାଇଁ ୨.୫୪୯ କୋଟି ଟଙ୍କା ଓ ବୁଢ଼ାମରା- ଚାକୁଲିଆ ୬୦କିମି ନୂତନ ରେଳପଥ ପାଇଁ ୧.୬୩୯କୋଟି ଟଙ୍କା ମଞ୍ଜୁର ହୋଇଛି । ତେବେ ବୁଢ଼ାମରା-ଚାକୁଲିଆ ପ୍ରକଳ୍ପର ଭୂମି ଅଧିଗ୍ରହଣ ପ୍ରାୟ ସମ୍ପୂର୍ଣ୍ଣ ହୋସାରିଛି ଓ ଅଧିଗୃହୀତ ଭୂମି ରେଳ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି । ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଆଗକୁ ବଢ଼ିଥିବା ବେଳେ, ବଡ଼ମପାହାଡ଼-କେନ୍ଦୁଝରଗଡ଼ ଓ ଗୋରୁମହିଷାଣି-ବାଙ୍ଗିରିପୋଷି ପ୍ରକଳ୍ପର ଭୂମି ଅଧିଗ୍ରହଣ ପ୍ରକ୍ରିୟା ଧୀରଗତିରେ ଚାଲିଛି । ଏହି ଦୁଇଟି ପ୍ରକଳ୍ପକୁ ଅଗ୍ରାଧିକାର ଦେଇ ତ୍ୱରାନ୍ୱିତ କରିବା, ଅଧିଗୃହୀତ ଭୂମିକୁ ରେଳ ପ୍ରଶାସନକୁ ସମୟସୀମା ଭିତରେ ହସ୍ତାନ୍ତର କରିବା,ବିଭାଗୀୟ ସମନ୍ୱୟ ବଢ଼ାଇବା ଓ ନିୟମିତ ପର୍ଯ୍ୟବେକ୍ଷଣ କରିବା ପାଇଁ ସେ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି । ପୂର୍ବତନ ବିଧାୟକ କହିଛନ୍ତି ଯେ, ଏହି ପ୍ରକଳ୍ପଗୁଡ଼ିକର ଶୀଘ୍ର ସମାପ୍ତି ମୟୂରଭଞ୍ଜ ଓ କେନ୍ଦୁଝରର ଆଦିବାସୀ ଓ ଗ୍ରାମୀଣ ଅଞ୍ଚଳର ଲୋକଙ୍କୁ ରୋଜଗାର, ବାଣିଜ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ବିକାଶମୂଳକ ସୁଯୋଗ ସୃଷ୍ଟି କରିବ।

ଶିକ୍ଷାନୁଷ୍ଠାନରେ ସରୀସୃପ ଓ ବିଷାକ୍ତ କୀଟଙ୍କ ଭୟ

ସୁରକ୍ଷା ବ୍ୟବସ୍ଥା ଦାବିକଲା ଭଞ୍ଜସେନା

ବାରିପଦା(ଅମୃତମିଡିଆ): ଲଗାଣ ବର୍ଷା ଏବଂ ବନ୍ୟା ଯୋଗୁଁ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକରେ ସରୀସୃପ ଓ ବିଷାକ୍ତ କୀଟଙ୍କ ଉପଦ୍ରବ ବଢ଼ିଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଚିନ୍ତା ପ୍ରକାଶ କରିଛି ଭଞ୍ଜସେନା । ଏହି ସମସ୍ୟାର ତୁରନ୍ତ ସମାଧାନ ସହିତ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି. ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ବାରିପଦାରେ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀଙ୍କୁ ଭେଟି ଏ ସମ୍ପର୍କରେ ଆଜି ଦାବିପତ୍ର ପ୍ରଦାନ କରିଛନ୍ତି । ସଂଗଠନ ପକ୍ଷରୁ କୁହାଯାଇଛି ଯେ, ଜିଲ୍ଲାର ୫୧୨୩ଟି ଅଙ୍ଗନୱାଡି କେନ୍ଦ୍ରଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯିବା ଆବଶ୍ୟକ । ବିପଦସଙ୍କୁଳ ଶ୍ରେଣୀଗୃହରେ ପାଠପଢ଼ା କାର୍ଯ୍ୟ କରାନଯାଇ ସୁରକ୍ଷିତ ସ୍ଥାନରେ ଶିକ୍ଷାଦାନ, ଶିକ୍ଷାନୁଷ୍ଠାନର ଭିତର ଓ ବାହାରେ ନିୟମିତ ସଫେଇ ସହିତ ଆବଶ୍ୟକ ସ୍ଥାନରେ ବ୍ଲିଚିଂ ପାଉଡର ଓ ଅନ୍ୟାନ୍ୟ ଉପଯୁକ୍ତ ଜୀବାଣୁନାଶକ ବ୍ୟବହାର ପାଇଁ ଦାବି କରାଯାଇଛି । ଏଥିସହିତ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଓ ପରିବେଷଣ ସମୟରେ ସ୍ୱଚ୍ଛତା ଉପରେ ସର୍ବାଧିକ ଗୁରୁତ୍ୱ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସମସ୍ୟାର ତୁରନ୍ତ ସମାଧାନ ଦାବି କରାଯାଇଛି । ବିଭାଗୀୟ ଜିଲ୍ଲା ପ୍ରମୁଖମାନେ ମଧ୍ୟ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ନିଜ ତରଫରୁ ପ୍ରଚେଷ୍ଟା କରୁଥିବା ଏବଂ ଆଗାମୀ ଦିନରେ ଦାବିଗୁଡ଼ିକର ସଫଳ ସମାଧାନ ପାଇଁ ସମସ୍ତ ପ୍ରକାର ପ୍ରଚେଷ୍ଟା କରିବାକୁ ପ୍ରତିଶ୍ରୁତି ଦେଇଥିବା ଭଞ୍ଜସେନା ଜିଲ୍ଲା ମୁଖପାତ୍ର ଜ୍ୟୋତି ପ୍ରକାଶ କରିଛନ୍ତି।

ବନାଞ୍ଚଳ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ

ବାରିପଦା (ଅମୃତମିଡିଆ): ମୟୂରଭଞ୍ଜ ଜିଲ୍ଲା, ଠାକୁରମୁଣ୍ଡା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ୮୦ ତମ ସ୍ୱାଧୀନତା ଦିବସ ବିଶେଷ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଥିଲା । ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ଜାତୀୟ ପତାକା ଉତ୍ତୋଳନ କରି ଉପସ୍ଥିତ ବନକର୍ମଚାରୀ ମାନଙ୍କୁ ଉଦବୋଧନ ଦେଇଥିଲେ । ଠାକୁରମୁଣ୍ଡା ବନପାଳ ବିଦ୍ୟାଧର ମହାନ୍ତ, ଚମ୍ପାଝର ବନପାଳ ବିଶ୍ୱଜିତ ମହାନ୍ତ, ବାଲିପୋଷି ବନପାଳ ପ୍ରଦୀପ ହାଇବୁରୁ, କେନ୍ଦୁଜିଆଣୀ ବନପାଳ ନଳିନୀ ମହାନ୍ତ, କେନ୍ଦୁମୁଣ୍ଡି ବନପାଳ ଚନ୍ଦ୍ରଭାନୁ ମହାନ୍ତ, କେଶଡିହା ବନପାଳ ସିଂରାୟ ପୁର୍ତ୍ତି, ବନରକ୍ଷୀ ପ୍ରମୋଦ ମହାନ୍ତ ପ୍ରମୁଖ ଙ୍କ ସହଯୋଗ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ସମସ୍ତ ବନରକ୍ଷୀ, ଟିପିଏଫ କର୍ମଚାରୀ ତଥା କ୍ଷେତ୍ରୀୟ କର୍ମଚାରୀମାନେ ଯୋଗଦେଇଥିଲେ ।

ଲଗାଣ ବର୍ଷାରେ ଭାଙ୍ଗିଲା ବୃଦ୍ଧଙ୍କ ଘର

ବାରିପଦା /ସାହାରପଡ଼ା(ଅମୃତମିଡିଆ): ଲଗାଣ ବର୍ଷାରେ ଦୁର୍ବଳ ମାଟି ଘରର ଅବସ୍ଥା ଦୟନୀୟ ହୋଇପଡ଼ିଛି । ବର୍ଷା ଯୋଗୁଁ କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ସବରଣୀବେଡା ଗ୍ରାମର ୮୦ ବର୍ଷୀୟ ଶଙ୍କର୍ଷଣ ମହାନ୍ତଙ୍କ ଘରର ଛାତ ଓ କାନ୍ଥ ଭାଙ୍ଗି ପଡ଼ିଛି । ଫଳରେ ବୃଦ୍ଧଙ୍କ ପରିବାର ଏବେ ଅସୁରକ୍ଷିତ ଅବସ୍ଥାରେ ରହିଛନ୍ତି। ଘରଟିର କାନ୍ଥରେ ବର୍ଷା ପାଣି ପଶିବା ସହ ମାଟି ଧସିଯାଇଥିବାରୁ ଛାତ ଭୁଶୁଡ଼ି ପଡ଼ିଛି । ଘରର ଅଧିକାଂଶ ଅଂଶ କ୍ଷତିଗ୍ରସ୍ତ ହୋଇଥିବାରୁ ଏଠାରେ ରହିବା ବିପଦପୂର୍ଣ୍ଣ ହୋଇପଡ଼ିଛି। ଏଭଳି ପରିସ୍ଥିତିରେ ପ୍ରଶାସନ ପକ୍ଷରୁ ଘଟଣାସ୍ଥଳ ଅନୁଧ୍ୟାନ କରି କ୍ଷୟକ୍ଷତିର ଆକଳନ ସହ ଆବଶ୍ୟକ ସହାୟତା ଯୋଗାଇଦେବାକୁ ଦାବି ହୋଇଛି। ବର୍ଷା ଜାରି ରହିଲେ ଘରର ଅବଶିଷ୍ଟ ଅଂଶ ମଧ୍ୟ ଭାଙ୍ଗିବା ଆଶଙ୍କା ରହିଛି ।

ଭଞ୍ଜଦୂତ ବିତନୁଙ୍କ ତିରୋଧାନ ଦିବସରେ ଯୁବ ସଂକଳ୍ପ ସମାବେଶ

ଯୁବକମାନେ ଚାହିଁଲେ ଦେଶର ଭାଗ୍ୟ ବଦଳାଇ ପାରିବେ

ବାରିପଦା(ଅମୃତମିଡିଆ): ଅକାଳରେ ନିଧନ ଘଟିଥିବା ମୟୂରଭଞ୍ଜର ବରପୁତ୍ର ବିତନୁ ନାୟକଙ୍କ ତିରୋଧାନ ଦିବସରେ ଏକ ଯୁବ ସଂକଳ୍ପ ସମାବେଶ ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟାପକ ସମରେନ୍ଦ୍ର ବଶାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ହାୟାର ସେକେଣ୍ଡାରୀ ସ୍କୁଲର ମେନେଜିଂ ଡାଇରେକ୍ଟର ଯୁବ ଶିଳ୍ପୋଦ୍ୟାଗୀ ଇଂ ପ୍ରଭାସ ଦାସ ମୁଖ ?ୟ ଅତିଥି ଭାବରେ ଯୋଗ ଦେଇ ଯୁବକ ମାନେ ଚାହିଁଲେ ଦେଶର ଭାଗ୍ୟ ବଦଳାଇ ପାରିବେ ବୋଲି ମତ ରଖିଥିଲେ । ମୟୂରଭଞ୍ଜ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଅଜିତ କୁମାର କବାଟ ମୁଖ ?ୟବକ୍ତା ଭାବରେ ଯୋଗ ଦେଇ ସ୍ୱର୍ଗତ ବିତନୁଙ୍କ ତ୍ୟାଗମୟ ଜୀବନ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବରେ ବିତନୁ ସ୍ମୃତିନ୍ୟାସର ଅଧ୍ୟକ୍ଷ ହାରାମଣି ଦଳେଇ ଯୋଗଦେଇ ଯୁବକମାନଙ୍କୁ ମାଆ ଓ ମାଟିର ସେବା ପାଇଁ ସଂକଳ୍ପବଦ୍ଧ ହୋଇ କାର୍ଯ ?ୟ କରିବା ପାଇଁ ମାର୍ଗଦର୍ଶନ କରାଇଥିଲେ । ବରିଷ୍ଠ ସାହିତ୍ୟିକ ପଦ୍ମନାଭ ସାହୁ ଏବଂ ସ୍ମୃତିନ୍ୟାସର ଅନ ?ୟତମ ଟ୍ରଷ୍ଟି ଇଂ. ମନୋଜ ଦଳବେହେରା ଓ କବୟିତ୍ରୀ କାବେରୀ ମିଶ୍ର ଯୁବ ସଂକଳ୍ପ ସମାବେଶକୁ ସମ୍ବୋଧିତ କରିଥିଲେ । ପୂର୍ଣ୍ଣଚନ୍ଦ୍ର ହାୟାର ସେକେଣ୍ଡାରୀ ସ୍କୁଲର ଛାତ୍ର ରାମଚନ୍ଦ୍ର ବାସ୍କେ ଓ ଅଭୟ ପ୍ରତାପ ହାଁସଦା ମଧ୍ୟ ବିତନୁ ତିରୋଧାନ ଦିବସରେ ବିକଶିତ ଭାରତ ଗଠନରେ ଯୁବସମାଜର ଭୂମିକା ଉପରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କବିତା ସଂକଳନ ମୃତ୍ୟୁଞ୍ଜୟୀ ଯୁବକ, ବରେଣ୍ୟ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ପରିଶେଷରେ ଯୁବକବି ଗୋପାଳଚନ୍ଦ୍ର ସାଓ ଏବଂ ପୂର୍ଣ୍ଣଚନ୍ଦ୍ର ହାୟାର ସେକେଣ୍ଡାରୀ ସ୍କୁଲ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ଶୁଭମ ପାତ୍ରଙ୍କ ମିଳିତ ସଂଯୋଜନାରେ ଶିଶୁକବି ନୂତନୁ କୁମାର ନାୟକଙ୍କ ସହିତ ବହୁ କବି କବିତାପାଠ କରିଥିବା ବେଳେ ନବମ ଶ୍ରେଣୀର ଛାତ୍ର ସୁତନୁ କୁମାର ନାୟକ ଧନ୍ୟବାଦ ଦେଇଥିଲେ । କବି ଅଜିତ କୁମାର ପାଣିଗ୍ରାହୀ, ଡ. ଶଶିଧର ବିଶ୍ୱାଳ, ଅଶୋକ କୁମାର ପଲେଇ, ଶଙ୍କର ଜେନା ଓ ବାସନ୍ତୀଲତା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ପାରାମେଡିକାଲ ଇନ୍‌ଷ୍ଟିଚ୍ୟୁଟରେ ନବାଗତଙ୍କ ସ୍ୱାଗତ ଉତ୍ସବ

ବାରିପଦା /ଉଦଳା (ଅମୃତମିଡିଆ): ଉଦଳା ରୋଟାରି କ୍ଲବ ତରଫରୁ ସହର ମଧ୍ୟରେ ଡ଼ିଏମ୍ ?ଏଲଟି କୋର୍ସରେ ପାଠ ପଢ଼ିବା ପାଇଁ ଖୋଲାଯାଇଥିବା ପାରାମେଡ଼ିକାଲ ଇନଷ୍ଟିଚ୍ୟୁଟରେ ଚଳିତ ବର୍ଷ ନାମ ଲେଖାଇଥିବା ଦ୍ୱିତୀୟବ୍ୟାଚର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟରେ ଏକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ରୋଟାରି କ୍ଲବର ସଭାପତି ଅଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ୱାଗତ ଉତ୍ସବରେ କପ୍ତିପଦା ଉପଖଣ୍ଡ ସରକାରୀ ଚିକିତ୍ସାଳୟର ଅଧୀକ୍ଷକ ଡା. ମୀନକେତନ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍ ?ଘାଟନ କରିଥିଲେ । ସମ୍ପ୍ରସାରଣ ଅଧିକାରୀ ମନୋଜ କୁମାର ଶତପଥି ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ପାରାମେଡ଼ିକାଲ ଶିକ୍ଷା କେବଳ ଏକ ଚାକିରି ପାଇବାର ମାଧ୍ୟମନୁହେଁ, ଏହା ମାନବ ସେବାର ଏକ ମହାନ ସୁଯୋଗ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ରୋଟାରି କ୍ଲବର ପ୍ରତିଷ୍ଠାତା ଇଂ. ସୁବାଷ ଚନ୍ଦ୍ର ପଣ୍ଡା, କ୍ଲବର ପୂର୍ବତନ ସଭାପତି ଅଶୋକ କୁମାର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଓ ପ୍ରହ୍ଲାଦ ଦାସ ପ୍ରମୁଖ ମଂଚାସିନ ଅତିଥି ଭାବରେ ଯୋଗ ଦେଇ ଏହିଭଳି ଏକ ଇନଷ୍ଟିଚ୍ୟୁଟର ଆବଶ୍ୟକତା ଉଦଳା ପାଇଁ କିପରି ଜରୁରି ହୋଇ ପଡ଼ିଥିଲା ନିଜ ନିଜର ବକ୍ତବ୍ୟରେ କହିଥିଲେ । ପ୍ରଜ୍ଞାପାରମିତା ପୁଥାଳ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ମଂଚପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ କ୍ଲବର ସଂପାଦିକା ରାଜଲକ୍ଷ୍ମୀ ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଗ ଦେଇଥିଲେ । ଆଜିର ଏହି ଉତ୍ସବକୁ ସଫଳ କରିବାରେ ପ୍ରଶାନ୍ତ କୁମାର ସେନ, କ୍ଷିତିଶ କୁମାର ପୁଥାଳ, ଚିତରଂଜନ ବାରିକ, ବ୍ରହ୍ମାନନ୍ଦ ନାୟକ, ପ୍ରତାପ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରଜ୍ଞା ବାରିକ, ସମାପିକା ବେହେରା, ଅଂଜଳି ମହାନ୍ତି, ଗହ୍ମା ମାଝି ପ୍ରମୁଖ ସହଯୋଗ କରିଥିଲେ ।

ସାମ୍ବାଦିକଙ୍କ ମାତୃ ବିୟୋଗ

ବାରିପଦା (ଅମୃତମିଡିଆ): ରାଇରଙ୍ଗପୁରର ସାମ୍ବାଦିକ ସୁଜିତ ପଟ୍ଟନାୟକଙ୍କ ମାତା ଦୀପ୍ତି ମହାନ୍ତି(୮୧) ଙ୍କର ଟାଟାନଗର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବ

ଗଞ୍ଜାମ ଜିଲ୍ଲା ସୌର ସ୍ଥାପନାରେ ପ୍ରଥମ

- ଓଡ଼ିଶାର ସୌରଶକ୍ତି କ୍ଷେତ୍ରରେ ଅଗ୍ରଣୀ ଭାବେ ଉଭା ହେଲା ଗଞ୍ଜାମ
- ଆଠଟି ଜିଲ୍ଲାରେ ମୋଟ ୨୫,୨୭୭ଟି ସୌର ସ୍ଥାପନା
- ଦକ୍ଷିଣ ଓଡ଼ିଶାରେ ସ୍ୱଚ୍ଛଶକ୍ତି ରୂପାନ୍ତରଣକୁ ମିଳୁଛି ଅଧିକ ଗତି
- ଛାତ ଉପରେ ସୌରଶକ୍ତି ବ୍ୟବହାର ପ୍ରତି ଲୋକଙ୍କ ଆଗ୍ରହରେ ଦ୍ରୁତ ବୃଦ୍ଧି

ବ୍ରହ୍ମପୁର (ଅମୃତ ମିଡିଆ): ଛାତ ଉପରେ ସୌର ଶକ୍ତି ସ୍ଥାପନା କ୍ଷେତ୍ରରେ ଗଞ୍ଜାମ ଜିଲ୍ଲା ଓଡ଼ିଶାର ଅଗ୍ରଣୀ ଜିଲ୍ଲା ଭାବେ ଉଭା ହୋଇଛି। ଜିଲ୍ଲାରେ ୧୬,୪୧୮ଟି ସୌର ସ୍ଥାପନା ହୋଇଥିବା ବେଳେ ଏହା ରାଜ୍ୟରେ ସର୍ବାଧିକ। ଏହି ସଫଳତା ଦକ୍ଷିଣ ଓଡ଼ିଶାର ଏହି ଜିଲ୍ଲାକୁ ସ୍ୱଚ୍ଛ ଓ ଅକ୍ଷୟ ଶକ୍ତି ଆଡ଼କୁ ଓଡ଼ିଶାର କ୍ରମବର୍ଦ୍ଧିଷ୍ଣୁ ରୂପାନ୍ତରଣରେ ଅଗ୍ରଭାଗରେ ସ୍ଥାନିତ କରିଛି। ଏହି ସଫଳତା ଘରୋଇ ଉପଭୋକ୍ତାଙ୍କ ମଧ୍ୟରେ ସୌର ଶକ୍ତିର ବଢୁଥିବା ଗ୍ରହଣୀୟତା ଏବଂ ସ୍ଥାୟୀ ଶକ୍ତି ଉତ୍ପାଦନ ଦିଗରେ ବଢୁଥିବା ଆଗ୍ରହକୁ ପ୍ରତିଫଳିତ କରୁଛି।

ରାଜ୍ୟସ୍ତରୀୟ ତଥ୍ୟରୁ ଓଡ଼ିଶାରେ ଛାତ ଉପରେ ସୌର ଶକ୍ତି ସ୍ଥାପନା ପ୍ରତି ବଢୁଥିବା ଆଗ୍ରହର ଏକ ସ୍ପଷ୍ଟ ଚିତ୍ର ମିଳୁଛି। ସ୍ଥାପନା ସଂଖ୍ୟାରେ ବାଲେଶ୍ୱର ଦ୍ୱିତୀୟ ସ୍ଥାନରେ ଥିବାବେଳେ ଏହା ପରେ ଖୋର୍ଦ୍ଧା ଓ କଟକ ରହିଛନ୍ତି। ଏହି ଜିଲ୍ଲାଗୁଡ଼ିକର ସଫଳତା ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଛାତ ଉପରେ ସୌର ଶକ୍ତିର ବିସ୍ତାରକୁ ପ୍ରତିଫଳିତ କରୁଥିବାବେଳେ, ସ୍ଥାପନା ସଂଖ୍ୟାରେ ଗଞ୍ଜାମ ରାଜ୍ୟରେ ଶୀର୍ଷସ୍ଥାନ ଅଧିକାର କରିଛି।

ଦକ୍ଷିଣ ଓଡ଼ିଶା ପାଇଁ ଗଞ୍ଜାମର ଏହି ସଫଳତା ବିଶେଷ ଗୁରୁତ୍ୱ ବହନ କରୁଛି। ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ୍) ଅଧୀନରେ ଥିବା ଆଠଟି ଜିଲ୍ଲା ମଧ୍ୟରେ ଗଞ୍ଜାମ ଅଗ୍ରଣୀ ହୋଇଛି। ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି, କୋରାପୁଟ ଓ ବୌଦ୍ଧ—ଏହି ଆଠଟି ଜିଲ୍ଲାରେ ମିଳିତ ଭାବେ ୨୫,୨୭୭ଟି ଛାତ ଉପରିସ୍ଥ ସୌର ସ୍ଥାପନା ହୋଇଛି। ଏହି ଗ୍ରହଣୀୟତା ପଛରେ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜଳି ଯୋଜନାର ପ୍ରମୁଖ ଭୂମିକା ରହିଛି। ସରକାରୀ ସହାୟତା ମାଧ୍ୟମରେ ଏହି ଯୋଜନା ଘରୋଇ ଉପଭୋକ୍ତାଙ୍କୁ ଛାତ ଉପରେ ସୌର ଶକ୍ତି ବ୍ୟବସ୍ଥା ସ୍ଥାପନ କରିବାରେ ସକ୍ଷମ କରୁଛି। ଟିପିଏସ୍ଓଡିଏଲ୍ ମଧ୍ୟ ଉପଭୋକ୍ତା ସଚେତନତା, ତୃଣମୂଳସ୍ତରୀୟ ପହଞ୍ଚିଛି ଏବଂ ୟୁଟିଲିଟି-ଲେଡ୍ ଏଗ୍ରିଗେସନ୍ (ୟୁଏଲଏ) ମଡେଲ୍ ମାଧ୍ୟମରେ ଏହି ପଦକ୍ଷେପକୁ ସମର୍ଥନ କରିବା ସହ ଏହାର କାର୍ଯ୍ୟକ୍ଷେତ୍ରଭୁକ୍ତ ଜିଲ୍ଲାଗୁଡ଼ିକରେ ଛାତ ଉପରେ ସୌର ଶକ୍ତିର ସୁବିଧାକୁ ଅଧିକ ସହଜ ଓ ବ୍ୟାପକ କରୁଛି। ଘରଗୁଡ଼ିକର ଛାତ ଉପରେ ବଢୁଥିବା ସୌର ପ୍ୟାନେଲ୍‌ର ଉପସ୍ଥିତି ଧୀରେ ଧୀରେ ଲୋକଙ୍କ ବିଦ୍ୟୁତ ବ୍ୟବହାର ଓ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣୁଛି। ଉପଭୋକ୍ତାମାନେ ଏବେ ସ୍ୱଚ୍ଛ ଶକ୍ତି ଉତ୍ପାଦନରେ ନିଜକୁ ମଧ୍ୟ ଅଂଶୀଦାର ଭାବେ ଦେଖୁଛନ୍ତି। ସୂର୍ଯ୍ୟକିରଣର ଉପଯୋଗ କରି ସେମାନେ ନିଜର ବିଦ୍ୟୁତ ଆବଶ୍ୟକତାର ଏକ ଅଂଶ ପୂରଣ କରିବା ସହ ଅଧିକ ସବୁଜ ଓ ପରିବେଶ ଅନୁକୂଳ ଶକ୍ତି ମିଶ୍ରଣରେ ମଧ୍ୟ ଅବଦାନ ରଖୁଛନ୍ତି।

ଏହି ସଫଳତା ସମ୍ପର୍କରେ ମତବ୍ୟକ୍ତ କରି ଟିପିଏସ୍ଓଡିଏଲ୍ ର ସିଇଓ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, “ଛାତ ଉପରେ ସୌର ଶକ୍ତି ବ୍ୟବହାରରେ ଗଞ୍ଜାମ ଓଡ଼ିଶାର ଅଗ୍ରଣୀ ଜିଲ୍ଲା ଭାବେ ଉଭା ହେବା ରାଜ୍ୟର ସ୍ୱଚ୍ଛ ଶକ୍ତି ଯାତ୍ରାରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ। ଏହି ସଫଳତା ସୌର ଶକ୍ତି ପ୍ରତି ଉପଭୋକ୍ତାଙ୍କ ବଢୁଥିବା ବିଶ୍ୱାସ ଏବଂ ପ୍ରଶାସନ, ସମୁଦାୟ ଓ ସମସ୍ତ ଅଂଶୀଦାରଙ୍କ ସମ୍ମିଳିତ ପ୍ରୟାସକୁ ପ୍ରତିଫଳିତ କରୁଛି। ଛାତ ଉପରେ ସୌର ଶକ୍ତିର ସଚେତନତା ଓ ଗ୍ରହଣୀୟତା ବଢ଼ାଇବାରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ସମେତ ଆମର ସମସ୍ତ କାର୍ଯ୍ୟକ୍ଷେତ୍ରଭୁକ୍ତ ଜିଲ୍ଲାର ପ୍ରଶାସନ ପକ୍ଷରୁ ମିଳିଥିବା ସକ୍ରିୟ ସହଯୋଗ ଓ ସମର୍ଥନ ପାଇଁ ଆମେ ଗଭୀର କୃତଜ୍ଞ। ଏହି ଗତିକୁ ଆହୁରି ଆଗକୁ ନେବା ସହ ଦକ୍ଷିଣ ଓଡ଼ିଶାରେ ଅଧିକରୁ ଅଧିକ ପରିବାରକୁ ସ୍ୱଚ୍ଛ, ସ୍ଥାୟୀ ଏବଂ ଶକ୍ତି ସୁରକ୍ଷିତ ସମାଧାନ ଆପଣାଇବା ପାଇଁ ସକ୍ଷମ କରିବା ଦିଗରେ ଟିପିଏସ୍ଓଡିଏଲ୍ ସମସ୍ତ ଅଂଶୀଦାରଙ୍କ ସହ ଘନିଷ୍ଠ ଭାବେ କାର୍ଯ୍ୟ କରିବାକୁ ପ୍ରତିବଦ୍ଧ।”

ଛାତ ଉପରେ ସୌର ଶକ୍ତି ଗ୍ରହଣକୁ ଉତ୍ସାହିତ କରିବା ପାଇଁ ଟିପିଏସ୍ଓଡିଏଲ୍ ପକ୍ଷରୁ ଘରକୁ ଘର ସଚେତନତା ଅଭିଯାନ, ଗ୍ରାମ ପଞ୍ଚାୟତ ସହ ଯୋଗାଯୋଗ, ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଏବଂ ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା ଭଳି ପଦକ୍ଷେପ ନିରନ୍ତର ଭାବେ ଗ୍ରହଣ କରାଯାଉଛି। ସରକାରଙ୍କ ସମର୍ଥିତ ସୌର ଯୋଜନାଗୁଡ଼ିକର ସୁଫଳ ପାଇବାରେ ଉପଭୋକ୍ତାଙ୍କୁ ସହଯୋଗ କରିବା ସହ ଦକ୍ଷିଣ ଓଡ଼ିଶାର ଅକ୍ଷୟ ଶକ୍ତି ଯାତ୍ରାରେ ଅବଦାନକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଟିପିଏସ୍ଓଡିଏଲ୍ ପ୍ରତିବଦ୍ଧ।

ବନ୍ୟାବିପନ୍ନଙ୍କୁ ଭେଟିଲେ ବିଜେଡି ଟିମ୍

ଆଳି (ଅମୃତ ମିଡିଆ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକରେ ପ୍ରବାହିତ ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଆସିବା ଯୋଗୁଁ ବ୍ଲକର ୨୩ ପଞ୍ଚାୟତର ୮୦ ହଜାର ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଜଳବନ୍ଦୀ ଭାବେ ରହିଥିବା ଲୋକମାନେ କିଭଳି ଭାବେ ଜୀବନ ବିତାଉଛନ୍ତି ଓ ପ୍ରଶାସନିକ ସହାୟତା ସେମାନଙ୍କ ନିକଟରେ ପହଞ୍ଚି ପାରିଛି କି ନାହିଁ ସେ ବିଷୟରେ ବୁଝିବା ନିମନ୍ତେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ଦିନ ବିଜେଡିର ଏକ ଟିମ ଆଳି ଧୋୟାଞ୍ଚଳ ଗସ୍ତ କରିଥିଲାଷ ବିଜେଡି ପ୍ରତିନିଧି ଦଳରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଜିଲ୍ଲା ପରିଷଦ ଉପାଧକ୍ଷ, ଭୀଷ୍ମ ମହାନ୍ତି ଡ଼ିମିରିପାଳ, ଅରଗଳ, ଜୁଆଣିଆ, ଗୋବିନ୍ଦପୁର, ଦେସାହି, ପାଳିମି ପଞ୍ଚାୟତକୁ ଗସ୍ତ କରି ବନ୍ୟା ବିପନ୍ନ ମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ଏହି ଅବସରରେ ଶ୍ରୀ ଜେନା କହିଛନ୍ତି ଯେ ଅଞ୍ଚଳର ଲୋକମାନେ ବନ୍ୟା ବିଭୀଷିକା ମଧ୍ୟରେ ଯେଉଁଭଳି ଭାବେ ଜୀବନ ବିତାଉଛନ୍ତି ତାହା ଅତ୍ୟନ୍ତ କଷ୍ଟଦାୟକ। ତିନି ସପ୍ତାହ ହେବ ବନ୍ୟାପାଣି ଘେରରେ ଲୋକ ମାନେ ରହିଥିବା ବେଳେ ସେମାନଙ୍କ ନିକଟରେ ପ୍ରଶାସନ ଯେଉଁଭଳି ଭାବେ ସହାୟତା ଦେଉଛି ତାହା ଠିକ ନୁହେଁ। ଏବେବି ଅନେକ ଲୋକଙ୍କ ନିକଟରେ ଚିଲିଫ ସହିତ ଗୋଖାଦ୍ୟ ପହଞ୍ଚି ପାରିନି। ଦିନେ / ଦୁଇ ଦିନ ବଦଳରେ ଦଶ ଦିନ ପାଇଁ ଚିଲିଫ ସାମଗ୍ରୀ ସହିତ ଗୋଖାଦ୍ୟ ଯୋଗାଇ ଦେଲେ ଅନ୍ତତଃ ଲୋକମାନଙ୍କ କଷ୍ଟ କିଛିମାତ୍ରାରେ ଲାଘବ ହୋଇପାରିବ। ଏହି ଅବସରରେ ଜିଲ୍ଲା ପରିଷଦ ପ୍ରତିନିଧି କେଦାରନାଥ ବେହେରା, ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ଯୁବନେତା ପ୍ରିୟବ୍ରତ ପାତ୍ର, କୃଷ୍ଣଚନ୍ଦ୍ର ପରିଡା, ନିରଞ୍ଜନ ସେନାପତି, ମନୋଜ ମହାନ୍ତି, ନିର୍ମଳ ବେହେରା ପ୍ରମୁଖ ବିଧାୟକଙ୍କ ପକ୍ଷରୁ ଶୁଖିଲା ଖାଦ୍ୟ ଓ ପାଣି ବିଭିନ୍ନ ପଞ୍ଚାୟତରେ ବଣ୍ଟନ କରିଥିଲେ।

ବ୍ରେନ ଟ୍ୟୁମର ଶିଶୁକୁ ସହାୟତାର ହାତ ବଢ଼ାଇଲା ପଞ୍ଚୁବରାହୀ ସେବା ସଂସ୍ଥାନ

ରାଜନଗର (ଅମୃତ ମିଡିଆ): ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ବଲଭଦ୍ରପୁର ଗ୍ରାମର ଅଜୟ ମହାକୁଡଙ୍କ ଚାରି ବର୍ଷର ପୁଅ ଆଉସୁ ବ୍ରେନ ଟ୍ୟୁମର ରୋଗରେ ଆକ୍ରାନ୍ତ ହୋଇ କିଛିଦିନ ହେବ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।ଅଜୟ ଜଣେ ଗରିବ ବ୍ୟକ୍ତି ଏବଂ ପୁଅ ଚିକିତ୍ସା ପାଇଁ ଆର୍ଥିକ ଅବସ୍ଥା ଦୁର୍ବଳ ଥିବା ଖବର ପାଇଁ ସାତଭାୟା ସ୍ଥିତ ମା ପଞ୍ଚୁବରାହୀ ସେବା ସଂସ୍ଥାନ ପକ୍ଷରୁ ସଭାପତି ଅମିତ ପରିଡ଼ା,ଉପଦେଷ୍ଟା ଅଞ୍ଜନ ଲେଙ୍କା,ସମ୍ପାଦକ ସୌମ୍ୟରଞ୍ଜନ ସାହାଣୀ, ଗୁପ୍ତି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ପୂର୍ବତନ ଫାର୍ମାସିଷ୍ଟ ବିଶ୍ୱଜଂଜନ ଦେହୁରୀ ଓ କଙ୍କତରୁ ବେହେରା ଏସସିବି ମେଡ଼ିକାଲରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିବା ସହ ଶିଶୁଟିର ଆରୋଗ୍ୟ କାମନା କରିଛନ୍ତି।

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ

ବ୍ରହ୍ମପୁର (ଅମୃତ ମିଡିଆ): ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ କୁ ପାଳନ କରିଛି ଗଞ୍ଜାମ ଜିଲ୍ଲା (ପୂର୍ବ) କଂଗ୍ରେସ । ଜିଲ୍ଲା କଂଗ୍ରେସ ସଭାପତି (ପୂର୍ବ) ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ବାପୁଜୀ ଆଶ୍ରମ ପରିସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ପଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ନେତୃତ୍ୱରେ ତତ୍କାଳୀନ କଂଗ୍ରେସରେ ରହିଥିବା ସ୍ଥିରତା ଏବଂ ଲୋକପ୍ରିୟତା ଉପରେ ଆଲୋକପାତ କରିଥିଲେ କଂଗ୍ରେସ ସଭାପତି। କଂଗ୍ରେସ ନେତୃତ୍ୱ ସମୟରେ ଗାନ୍ଧୀ ପରିବାରର କଂଗ୍ରେସ ଦଳ ଓ ଭାରତ ରେ ହୋଇଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ।

ବୃଦ୍ଧିପାଉଛି ମୂଲ୍ୟବାନ କାଠ ଚୋରା ବ୍ୟବସାୟ

ବନ ବିଭାଗର ଚଢଉ, କାଠମାଫିଆ ଗିରଫ

ଭଞ୍ଜନଗର (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ବନାଞ୍ଚଳର ଗାଙ୍ଗପୁର ସେକସନର ପଳାସପଲ୍ଲୀ ଗାଁ ବାହାରେ ଜୈନିକ କାଠ ମାଫିଆ ସ୍ଥାନୀୟ ଅଞ୍ଚଳରେ ଥିବା ମୂଲ୍ୟବାନ ଗଛ କାଟି ଲୁଚାଛପାରେ ବ୍ୟବସାୟ କରୁଥିଲା। ହେଲେ ଗୁରୁବାର ପୂର୍ବାହ୍ନରେ କୌଣସି ବିଶ୍ୱସ୍ତ ସୂତ୍ରରୁ ବନଖଣ୍ଡ ଅଧିକାରୀ ହିମାଶୁଂ ଶେଖର ମହାନ୍ତିଙ୍କ ପାଖରେ ଖବର ପହଞ୍ଚିଥିଲା। ଫଳରେ କେନ୍ଦ୍ରିୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀରାଜ ପ୍ରଧାନଙ୍କ ନିର୍ଦ୍ଦେଶରେ ଗାଙ୍ଗପୁର 'ଲାଠିପଡା ଓ ରଗଡା ସେକସନର କିଛି ବନପାଳ,ବନରକ୍ଷୀ ଓ ବନସ୍ୱାର୍ଡଙ୍କୁ ନେଇ ଏକ ଟିମି ଗଠନ କରି ପଳାସପଲ୍ଲୀ ଗାଁ ବାହାରେ ଥିବା ଏକ କୁଡିଆ ଘରେ ଚଢାଉ କରି ବହୁ ମୂଲ୍ୟବାନ ସାଗୁଆନ ଲଗ ଓ ସାଇଜ୍ କାଠ ଜବତ ଜବତ କରାଯାଇଥିଲା। ହେଲେ ସେତେବେଳକୁ କାଠ ମାଫିଆ ବନ ବିଭାଗର ଗତିବିଧିକୁ ଲକ୍ଷ କରି ବହୁ ପୂର୍ବରୁ ବୋଧେ ଯାଗାଛାଡି ଘଟଣା ସ୍ଥାନରୁ ଚାଲିଯାଇଥିଲା। ହେଲେ କିଏ ଏହି ମାଫିଆ ତାହା ଜାଣିବାପାଇଁ ବନ ବିଭାଗ ଅନୁସନ୍ଧାନ ଜାରି ରଖିଥିବା ବନାଞ୍ଚଳ ଅଧିକାରୀ ଶ୍ରୀ ପ୍ରଧାନ କହିଛନ୍ତି। ଜବତ ହୋଇଥିବା କାର ମୂଲ୍ୟ ପ୍ରାୟ ପାଖାପାଖି ଲକ୍ଷାଧିକ ଟଙ୍କା ହେବ ବୋଲି ଅନୁମାନ କରିଛି ବନବିଭାଗ।

ବନ୍ୟାଞ୍ଚଳ ପରିଦର୍ଶନ କଲେ ମନମୋହନ

ଚାଷୀଙ୍କ କ୍ଷୟକ୍ଷତି ଅନୁଧାନ; ବିହନ, ସାର ଯୋଗାଣ ଓ କ୍ଷତିପୂରଣ ପ୍ରତିଶ୍ରୁତି

ଧୂଷୁରୀ (ଅମୃତ ମିଡିଆ): ଚାନ୍ଦବାଲି ବ୍ଲକରେ ବନ୍ୟା ପରିସ୍ଥିତିରେ ଲୋକଙ୍କ ଦୁର୍ଦ୍ଦଶା ଓ ଚାଷୀଙ୍କ କ୍ଷୟକ୍ଷତିର ସ୍ଥିତି ଅନୁଧାନ କରିଛନ୍ତି ଭାଜପା ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ। ଗୁରୁବାର ସେ ବୋଟ୍ ଯୋଗେ ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଗାଁରେ ପହଞ୍ଚି ଜଳବନ୍ଦୀ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିଥିଲେ। ପୂର୍ବାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ସାମଲ ସୁନ୍ଦରପୁର ପଞ୍ଚାୟତର ପାରଡିଆ, ନାନ୍ଦପୁର ପଞ୍ଚାୟତର ବାଙ୍କମୁହାଁ ଓ ନାନ୍ଦପୁର, ଆରଡି ପଞ୍ଚାୟତର ମୁଆଁ ଓ ସନ୍ତରା ଏବଂ ଓଳଗ ପଞ୍ଚାୟତର ବୋଡକ ଆଦି ଅଞ୍ଚଳ ପରିଦର୍ଶନ କରିଥିଲେ। ବନ୍ୟାଜଳ ମଧ୍ୟରେ ରହୁଥିବା ପରିବାରଗୁଡ଼ିକୁ ଆବଶ୍ୟକ ସହାୟତା ମିଳୁଛି କି ନାହିଁ, ସେ ସମ୍ପର୍କରେ ସ୍ଥାନୀୟ ଲୋକଙ୍କଠାରୁ ତଥ୍ୟ ନେଇଥିଲେ। ପାରଡିଆ ଗାଁରେ ଥିବା ଫ୍ରି କିଚେନ୍ ସେଣ୍ଟରରେ ପହଞ୍ଚି ସେଠାରେ ପ୍ରସ୍ତୁତ ରନ୍ଧାଖାଦ୍ୟ ଖାଇ ଏହାର ମାନ ଯାଞ୍ଚ କରିଥିଲେ। ବନ୍ୟା ପ୍ରଭାବିତଙ୍କୁ ଶୁଖିଲା ଖାଦ୍ୟ, ରନ୍ଧାଖାଦ୍ୟ ଓ ଗୋଖାଦ୍ୟ ମିଳୁଛି କି ନାହିଁ, ସେନେଇ ମଧ୍ୟ ଲୋକଙ୍କ ସହ ଆଲୋଚନା କରିଥିଲେ। ପୂର୍ବ ବନ୍ୟା ସମୟରେ ଚାଳଘର ଏନେଇ ଆଲୋଚନା କରିଥିଲେ। ବନ୍ୟା ପରେ ଚାଷୀଙ୍କୁ ଉନ୍ନତମାନର ବିହନ ଓ ରାସାୟନିକ ସାର ଯୋଗାଇ ଦିଆଯିବା ସହ ଫସଲ କ୍ଷୟକ୍ଷତିର ଆକଳନ କରାଯିବ ବୋଲି ସେ କହିଥିଲେ। ଯୋଗ୍ୟ ଚାଷୀଙ୍କ ବ୍ୟାଙ୍କ ଖାତାକୁ ନିୟମାନୁସାରେ କ୍ଷତିପୂରଣ ଅର୍ଥ ପ୍ରଦାନ ପାଇଁ ପାଲ ମିଳିଥିବା ନେଇ କେତେକ ଲୋକ ତାଙ୍କୁ ଜଣାଇଥିଲେ।

ବନ୍ୟା ଯୋଗୁ ଚାନ୍ଦବାଲି ବ୍ଲକର ଅନେକ ଅଞ୍ଚଳରେ ଚାଷଜମି ଜଳମଗ୍ନ ହୋଇ ଫସଲ ନଷ୍ଟ ହୋଇଥିବାରୁ ସାମଲ ଚାଷୀଙ୍କ ସହ ଜିଲା ମହିଳା ସମ୍ପାଦିକା ସ୍ୱାଗତିକା ପଲାଇ, ବାବା ଆଖଣ୍ଡଳମଣି ମଣ୍ଡଳ ସଭାପତି ସନ୍ଦୀପ କୁମାର ନାୟକ, ସୁନ୍ଦରପୁର ସମିତି ସଭ୍ୟ ଶରତ ବେହୁରିଆ, ପୂର୍ବତନ ସମିତି ସଭ୍ୟ ସୁଦେଶ ପଣ୍ଡା, ସଦାନନ୍ଦ ମଲିକ ଓ ଭାଜପା ନେତା କାର୍ତ୍ତିକ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ମେଗା ଷ୍ଟିଲ୍‌ପ୍ଲାଣ୍ଟ ପାଇଁ ଗ୍ରାମସଭା

ପ୍ରଭାବିତ ଗ୍ରାମ୍ୟ କମିଟି ପକ୍ଷରୁ ବିରୋଧ

ପାଟଣା (ଅମୃତ ମିଡିଆ): କେନ୍ଦୁଝର ଜିଲା ପାଟଣା ତହସିଲ ଅନ୍ତର୍ଗତ ତେମେଣା ଓ ଯମୁନା ପୋଷି ପଞ୍ଚାୟତ ୧୨ଟି ମୌଜାକୁ ନେଇ ପ୍ରସ୍ତାବିତ ମେଗା ଷ୍ଟିଲ ପ୍ଲାଣ୍ଟ ପାଇଁ ଶୁକ୍ରବାର ଯମୁନାପଶି ପଞ୍ଚାୟତ ପଡ଼ିଆରେ ଦ୍ୱାଦଶ ଗ୍ରାମସଭା ଶେଷ ହୋଇଛି। ଯମୁନାପଶି ସରପଞ୍ଚ ଶଶିଭୂଷଣ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଗ୍ରାମସଭାରେ ଅତିରିକ୍ତ ଜିଲା ପାଳ ତଥା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ରବୀନ୍ଦ୍ର ପ୍ରଧାନ ପାଟଣା ବିଡିଓ ମାନସ ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ କୁମାର ନାଏକ, ଇଡକୋଜମି ଅଧିଗ୍ରହଣ ଅଧିକାରୀ କୃଷ୍ଣଚନ୍ଦ୍ର ପାତ୍ର ସମିତି ସଭ୍ୟ ହେମଲତା ନାଏକ, ନାଏବ ସରପଞ୍ଚର ୱାର୍ଡମେମ୍ବର ପ୍ରମୁଖ ଉପସ୍ଥିତ ରହିଥିଲେ। ଗ୍ରାମବାସୀଙ୍କ ତରଫରୁ ୩୩ଦଫା ଦାବି ଉପସ୍ଥାପନ କରାଯାଇଥିଲା। ଜମିର କ୍ଷତିପୂରଣ ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଓ ଦାବି ନେଇ ଗ୍ରାମବାସୀ ନିଜ ମତ ରଖି ଏକର ପିଛା ୨୦ କୋଟି ଟଙ୍କା ଦାବି କରିଛନ୍ତି। ଅନ୍ୟପକ୍ଷରେ ପୋସ୍କୋ ବିନ୍ଦଲ ପ୍ରତିରୋଧ ମଞ୍ଚ ଗ୍ରାମ କମିଟି ପକ୍ଷରୁ ଯମୁନା ପୋଷିରେ ହେଇଥିବା ଗ୍ରାମସଭା ଅଗଣତାନ୍ତିକ କହି ଯମୁନାପୋଷି, ଗୋଡ଼ିପୋଖରୀ, କୋଡ଼ ଖମଣ, ତେମେଣା ଧନୁର୍ଜୟପୁର ଓ ଚିଳିଦାରେ ପ୍ରତିବାଦ ଓ ନାରା ବାଜି କରାଯାଇଥିଲା।

ପୂର୍ବରୁ ୧୧ଟି ଗ୍ରାମସଭା ଶେଷ ହୋଇଥିବାବେଳେ ଶୁକ୍ରବାର ଯମୁନା ଗ୍ରାମରେ ଶେଷ ଗ୍ରାମସଭା ଅନୁଷ୍ଠିତ ହୋଇଛି। ସମସ୍ତ ଗ୍ରାମସଭା ଶେଷ ହେବା ପରେ ଏବେ ମେଗା ଷ୍ଟିଲ୍ ପ୍ଲାଣ୍ଟ ? ପାଇଁ ପରବର୍ତ୍ତୀ ପ୍ରଶାସନିକ ଓ ଆଇନଗତ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଏଡିଏମ୍ ତଥା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ରବୀନ୍ଦ୍ର ପ୍ରଧାନ କହିଛନ୍ତି। ମେଗାଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ସମସ୍ତ ଗ୍ରାମସଭା ଶେଷ ହୋଇଥିବାରୁ ସ୍ଥାନୀୟପ୍ଲାଣ୍ଟ ସପକ୍ଷବାଦୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିବାବେଳେ ପ୍ଲାଣ୍ଟ ବିରୋଧୀ ପରବର୍ତ୍ତୀ କାର୍ଯ୍ୟ ପାଇଁ ପଡ଼ା ପାଇଁ ସଜ ହୋଇଛନ୍ତି। କେବେ ଷ୍ଟିଲ୍‌ପ୍ଲାଣ୍ଟ ନିର୍ମାଣ ଆରମ୍ଭ ହେବ ଏବଂ ଏହାଦ୍ୱାରା କେନ୍ଦୁଝରର ଶିଳ୍ପ, ରୋଜଗାର ଓ ଅର୍ଥନୀତିରେ କେବେ ପରିବର୍ତ୍ତନ ଆସିବ ସେନେଇ ଏବେ ସମସ୍ତଙ୍କ ନଜର ରହିଛି।

ପୋଲସରା କଳମ୍ୟରେ 'ମେଗା ପ୍ଲାଣ୍ଟେସନ୍ ଡ୍ରାଇଭ୍'

ପୋଲସରା (ଅମୃତ ମିଡିଆ): ପୋଲସରା ବ୍ଲକ୍ କଳମ୍ୟ

।।। ୧୪୩ ଦିନରେ ପୁରୀବାସୀଙ୍କ ସଚେତନତା ସତ୍ୟାଗ୍ରହ ପଦଯାତ୍ରା ।।।

ଦର୍ଶନ ଅଧିକାର ପାଇଁ ଆଜି ଆରକ୍ଷୀ ଅଧୀକ୍ଷକଙ୍କ ସହ ଆଲୋଚନା

ପୁରୀ (ବ୍ୟୁରୋ): ପୁରୀ ବାସୀଙ୍କ ପାଇଁ ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନରେ ସ୍ଥାୟୀ, ସୁବ୍ୟବସ୍ଥିତ ଓ ସମ୍ମାନଜନକ ବ୍ୟବସ୍ଥା ଦାବିରେ ଏପ୍ରିଲ ୧ ଠାରୁ ଭକ୍ତ ସାଲବେଗ ପାଠରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ଚାଲିଥିବା ଅହିଂସାମୂଳକ ସଚେତନତା ସତ୍ୟାଗ୍ରହ ପଦଯାତ୍ରା ଆଜି ୧୪୩ତମ ଦିନରେ ପହଞ୍ଚିଛି । ପୁରୀବାସୀ ନିଜର ଆଧାର କାର୍ଡକୁ ପରିଚୟର ପ୍ରମାଣ ଭାବେ ଦେଖାଇ ଚାରିଦ୍ୱାର ଦେଇ ନିୟମିତ ଭାବେ ଶ୍ରୀମନ୍ଦିରରେ ପ୍ରବେଶ କରି ଘଣ୍ଟି ଦ୍ୱାର ଦେଇ ମହାପ୍ରଭୁଙ୍କ ଦର୍ଶନ କରିପାରିବା ପାଇଁ ସ୍ପଷ୍ଟ ଓ ସ୍ଥାୟୀ ବ୍ୟବସ୍ଥା ଏହି ସତ୍ୟାଗ୍ରହର ମୁଖ୍ୟ ଦାବି । ଆସନ୍ତାକାଲି ୨୨ ଅଗଷ୍ଟ ୨୦୨୬, ଦିବା ୧୧.୩୦ ଘଟିକା ସମୟରେ ଆରକ୍ଷୀ ଅଧୀକ୍ଷକଙ୍କ ସହ ଏହି ଦାବି ସମ୍ପର୍କରେ ଆଲୋଚନା ହେବାକୁ ଧାର୍ଯ୍ୟ ହୋଇଛି । ପୁରୀବାସୀଙ୍କ ଦୀର୍ଘଦିନର ଦାବିର ସ୍ଥାୟୀ ସମାଧାନ ଦିଗରେ ଏହି ଆଲୋଚନା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମଞ୍ଚ ପକ୍ଷରୁ ଆଶା ପ୍ରକାଶ କରାଯାଇଛି । ମଞ୍ଚର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, “ଆମର ଦାବି କୌଣସି ବିଶେଷ ସୁବିଧା ପାଇଁ ନୁହେଁ; ପୁରୀବାସୀଙ୍କ ପାଇଁ ଆଧାର କାର୍ଡକୁ ପରିଚୟ ପ୍ରମାଣ ଭାବେ ଗ୍ରହଣ କରି ଚାରି ଦ୍ୱାର ଦେଇ ନିୟମିତ ଓ ସମ୍ମାନଜନକ ଶ୍ରୀମନ୍ଦିର ପ୍ରବେଶ ଏବଂ ଦର୍ଶନର ସ୍ଥାୟୀ ବ୍ୟବସ୍ଥା କରାଯାଉ । ଆମେ ଶ୍ରୀମନ୍ଦିରର ନୀତିକାନ୍ତି ଓ ପରମ୍ପରାକୁ ସମ୍ମାନ କରି ସତ୍ୟ ଓ ଅହିଂସାର ପଥରେ ଆମର ଦାବି ଜାରି ରଖିଛୁ ।” ଆଜିର ପଦଯାତ୍ରାରେ ହରିଶଙ୍କର ମିଶ୍ର, ବିଶ୍ୱନାଥ ମିଶ୍ର, ସୁକାନ୍ତ ପଣ୍ଡା, ନୃସିଂହନାଥ ନାୟକ, ଅଭିମନ୍ୟୁ ରାୟଗୁରୁ, ରମେଶ ଚନ୍ଦ୍ର ମହାନ୍ତି, ପ୍ରକାଶ ଚନ୍ଦ୍ର ନାୟକ, ସରସ୍ୱତୀ ପାତ୍ର, ଅରୁଣା ପଟ୍ଟନାୟକ, ସନ୍ଧ୍ୟାରାଣୀ ମିଶ୍ର, ରୁପା ବେହେରା, ଅଞ୍ଜୁବାଳା ମହାନ୍ତି, ନେହା ଦାଶ, ସୋନା ମିଶ୍ର, କଣ୍ଢେଇ ଗୌଡ଼, ମମତା ସ୍ୱାଇଁ, ଶିଶିରକାନ୍ତ ଶତପଥୀ, କାହ୍ନୁ ଚରଣ ପ୍ରଧାନ, ସନ୍ତୋଷ ସେନାପତି, କିଶୋର ଚନ୍ଦ୍ର ଦାସଙ୍କ ସମେତ ବହୁ ସତ୍ୟାଗ୍ରହୀ ସାମିଲ ହେବା ସହ ଶ୍ରୀମନ୍ଦିର ପଶ୍ଚିମ ଦ୍ୱାରରେ ଆଧାର କାର୍ଡ ଦେଖାଇ ପ୍ରବେଶ କରି ଘଣ୍ଟିଦ୍ୱାର ଦେଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପୁରୀବାସୀଙ୍କ ଶ୍ରୀଜଗନ୍ନାଥ ମନ୍ଦିର ପ୍ରବେଶ ଓ ଦର୍ଶନରେ ଯେଉଁ ସଫଳତା ମିଳିବାକୁ ଯାଉଛି ସେଥିରେ ଗଣମାଧ୍ୟମର ଭୂମିକା ପ୍ରଶଂସନୀୟ । ଆସନ୍ତାକାଲି ୨୨ ଅଗଷ୍ଟ ୨୦୨୬ ରିଖ ଦିବା ୧୧.୩୦ ଘଟିକା ସମୟରେ ଆରକ୍ଷୀ ଅଧିକ୍ଷକଙ୍କ ସହ ଆଲୋଚନା କରିବା ଯେଉଁ ଧାର୍ଯ୍ୟ ନିର୍ଘଣ୍ଟ କରାଯାଇଛି ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ ।

।।। ଯୌତୁକ ନିରୋଧ ଆଇନ କର୍ମଶାଳା ।।।

ଯୌତୁକ ଏକ ଭୟଙ୍କର ବ୍ୟାଧି, ସଚେତନତା ହିଁ ନିରାକରଣର ମାଧ୍ୟମ

ପୁରୀ (ବ୍ୟୁରୋ): ଆଜିର ସମାଜ ରେ ଯୌତୁକ ଏକ ଭୟଙ୍କର ସାମାଜିକ ବ୍ୟାଧି ।ଏହାର ନିରାକରଣ ପାଇଁ ଅନେକ ଆଇନ ରହିଛି । ତେବେ ବ୍ୟାପକ ସଚେତନତା ହିଁ ଏହାର ବିନାଶ କରିପାରିବ ବୋଲି କହିଛନ୍ତି ବକ୍ତାମାନେ । ଶୁକ୍ରବାର ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଯୌତୁକ ନିରୋଧ ଆଇନ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଯୋଗଦେଇ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୌତୁକ ନିରୋଧ ପାଇଁ ଅନେକ ଆଇନ ରହିଥିଲେ ମଧ୍ୟ କେଉଁଠି ନା କେଉଁଠି ଏହାର ଉଲ୍ଲଙ୍ଘନ ହେଉଛି ।ଯୌତୁକ ଲୋଭୀ ମାନେ ଏ କ୍ଷେତ୍ରରେ ପ୍ରମୁଖ ଭୂମିକା ନେଉଛନ୍ତି ।ଆମେ ଯଦିଓ ଜାଣିଛନ୍ତି ଯୌତୁକ ନେବା ଓ ଦେବା ଏକ ଅପରାଧ ।ତଥାପି ଏହାକୁ ସମ୍ପୂର୍ଣ୍ଣ ରୋକା ଯାଇ ପାରୁନାହିଁ ।ପ୍ରତ୍ୟେକ ସଚେତନ ହେଲେ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇ ପାରିବ ବୋଲି ସେ କହିଥିଲେ ।ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମ ରେ ଆଇନ ବିଶାରଦ ତଥା ପରାମର୍ଶ ଦାତା ମୋହନ ସୁନ୍ଦର ଜେନା,ଶିଶୁ ସୁରକ୍ଷା ର ଆଇନ ଅଧିକାରୀ ସନ୍ତୋଷ କୁମାର ସାହୁ ଯୌତୁକ ନିରୋଧ ଆଇନ ୧୯୬୧ ଓ ପରବର୍ତ୍ତୀ ସଂଶୋଧନ ଆଇନ ସମ୍ପର୍କରେ ବିସ୍ତୃତ ଆଲୋଚନା କରି ଏହାର ଆଇନଗତ ବ୍ୟବସ୍ଥା, କାର୍ଯ୍ୟାନୁଷ୍ଠାନ, ଦଣ୍ଡ ବିଧି, ନିରାକରଣ ଓ ସାମାଜିକ ସଚେତନତା ଉପରେ ଆଲୋକପାତ କରିଥିଲେ ।ପୋଲିସ ଡିଏସପି ତିଳୋତ୍ତମା ରାଉତ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୋବିନ୍ଦ ହେମ୍ବ୍ରମ,ଏଡିପିଏଚଓ ଡା ନାରାୟଣ ପ୍ରସାଦ ନନ୍ଦ,ବାପଟିଷ୍ଟ ଚର୍ଚ୍ଚର ସମ୍ପାଦକ ରବିନ କୁମାର ପାଟସାହାଣୀ, ମହିଳା ମହାସଂଘ ର ସଭାପତି ମୀନାକ୍ଷୀ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ଯୌତୁକ ର ସଂଜ୍ଞା, ଯୌତୁକ ର ଇତିହାସ,କାରଣ, ନିରାକରଣ ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ ।ପ୍ରାରମ୍ଭରେ ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମରେ ସିଡିପିଓ, ସୁପରଭାଇଜର, ବିଭିନ୍ନ ଶିକ୍ଷାନୁଷ୍ଠାନ ର ମୁଖ୍ୟ, ସ୍ୱେଚ୍ଛାସେବୀ ସଂଗଠନ ର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଯୌତୁକ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ ।

ହୋଟେଲ ସ୍ୱସ୍ତି ପ୍ରିମିୟମ ବିଚ୍ ରିସର୍ଟସ ପକ୍ଷରୁ ରକ୍ତଦାନ ଶିବିର

ପୁରୀ (ବ୍ୟୁରୋ):ହୋଟେଲ ସ୍ୱସ୍ତି ପ୍ରିମିୟମ ବିଚ୍ ରିସର୍ଟସ, ପୁରୀ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଅଛି । ଗତ ଦୁଇବର୍ଷ ଧରି ଏହିପରି ରକ୍ତଦାନ ଶିବିର ସ୍ୱସ୍ତି, ପୁରୀ ତରଫରୁ ପ୍ରତ୍ୟେକ ବର୍ଷ କରାଯାଉଛି । ରକ୍ତଦାନ ପରି ଅନେକ ସାମାଜିକ ସେବା କାର୍ଯ୍ୟକ୍ରମ ସ୍ୱସ୍ତି ଗ୍ରୁପ ତରଫରୁ କରାଯାଇଥାଏ । ସ୍ୱସ୍ତି ଗ୍ରୁପର ଅଧକ୍ଷ ତଥା ପରିଚାଳକ ନିର୍ଦ୍ଦେଶକ ଶ୍ରୀ ଜିତେନ୍ଦ୍ର କୁମାର ମହାନ୍ତି ଓ ନିର୍ଦ୍ଦେଶକ ଶ୍ରୀ ଚିରଞ୍ଜୀବୀ ମହାନ୍ତି ଏହିଭଳି ସାମାଜିକ ସେବା କାର୍ଯ୍ୟକ୍ରମକୁ ସବୁବେଳେ ପ୍ରୋତ୍ସାହନ ଦେଇଆସୁଛନ୍ତି । ଆଜିର ଏହି ରକ୍ତଦାନ ଶିବିର ରେ ହୋଟେଲର ଜେନେରାଲ ମ୍ୟାନେଜର ଶ୍ରୀ ଉପେନ୍ଦ୍ର ଶାନବାଗ, ପୁରୀ ଜିଲ୍ଲା ରକ୍ତକେନ୍ଦ୍ରର ମୁଖ୍ୟ ଡାକ୍ତର ଦୀପକ ସାହୁ ଓ ହୋଟେଲର ସମସ୍ତ ବିଭାଗ ମୁଖ୍ୟ ପରିଚାଳକ ମାନେ ଉପସ୍ଥିତ ଥିଲେ। ରକ୍ତ କେନ୍ଦ୍ର ତରଫରୁ ଶ୍ରୀ ପ୍ରୀତିରଞ୍ଜନ ନାୟକ, ମନୋରଞ୍ଜନ ଭୋଇ ଓ ଅନ୍ୟ କର୍ମଚାରୀ ରକ୍ତଦାନ ରେ ଉପସ୍ଥିତ ଥିଲେ। ଏହି ଶିବିର ରେ ରକ୍ତଦାନ କରିଥିବା କର୍ମଚାରୀ ମାନଙ୍କ ମଧ୍ୟରୁ ଶ୍ରୀ ପ୍ରତାପ ସ୍ୱାଇଁ, ବିଶ୍ୱଜିତ ପ୍ରହରାଜ, ସୋନାଲି ତ୍ରିପାଠୀ, କେ ହରି ବାରିକ, ଅଭିଜିତ ମିଶ୍ର, ଶଶିକାନ୍ତ ଲାହା, ବାସୁଦେବ ନାୟକ, ଗୋଲାପଶା ଖାଟୁନ, ସେଫ ଧୀରେନ୍ଦ୍ର, ଦିଲୀପ କୁମାର ବେହେରା, ପ୍ରୀତି ରାଣୀ ମହାରଣା, ସାଗର ସ୍ୱାଇଁ, ପିଣ୍ଟୁ ପରିଡା, ନିତୁ ଚୌଧୁରୀ, ନୀଳ ମାଧବ ବେହେରା, ଲକ୍ଷ୍ମୀଧର ତ୍ରିପାଠୀ, ଶୁଭଶ୍ରୀ ସ୍ୱାଇଁ, ପ୍ରତାପ ଜେନା, ଦିବ୍ୟଜ୍ୟୋତି ମହାନ୍ତି, ସୁସ୍ମିତା ଦତ୍ତ, ଗାୟତ୍ରୀ ଦାସ, ଏସ କେ ସୌଲତ କାଦରୀ, ସୁଶାନ୍ତ ବରାଳ, ସ୍ୱରାଜ ବରାଳ, ନମିଶ କୁମାର ବେହୁରା, ପବିତ୍ର କୁମାର ନାୟକ ଓ ଅନ୍ୟମାନେ। ଏହି ଶିବିର ରେ ୫୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । କାର୍ଯ୍ୟକ୍ରମ ଟିକୁ ହୋଟେଲ ର ମାନବ ବିକାଶ ବିଭାଗ ଦ୍ୱାରା ପରିଚାଳନା କରାଯାଇଥିଲା । ଏହି ବିଭାଗ ମୁଖ୍ୟ ଶ୍ରୀ ସୁରେନ୍ଦ୍ର କୁମାର ସାହୁ, ମୁକେଶ କୁମାର ଭୋଇ, ତେଜସ୍ୱିନି ନାୟକ, ସାକ୍ଷୀ ସମିତା ଜେନା ଓ ଶଶୀ ଶେଖର ସ୍ୱାଇଁ, ଅନ୍ୟମାନେ ସହଯୋଗ କରିଥିଲେ।

ରକ୍ଷାବନ୍ଧନ: ୨୭ରେ ଘରେ, ୨୮ରେ ଶ୍ରୀମନ୍ଦିରରେ ପାଳନ

ପଞ୍ଜିକା ସମୀକ୍ଷକ ଓ ସଂସ୍କୃତି ଗବେଷକଙ୍କ ମତ

ପୁରୀ (ବ୍ୟୁରୋ): ଶ୍ରାବଣ ମାସ ପୂର୍ଣ୍ଣିମାକୁ ଗହ୍ମାପୂର୍ଣ୍ଣିମା ଭାବେ ପାଳନ କରାଯାଏ। ଉକ୍ତଦିନ ପ୍ରଭୁ ବଳଭଦ୍ରଙ୍କ ଜନ୍ମଦିବସ ସହ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥାଏ। ସେହିପରି ଗହ୍ମା ପୂର୍ଣ୍ଣିମାରେ ଶ୍ରୀମନ୍ଦିର ସହ ଘରେ ଘରେ ରକ୍ଷା ବନ୍ଧନ ପର୍ବ ପାଳନ କରାଯାଇଥାଏ। ଭାଇର ମଙ୍ଗଳ କାମନା କରି ଭଉଣୀଟିଏ ଭାଇ ହାତରେ ରାଖୀ ବାନ୍ଧିଥାଏ। ତେବେ ଚଳିତ ବର୍ଷ ରକ୍ଷାବନ୍ଧନକୁ ନେଇ ଦ୍ୱନ୍ଦ୍ୱ ଦେଖିବାକୁ ମିଳିଛି। ଚଳିତ ଥର ପୂର୍ଣ୍ଣିମା ଦୁଇଦିନ ପଡୁଥିବାରୁ କେଉଁ ଦିନ ରକ୍ଷାବନ୍ଧନ ପର୍ବ ପାଳନ କରାଯିବ, ସେନେଇ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଶ୍ରୀମନ୍ଦିରରେ ଅଗଷ୍ଟ ୨୮ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରକ୍ଷାବନ୍ଧନ ସହ ବଳଭଦ୍ର ଜନ୍ମ, ଶ୍ରୀସୁଦର୍ଶନଙ୍କ ଚାରିଆଶ୍ରମ ବିଜେ ନୀତି ଅନୁଷ୍ଠିତ ହେବ। କିନ୍ତୁ ଘରେ ବା ସାଧାରଣ ଲୋକେ ଅଗଷ୍ଟ ୨୭ ତାରିଖରେ ରକ୍ଷାବନ୍ଧନ ପର୍ବ ପାଳନ କରିବା ନେଇ ପଞ୍ଜିକାରେ ଥିବାରୁ ଏଭଳି ଦ୍ୱନ୍ଦ୍ୱ ଉପୁଜିଛି।

ଜଳବାୟୁ ସଚେତନତା ଶିବିର ଓ ୧ ଲକ୍ଷ ନିମ୍ବମଞ୍ଜି ରୋପଣ

ପୁରୀ (ବ୍ୟୁରୋ): ନେଚୁରିରୋ ପ୍ଲାନେଟ୍ ଫାଉଣ୍ଡେସନ୍ ପକ୍ଷରୁ ସରକାରୀ ଶିଳ୍ପ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଆଇଟିଆଇ), ପୁରୀ ପରିସରରେ ଏକ ଜଳବାୟୁ ଓ ପରିବେଶ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଯୁବପିଢ଼ିଙ୍କ ମଧ୍ୟରେ ଜଳବାୟୁ ପରିବର୍ତ୍ତନ, କାର୍ବନ ଫୁଟପ୍ରିଣ୍ଟ ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ଦୈନନ୍ଦିନ ଜୀବନରେ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଥିଲା ଏହି କାର୍ଯ୍ୟକ୍ରମର ପ୍ରମୁଖ ଉଦ୍ଦେଶ୍ୟ ।ସଚେତନତା ଶିବିରରେ ପରିବେଶବିତ୍ ହିମାଂଶୁ ଶେଖର ନାୟକ ଛାତ୍ରଛାତ୍ରୀମାନଙ୍କ ସହ ଜଳବାୟୁ ପରିବର୍ତ୍ତନର କାରଣ, ଏହାର ବର୍ତ୍ତମାନ ଓ ଭବିଷ୍ୟତ ପ୍ରଭାବ, ପରିବେଶ ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନ ଏବଂ ଏହାର ସମ୍ଭାବ୍ୟ ସମାଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବିଶେଷକରି ଜଣେ ବ୍ୟକ୍ତି ନିଜ ଜୀବନଶୈଳୀରେ ଛୋଟ ଛୋଟ ପରିବର୍ତ୍ତନ ଆଣି କିପରି ନିଜର କାର୍ବନ ଫୁଟପ୍ରିଣ୍ଟ କମାଇପାରିବେ, ସେ ସମ୍ପର୍କରେ ସରଳ ଉଦାହରଣ ମାଧ୍ୟମରେ ବୁଝାଇଥିଲେ। କେବଳ ଗଛ ଲଗାଇବା ନୁହେଁ, ଗଛକୁ ବଞ୍ଚାଇ ବଡ଼ କରିବା ମଧ୍ୟ ପରିବେଶ ସୁରକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବୋଲି ସେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ସଚେତନତା ଶିବିର ପରେ ପରିବେଶ ସୁରକ୍ଷାର ବାର୍ତ୍ତାକୁ ବାସ୍ତବ କାର୍ଯ୍ୟରେ ପରିଣତ କରି ସରକାରୀ ଆଇଟିଆଇ, ପୁରୀ ପରିସର ଓ ଏହାର ଚତୁଃପାର୍ଶ୍ୱରେ ୧ ଲକ୍ଷ ନିମ୍ବ ମଞ୍ଜି ରୋପଣ କରାଯାଇଥିଲା। ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଏହି ଅଭିଯାନରେ ସାମିଲ ହୋଇଥିଲେ ।ଦାରୁବ୍ରହ୍ମ ପାଇଁ ନିମ୍ବ ଗଛଟିଏ ବାର୍ତ୍ତାକୁ ନେଇ ଏହି ନିମ୍ବ ମଞ୍ଜି ରୋପଣ ଅଭିଯାନ ଆୟୋଜିତ ହୋଇଥିଲା। ସରକାରୀ ଆଇଟିଆଇ, ପୁରୀର ମୁଖ୍ୟ ଚନ୍ଦ୍ରଶେଖର ସୁନ୍ଦରାୟଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମଟି ଆୟୋଜିତ ହୋଇଥିଲା। ଅନୁଷ୍ଠାନର ଅଧ୍ୟାପକ ଚକ୍ରଧାରୀ ପାତ୍ର, ଟ୍ରେନିଂ ଅଫିସର ଶ୍ରୀକାନ୍ତ ଜେନା, ଅଧ୍ୟାପିକା ଅନୁପୂର୍ଣ୍ଣା ସ୍ୱାଇଁ, ଅଧ୍ୟାପିକା ଦୀପ୍ତିମୟୀ ସିଂହାରୀ ଏବଂ ଅଧ୍ୟାପକ ରାକେଶ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ପରିବେଶ ସୁରକ୍ଷା ଓ ନିମ୍ବ ମଞ୍ଜି ରୋପଣ ଅଭିଯାନରେ ସକ୍ରିୟ ଭାବେ ଯୋଗଦେବାକୁ ଉତ୍ସାହିତ କରିଥିଲେ। ନେଚୁରିରୋ ପ୍ଲାନେଟ୍ ଫାଉଣ୍ଡେସନ୍ ପକ୍ଷରୁ ପ୍ରୋଜେକ୍ଟ ମ୍ୟାନେଜର ଶ୍ରୀ ରୁଦ୍ର ନାରାୟଣ ମିଶ୍ର କାର୍ଯ୍ୟକ୍ରମର ସମନ୍ୱୟ ଓ ପରିଚାଳନା କରି ଶିବିରକୁ ସୁଚାରୁ ରୂପେ ସମ୍ପାଦନ କରିଥିଲେ ।ପରିବେଶ ସଚେତନତା ସହ ବାସ୍ତବ କ୍ଷେତ୍ରରେ ସବୁଜ କାର୍ଯ୍ୟକୁ ଯୋଡ଼ିଥିବା ଏହି ଅଭିଯାନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ‘ଜାଣିବାରୁ କାର୍ଯ୍ୟ ପର୍ଯ୍ୟନ୍ତ’ ପରିବେଶ ସୁରକ୍ଷାର ବାର୍ତ୍ତା ପହଞ୍ଚାଇଥିଲା।

ସଂସ୍କୃତ ସପ୍ତାହ ମହୋତ୍ସବ ଉଦ୍‌ଘାଟିତ

ପୁରୀ (ବ୍ୟୁରୋ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଶ୍ରୀ ସଦାଶିବ ପରିସର ଆନୁକୂଲ୍ୟରେ ସପ୍ତାହବ୍ୟାପୀ ସଂସ୍କୃତ ସପ୍ତାହ ମହୋତ୍ସବ-୨୦୨୬ ଶୁକ୍ରବାର ପୂର୍ବାହ୍ନରେ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି । ଆସନ୍ତା ଅଗଷ୍ଟ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମାରୋହ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀନିବାସ ବରାଖେଡ଼ିଙ୍କ ସଂରକ୍ଷଣ ରେ ଓ ପରିସରର ନିର୍ଦ୍ଦେଶକ ପ୍ରଫେସର ବୋଧ କୁମାର ଝା ସଂସ୍କୃତ ଭାଷାର ପ୍ରସାର ଓ ପ୍ରଚାର ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହାର ଆବୃତ୍ତି ବୃଦ୍ଧି ପାଇଁ ଏଭଳି ମହୋତ୍ସବର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପରେ ସାନ୍ଦୀପନି ରାଷ୍ଟ୍ରୀୟ ବେଦବିଦ୍ୟା ପ୍ରତିଷ୍ଠାନର ଛାତ୍ରମାନଙ୍କ ଦ୍ୱାରା ବୈଦିକ ମଙ୍ଗଳାଚରଣ, ରାଷ୍ଟ୍ରଗୀତ ଓ କୁଳଗୀତ ଗାନ କରାଯାଇଥିଲା । ଏହାପରେ ଛାତ୍ର ଆୟୁଷ୍ମାନ ହରେକୃଷ୍ଣ ପଣ୍ଡା ଓ ଛାତ୍ରୀ ଆୟୁଷ୍ମତୀ ଅଦିତି ମିଶ୍ର ଯୋଗାସନ ପ୍ରଦର୍ଶନ କରିଥିବା ବେଳେ ଆୟୁଷ୍ମତୀ ଅଦ୍ୱୈତା ପାଣିଗ୍ରାହୀ ସଂସ୍କୃତ ନୃତ୍ୟ ପରିବେଷଣ କରି ସଭାକୁ ମନ୍ତ୍ରମୁଗ୍ଧ କରିଥିଲେ ।ଛାତ୍ର ଆୟୁଷ୍ମାନ ସ୍ୱୟମ୍ଭୁ ପ୍ରସାଦ କର ସ୍ୱାଗତ ଭାଷଣ ଦେଇଥିବା ବେଳେ ନିର୍ଦ୍ଦେଶକଙ୍କ ଦ୍ୱାରା ଅତିଥି ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ନନ୍ଦିଘୋଷ ମହାପାତ୍ର ପ୍ରାସ୍ତାବିକ ଭାଷଣ, ସହ-ନିର୍ଦ୍ଦେଶକ ପ୍ରଫେସର ମଖଳେଶ କୁମାର ଉପାଧ୍ୟାୟ ସାରସ୍ୱତ ଅତିଥି ଭାଷଣ ଏବଂ କାର୍ଯ୍ୟକ୍ରମ ମାର୍ଗଦର୍ଶିକା ପ୍ରଫେସର ଗୌରପ୍ରିୟା ଦାଶ ବିଶିଷ୍ଟ ଅତିଥି ଭାବେ ବକ୍ତବ୍ୟ ପ୍ରଦାନ କରିଥିଲେ ।ଶେଷରେ ଛାତ୍ରୀ ଆୟୁଷ୍ମତୀ ଅର୍ପିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ର ଆୟୁଷ୍ମାନ ସନ୍ତ କୁମାର ମିଶ୍ର ସମ୍ପୂର୍ଣ୍ଣ ମଞ୍ଚ ସଞ୍ଚାଳନ କରିଥିବା ବେଳେ ରାଷ୍ଟ୍ରଗାନ ସହ ସଭା ସାଙ୍ଗ ହୋଇଥିଲା ।

ଧାରଣାରେ ବସିଲେ ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ

ପୁରୀ (ବ୍ୟୁରୋ): ନିଖିଳ ଓଡ଼ିଶା ବିଦ୍ୟୁତ ମଜଦୁର ମହାସଂଘ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ରେଡକ୍ରସ ରୋଡ ସ୍ଥିତ ଟିପିସିଓଡିଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ସମୂହ ଧାରଣାରେ ବସିଛନ୍ତି । ସଂଘ ବାରମ୍ବାର ସେମାନଙ୍କ ଦାବି ଜଣାଉଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉନାହିଁ । ବିଭାଗ ନୂଆ ସମସ୍ୟା ତିଆରି କରି ଶ୍ରମିକ ମାନଙ୍କ ଉପରେ ଲଦି ଦେଉଛନ୍ତି । ଟାଟା କମ୍ପାନୀ ଦାୟୀତ୍ୱ ଦେଇଥିବା ଏଜେନ୍ସୀ ମାନେ କର୍ମଚାରୀ ଶୋଷଣ ଓ ମାରଣାନୀତି ଯୋଗୁ ଶ୍ରମିକ ଅତିଷ୍ଠ ହେଉଛନ୍ତି । ସ୍ୟାମ ଇଣ୍ଡୋସ କମ୍ପାନୀ ଏକ ବର୍ଷ ହେଲାଣି ଶ୍ରମିକ ମାନଙ୍କ ମଜୁରୀ ଦେଇନାହିଁ । ମିଥିଲା ଆଣ୍ଠ ମିଥିଲା କମ୍ପାନୀ ୫ଜଣ ଶ୍ରମିକଙ୍କ ଦରମା ଦୁଇବର୍ଷ ହେଲାଣି ଦେଇନାହିଁ । ସୁଜନେକ୍ସ କମ୍ପାନୀ ଟେଣ୍ଡର ସମସ୍ୟା ସମାଧାନ କରିପାରିନାହିଁ । ସୁଜନେକ୍ସ କମ୍ପାନୀ ୧୮ଦିନ ହେବ ନୂତନ ଭାବେ କାର୍ଯ୍ୟଭାର ନେଇଥିଲେ ମଧ୍ୟ କର୍ମଚାରୀ ମାନଙ୍କୁ ଜୟନିଙ୍ଗ ଲେ

ଅମୃତ ସୃଜନୀ

୨୨.୦୮.୨୦୨୬

ମୁକ୍ତିର ଦିନ

ପ୍ରଶାନ୍ତ କୁମାର ଦାଶ

ଏ ମାଟି ଦେଖିଛି ଫିରିଙ୍ଗି ଶାସନ
ଗୁଳି ଗୋଳା କାରା କଷଣ
ଚାବୁକର ମାଡ ଦେହ ଭଙ୍ଗାହାଡ
ଜୁଲମ ସାଥୀକୁ ଶୋଷଣ ।।
ଛୁଟିଥିଲା ଲୁହ ସତେ ନଈସୁଅ
ସେ କଥାଟି ମନେପଡୁଛି
ଭାବିଲେ ସଂଗ୍ରାମୀ ଜୀବନର ଦୁଃଖ
ଆଖିରୁ ତ ଲୁହ ଗଡୁଛି ।।
ଆଖି ଆଗେ ନାଚେ ସୁନାର ସପନ
ଗଢିବାକୁ ହାତେ ଦେଶଟି
ମିଳିଛି ତ ସୁଖ ପରାଧୀନ ଦୁଃଖ
ହୋଇଛି ସମାକୁ ଶେଷଟି ।।
କେତେ ସାଧନାର ଦିନତ
ଅଗଷ୍ଟ ଆମରି ପାଇଁରେ
ପତାକାର ତଳେ ନେବାରେ ଶପଥ
ଅପଥରେ ଯିବାନାଇଁରେ ।।
ଗାନ୍ଧୀ ଗୋପବନ୍ଧୁ ସୁଭାଷ ପଟେଲ
ନେହେରୁ ନାହାଁନ୍ତି ଆଜିରେ
ଲଢ଼ିଥିଲେ ଦେଶ ସ୍ୱାଧୀନତା ପାଇଁ
ଅଛି ସେ କୀରତି ରାଜିରେ ।।
ବାଜିଆ ଲକ୍ଷ୍ମଣ ରାଜଗୁରୁ ହେଲେ
ସହୀଦ ଏଦେଶ ପାଇଁକି
ତାଙ୍କଲାଗି ଯୁଦ୍ଧେ ହାରି ପଳାଇଲେ
ଫିରିଙ୍ଗି ଦେଶକୁ ଧାଇଁକି ।।
ଦେଶ ଦଶ ହିତେ କରିଯିବା କାମ
ପର ଆପଣାର ଭୁଲିକି
ଥରାଇବା ଦେଶେ ଅଇରୀର ଛାତି
ଯଶ ଗଉରବେ ଫୁଲିକି ।।

ପିପିଲି -ପୁରୀ
ମୋ: ୯୬୬୮୮୨୨୧୯୦

ହର୍ ହର୍ ଶମ୍ଭୁ

ସରସ୍ୱତୀ ବାରିକ୍

ସଂସାର ବୈରାଗୀ ଆହେ ମହାଯୋଗୀ
କେ ଅଛି ତୁମରି ତୁଲେ
ପଥ ହୁଡ଼ି ବୁଲେ ଛାଡ଼ି ତୁମ ନାମ
ଛନ୍ଦି ହୋଇ ମାୟା ଜାଲେ ।
ଜଗତର ପାଇଁ ଗରଳ ପିଇଲ
ଶ୍ମଶାନକୁ ବାଛି ନେଲ
ନିର୍ବିକାର ପ୍ରଭୁ ନୀଳକଣ୍ଠେଶ୍ୱର
ମୃତ୍ୟୁଞ୍ଜୟ ବୋଲାଇଲ ।
ବୋଲବମ ଶବ୍ଦେ କମ୍ପୁଛି ମେଦିନୀ
ଶ୍ରାବଣର ସୋମବାରେ
ଜଳଭାର ଧରି ଚାଲୁଛନ୍ତି ଭକ୍ତ
ନାଚୁଛନ୍ତି କି ଭଙ୍ଗୀରେ
କି ତପ କରିଲା ବେଲପତ୍ର ପ୍ରଭୁ
ଲାଗିଲା ତୁମ ପୂଜାରେ
ଅଶ୍ରୁର ଲୁହରେ ଜାଳୁଛି ଦୀପାଳି
ଦୟା ରଖିଥିବ ମୋରେ ।
ପଞ୍ଚାକ୍ଷର ମନ୍ତ୍ର ଜପୁଥାରେ ମନ
ହୃଦୟ କୈଳାସେ ରହି
ଶମନର ଦଣ୍ଡୁ ଅକାଳ ମୃତ୍ୟୁରୁ
ରଖିବେ ପାର୍ବତୀ ସାଇଁ ।
ଜୟ ରଙ୍ଗାଧର କଇଳାସ ପତି
ଜୟ ହେ ତ୍ରିନେତ୍ରଧାରୀ
ବିନତୀ ଜଣାଏ ଚରଣେ ତୁମର
କର ପ୍ରଭୁ ଭବୁ ପାରି ।

ବାସୁଦେବପୁର, ଭଦ୍ରକ
ମୋ-୯୩୩୭୦୮୭୫୦୦

ରାକ୍ଷୀଫୁଲ

ସୁନନ୍ଦା ମହାନ୍ତି

ଏମିତି ତାରାଫୁଲଟିଏ କଜ୍ଜଳ ମାଖି
ଅଳତା ଚିହ୍ନ ପାଦରେ
ସ୍ନେହ ସରାଗ ମମତା ଫୁଙ୍କି
ଆସିଥାଏ ଭାଇ ଭଉଣୀଙ୍କୁ ଦେଖି
ହଜିଗଲାଣି ଅତୀତ
କାହାର ତାତ କାହାର ମାତ
କିଏ ବି ନାଁହାଁନ୍ତି କାହାର ଜୀବିତ
ଅଛନ୍ତି ରହି ଭଉଣୀ ଭାଇ
ରାକ୍ଷୀକୁ କରି ଆଦୃତ
ସମ୍ପର୍କ ବାର୍ତ୍ତାରେ ସମାହିତ
ଫୁଲର ବାସ୍ନା ଚନ୍ଦନ ଘେନା
କର ଭାଇ ମୋର ତୁତ
ବସିଥା ଏମିତି ଯୁଗ ଯାଉ ବିତି
ରାକ୍ଷୀ ପୂର୍ଣ୍ଣମୀ ହେବ ଦେଖା ସାକ୍ଷାତ
ଥିଲେ ଦେ ନଥିଲେ ନାହିଁ
ଯା ନାହିଁ ଚାଲି ମୁଁହଁ ଆଡେଇ
ମନେପଡେ ପିଲାଦିନ ସେତ
ଅଝଟ ଅଳି, ଗାଳି ଓ ତାଳି
କେତେ ହଜିଛି କେତେ କେ ପାଇଛି
ସ୍ମୃତି ଅଛି ଜୀବନ୍ତ
ବାହା ବିଦାକି ସବୁରେ ଭାଇଟି ସାଥି
ଥାଉ ଭଲରେ ହଉ ଦୂରରେ
ସମ୍ପର୍କ ସୁତା ରାକ୍ଷୀର ବାର୍ତ୍ତା
ଆସୁଥାଉ ନିଶ୍ଚିନ୍ତ
ସ୍ୱର୍ଗରେ ଥାଇ ଅବା ଜୀବନେ ରହି
ଖୁସି ଓ ଆନନ୍ଦ ପାଆନ୍ତୁ ତାତ ମାତ

ସାକ୍ଷୀଗୋପାଳ
ପୁରୀ-୯୦୪୦୯୭୭୩୨୭

ପୁରୀ ମାଟି-ଆମ ଗର୍ବ

ତନୁଜ କୁମାର ମଲଣା

ନୀଳ ସିନ୍ଧୁ କୂଳେ ଶୋଭା ପାଏ ଯେଉଁ ମାଟି,
ସେ ତ ଆମ ପୁରୀ ଜିଲ୍ଲା, ପୁଣ୍ୟର ଏ ସନ୍ତକଟି।
ଜଗନ୍ନାଥ ଧାମ ଏହି ଶ୍ରୀକ୍ଷେତ୍ର ବିଶ୍ୱେ ଜଣା,
ସଂସ୍କୃତି ଓ ଇତିହାସେ ଯାହାର ନାହିଁ ତୁଳନା।
କେତେ ଯେ ଗୌରବ ଗାଥା ବୁକୁରେ ସାଉଣ୍ଟି ରଖିଛି,
ଜଳା-ପାହାଡ଼ ର ଆକ୍ରମଣେ ସାହସେ ଠିଆ ସେ ହୋଇଛି।
ପୂରବେ ମହୋଦଧି ତାର ପାଦକୁ ସଦା ଧୋଉଛି,
ଚିଲିକା ହ୍ରଦର ନୀଳ ଜଳ ସୀମାକୁ ସଜାଉଛି।
ନଡ଼ିଆ ତୋଟାର ଶ୍ୟାମଳିମା, ଧାନ କ୍ଷେତର ହସ,
ଏଇ ଭୂଗୋଳର ବୁକୁରେ ଭରିଛି କେତେ ଯେ ରସ।
ବଡ଼ଦେଉଳର ନୀଳଚକ୍ର ପତିତପାବନ ବାନା,
କୋଣାର୍କର ଚକ ସାକ୍ଷୀ ଦିଏ, ଶିଳ୍ପୀର ଚାତୁରୀ ସିନା।
ସାକ୍ଷୀଗୋପାଳ ମନ୍ଦିର ମନରେ ଭକ୍ତି ଜଗାଏ,
ମାଆ ମଙ୍ଗଳାଙ୍କ ପୀଠ କାକଟପୁରେ ସଭିଙ୍କୁ ଆକର୍ଷାଏ।
ଲୋକନାଥେ ପୂଜା ପାଆନ୍ତି ଏଠି ପବିତ୍ର ଗୁପ୍ତ କ୍ଷେତ୍ରେ,
ଶିଳ୍ପକଳା ଶୋଭା ପାଏ ରଘୁରାଜପୁର ପଟ୍ଟଚିତ୍ରେ।
ଭାର୍ଗବୀ, ଦୟା, କୁଶଭଦ୍ରା ନଦୀ ଧାରା ବହିଯାଏ,
ଶାଳିଆ ଓ ମାଳଗୁଣି ପୁରୀ ମାଟିକୁ ସର୍ବଦା ସଜାଏ।
ଦୟା ନଦୀର କୂଳେ କାହିଁ କଳିଙ୍ଗ ଯୁଦ୍ଧର ଗାଥା,
ଆଜି ବି ବୁଝାଏ ଶାନ୍ତିର ମହତ୍ତ୍ୱ, ନୁଆଁଇ ସଭିଙ୍କ ମଥା।
ରଥଯାତ୍ରାର ସେ ମହାମିଳନ, ବଡ଼ଦାଣ୍ଡର ଧୂଳି,
ମହାପ୍ରସାଦର ବାସ୍ନା ରେ ଏଠି ଭେଦଭାବ ଯାଏ ଭୁଲି।
ଚନ୍ଦନ ଯାତ୍ରା, ସାହିଯାତ୍ରା କେତେ ପରମ୍ପରା,
ଓଡ଼ିଶୀ ନୃତ୍ୟ ଓ ଗୋଟିପୁଅ ରେ ଏ ମାଟି ଆମ୍ହରା।
ଭକ୍ତି ର ଏଇ ସାଗର, ମୁକ୍ତି ର ଏଇ ଦ୍ୱାର,
ପୁରୀ ଜିଲ୍ଲାର ପବିତ୍ର ଭୂଇଁକୁ ମୋର କୋଟି ନମସ୍କାର !

ସିଆଇଏସ୍ଏଫ୍-ପାରାଦୀପ
ମୋ-୯୦୬୪୮୨୦୯୧୧

ଅମର ଯୋଦ୍ଧାଙ୍କ ବୀରତ୍ୱ ଗାଥା

ନୀଳାଦ୍ରି ବିହାରୀ ପଣ୍ଡା

ଶୁଣରେ ଶୁଣରେ ଅମୃତ ସନ୍ତାନ
ଅତୀତକୁ ଚାହାଁ ବାରେ
କି ଶିକ୍ଷା ଲଭିଲୁ ଏକତା ବିହୀନେ
ପୂରୁବ କଥାରୁ ଥରେ।
ଜୟଚନ୍ଦ୍ର ଭଳି ଅଧମ ସନ୍ତାନ
ଶତ୍ରୁକୁ ଆଣିଲା ଡାକି
ହଜାରେ ବରଷ ଯବନ ଶାସନ
ଗୋରା ପର୍ତ୍ତୁଗୀଜ ତୁର୍କୀ ।
ଏକତା ଅଭାବେ ହେଲେ ପରାଧୀନ
ପଛକଥା ଟିକେ ଭାବ
କି କଷ୍ଟ ସେ ଭୋଗି ନାହାନ୍ତି ପୁରୁଷେ
ଭୋଗିବୁ କି ପରାଭବ ।
ଜୟୀ ରାଜଗୁରୁ ଚକରା ବିଶୋଇ
ଭଗତ ସୁରେନ୍ଦ୍ର ସାଏ
ଅନେକ ସନ୍ତାନ ବଳିଦାନ ଦେଲେ
ବଳି ଜଗବନ୍ଧୁ ଯାଏ ।
ଢେଙ୍କାନାଳ ଜିଲ୍ଲା ନୀଳକଣ୍ଠପୁର
ବାଜିଆ ରାଉତ ଗାଆଁ
ନାଉରୀ ପିଲା ସେ ବ୍ରାହ୍ମଣୀ ନଈରେ
ମେଲି ଦେଇଥିଲା ନାଆ ।
ଦୁର୍ଦ୍ଧର୍ଷ ବ୍ରିଟିଶ ବାହିନୀ ଡାକିଲା
ନଈକୁ କରି ଦେ ପାରି
ହସି ହସି ବାଜି ତାସଲ୍ୟ ଠାଣିରେ
ନାସ୍ତି ଦେଇଥିଲା କରି ।
ରଘୁ ମହାନ୍ତି ଦିବାକର ପରିଡା
ରଘୁଦିବାକର ନାମେ
ସୂର୍ଯ୍ୟଚନ୍ଦ୍ର ଥିବା ଯାଏଁ ଆକାଶରେ
ଝୁରୁଥିବେ ତାଙ୍କୁ ଜନେ ।
ଖୋରଧା ଗଡର ଜୟୀ ରାଜଗୁରୁ
ପାଇକ ମେଳଣ କରି
ଟକ୍କର ଦେବାରୁ ଗୋରା ସରକାର
ଦେଇଥିଲା ତାକୁ ମାରି ।
ବଳି ଜଗବନ୍ଧୁ ଖୋରଧା ଗଡର
ସେନାପତି ରୂପେ ଜଣା
ଛାରଖାର ଯିଏ କରିଦେଇଥିଲା
ବ୍ରିଟିଶକୁ ବାଟବଣା ।
ଚକରା ବିଶୋଇ ଘୁମୁସର ଗଡ
କୁଲାଡ ମାଟିର ପିଲା
ବୌଦ୍ଧ କନ୍ଧମାଳ ସଉରା ଏକାଠି
ବିପ୍ଳବୀଙ୍କୁ ଡାକଦେଲା ।
ସୁରେନ୍ଦ୍ର ସାଏଙ୍କ ବୀରତ୍ୱ କାହାଣୀ
ଇତିହାସ ମୂକସାକ୍ଷୀ
ଗରିଲା ଯୁଦ୍ଧରେ ଫିରିଙ୍ଗି ବାହିନୀ
ତରାଟି ଦେଲାରେ ଆଖି।
ସୁଭାଷ ବୋଅଷ ଦେଶକୁ ସ୍ୱାଧୀନ
ଆଜାଦ ଫଉଜ ଗଢି
ଦିଲ୍ଲୀ ଚଲ୍ଲୋ ବୋଲି ଡାକ ଦେଇଥିଲା
ଫିରାଙ୍ଗିକୁ ସିଂହରଡି ।
ଭଗତସିଂହ ସେ ପଞ୍ଜାବ ସନ୍ତାନ
ସାହସୀ ବାଳକ ଜଣେ
ଜାଲିଆନାବାଗ ହତ୍ୟାକାଣ୍ଡ ଦେଖି
ହୃଦରେ ଆକ୍ରୋଶ ଜନ୍ମେ ।
ବ୍ରିଟିଶ ସଂସଦ ଭିତରେ ପ୍ରବେଶି
ଡାୟାରକୁ ଥିଲା ମାରି
ବାପା ଗୋଷ୍ଠିବାପା ଥିଲେ ଯା ସଂଗ୍ରାମୀ
ଯାଇ ନ ଥିଲା ସେ ଡରି ।
ଲାଜପତ ରାୟ ସ୍ୱତନ୍ତ୍ର ସେନାନୀ
ପଞ୍ଜାବର ପୁଅ ଥିଲା
ସାଇମନ ଯା'କୁ ଗୁଳି କରିଥିଲା
ବୀରଗତି ଲଭିଥିଲା ।
ଏ ଦେଶ ଅନେକ ପାଇକ ସନ୍ତାନ
ମହାପୁରୁଷଙ୍କ ଗାଥା
ସୁବର୍ଣ୍ଣ ଅକ୍ଷରେ ଲିଖନ ହୋଇଛି
ଅନେକ ଅକୁହା କଥା ।
ନମ ନମ ତୁହି ଭାରତ ମାତା ଗୋ
ପ୍ରଣତି ଜଣାଉ ତୋରେ
ବୀର ପ୍ରସବିନୀ ସୁଜଳା ସୁଫଳା
ଜନମ ଦେଇଛୁ କୋଳେ ।

ପ୍ରଧାନ ଶିକ୍ଷକ, ବୁଢ଼େଇଶୁଣି ଉ.ପ୍ରା.ବିଦ୍ୟାଳୟ ,
ପୋଲସରା, ଗଞ୍ଜାମ
ମୋ: ୯୮୬୧୩୬୩୮୭୨

ବନ୍ଦେ ମାତରଂ..ବନ୍ଦେ ମାତରଂ

ନଗେନ୍ଦ୍ରନାଥ ପଟ୍ଟନାୟକ

ବନ୍ଦେ ମାତରଂ, ବନ୍ଦେ ମାତରଂ
ଦେଶ ଭକତିର ଗୀତ
ଗାଇବା, ନାଚିବା ଝୁମିବା ଆନନ୍ଦେ
ହୋଇ ଆମେ ସମବେତ ।।
କିମିଆଁ ଥିଲା ଏ ଜାତୀୟ ଗୀତେ
ସଭିଙ୍କୁ କରିଲା ଏକ
ଫିରିଙ୍ଗି ବିଦେଶୀ ସାଙ୍ଗେ ଲଢ଼ିବାକୁ
ଦେଲା ବଳ ମାନସିକ ।।
ଗୀତର ନିନାଦେ ଟଳମଳ ହେଲା
ଫିରିଙ୍ଗି ଶାସନକଳ
ଦେଶପ୍ରେମ ଭରେ ଲଢିଲେ ସରବେ
ମନରେ ନ ଥିଲା ଡର ।।
ଭରି ରହିଅଛି ଏ ଜାତୀୟ ଗୀତେ
ଅତୁଟ ଭରସା, ବଳ
ଉତ୍ସାହ, ସ୍ପନ୍ଦନ ଉତ୍ପାଦନା ତହିଁ
ଖେଳିଯାଏ ଅବିରଳ ।।
ଶୁଣିଲେ ଏ ଗୀତ ଶିହରଣ ଖେଳେ
ହୃଦୟ ତନ୍ତ୍ରିରେ ଆମ
ଦେଶଭକ୍ତି ଗୀତ ମଧୁର ଝଙ୍କାର
ସତେ କି ପୀୟୂଷ ସମ ।।
ଦେଶର ପ୍ରଗତି, ବିକାଶର ଛବି
ଏଇ ଗୀତେ ଉଦ୍ଭାସିତ
ଆଗକୁ ଦେଶକୁ ବଢିବା ପାଇଁକି
ଦେଖାଏ ଅହିଂସା ପଥ ।।

ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ
ଓଲ୍କାର ସିଟି,
ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

ହେ ପାକିସ୍ତାନ

କନ୍ଦର୍ପ ବେହେରା

ହିମାଳୟ ଶିଖରରୁ
ଆମେ ପୁଣି ଥରେ ଆୱାନ କରୁଛୁ
ହେ ପାକିସ୍ତାନ ଦୁରେଇ ଯାଅ
ଭାରତ ଆମର
କାରଗିଲର ସେଇ ପାହାଡ଼ ବି ଆମର ।
ଯେଉଁଠାରେ ଅଛି ତାଜମହଲ, କୁତବମିନାର
ଯେଉଁଠାରେ ଆମର
ମନ୍ଦିର, ମସଜିଦ ଏବଂ ଶିଖ ଗୁରୁଦ୍ୱାର
ଏହି ଭୂମିରେ ପାଦ ଦେବା ହେଉଛି
ତୁମର ଘୋର ଅନ୍ୟାୟ
ଭାରତରେ ପାଦ ଦେଲେ
ତୁମକୁ ଖଣ୍ଡ ଖଣ୍ଡ କାଟିଦେବୁ
ବନ୍ଧୁକରେ ଗୁଳିକରି ମାରିଦେବୁ
ଭାରତୀୟ କାହା ଆଗରେ ମୁଣ୍ଡ ନୁଆଁଏ ନାହିଁ
ସେ ଜର୍ମାନ ହେଉ କି ଜାପାନ
ଅଥବା ଚୀନ ହେଉକି ଆଫଗାନିସ୍ତାନ
କାର୍ଗିଲ ଯୁଦ୍ଧ ହେଉକି ଫୁଲଗାଁଓ ଆକ୍ରମଣ
ତୋର ସବୁ କାରସାଦି
ସନ୍ତାସବାଦୀ ପଠାଇ ତୁ ଯାହା କରୁଛୁ
ଜମା ଶୁଭଙ୍କର ହେଉନି।

କବି କୁଟିର
ରେଢ଼ାଖୋଲ, ସମ୍ବଲପୁର
ମୋ ୯୪୩୮୧୫୦୬୩୧

ବନ୍ଦେ ବ୍ରହ୍ମକ୍ଷେତ୍ର ବ୍ରହ୍ମଗିରି ଜନନୀ



ଦିଗମ୍ବର ବେହେରା

ବନ୍ଦେ ବ୍ରହ୍ମକ୍ଷେତ୍ର ବ୍ରହ୍ମଗିରି ଜନନୀ.. ଜନନୀ ଜନନୀ
ବ୍ରହ୍ମମୟୀ,ବ୍ରହ୍ମଜ୍ଞାନୀ,ବ୍ରହ୍ମା ମନମୋହିନୀ। ଜନନୀ, ଜନନୀ
ଚରଣେ ଯାହାର ବହୁଛି ଚିଲିକା। ଯା ସ୍ମୃତି ବହନ କରିଛି ମାଣିକା
ସଞ୍ଜ ସକାଳର ବିହଂଗ ଶ୍ୱନରେ। ତୀର ତରଙ୍ଗର ତରଣୀ ନାଦରେ
ନୀଳ ବିଚିମାଳା ଚରିତ୍ର ଚପଳା ଗାଉଛି ପଞ୍ଚମ ରାଗିଣୀ। ଜନନୀ, ଜନନୀ..
ମେଖଳାଶୋଭିତା ଭାର୍ଗବୀ ତଟିନୀ..ରାଜହଂସୀ,ରନ୍ଚିରା,ପୁଣ୍ୟ ମନ୍ଦାକିନୀ।
ବକ୍ଷଦେଶେ ବିରାଜିତା ହରଚଣ୍ଡୀମାତ କଣ୍ଠେ ଭାଗବତ କହେ ଦାଶ ଜଗନ୍ନାଥ।
ନିମାଇଁ ନୃସିଂହ ଚରଣ। ଅନାଦି ପରମ କାରଣ।
ପ୍ରାଣୀଙ୍କ ଭଲମନ୍ଦ ବାଣୀ।ମରଣ କାଳେ ତାହା ଜାଣି।
ହୃଦୟ ବଲ୍ଲଭ ତୋର ଶ୍ରୀ ଅଲାରନାଥ।ସଦା ବନ୍ଦନା କରନ୍ତି ପାଂଚ ପଣ୍ଡୁ ସୁତ।
ବସନ୍ତାଇ,ହେଙ୍ଗୁଳାଇ,କାଳିକା ବିଶେଷ।ବୀରକର୍ଣ, ନରସିଂହ ଗାଉଛନ୍ତି ଯଶ।
ପାଇକ ନାୟକ ବଳି ଜଗବନ୍ଧୁ,ଖଣ୍ଡାରେ ଜିଣିଲେ ଅବନୀ। ଜନନୀ, ଜନନୀ,
ଦକ୍ଷିଣେ ଦୁର୍ଭକ୍ଷ ବୀର କଳିଙ୍ଗ ସାଗର। ସଦା କାଳେ କରିଅଛି ନତ ଶତ୍ରୁ ଶିର।
ଉତ୍ତରେ ସୁଯୋଗ୍ୟ ସୁତ ଭକତ ମନେଇଁ। ଅଭିରାମ ପରମହଂସ ରହିଛନ୍ତି ଚାହିଁ।
ବ୍ରହ୍ମ ସତ୍ୟ, ଜଗତ୍ ମିଥ୍ୟା ଗାଇଲେ ତୋ ବାଣୀ। ଜନନୀ, ଜନନୀ, ଜନନୀ।
ଶିରେ ଶୋଭିତ ଶ୍ରୀକ୍ଷେତ୍ର ଶ୍ରୀପୁରୁଷୋଧାମ।ଲଲାଟରେ ବିରାଜିତ ସ୍ୱୟଂ ପରଂବ୍ରହ୍ମ।
ଶସ୍ୟ- ଶ୍ୟାମଳା- ଶୋଭିତା କେଦାର - ବନାନୀ।ଅପୂର୍ବା ଗୋ ଅପରୂପା ଶାନ୍ତି ପ୍ରଦାୟିନୀ। ଗୋଟିପୁଅ
ସ୍ରଷ୍ଟା ଶ୍ରୀ ଚନ୍ଦ୍ରଶେଖର ନୃତ୍ୟରେ ମୋହିଲେ ଧରଣୀ। ଜନନୀ, ଜନନୀ, ଜନନୀ।୬) ଧର୍ମର ତ୍ରିବେଣୀ
ଧାର ପାର, ମହାବୀର ଭାବନାରେ ପୂର୍ଣଭାବ କୃଷ୍ଣଜ ଈଶ୍ୱର।
କୋଟି କଳୁଷ ନାଶନ ବାବା ହରିଶ୍ୱର। ସଂସ୍କୃତି ମହାମିଳନେ ଶ୍ରୀକମଳେଶ୍ୱର।
ଐଶାନ୍ୟର ଅଧିପତି ଶ୍ରୀଐଶାନ୍ୟେଶ୍ୱର। ବାଲୁକେଶ୍ୱର ଆବର ପ୍ରଭୁ ଇନ୍ଦ୍ରେଶ୍ୱର।
ପୀଠରେ ତୋହର ଓଙ୍କାର, ଝଙ୍କାର ଆଲ୍ଲା ଈଶ୍ୱରଙ୍କ ବାଣୀ। ଜନନୀ, ଜନନୀ, ଜନନୀ।୭) ରସିକ
ରସଶେଖର ମାନସିଂହ କବି।। ଭୂମିପୁତ୍ର,ବାଣୀସୁତ ସେ କୁମାର କବି।
ମାଧବୀ ଦାସୀ, ବୈଷ୍ଣବ-ରାୟ ରାମାନନ୍ଦ।ଜନମିଲେ ତୋ କୋଳରେ ବହୁ କବି ବୃନ୍ଦ। ଜଗନ୍ନାଥ
ଗୋପ୍ୟଭୂମି ମାଟିର ଗୌରବ। କହ୍ନେଇ ଚଂପତି ବୀର ଭୂମିର ବିଭବ।
ତୋ କୋଳେ ବଢ଼ି ଗାଇଲେ ଗଉରବ ଗାଥା। ବନ୍ଦେ ବ୍ରହ୍ମମୟୀ ମାଗୋ ବ୍ରହ୍ମମୟୀ ମାତା।
ମଧୁର ମାଳିନୀ,ବିଭବ ଶାଳିନୀ ଘେନ ଶତକୋଟି ଦୟିନୀ। ଜନନୀ, ଜନନୀ, ଜନନୀ।
ବନ୍ଦେ ବ୍ରହ୍ମକ୍ଷେତ୍ର ବ୍ରହ୍ମଗିରି ଜନନୀ ----ଜନନୀ, ଜନନୀ, ଜନନୀ

ପୁରୀ, ମୋ-୯୪୩୭୫୦୧୨୬୬

ରାକ୍ଷୀ ପୂର୍ବରୁ ଅପମିଶ୍ରିତ ପନିର୍ ଚାଲିଛି ଯାଞ୍ଚ

ଭୁବନେଶ୍ୱର(ବ୍ୟୁରୋ) : ପନିର ନୁହେଁ ପଏଜନ । ମାର୍କେଟ ସାରା ବିଷ୍ପ ପନିର । ଭୁବନେଶ୍ୱରରେ ଏକ ମଲରେ ଚଢାଉ ଫୁଡ ସେଫଟି ବିଭାଗର ୬ ଜଣିଆ ଟିମ୍ ରେଡ୍ କରି ଥିଲା । ଅପମିଶ୍ରଣ ଜଣାପଡ଼ିବା ପରେ ମଲରେ ଥିବା ରେଷ୍ଟୁରାଣ୍ଟରେ ଚାଲିଛି ଯାଞ୍ଚ । ଗତକାଲି କଟକ ଓ ବ୍ରହ୍ମପୁରରେ ଚଢାଉ କରାଯାଇ ବିପୁଳ ପରିମାଣର ପନିର ନଷ୍ଟ କରାଯାଇଥିଲା । କଟକରେ ପ୍ରାୟ ୭୦ କ୍ୱିଣ୍ଟାଲ ଭେଜାଲ ପନିର ଜବତ କରିଥିଲା ସ୍ୱାସ୍ଥ୍ୟ ବିଭାଗ । ଅପମିଶ୍ରିତ ଛେନା ଓ ପନିର ବିକ୍ରି ନେଇ ଚଢାଉ, ରାସାୟନିକ ଦ୍ରବ୍ୟ ମିଶାଯାଇଥିବା ଜଣାପଡିଲା । ରାକ୍ଷୀ ପୂର୍ବରୁ ଅପମିଶ୍ରିତ ପନିର, ଛେନାକୁ ନେଇ ବଡ଼ ରେଡ୍ । କଟକ ପରେ ରାଜଧାନୀର ବିଭିନ୍ନ ସ୍ଥାନରେ ଚଢାଉ କରିଛି ଖାଦ୍ୟ ସୁରକ୍ଷା ବିଭାଗ ଟିମ୍ । ଅପମିଶ୍ରିତ ଛେନା ଓ ପନିର ବିକ୍ରି ଅଭିଯୋଗରେ ହୋଇଛି ରେଡ୍ । ରାଜଧାନୀର ବିଭିନ୍ନ ହୋଟେଲ,ରେଷ୍ଟୁରାଣ୍ଟ ଚଢାଉ କରିଛି ଖାଦ୍ୟସୁରକ୍ଷା ବିଭାଗ । ଏପରିକି ପନିରରେ ରାସାୟନିକ ଦ୍ରବ୍ୟ ମିଶାଯାଇଥିବା ପରୀକ୍ଷା ବେଳେ ଧରା ପଡ଼ିଛି । କେଜି କେଜି ଛେନାକୁ ଡଷ୍ଟବିନରେ ଫିଙ୍ଗା ଯାଇଛି । ଅପମିଶ୍ରିତ କରୁଥିବା ଅସାଧୁ ବ୍ୟବସାୟୀଙ୍କ ଉପରେ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ଦଣ୍ଡବିଧାନ କରାଯିବ ବୋଲି କୁହାଯାଇଛି ।

ମାଷ୍ଟରକ୍ୟାଣ୍ଟିନ ହିଂସା: ମୁହଁ ଖୋଲିଲେ ଅନଲାଇନ ଅଟୋସଂଘ ସଭାପତି

ଭୁବନେଶ୍ୱର(ବ୍ୟୁରୋ): ମାଷ୍ଟରକ୍ୟାଣ୍ଟିନ ହିଂସା ଘଟଣାକୁ ନେଇ ମୁହଁ ଖୋଲିଛନ୍ତି ଅନଲାଇନ ନାୟକ । ଘଟଣା ଯୋଗୁଁ ଅସୁବିଧା ପାଇଁ ସେ କ୍ଷମା ପ୍ରାର୍ଥନା ଦୀନବନ୍ଧୁ କହିଛନ୍ତି,ଭୁଲ୍ ଟା ଭୁଲ୍, ଏହାସହ ମାଷ୍ଟରକ୍ୟାଣ୍ଟିନ ହିଂସା ହସ୍ତକ୍ଷେପ ଥିବା ଚର୍ଚ୍ଚାକୁ ସେ ଖଣ୍ଡନ ଖଟିଖିଆ ଅଟୋ, ଟ୍ୟାକ୍ସି ଓ ବାଇକ୍ ନିଜର ହକ୍ ପୂରଣ ହେଉନଥିବାରୁ ଆନ୍ଦୋଳନର ପନ୍ଥା ଆପଣାଇଥିବା ସେ ଭିଡିଓ ବାର୍ତ୍ତାରେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଗତ ୧୯ ତାରିଖରେ ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ଭଙ୍ଗାରୁଜା ଓ ପୁଲିସ ଉପରେ ଆକ୍ରମଣ ଘଟଣା ପରେ ଦୀନବନ୍ଧୁ ନାୟକ ଫେରାର ଥିବା ଜଣାପଡ଼ିଛି। ଘଟଣାରେ ପୁଲିସ ମୋଟ୧୧୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣକରିଥିବା ବେଳେ୩୫୪ଟି ଗାଡ଼ି ଜବତକରାଯାଇଛି। ଖାରବେଳନଗର ଥାନାରେ ଏନେଇ୭ଟି ଏଫ୍ଆଇଆର ରୁଜୁ ହୋଇଛି। ଅନ୍ୟପଟେ ଟ୍ୟାକ୍ସି ଆସୋସିଏସନର ଘର ଉପରେ ବୁଲଡୋଜର ଚାଲିଥିବା ବେଳେ, ହିଂସା ଘଟଣାରେ ଅଭିଯୁକ୍ତ ଗାଡ଼ି ମାଲିକଙ୍କ ଗାଡ଼ିର ପରମିଟ୍ ଓ ଆରସି କାହିଁକି ବାତିଲ ହେବ ନାହିଁ, ସେନେଇ ପରିବହନ ବିଭାଗ ପକ୍ଷରୁ ସୋ' କଜ୍ ନୋଟିସ୍ ଜାରି କରାଯାଇଛି।

ଅଟୋମୋଟିଭ୍ ଶିଳ୍ପ ପାଇଁ ଉନ୍ନତ ଧାତୁ ଉତ୍ପାଦ ଉନ୍ମୋଚନ

ଭୁବନେଶ୍ୱର(ବ୍ୟୁରୋ): ଭାରତର ଅଗ୍ରଣୀ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ (ବିଏସଇ: ୫୪୪୭୮୦। ଏନଏସଇ: ଭିଏଏମଏଲ) ଆଜି ଏହାର ସର୍ବାଧିକ ବିକ୍ରି ହେଉଥିବା ପ୍ରାଇମେରୀ ଫାଉଣ୍ଡ୍ରି ଆଲୟ (ପିଏଫଏ) ଶ୍ରେଣୀ ଅଧୀନରେ ଅଟୋମୋଟିଭ୍ ଶିଳ୍ପ ପାଇଁ ଦୁଇଟି ଉନ୍ନତ ଉତ୍ପାଦର ଶୁଭାରମ୍ଭ କରିଛି। ଏଥିରେ ଉଚ୍ଚ କ୍ଷମତାସମ୍ପନ୍ନ ଅଟୋମୋଟିଭ୍ ପ୍ରୟୋଗ ପାଇଁ ବିକଶିତ କପର-ଡୋପ୍ଡ ଆଲୟ ଏବଂ ଅଧିକ ସ୍ଥାୟିତ୍ୱ ପାଇଁ ବିକଶିତ ତଥା ଆଇଆଇଟି ଦିଲ୍ଲୀ ସହଯୋଗରେ ପ୍ରସ୍ତୁତ ବେଦାନ୍ତ ଫାଉଣ୍ଡ୍ରି ଆଲୟ (ଭିଏଫଏ) ରହିଛି। ଏହି ଦୁଇ ନୂତନ ଉତ୍ପାଦ ପରବର୍ତ୍ତୀ ପିଢ଼ିର ହାଲୁକା, ନିରାପଦ ଓ ଅଧିକ କ୍ଷମତାଶୀଳ ଯାନ ବିକାଶରେ ନୂଆ ଦିଗ ଖୋଲିବା ସହ ଅଟୋମୋଟିଭ୍ କ୍ଷେତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିବ। ବେଦାନ୍ତ ଆଲୁମିନିୟମ ପକ୍ଷରୁ ଆୟୋଜିତ ଅଟୋମୋଟିଭ୍ ଶିଳ୍ପର ସ୍ୱତନ୍ତ୍ର ସମ୍ମିଳନୀ ଅଞ୍ଜଅଟୋଏଜ୍ ୨୦୨୬ ଅରେ ଦେଶର ପ୍ରମୁଖ ଅଟୋମୋବାଇଲ୍ କମ୍ପାନୀ ଓ ଉନ୍ନତ ଅଟୋମୋଟିଭ୍ କମ୍ପୋନେଂଟ ନିର୍ମାତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଏହି ଦୁଇ ଉତ୍ପାଦର ଉନ୍ମୋଚନ କରାଯାଇଥିଲା। ଦ୍ୱିତୀୟ ସଂସ୍କରଣରେ ପହଂଚିଥିବା ଏହି ସମ୍ମିଳନୀରେ ବିଭିନ୍ନ ପ୍ୟାନେଲ୍ ଆଲୋଚନା, ବୈଷୟିକ ଉପସ୍ଥାପନା ଏବଂ ଭବିଷ୍ୟତ ଶିଳ୍ପ ପ୍ରବଣତା ସମ୍ପର୍କରେ ବିଶେଷଜ୍ଞମାନଙ୍କ ମତାମତ ଉପସ୍ଥାପିତ ହୋଇଥିଲା। ବେଦାନ୍ତ ଆଲୁମିନିୟମ୍ ବିଶ୍ୱର ସର୍ବବୃହତ୍ ପ୍ରାଥମିକ ବିଲେଟ୍ ଉତ୍ପାଦକ ହେବା ଦିଗରେ ଅଗ୍ରସର ହେଉଛି। ଛତିଶଗଡ଼ର କୋରବାସ୍ଥିତ ବାଲକୋ କାରଖାନାରେ ଚାଲିଥିବା କ୍ଷମତା ସମ୍ପ୍ରସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ କମ୍ପାନୀର ପ୍ରାଥମିକ ବିଲେଟ୍ ଉତ୍ପାଦନ କ୍ଷମତା ବାର୍ଷିକ ୧.୨୫ ନିୟୁତ ଟନ୍ (ଏମଟିପିଏ)ରେ ପହଂଚିବ। ଏହା ସହିତ, ବେଦାନ୍ତ ଆଲୁମିନିୟମ୍ ଭାରତର ସର୍ବବୃହତ ପିଏଫଏ (ପ୍ରାଇମେରି ଫାଉଣ୍ଡ୍ରି ଆଲୟ) ଉତ୍ପାଦକ ଭାବେ ମଧ୍ୟ ପରିଚିତ। କମ୍ପାନୀର ବର୍ତ୍ତମାନ ପିଏଫଏ ଉତ୍ପାଦନ କ୍ଷମତା ବାର୍ଷିକ ୩୮୦ କିଲୋଟନ୍ (କେଟିପିଏ) ରହିଛି। ବେଦାନ୍ତ ଆଲୁମିନିୟମ ଭାରତର ସର୍ବବୃହତ ପିଏଫଏ ଉତ୍ପାଦକ।

ପୁଣି ତେଜିଲା ବସ୍ ମାଲିକସଂଘ ବିବାଦ

ଭୁବନେଶ୍ୱର(ବ୍ୟୁରୋ): ଆଜି ପୁଣି ଥରେ ଭୁବନେଶ୍ୱର ବସ୍ ମାଲିକ ସଂଘ ଓ ବରଗଡ଼ ଜିଲ୍ଲା ବସ୍ ମାଲିକ ସଂଘ ମଧ୍ୟରେ ବିବାଦୀୟ ପରିସ୍ଥିତି ଉପୁଜିଛି। ବସ୍ ସମୟ ସାରଣୀକୁ ନେଇ ବିବାଦର ସୂତ୍ରପାତ ହୋଇଥିବା ବେଳେ ବରଗଡ଼ ଅଭିମୁଖେ ଯିବାକୁ ଥିବା ୭ଟି ବସ୍କୁ ଭୁବନେଶ୍ୱର ବସ୍ ମାଲିକ ସଂଘ ପକ୍ଷରୁ ବସ୍ଷ୍ଟାଣ୍ଡ ପରିସରରେ ଅଟକ ରଖାଯାଇଛି। ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେବା ଯୋଗୁ ଯାତ୍ରୀମାନଙ୍କୁ କଲବଲ ହେବାକୁ ପଡ଼ିଛି। ଅପରପକ୍ଷେ, ଗତକାଲି ବରଗଡ଼ ବସ୍ ମାଲିକ ସଂଘର ଦୁଇଜଣ ଚାଳକଙ୍କୁ ଭୁବନେଶ୍ୱର ବସ୍ ମାଲିକ ସଂଘର କର୍ମକର୍ତ୍ତା ଆକ୍ରମଣ କରିବା ନେଇ ଭରତପୁର ଥାନାରେ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗତକାଲି ଉଭୟପକ୍ଷଙ୍କୁ ଥାନାକୁ ଡକାଇ ଆଲୋଚନା ପରେ ସ୍ଥିତି ସ୍ୱାଭାବିକ ହେବ ବୋଲି ଆଶା କରାଯାଉଥିଲା। ମାତ୍ର ଆଜି ପୁଣି ଥରେ ବିବାଦ ମୁଣ୍ଡ ଟେକିଛି। ଭୁବନେଶ୍ୱର ବସ୍ ମାଲିକ ସଂଘର ସଦସ୍ୟଙ୍କ କହିବା ଅନୁଯାୟୀ, ଭୁବନେଶ୍ୱରରୁ ବରଗଡ଼ ଅଭିମୁଖେ ଯାଉଥିବା ବିଭିନ୍ନ ବସ୍ର ନିର୍ଦ୍ଦିଷ୍ଟ ସମୟ ରହିଛି। ତେବେ ବରଗଡ଼ ବସ୍ ମାଲିକ ସଂଘ ନିଜର ଦୁଇଟି ନୂଆ ବସ୍, ଭୁବନେଶ୍ୱର ସଂଘର ଚାଲୁଥିବା ଦୁଇଟି ବସ୍ର ପାଖାପାଖି ସମୟରେ ଚଳାଉଛି। ଫଳରେ ବ୍ୟବସାୟରେ କ୍ଷତି ହେଉଥିବା ନେଇ ଭୁବନେଶ୍ୱର ବସ୍ ମାଲିକ ସଂଘ ଅଭିଯୋଗ କରିଛି। ଏନେଇ ୫ ଦିନ ଧରି ବରଗଡ଼ରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ସଂଘର ବସ୍ଗୁଡ଼ିକୁ ବରଗଡ଼ ବସ୍ ମାଲିକ ସଂଘ ଅଟକାଉଥିବା ଅଭିଯୋଗ ହୋଇଛି। ଏହାକୁ କେନ୍ଦ୍ର କରି ଭୁବନେଶ୍ୱର ବସ୍ ମାଲିକ ସଂଘ ବରଗଡ଼ ସଂଘର ବସ୍କୁ ଅଟକାଇଥିବା ଜଣାପଡ଼ିଛି। ଗତକାଲି ଏହି ଦୁଇ ବସ୍ ମାଲିକ ସଂଘ ମୁହାଁମୁହିଁ ହୋଇ ଧସ୍ତାଧସ୍ତି ପର୍ଯ୍ୟନ୍ତ କଥା ଯାଇଥିଲା। ଧସ୍ତାଧସ୍ତିରେ ବରଗଡ଼ ବସ୍ମାଲିକ ସଂଘର ଦୁଇଜଣ ଚାଳକ ଆହତ ହୋଇଥିଲେ। ଆଜି ପୁଣି ଥରେ ବସ୍କୁ ଅଟକାଇ ରଖିବା ଫଳରେ ବରମୁଣ୍ଡା ବସ୍ଷ୍ଟାଣ୍ଡ ପରିସରରେ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଛି। ଭରତପୁର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଦୁଇପକ୍ଷଙ୍କ ସହିତ ଆଲୋଚନା କରିଛନ୍ତି। କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ଲାଗି ବସ୍ଷ୍ଟାଣ୍ଡ ପରିସରରେ ପୁଲିସ ମୁତୟନ କରାଯାଇଛି।

ଭୁବନେଶ୍ୱର ଷ୍ଟେସନର ଛାତିଥରା ଦୃଶ୍ୟ...

ମାନସିକ ବିକାରଗ୍ରସ୍ତ ଯୁବକଙ୍କ ହାତ ଗୋଡ଼ ବାନ୍ଧି ନିର୍ଘାତ ପିଟିଲେ

ଭୁବନେଶ୍ୱର(ବ୍ୟୁରୋ): ସୀମା ଟପିଲା ବର୍ବରତା । ଯୁବକଙ୍କ ହାତ ଗୋଡ଼ ବାନ୍ଧି ନିର୍ଘାତ ମାଡ଼। ଯିଏ ପାରୁଛି ପିଟୁଛି। ତଳେ ପକେଇ ଗୋଇଠା ବିଧା ସହ ବାଡ଼ିରେ ପିଟିଛନ୍ତି। ଭୁବନେଶ୍ୱର ଷ୍ଟେସନର ଏ ଦୃଶ୍ୟ ଏବେ ଭାଇରାଲ ହେବାରେ ଲାଗିଛି। ଜଣେ ଦୋକାନୀଙ୍କ ଜିନିଷ ପତ୍ର ଭାଙ୍ଗାରୁଜା କରିଥିବାରୁ ଯୁବକଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଉଛି । ହାତ ଗୋଡ଼ ବାନ୍ଧି ମାଡ ମାରୁଥିବାର ଭିଡିଓ ଏବେ ସାମ୍ନାକୁ ଆସିଛି। ଏହି ଭିଡିଓଟି ଗତ ୧୦ ତାରିଖର ବୋଲି ଜଣାପଡିଛି। ଭିଡିଓଟି ଭାଇରାଲ୍ ହେବା ପରେ ଭୁବନେଶ୍ୱର ଜିଆରପି ଥାନା ପୁଲିସ ମାମଲା ରୁଜୁ କରିଛି। ସୂଚନାନୁଯାୟୀ, ଯୁବକ ଜଣଙ୍କ ହେଉଛନ୍ତି ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ତାଲିଗାଁର ଭରତ ବେହେରା। ସେ ମାନସିକ ବିକାରଗ୍ରସ୍ତ। ତେବେ ଏଠି ପ୍ରଶ୍ନ ଉଠୁଛି ଜଣେ ମାନସିକ ବିକାରଗ୍ରସ୍ତଙ୍କୁ ପ୍ଲାଟଫର୍ମରେ ଏଭଳି ମାଡ ମରାଯାଉଥିବା ବେଳେ ଜିଆରପି ଏବଂ ଜଚର କରୁଥିଲେ କ'ଣ ? ଏତେ ଲୋକ ଉପସ୍ଥିତ ଥିବା ସତ୍ତ୍ୱେ କିପରି କେହି ଅଟକାଇଲେ ନାହିଁ ? କାହିଁକି ହଜିଗଲା ମାନବିକତା ?

ଖାଉଟିଙ୍କୁ ମହଙ୍ଗା ମାଡ଼, ହୁ ହୁ ହୋଇ ବଢୁଛି ଚିନି ଦର

ଭୁବନେଶ୍ୱର(ବ୍ୟୁରୋ): ରାଜ୍ୟରେ ଗତ କିଛିଦିନ ଧରି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଓ ପନିପରିବା ଦର ହୁ ହୁ ହୋଇ ବଢ଼ିଚାଲିଛି। ପିଆଜ, ରସୁଣ, ଅଦା ଓ ରୋଷେଇ ତେଲ ଦର ଉପରେ କୌଣସି ନିୟନ୍ତ୍ରଣ ନ ଥିବାବେଳେ ଏବେ ଚିନି ଦରରେ ପ୍ରାୟ ୨୦ ଟଙ୍କା ବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇଛି। କିଛିଦିନ ତଳେ ଖୋଲା ବଜାରରେ ଚିନି କେଜି ୪୫ ଟଙ୍କାରେ ବିକ୍ରି ହେଉଥିବାବେଳେ ଏବେ ୬୫ ଟଙ୍କାରେ ପହଞ୍ଚିଛି। ଆଗକୁ ଚିନି ଦର ଆହୁରି ବୃଦ୍ଧି ସମ୍ଭାବନା ଥିବାରୁ ଏଥିରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ମୂଲ୍ୟ ବଢ଼ିବା ଆଶଙ୍କା ଦେଖାଦେଇଛି। ଦେଶରେ ପ୍ରତି ମାସରେ ୨୩ ଲକ୍ଷ ଟନ୍ ଚିନି ଆବଶ୍ୟକ ହୋଇଥାଏ। ତେବେ ଓଡ଼ିଶା ପାଇଁ ବାର୍ଷିକ ୯ ଲକ୍ଷ ଟନ୍, ମାସିକ ୭୫ ହଜାର ଟନ୍ ଏବଂ ଦିନକୁ ଅଢ଼େଇ ହଜାର ଟନ୍ ଚିନି କାରବାର ହୋଇଥାଏ। ଏଥିପାଇଁ ମୁଖ୍ୟତଃ କର୍ନାଟକ, ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶରୁ ଚିନି ଆସିଥାଏ। ଚିନିର ହୋଲ୍ସେଲ୍ ଦର ପ୍ରାୟ ଦେଢ଼ ମାସ ତଳେ କୁଇଣ୍ଟାଲ ପିଛା ୪୦୦୦ ଟଙ୍କା ଥିବାବେଳେ ଏବେ ପ୍ରାୟ ୬୦୦୦ ଟଙ୍କାରେ ପହଞ୍ଚିଛି। ଫଳରେ ଖୁଚୁରା ଦରରେ ବୃଦ୍ଧି ଘଟିଛି। ମାତ୍ର ଏବେ ଚିନିର ଉତ୍ପାଦନ କମୁଥିବାରୁ ଏହି ଆବଶ୍ୟକତା ପୂରଣ ହେବାରେ ସମସ୍ୟା ଦେଖାଦେଉଛି ଏବଂ ଦରବୃଦ୍ଧି ହେବାରେ ଲାଗିଛି। ଏନେଇ ଓଡ଼ିଶା ବ୍ୟବସାୟୀ ସଂଘ ସଭାପତି ସୁଧାକର ପଣ୍ଡା କହିଛନ୍ତି, ବର୍ତ୍ତମାନ କୁଇଣ୍ଟାଲ ପିଛା ଚିନିର ହୋଲ୍ସେଲ୍ ଦର ୬୦୦୦ ଟଙ୍କା ଥିବାବେଳେ ଖୁଚୁରା ଦର କେଜି ୬୫ଟଙ୍କା ରହିଛି। ମୁକ୍ତ ବାଣିଜ୍ୟ ଅର୍ଥନୀତିରେ ୨ରୁ ୩ ପ୍ରତିଶତ ଦର ବଢ଼ିବା ଏକ ସାଧାରଣ ଘଟଣା। ମାତ୍ର ଦେଢମାସ ଦୁଇମାସ ମଧ୍ୟରେ ୫୦ ପ୍ରତିଶତ ଦାମ୍ ବଢ଼ିବା ନିହାତି ପକ୍ଷେ ଏକ ଅବାସ୍ତବ ଦରବୃଦ୍ଧି। ଚିନିର ଏଭଳି ଅହେତୁକ ଦରବୃଦ୍ଧି ଖାଉଟିଙ୍କଠାରୁ ଆରମ୍ଭ କରି ବ୍ୟବସାୟୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଚିନ୍ତାରେ ପକାଇଛି। ବର୍ତ୍ତମାନର ପରିସ୍ଥିତିରେ ଆଗକୁ କ'ଣ ହେବ ତାହାର ଉତ୍ତର କାହା ପାଖରେ ନାହିଁ। ପେଟ୍ରୋଲରେ ମିଶାଯାଉଥିବା ଇଥାନଲ ଆଖୁରୁ ବାହାରିଥାଏ। ତେଣୁ ସିଂହଭାଗ ଆଖୁ ଏବେ ଇଥାନଲ ପ୍ରସ୍ତୁତି ପାଇଁ ବ୍ୟବହାର କରାଯାଉଛି। ଫଳରେ ଚିନି ଉତ୍ପାଦନ ପ୍ରଭାବିତ ହୋଇଛି। ସେହିପରି ଆଗକୁ ପାର୍ବଣ ଋତୁ ଆସୁଛି। ଏବେଠାରୁ ଚିନିର ଅଭାବ ଆଗକୁ ଆହୁରି ମହଙ୍ଗା ହେବ। ଏହାବାଦ୍ ବିଭିନ୍ନ କର୍ପୋରେଟ୍ ସେକ୍ଟର ଭାରି ମାତ୍ରାରେ ଚିନି ମହରୁଦ୍ କରି ରଖୁଛନ୍ତି। ଆଗକୁ ନିଜ ଇଚ୍ଛାରେ ଦର ବଢ଼ାଇ ସେମାନେ ବିକ୍ରି କରିପାରିବେ। ତେଣୁ ଏହା ମଧ୍ୟ ଦର ବୃଦ୍ଧିର ଆଉ ଏକ କାରଣ। ତେବେ ଏଭଳି ଦରବୃଦ୍ଧି ଆଦୌ ଶୁଭଙ୍କର ନୁହେଁ। ତେଣୁ ସରକାର ଏହା ଉପରେ ଧ୍ୟାନ ଦେବା ସହିତ ଦରବୃଦ୍ଧି ଉପରେ ନିୟନ୍ତ୍ରଣ ଆଣିବା ଆବଶ୍ୟକ ବୋଲି ସୁଧାକର କହିଛନ୍ତି। ଅନ୍ୟପକ୍ଷରେ ପନିପରିବାର ବଜାର ଦର ମଧ୍ୟ ଚଢ଼ା ରହିଛି। ଜଣେ ସାଧାରଣ ମଧ୍ୟବିତ୍ତ ପରିବାରରେ ଦୈନନ୍ଦିନ ଖାଦ୍ୟ ପ୍ରସ୍ତୁତିରେ ବ୍ୟବହାର ହେଉଥିବା ପିଆଜ, ରସୁଣ, ଅଦାରେ ହାତ ମାରିବାକୁ ଡର ଲାଗୁଛି। ଖୁଚୁରା ବଜାରରେ ପିଆଜ କେଜି ୫୦ ଟଙ୍କା ଓ ଏହାଠାରୁ ଅଧିକ ଟଙ୍କାରେ ବିକ୍ରି ହେଉଥିବାବେଳେ ଅଦା ୨୦୦ ଏବଂ ରସୁଣର ଦାମ୍ ୨୫୦ଟଙ୍କା ରହିଛି। ଏଥିସହ ବିଭିନ୍ନ ପ୍ରକାର ଓ ଗୁଣବତ୍ତା ଅନୁସାରେ ବ୍ୟବସାୟୀମାନେ ଉଚ୍ଚା ଦର ନେଉଛନ୍ତି। ସେହିପରି ବନ୍ଧାକୋବି କେଜି ୪୦ଟଙ୍କା, ଗାଜର ୫୦ଟଙ୍କା, କଲିକତି ପୋଟଳ ୫୦ଟଙ୍କା, କଲରା ୫୦ ରୁ ୮୦ ଟଙ୍କା, ବାଇଗଣ କେଜି ୫୦ରୁ ୭୦ ଟଙ୍କାରେ ବିକ୍ରି ହେଉଛି। ରାଜଧାନୀ କଞ୍ଚା ପରିବା ସଂଘ ସଭାପତି କବିରାଜ ସ୍ୱାଇଁ କହିଛନ୍ତି, ପନିପରିବା ଦର ସାଧାରଣ ରହିଛି। ତେବେ କର୍ନାଟକ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ରାଜସ୍ଥାନ, ସିଲିଗୁଡି ଏବଂ ବାଙ୍ଗାଲୋରରୁ ଆମଦାନୀ କରାଯାଉଥିବା ପିଆଜ, ରସୁଣ ଏବଂ ଅଦା ଦର ଉଚ୍ଚା ରହିଛି। ମହାରାଷ୍ଟ୍ରର ନାସିକ୍ରେ ପ୍ରବଳ ବର୍ଷା ଯୋଗୁ ଚାଷ ନଷ୍ଟ ହେବା ସହିତ ପିଆଜ ଯୋଗାଣ ପ୍ରଭାବିତ ହୋଇଛି। ଏବେ ପିଆଜର ହୋଲ୍ସେଲ୍ ଦର ୩୮ରୁ ୪୫ ଟଙ୍କାରେ ରହିଛି। ପଚାଶଡା, ଭାଗୁଡି ଆଦିକୁ ଛାଡି ଖୁଚୁରା ବେପାରୀମାନେ ୨ଟଙ୍କା ଲାଭ ରଖି ୧୦ଟଙ୍କା ଉଚ୍ଚା ଦରରେ ବିକ୍ରି କରୁଛନ୍ତି। ସଂଘ ପକ୍ଷରୁ ପିଆଜର ଦର ୫୦ଟଙ୍କା ନିର୍ଦ୍ଧାରିତ କରାଯାଇଛି ନଚେତ୍ ଆହୁରି ଉଚ୍ଚା ଦରରେ ବିକ୍ରି ହେଉଥାନ୍ତା। ରାୟଗଡ଼ାରୁ ଅଣାଯାଉଥିବା ଅଦା ୭୦ଟଙ୍କାରେ ବିକ୍ରି ହେଉଥିଲେ ମଧ୍ୟ ଗ୍ରାହକମାନେ ଏହାକୁ ପସନ୍ଦ କରୁ ନାହାନ୍ତି। ତେଣୁ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ସେହିପରି ପନିପରିବା ଆମଦାନୀ ହେଉଥିବା ସ୍ଥାନରେ ଦର ଉଚ୍ଚା ରହୁଥିବାରୁ ଏଠାରେ ମଧ୍ୟ ଦର ବଢୁଛି। ଏବେ ଶ୍ରାବଣ ମାସ ଚାଲିଥିବାରୁ ଅଧିକାଂଶ ଲୋକେ ଆମିଷ ଖାଉ ନାହାନ୍ତି, ତେଣୁ ଏହା ମଧ୍ୟ ଦର ବୃଦ୍ଧିର ଅନ୍ୟତମ କାରଣ। ତେବେ ବନ୍ୟାପାଣି ଛାଡିବା ପରେ ସବୁ ଜିନିଷର ଦର ଆହୁରି ବଢିବ ବୋଲି କବିରାଜ କହିଛନ୍ତି। ଏଭଳି ମହଙ୍ଗା ମାଡ଼ରେ ସାଧାରଣ ଖାଉଟି ଏବେ ହନ୍ତସନ୍ତ ହେଉଥିବାବେଳେ ରାଜ୍ୟ ସରକାର ଦରବୃଦ୍ଧି ଉପରେ ଅଙ୍କୁଶ ଲଗାଇବାକୁ ଦାବି ହେଉଛି।

ଏଲଆଣ୍ଡଟି ଫାଇନାନ୍ସ ବ୍ରାଣ୍ଡ ଆମ୍ବାସାଡର ଜସପ୍ରୀତ୍ ବୁମରାଙ୍କୁ ନେଇ ଆରମ୍ଭ କଲା ଗୋଲ୍ଡ ଲୋନ୍ ଅଭିଯାନ

ଭୁବନେଶ୍ୱର(ବ୍ୟୁରୋ): ଦେଶର ଅଗ୍ରଣୀ ଖୁଚୁରା ଫାଇନାନ୍ସ ସଂସ୍ଥା ଏଲଆଣ୍ଡଟି ଫାଇନାନ୍ସ ଲିଃ.(ଏଲଟିଏଫ), ନିଜର ବ୍ରାଣ୍ଡ ଆମ୍ବାସାଡ଼ର ଜସପ୍ରୀତ୍ ବୁମରାଙ୍କୁ ନେଇ - 'କୋଇ ଭି ସପ୍ନା ହୋଲ୍ଡ ମତ୍ କରୋ, ଏଲଆଣ୍ଡଟି ଫାଇନାନ୍ସ ଗୋଲ୍ଡ ଲୋନ କରୋ' ଟ୍ରାକ୍ ଲାଇନ ସହିତ ୩ଟି ନୂଆ ଟିଭି ବିଜ୍ଞାପନ ଆରମ୍ଭ କରିଛି। ଏହି ଅଭିଯାନ ମାଧ୍ୟମରେ ଏଲଟିଏଫ ନିଜର ଗୋଲ୍ଡ ଲୋନ ସେବା ବିଷୟରେ ସଚେତନତା ବୃଦ୍ଧି କରିବା ସହିତ ବ୍ୟକ୍ତିବିଶେଷ, କ୍ଷୁଦ୍ର ଉଦ୍ୟୋଗୀ ଏବଂ ପରିବାରଗୁଡ଼ିକୁ ନିଜର ଅବ୍ୟବହୃତ ସୁନା ବ୍ୟବହାର କରି ସେମାନଙ୍କ ସ୍ୱପ୍ନ ଓ ଲକ୍ଷ୍ୟ ପୂରଣ କରିବାକୁ ପ୍ରୋତ୍ସାହିତ କରୁଛି। ଅଗଷ୍ଟ ୧୫, ୨୦୨୬ରୁ ଆରମ୍ଭ ହେବାକୁ ଥିବା ଭାରତ ବନାମ ଶ୍ରୀଲଙ୍କା ଟେଷ୍ଟ ସିରିଜ ସମୟରେ ଏହି ଟିଭିସିର ଶୁଭାରମ୍ଭ କରାଯିବ। ସହ-ଉପସ୍ଥାପକ ସହଯୋଗୀ ଭାବରେ ଏଲଟିଏଫ ମ୍ୟାଚ୍ ସମୟରେ ଅନ-ଗ୍ରାଉଣ୍ଡ ଏବଂ ଟିଭି ଚ୍ୟାନେଲଗୁଡ଼ିକରେ ଏହି ଅଭିଯାନର ପ୍ରଚାର କରିବ। ସୋନି ଟିଭି ନେଟୱାର୍କର ୯ଟି ଲିନିୟର ଟିଭି ଚ୍ୟାନେଲରେ ଏହି ବିଜ୍ଞାପନ ପ୍ରସାରିତ ହେବ। ନୂତନ ଭାବରେ ଆରମ୍ଭ ହୋଇଥିବା ଏହି ବିଜ୍ଞାପନଗୁଡ଼ିକ ୩ଟି ସଂକ୍ଷିପ୍ତ ଫିଲ୍ମର ଏକ ହାଲୁକା ଶୃଙ୍ଖଳ-ଯାହା ଆଧୁନିକ ଆର୍ଥିକ ଆକାଂକ୍ଷାର ବାସ୍ତବତା ସହିତ ହାସ୍ୟରସକୁ ସହଜରେ ମିଶ୍ରଣ

ଦିଲ୍ଲୀ ପେଲେଟ ଗନ୍ ପୀଡ଼ିତଙ୍କ ଏତଲା ରୁଜୁ ନ ହେବା

ପୋଲିସ୍ ଷ୍ଟେସନରେ ଧାରଣା ଦେଲେ ରାହୁଲ ଗାନ୍ଧୀ

■ ଆହତ ଯୁବକଙ୍କୁ ସାଙ୍ଗରେ ନେଲେ

ନୂଆଦିଲ୍ଲୀ,୨୧।୮: ଦେଶର ରାଜଧାନୀ ଦିଲ୍ଲୀରେ ହାଇଡ୍ରାମା। ଧାରଣାରେ ବସିଲେ ଲୋକସଭା ସାଂସଦ ରାହୁଲ ଗାନ୍ଧି। ଦିଲ୍ଲୀର ସଂସଦ ମାର୍ଗ ପୁଲିସ୍ ଷ୍ଟେସନ ବାହାରେ ରାହୁଲ ଗାନ୍ଧି ଧାରଣାରେ ବସିଛନ୍ତି। ତାଙ୍କ ସହ ଅଛନ୍ତି ଛାତ୍ର ଆନ୍ଦୋଳନ ବେଳେ ପେଲେଟ ଗନ ମାଡ଼ରେ ଆହତ ହୋଇଥିବା ଜଣେ ଯୁବକ। ପେଲେଟ ଗନ ମାଡ଼ରେ ଯୁବକ ଜଣଙ୍କ ଆହତ ହୋଇଥିଲେ ହେଁ ପୁଲିସ୍ ଏଯାଏ ଏଫଆଇଆର ରୁଜୁ କରି ନାହିଁ। ଏହାର ପ୍ରତିବାଦରେ ପୀଡ଼ିତ ଯୁବକ, ତାଙ୍କ ମା' ଓ କଂଗ୍ରେସ କର୍ମୀଙ୍କ ସହ ରାହୁଲ ଗାନ୍ଧି ପୁଲିସ୍ ଷ୍ଟେସନ ବାହାରେ ଧାରଣା ଆରମ୍ଭ କରିଛନ୍ତି। ଧାରଣା ଆରମ୍ଭ କରିବା ପୂର୍ବରୁ ରାହୁଲ ପ୍ରଥମେ ସଂସଦ ମାର୍ଗ ପୁଲିସ୍ ଷ୍ଟେସନ ଅଧିକାରୀଙ୍କ ସହ କଥା ହୋଇଥିଲେ। ତାଙ୍କୁ ପେଲେଟ ଗନ୍ ବ୍ୟବହାର ସମ୍ପର୍କରେ ତଥ୍ୟ ମାଗିବା ସହ ଏଫଆଇଆର ବିଧିବଦ୍ଧ ଭାବେ ପଞ୍ଜିକରଣ କରିବାକୁ କହିଥିଲେ। ତଥାପି କୌଣସି ସୁଫଳ ନ ମିଳିବାରୁ ରାହୁଲ ଗାନ୍ଧି ପୁଲିସ ଷ୍ଟେସନ ବାହାରେ ଧାରଣା ଦେଇଛନ୍ତି। ଜୁଲାଇ ୨୦ ସିଜେପିର ଛାତ୍ର ଆନ୍ଦୋଳନ ବେଳେ ୧୯ ବର୍ଷୀୟ ସାହିଲ ଲୋଚାବ ପେଲେଟ ଗନ୍ ମାଡ଼ରେ ଆହତ ହୋଇଥିବା ଅଭିଯୋଗ ହୋଇଥିଲା। ତଥାପି ପୁଲିସ୍ ଏଫଆଇଆର ରୁଜୁ କରି ନଥିବାରୁ ତାଙ୍କୁ ସାଙ୍ଗରେ ଧରି ରାହୁଲ ଗାନ୍ଧି ଆଜି ପୁଲିସ ଷ୍ଟେସନରେ ପହଞ୍ଚିଥିଲେ। ହଠାତ୍ ରାହୁଲ ଗାନ୍ଧି, ସାହିଲ ଓ ଅନ୍ୟମାନେ ପୁଲିସ୍ ଷ୍ଟେସନରେ ପହଞ୍ଚିବାର ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି। ପୁଲିସ୍ ପେଲେଟ ଗାନ ମାଡ଼ ଘଟଣାରେ ଏଫଆଇଆର ରୁଜୁ ନ କରିବା ଯାଏ ରାହୁଲ ଗାନ୍ଧି ଧାରଣାରୁ ଉଠିବେ ନାହିଁ ବୋଲି କହିଛନ୍ତି। ଏହାକୁ ନେଇ ପୁଲିସ୍ ଷ୍ଟେସନ ବାହାରେ ତୀବ୍ର ଉତ୍ତେଜନା ଦେଖିବାକୁ ମିଳିଛି। ରାହୁଲଙ୍କୁ ଧାରଣା ପ୍ରତ୍ୟାହୃତ କରିବାକୁ ପୁଲିସ୍ ବୁଝାସୁଝା କରିଥିଲେ ହେଲ୍ କୌଣସି ସୁଫଳ ଏଯାଏ ମିଳିଛି। କଂଗ୍ରେସ ଦାବି କରିଛି ଯେ ଜୁଲାଇ ୨୦ ସଂସଦ ଚାଲୋ ଆନ୍ଦୋଳନ ବେଳେ ଆରଏଏଫ କର୍ମଚାରୀମାନେ ପେଲେଟ ଗନ ବ୍ୟବହାର କରିଥିଲେ। ଏଥିରେ ଅନେକ ଶିକ୍ଷାର୍ଥୀ ଆହତ ହୋଇଥିବା ଦଳ ଅଭିଯୋଗ କରିଛି। ଆହତ ଶିକ୍ଷାର୍ଥୀଙ୍କୁ ମଧ୍ୟରୁ ଜଣେ ହେଉଛନ୍ତି ସାହିଲ।

'ବନ୍ଦେ ମାତରମ୍'ରୁ ଧ୍ୟାନ ହଟାଇବା ପ୍ରୟାସ : ନଡ୍ଡା

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ସଂସଦ ମାର୍ଗ ପୁଲିସ ଷ୍ଟେସନ ବାହାରେ ଧାରଣା ଦେବାକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ତୀବ୍ର ସମାଲୋଚନା କରିଛନ୍ତି। କଂଗ୍ରେସ ନେତାଙ୍କ ମିଡିଆର ଧ୍ୟାନ ଆକର୍ଷଣ କରିବାକୁ ଧାରଣା ଦେଇଛନ୍ତି ବୋଲି ନଡ୍ଡା କହିଛନ୍ତି। ନଡ୍ଡା କହିଛନ୍ତି ଯେ, ରାହୁଲ ଗାନ୍ଧୀଙ୍କ ଧାରଣା ପ୍ରତିବାଦ 'ବନ୍ଦେ ମାତରମ୍'କୁ ଅସମ୍ମାନ କରିବା ପାଇଁ କଂଗ୍ରେସ ଯେଉଁ ସମାଲୋଚନାର ସମ୍ମୁଖୀନ ହେଉଛି ସେଥିରୁ ଧ୍ୟାନ ହଟାଇବା ପାଇଁ ପ୍ରୟାସ। ସୂଚନାଯୋଗ୍ୟ, ଜୁଲାଇ ୨୦ ରେ ସଂସଦ ଚଲୋ ମାର୍ଚ୍ଚ ସମୟରେ ଛାତ୍ର ପ୍ରଦର୍ଶନକାରୀଙ୍କ ଉପରେ ପୁଲିସ ପେଲେଟ୍ ଗନ୍ ଚଲାଇବା ଯୋଗୁଁ ସାହିଲ ଲୋଚାବ ନାମକ ଜଣେ ଛାତ୍ରଙ୍କ ଦୃଷ୍ଟିଶକ୍ତି ଚାଲି ଯିବା ପରେ ପୁଲିସରେ ଅଭିଯୋଗ କରିବାକୁ ଚାହୁଥିଲେ ମଧ୍ୟ ପୁଲିସ ଅଭିଯୋଗ ପଞ୍ଜୀକରଣ କରିବାକୁ ମନା କରିଦେବା ପରେ ବିବାଦ ଆରମ୍ଭ ହୋଇଥିଲା। ସାହିଲଙ୍କ ଏତଲା ରୁଜୁ ଦାବିରେ ରାହୁଲ ଗାନ୍ଧୀଙ୍କ ସହିତ କଂଗ୍ରେସ ନେତାମାନଙ୍କ ସହିତ ଧାରଣାରେ ବସିଥିଲେ।

ଜଳଦସ୍ୟୁଙ୍କ ଆତଙ୍କରାଜ୍

୨ ଜାହାଜକୁ କଲେ ହାଇଜ୍ୟାକ୍

■ ୨୨ ଭାରତୀୟ ଅପହୃତ



ନୂଆଦିଲ୍ଲୀ,୨୧।୮: ସମୁଦ୍ରରେ ଜଳଦସ୍ୟୁଙ୍କ ଆତଙ୍କ । ଏକାସଙ୍ଗେ ୨ଟି ଜାହାଜକୁ ହାଇଜ୍ୟାକ୍ କରି ନେଇଛନ୍ତି ଜଳଦସ୍ୟୁ । ୟେମେନ ଏବଂ ସୋମାଲିଆ ଉପକୂଳରୁ ପୃଥକ ଘଟଣାରେ ଜଳଦସ୍ୟୁଙ୍କ ଦ୍ୱାରା ୨୨ ଜଣ ଭାରତୀୟ ନାଗରିକଙ୍କୁ ନେଇ ଯାଉଥିବା ୨ଟି ବିଣିଜ୍ୟିକ ଜାହାଜକୁ ଅପହରଣ କରାଯାଇଛି । ଅଧିକାରୀମାନେ କହିଛନ୍ତି, ଏହା ପୁଣି ଥରେ ଆଫ୍ରିକାର ହର୍ଣ୍ଣ ଆଖପାଖ ଜଳସାଗରରେ ଜଳଦସ୍ୟୁଙ୍କ ବିପଦକୁ ବଢାଇ ଦେଇଛି । ୟେମେନରେ ୧୬ ଜଣ ଭାରତୀୟଙ୍କୁ ନେଇ ଯାଉଥିବା ଜାହାଜ ହାଇଜ୍ୟାକ୍- ପ୍ରଥମ ଘଟଣାରେ ଇରିଟ୍ରିଆ ପତାକା ବହନ କରୁଥିବା ତୈଳ ଉତ୍ପାଦ ଟ୍ୟାଙ୍କର୍ ଏମଟି ସିବୁ ୧ ଜଳଦସ୍ୟୁଙ୍କ ହାତରେ ଲଗାଇଥିଲା । ୟେମେନ୍ ଉପକୂଳରୁ ପ୍ରାୟ ୩୦ ନଟିକାଲ ମାଇଲ୍ ଦୂରରେ ଆଡେନ୍ ଉପସାଗରରେ ୨୦ ଜଣ କ୍ରୁ ସଦସ୍ୟଙ୍କୁ ନେଇ ଯାଉଥିବା ଏହି ଜାହାଜକୁ ୬ ଜଣ ସଶସ୍ତ୍ର ଜଳଦସ୍ୟୁ ଅପହରଣ କରିଥିଲେ । ସାମୁଦ୍ରିକ ପ୍ରଶାସନ ନିର୍ଦ୍ଦେଶାଳୟର ରିପୋର୍ଟ ଅନୁଯାୟୀ, ଜାହାଜର ସମସ୍ତ ୨୦ ଜଣ କ୍ରୁ ସଦସ୍ୟ ସୁରକ୍ଷିତ ଥିବା ରିପୋର୍ଟ କରାଯାଇଛି । ତଥାପି ଜାହାଜ ଏବଂ କ୍ରୁ ସଦସ୍ୟଙ୍କ ସ୍ଥିତିର ସଦ୍ୟତମ ରିପୋର୍ଟକୁ ଅପେକ୍ଷା କରାଯାଇଛି । କୁରରେ ୧୬ ଜଣ ଭାରତୀୟ, ଜଣେ ସିରିଆନ୍, ଜଣେ ସୁଡାନ୍ ଏବଂ ଜଣେ ଇରାକୀ ନାଗରିକ ଅଛନ୍ତି । ଅନ୍ୟ ଜଣେ ନାବିକଙ୍କର ଜାତୀୟତା ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ । ରିପୋର୍ଟ ଅନୁଯାୟୀ, ନିଯୁକ୍ତି ଏବଂ ପ୍ଲେସମେଣ୍ଟ ସେବା ଲାଇସେନ୍ସ ଏଜେନ୍ଟିଂକୁ ଘଟଣାର ରିପୋର୍ଟ କରିବାକୁ ଏବଂ ଇ-ନାଭିକ୍ ଅନଲାଇନ୍ ସାମୁଦ୍ରିକ ଦୁର୍ଘଟଣା ରିପୋର୍ଟିଂ ସିଷ୍ଟମ ମାଧ୍ୟମରେ ନିୟମିତ ଅପଡେଟ୍ ପ୍ରଦାନ କରିବାକୁ କୁହାଯାଇଛି । ଏସକେଏସ କୃଷିଭ ମାରିନ୍ ସର୍ଭିସେସର ସୁମିତ୍ କାନ୍ତ ସିଂହ କହିଛନ୍ତି,ଯେ ତାଙ୍କ କମ୍ପାନୀ ୪ ଜଣ କ୍ରୁ ସଦସ୍ୟଙ୍କୁ ନିଯୁକ୍ତି ଦେଇଛି । ସେମାନଙ୍କର ବିବରଣୀ ସାମୁଦ୍ରିକ ପ୍ରଶାସନ ନିର୍ଦ୍ଦେଶାଳୟକୁ ପ୍ରଦାନ କରିଛି ।

ସିଜେପି ନେତାଙ୍କ ଉପରେ ଆକ୍ରମଣ

ଜୟପୁର,୨୧।୮: ରାଜସ୍ଥାନର ଜୟପୁରସ୍ଥିତ ବଗରୁ ବିଧାନସଭା ନିର୍ବାଚନମଣ୍ଡଳୀରେ ଏକ ସରକାରୀ ସ୍କୁଲର ଭିତ୍ତିଭୂମି ଯାଞ୍ଚ କରିବାକୁ ଯାଉଥିବା ବେଳେ କାଙ୍ଗରୋଟ୍ ଜନତା ପାର୍ଟି (ସିଜେପି)ର ସହ-ସଂଯୋଜକ ଆଶୁତୋଷ ରାଙ୍କା ଏବଂ ଦଳର କାର୍ଯ୍ୟକର୍ତ୍ତାଙ୍କ ଉପରେ କିଛି ଦୁର୍ବୃତ୍ତ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଦିନ ଘଟିଥିବା ଏହି ଆକ୍ରମଣରେ ଜଣେ ସ୍ୱେଚ୍ଛାସେବୀଙ୍କ ହାତ ଭାଙ୍ଗିଯାଇଥିବା ଆଶୁତୋଷ ସୂଚନା ଦେଇଛନ୍ତି। ରାମପୁରା କନୱରପୁରା ଗ୍ରାମ ନିକଟରେ ଏହି ସଂଘର୍ଷ ଘଟିଥିବା ବେଳେ କ୍ଷମତାସୀନ ଭାରତୀୟ ଜନତା ପାର୍ଟି (ବିଜେପି)ର କାର୍ଯ୍ୟକର୍ତ୍ତାମାନେ ଏହି ଆକ୍ରମଣ ପଛରେ ରହିଛନ୍ତି ବୋଲି ସିଜେପି ପକ୍ଷରୁ ଅଭିଯୋଗ କରାଯାଇଛି। ସୂଚନା ଅନୁସାରେ, ରାମପୁରା କନୱରପୁରା ଏବଂ ବାଟା ୱାଲାରେ ଥିବା ଦୁଇଟି ସରକାରୀ ସ୍କୁଲର ସ୍ଥିତି, ପାଠପଢ଼ା ଓ ଛାତ୍ରଛାତ୍ରୀଙ୍କ ସୁବିଧାସୁଯୋଗ ଯାଞ୍ଚ କରିବା ପାଇଁ ସିଜେପି ଟିମ୍ ସ୍ଥିର କରିଥିଲା। ଏହା ପୂର୍ବରୁ ଆଶୁତୋଷ ସୋସିଆଲ ମିଡିଆରେ ପୋଷ୍ଟ କରି ଦର୍ଶାଇଥିଲେ ଯେ, ରାମପୁରା ସ୍କୁଲର ମୁଖ୍ୟ ଛାତ ବିପଜ୍ଜନକ ହୋଇପଡ଼ିବାରୁ ଛାତ୍ରଛାତ୍ରୀମାନଙ୍କୁ ପାଖରେ ଥିବା ଏକ ଟିଣ ଆସ୍ଥାରେ ପାଠ ପଢ଼ାଯାଉଛି। ଏହି ଗସ୍ତ ନେଇ ସୂଚନା ମିଳିବା ପରେ କିଛି ଲୋକ ରାସ୍ତା ଅବରୋଧ କରି ସେମାନଙ୍କ ଗାଡ଼ି ଅଟକାଇ ଆକ୍ରମଣ କରିଥିଲେ। ସିଜେପି ସଂସ୍ଥାପକ ଅଭିଜିତ୍ ଦୀପକେ ମଧ୍ୟ ଏହି ଘଟଣାକୁ ନେଇ ରାଜସ୍ଥାନ ପୁଲିସର ନିଷ୍କ୍ରିୟତା ଉପରେ ପ୍ରଶ୍ନ ଉଠାଇଛନ୍ତି।

ବିଧାନସଭାରେ ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗ

ଟିଭିକେ ଓ ଡିଏମ୍‌କେ ମୁହାଁମୁହିଁ

ଚେନ୍ନାଇ,୨୧।୮: ପ୍ରସ୍ତାବିତ ସୀମା ପୁନଃନିର୍ଦ୍ଧାରଣ ପ୍ରସଙ୍ଗରେ ତାମିଲନାଡୁ ବିଧାନସଭାରେ ଶୁକ୍ରବାର ଶାସକ ଟିଭିକେ ଓ ମୁଖ୍ୟ ବିରୋଧୀ ଦଳ ଡିଏମ୍‌କେ ମୁହାଁମୁହିଁ ହୋଇଛନ୍ତି। ତାମିଲନାଡୁ ବିଧାନସଭାରେ ଉଭୟ ପକ୍ଷ ମଧ୍ୟରେ ତୀବ୍ର ବିରୋଧ ଦେଖିବାକୁ ମିଳିଛି। ବିରୋଧୀ ଦଳ ନେତା ଉଦୟନିଧି ଷ୍ଟାଲିନ୍ ଅଭିଯୋଗ କରିଛନ୍ତି ଯେ, ଦକ୍ଷିଣାଞ୍ଚଳ ପରିଷଦ ବୈଠକରେ ମୁଖ୍ୟମନ୍ତ୍ରୀ ସି ଯୋଗେଫ୍ ବିଜୟ ତାମିଲନାଡୁର ଦାବିକୁ ଦୁର୍ବଳ କରିଛନ୍ତି। ଉଦୟନିଧି ଷ୍ଟାଲିନ୍ କହିଛନ୍ତି ଯେ, ଟିଭିକେ ସରକାର ବିଧାନସଭାରେ ମୋଟ ଲୋକସଭା ଆସନକୁ ୫୪୩ରେ ସ୍ଥଗିତ ରଖିବା ପାଇଁ ପ୍ରସ୍ତାବ ପାରିତ କରିଥିଲେ, କିନ୍ତୁ ବିଜୟ ଦକ୍ଷିଣାଞ୍ଚଳ ପରିଷଦ ବୈଠକରେ ''ସ୍ଥଗିତ'' ଶବ୍ଦ ବ୍ୟବହାର କରି ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ତେବେ ଟିଭିକେ ମନ୍ତ୍ରୀ ଅଧବ ଅର୍ଜୁନ ସରକାରଙ୍କ ପକ୍ଷ ରଖି କହିଛନ୍ତି, ସୀମା ପୁନଃନିର୍ଦ୍ଧାରଣକୁ ନେଇ ସେମାନଙ୍କ ଅଭିମୁଖ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଉଭୟ ପକ୍ଷ ପରସ୍ପର ଉପରେ ତାମିଲନାଡୁର ସ୍ୱାର୍ଥ ସହିତ ସାଲିସ୍ କରୁଥିବା ଅଭିଯୋଗ କରିବାରୁ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଷ୍ଟାଲିନ୍ ଦୋହରାଇଥିଲେ ଯେ, ଡିଏମ୍‌କେ ସୀମା ପୁନଃନିର୍ଦ୍ଧାରଣକୁ ସମ୍ପୂର୍ଣ୍ଣ ଭାବେ ସ୍ଥଗିତ ରଖିବାକୁ ପ୍ରତିଶ୍ରୁତିବଦ୍ଧ। ସେ କହିଥିଲେ ଯେ, ତାମିଲନାଡୁର ସଂସଦୀୟ ପ୍ରତିନିଧିତ୍ୱର ବିଦ୍ୟମାନ ୭.୧୮ ପ୍ରତିଶତ ଅଂଶ ହ୍ରାସ କରାଯିବା ଉଚିତ୍ ନୁହେଁ। ଅର୍ଜୁନ ପାଲଟା ଆକ୍ରମଣ କରି ଅଭିଯୋଗ କରିଥିଲେ ଯେ, ଡିଏମ୍‌କେ ଅତୀତରେ ତାର ସ୍ଥିତିରେ ପରିବର୍ତ୍ତନ କରିଛି। କିନ୍ତୁ ଟିଭିକେ ସମସ୍ତ ରାଜ୍ୟ ପାଇଁ ୫୦% ଆସନ ବୃଦ୍ଧିକୁ ବିରୋଧ କରିଛି ତାମିଲନାଡୁ ପାଇଁ ସଂସଦୀୟ ପ୍ରତିନିଧିତ୍ୱର ବିଦ୍ୟମାନ ୭.୧୮ ପ୍ରତିଶତ ଅଂଶ ବଜାୟ ରଖିବାକୁ ଦାବି କରିଛୁ। ସୀମା ପୁନଃନିର୍ଦ୍ଧାରଣ ପରେ ତାମିଲନାଡୁକୁ ସଂସଦୀୟ ଆସନର ୭.୧୮% ଅଂଶ ବଜାୟ ରଖିବାକୁ ଏଆଇଏଡିଏମ୍‌କେ ମୁଖ୍ୟ ଏଡାପାଡି ପଲାନିସ୍ୱାମୀ ମଧ୍ୟ ଦାବି କରିଥିଲେ। ତେବେ ବିଜେପି ବିଧାୟକ ଭୋଳା ରାଜନ ଭିନ୍ନ ମତ ରଖିଛନ୍ତି, କହିଛନ୍ତି ଯେ ସୀମା ନିର୍ଦ୍ଧାରଣ ତାମିଲନାଡୁ ପାଇଁ ଲାଭଦାୟକ ହେବ ଓ ରାଜ୍ୟର ଅଂଶ ୭.୧୮% ରୁ ବୃଦ୍ଧି ପାଇପାରେ।

ପୂର୍ବ ଜଳସୀମାରେ କ୍ଷେପଣାସ୍ତ୍ର ମାଡ଼କଲା ଉତ୍ତର କୋରିଆ

ବଢ଼ିଲା ଜାପାନ-ଦକ୍ଷିଣ କୋରିଆ ଚିନ୍ତା

ସିଓଲ,୨୧।୮: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କୂଟନୀତି ପୁନଃ ଆରମ୍ଭ କରିବାର ପ୍ରୟାସକୁ ପ୍ରତ୍ୟାଖ୍ୟାନ କରିବାର ଦିନକ ପରେ ଉତ୍ତର କୋରିଆ ଗୁରୁବାର ଏହାର ପୂର୍ବ ଜଳସୀମାରେ ଆଡ଼କୁ ୧୦ଟି ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଛି। ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟା ପ୍ରାୟ ୫ଟାରେ ପ୍ୟୋଙ୍ଗୟାଙ୍ଗ ଅଞ୍ଚଳରୁ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିଲା। ଉତ୍ତର କୋରିଆର କ୍ଷେପଣାସ୍ତ୍ର ମାଡ଼କୁ ଲକ୍ଷ୍ୟ କରି ଦକ୍ଷିଣ କୋରିଆ ସେନା ଏହାର ନିରୀକ୍ଷଣ କଡ଼ାକଡ଼ି କରିଥିଲା। ଜାପାନର ପ୍ରତିରକ୍ଷା ମନ୍ତ୍ରଣାଳୟ ପ୍ରାରମ୍ଭରେ ଏକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଉତ୍କ୍ଷେପଣ ହୋଇଥିବା ଚିହ୍ନଟ କରିଥିଲା। ଉଭୟ ଦକ୍ଷିଣ କୋରିଆ ଓ ଜାପାନ ଏହି ଘଟଣାକୁ ସ୍ୱୀକାର କରିଥିବାବେଳେ ଏହା ସେମାନଙ୍କ ଚିନ୍ତା ବଢ଼ାଇ ଦେଇଛି। କ୍ଷେପଣାସ୍ତ୍ରଗୁଡ଼ିକ ପ୍ରାୟ ୩୦୦ କିଲୋମିଟର ଦୂରରେ ଜାପାନ ସାଗରରେ ମାଡ଼ ହୋଇଥିଲା। ଜାପାନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ମଧ୍ୟ ଏକ ସବିସ୍ତୃ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଚିହ୍ନଟ ହୋଇଥିବା ସୂଚନା ଦେଇଛି ଓ ଏହା ସମୁଦ୍ରରେ ପଡ଼ିଥିବା କହିଛି। ଦକ୍ଷିଣ କୋରିଆ ଏହାର ନିରୀକ୍ଷଣ ବୃଦ୍ଧି କରିବା ସହିତ ଆମେରିକା ଓ ଜାପାନକୁ ତଥ୍ୟ ପ୍ରଦାନ କରିଛି। ଏପରି କ୍ଷେପଣାସ୍ତ୍ର ମାଡ଼ ଜାତିସଂଘ ସୁରକ୍ଷା ପରିଷଦ ପ୍ରସ୍ତାବକୁ ଉଲ୍ଲଂଘନ କରୁଛି। ପ୍ୟୋଙ୍ଗୟାଙ୍ଗ ସାଧାରଣତଃ ଆମେରିକା-ଦକ୍ଷିଣ କୋରିଆର ମିଳିତ ସାମରିକ ଅଭ୍ୟାସ ସମୟରେ ଏପରି ପରୀକ୍ଷଣକୁ ବୃଦ୍ଧି କରିଥାଏ। ବୁଧବାର ଦକ୍ଷିଣ କୋରିଆ ଓ ଆମେରିକୀୟ ସାମରିକ ବାହିନୀ ସେମାନଙ୍କର ୧୧ ଦିନିଆ ଉଲ୍ଚି ଫ୍ରିଡମ୍ ସିଲ୍ଡ ଅଭ୍ୟାସକୁ ଛଅ ଦିନ ହ୍ରାସ କରି ଶୁକ୍ରବାର ସମାପ୍ତ କରିଥିଲେ। ସୋମବାର ଟ୍ରମ୍ପ ପେଣ୍ଟାଗନକୁ ଅଭ୍ୟାସ ଯଥେଷ୍ଟ ଭାବେ ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉତ୍ତର କୋରିଆର ନେତା କିମ୍ ଜୋଙ୍ଗ-ଉନ୍‌ଙ୍କ ସହ ତାଙ୍କର ଭଲ ସମ୍ପର୍କ ଓ ଇରାନ ବିରୋଧରେ ଯୁଦ୍ଧରେ ଦକ୍ଷିଣ କୋରିଆ ତାଙ୍କୁ ସମର୍ଥନ କରିବାକୁ ମନା କରିବା କଥା ଟ୍ରମ୍ପ ଉଲ୍ଲେଖ କରିଥିଲେ।

ପୁଣି ଜେଲ୍‌କୁ ଫେରିଲେ ଇମ୍ରାନ ଖାନ୍

ନୂଆଦିଲ୍ଲୀ,୨୧।୮: ମେଡିକାଲ ଚେକ ପରେ ରାତାରାତି ପୁଣି ଜେଲକୁ ଫେରିଛନ୍ତି ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ। ସେ ମେଡିକାଲୀ ଫିଟ୍ ଥିବା ଡାକ୍ତରମାନେ କହିବା ପରେ ବିଳମ୍ବ ନ କରି ତୁରନ୍ତ ତାଙ୍କୁ ଆଦିଆଲା ଜେଲକୁ ପୁଣି ନେଇଯାଇଛନ୍ତି ସୁରକ୍ଷାକର୍ମୀ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଦୀର୍ଘ ୩ ବର୍ଷ ପରେ ହସ୍ପିଟାଲରେ ଚିକିତ୍ସିତ ହେବାକୁ ଅନୁମତି ପାଇଥିଲେ ଇମ୍ରାନ ଖାନ। ସେପ୍ଟେମ୍ବର ୧୫ ଯାଏ ସେ ହସ୍ପିଟାଲରେ ଚିକିତ୍ସିତ ହେବାର ଥିଲା। କିନ୍ତୁ ମାତ୍ର କିଛି ଘଣ୍ଟାର ଚିକିତ୍ସା ପରେ ସେ ପୁଣି ଜେଲ ଚାଲି ଯାଇଥିବା ପାକିସ୍ତାନ ତେହରିକ-ଇ-ଇନସାଫ ବା ପିଟିଆଇ ପକ୍ଷରୁ କୁହାଯାଇଛି। ପାକିସ୍ତାନ ସୁପ୍ରିମକୋର୍ଟ ଇମ୍ରାନ ଖାନଙ୍କୁ ଇସଲାମାବାଦ ସ୍ଥିତ ଶିଫା ଅନ୍ତର୍ଜାତୀୟ ହସ୍ପିଟାଲରେ ଭର୍ତ୍ତି କରିବାକୁ କହିଥିଲେ। କିନ୍ତୁ ତାଙ୍କୁ ଘରୋଇ ହସ୍ପିଟାଲ ବଦଳରେ ପାକିସ୍ତାନ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସରେ ଭର୍ତ୍ତି କରିଥିଲେ ସରକାର। ମଧ୍ୟରାତ୍ରରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଇମ୍ରାନଙ୍କୁ ସରକାରୀ ହସ୍ପିଟାଲ ନିଆଯାଇଥିଲା। ସେଠାରେ ତାଙ୍କର ଚେକଅପ ମାତ୍ର କିଛି ଘଣ୍ଟା ମଧ୍ୟରେ ଶେଷ ହୋଇଯାଇଥିଲା। ଏହାପରେ ଡାକ୍ତରମାନେ ଇମ୍ରାନ ସୁସ୍ଥ ଥିବା ଘୋଷଣା କରିଥିଲେ। ଏଥିସହ ସେ ଜେଲରେ ରହିବାକୁ ଫିଟ ଥିବା ମଧ୍ୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏକଥା ଜାଣିବା ପରେ ଇମ୍ରାନ ଖାନଙ୍କୁ କାଳବିଳମ୍ବ ନକରି ସୁରକ୍ଷାକର୍ମୀମାନେ ଜେଲକୁ ନେଇ ଯାଇଛନ୍ତି। ପାକିସ୍ତାନ ସୂଚନା ମନ୍ତ୍ରୀ ଅତାଉଲ୍ଲା ତାରାର ଏକ୍ସରେ ଲେଖିଛନ୍ତି ଯେ "ଚକ୍ଷୁ ବିଶେଷଜ୍ଞ, ହୃଦ୍‌ରୋଗ ବିଶେଷଜ୍ଞ ଓ ଜଣେ ଫିଜିସିଆନ୍‌ଙ୍କୁ ନେଇ ଗୋଟିଏ ଯୋଗ୍ୟ ଡାକ୍ତରୀ ଟିମ ଗଠନ କରାଯାଇଥିଲା।

ସେମାନେ ଇମ୍ରାନ ଖାନଙ୍କ ବିସ୍ତୃତ ସ୍ୱାସ୍ଥ୍ୟ ପରୀକ୍ଷା କରି ତାଙ୍କୁ ଚିକିତ୍ସା ଦୃଷ୍ଟିରୁ ସୁସ୍ଥ ବୋଲି ଘୋଷଣା କରିଛନ୍ତି। ସମ୍ପୂର୍ଣ୍ଣ ପ୍ରକ୍ରିୟା ଶେଷ ହେବା ପରେ ତାଙ୍କୁ ପୁଣି ଆଦିଆଲା ଜେଲ୍‌କୁ ନିଆଯାଇଛି।"

ଚାଟାର୍ଡ ପ୍ଲେନ କ୍ରାଶ ; ୮ ମୃତ

ଆଲାସ୍କା,୨୧।୮: ପଶ୍ଚିମ ଆଲାସ୍କାର ଏକ ଦୁର୍ଗମ ରାଡାର ସାଇଟ୍ ନିକଟରେ ୮ ଜଣଙ୍କୁ ନେଇ ଯାଉଥିବା ଏକ ଚାଟାର୍ଡ ପ୍ଲେନ ଦୁର୍ଘଟଣାଗ୍ରସ୍ତ ହୋଇଛି । ଗୁରୁବାର ଏନେଇ ଫେଡେରାଲ୍ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ନ୍ୟାସନାଲ୍ ଟ୍ରାନ୍ସପୋର୍ଟେସନ୍ ସେଫ୍ଟି ବୋର୍ଡ (NTSB)ର ଆଲାସ୍କା ଅଞ୍ଚଳ ମୁଖ୍ୟ କ୍ଲିଣ୍ଟ ଜନସନ୍ କହିଛନ୍ତି ଯେ ବିମାନରେ ୨ ଜଣ ପାଇଲଟ୍ ଓ ୬ ଜଣ ଯାତ୍ରୀ ଥିଲେ । ତେବେ ଦୁର୍ଘଟଣାରେ ସମସ୍ତ ୮ ଜଣଙ୍କ ମୃତ୍ୟୁ ହୋଇଛି । ଅଧିକାରୀଙ୍କ କହିବା ଅନୁସାରେ, ବିମାନଟି ଆଙ୍କରେଜ୍‌ରୁ ଉଡ଼ାଣ ଭରିଥିଲା। ଗୁରୁବାର ଅପରାହ୍ନରେ କେପ୍ ନ୍ୟୁଏନହାମ୍ ନିକଟରେ ପହଞ୍ଚିବା ସମୟରେ ଏହା ଦୁର୍ଘଟଣାର ଶିକାର ହୋଇଥିବା ଅନୁମାନ କରାଯାଉଛି। କେପ୍ ନ୍ୟୁଏନହାମ୍ ଲଙ୍ଗ୍ ରେଞ୍ଜ ରାଡାର ସାଇଟ୍ ନିକଟରେ ବିମାନ ସମ୍ପର୍କିତ ଏକ ଘଟଣା ନେଇ ରିପୋର୍ଟ ମିଳିବା ପରେ ଆଲାସ୍କା ରେସ୍କ୍ୟୁ କୋଅର୍

ଓଡ଼ିଆ ବିଶ୍ୱବିଦ୍ୟାଳୟରେ 'ସଚ୍ଚିଦାନନ୍ଦ ରାଉତରାୟ : ପ୍ରଗତିରୁ ପ୍ରୟୋଗବାଦ' ଶୀର୍ଷକ ଆଲୋଚନାଚକ୍ର

ସତ୍ୟବାଦୀ /ସୁଆଣ୍ଡୋ (ଅମୃତ ମିଡିଆ): ଆଜିର ଆଧୁନିକତା ଏକ ଯୁଗ ନୁହେଁ, ବରଂ ଏକ ଚେତନା । ଏହି ଚେତନାର କୀର୍ତ୍ତିମାନ୍ କାବ୍ୟସ୍ରଷ୍ଟା ଥିଲେ ଶତାବ୍ଦୀର କବି ସଚ୍ଚିଦାନନ୍ଦ । ତାଙ୍କ କାବ୍ୟ ଚେତନାରେ ବିରୋଧାଭାସର ଚିତ୍ର ରହିଥିଲେ ମଧ୍ୟ ମଣିଷ ଅନ୍ତର୍ମନର ଭିନ୍ନ ଏକ ଅଶ୍ରୁତ ସ୍ୱରଲିପି ଅନେକତ୍ର ଗୁଞ୍ଜରିତ । ଉଭୟ ଭାବ ଓ ଭାଷାରେ ସଚ୍ଚିଦାନନ୍ଦ ରାଉତରାୟ ଓଡ଼ିଆ କବିତାକୁ ଅନ୍ତର୍ଜାତୀୟ ଗୁଣବତ୍ତା ପ୍ରଦାନ କରିଥିଲେ ବୋଲି ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ୱାତକୋତ୍ତର ଓଡ଼ିଆ ଭାଷା-ସାହିତ୍ୟ ବିଭାଗ ମୁଖ୍ୟ ଡ. ଦିଲୀପ କୁମାର ସ୍ୱାଇଁ ମତବ୍ୟକ୍ତ କରିଛନ୍ତି । ଓଡ଼ିଆ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଶୁକ୍ରବାର ପୂର୍ବାହ୍ନରେ ପାଠଚକ୍ର ପ୍ରକୋଷ୍ଠରେ 'ସଚ୍ଚିଦାନନ୍ଦ ରାଉତରାୟ : ପ୍ରଗତିରୁ ପ୍ରୟୋଗବାଦ' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କୁଳପତି ପ୍ରଫେସର୍ ଡ. ସତ୍ୟନାରାୟଣ ଆଚାର୍ଯ୍ୟ ଆଭାସୀ ବ୍ୟବସ୍ଥା ମାଧ୍ୟମରେ ଏହି ଆଲୋଚନା ଚକ୍ରର ଉଦ୍ଘାଟନ କରିବା ସଂଗେ ସଂଗେ ସଚ୍ଚି ରାଉତରାୟଙ୍କ ପ୍ରାରମ୍ଭିକ ପର୍ଯ୍ୟାୟର 'ଛୋଟ ମୋର ଗାଆଁଟି' ସମେତ ଅନେକ କାଳଜୟୀ କବିତା ଆଜି ବି ସାଧାରଣ ଲୋକଙ୍କ ମନରେ ଛାପ ହୋଇ ରହିଛି ବୋଲି କହିଥିଲେ। ଏହି ଆଲୋଚନା ଚକ୍ରରେ ମୁଖ୍ୟ ଆଲୋଚକ ରୂପେ ଯୋଗଦେଇ ଡ. ସ୍ୱାଇଁ କ୍ଷୋଭର କହିଥିଲେ, ସଚ୍ଚି ରାଉତରାୟଙ୍କ କବିତାର ଯେଭଳି ମନନଶୀଳ ସମୀକ୍ଷା ହେବା କଥା, ତାହା ଏ ଯାବତ୍ ହୋଇପାରି ନାହିଁ । ସେ ପୁନଶ୍ଚ କହିଲେ, କବିତା ମଣିଷକୁ ଦାର୍ଶନିକ କରିଦିଏ ଏବଂ ସଚ୍ଚି ରାଉତରାୟଙ୍କ କବିତାରେ ନୀରବ ତାରୁଣ୍ୟର ସ୍ୱର ମୂର୍ଚ୍ଛନା ଝଙ୍କୃତ । ଯେଉଁଥିରେ ହୁଏତ ଭାବପ୍ରବଣତା ନ ଥାଇପାରେ, ମାତ୍ର ଇମୋଜୀ ନିଶ୍ଚୟ ଥିବ । ତାଙ୍କ ଲିଖିତ କବିତାଗୁଡ଼ିକ

ବ୍ୟକ୍ତି ସହିତ ବ୍ୟକ୍ତିର ଆତ୍ମ ସଂଘର୍ଷର ଗୋପନ ଗହନ କଥା ଉନ୍ମୋଚନ କରେ ବୋଲି ଡ. ସ୍ୱାଇଁ କହିଥିଲେ । ଆଞ୍ଚଳିକ, ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗରେ ଅବସ୍ଥାପିତ ଅବସରପ୍ରାପ୍ତ ପ୍ରଫେସର୍ ବଟୁବାହନ ମହାପାତ୍ର ଏହି ଆଲୋଚନା ଚକ୍ରରେ ପୌରୋହିତ୍ୟ କରିବା ସଂଗେ ସଂଗେ ସଚ୍ଚିଦାନନ୍ଦଙ୍କ କାବ୍ୟଭାଷାର ବୈଚିତ୍ର୍ୟ ଓ ଭାବବସ୍ତୁ ସଂପର୍କରେ ଆଲୋକପାତ କରିଥିଲେ । ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. ରାଧାଗୋବିନ୍ଦ କୁଇଲା ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ସଚ୍ଚିଦାନନ୍ଦଙ୍କ ପରିବର୍ତ୍ତିତ କାବ୍ୟସ୍ୱର ସମ୍ବନ୍ଧରେ ସଦୃଷ୍ଟାନ୍ତ ବ୍ୟାଖ୍ୟା କରିଥିଲେ । ଭାଷାବିଜ୍ଞାନ ଓ ପ୍ରାକୃତିକ ଭାଷା ସଂସାଧନ ବିଭାଗରେ ଅବସ୍ଥାପିତ ଅବସରପ୍ରାପ୍ତ ସହକାରୀ ପ୍ରଫେସର୍ ଡ. କୁଳମଣି ଓଝା ଉକ୍ତ ଆଲୋଚନା ଚକ୍ରରେ ସଂଯୋଜନା କରିଥିଲେ । ଯଶସ୍ୱୀ କବି ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟଙ୍କ ତିରୋଧାନ ଦିବସ ଅବକାଶରେ ଡ. ନିବେଦିତା ମହାନ୍ତି, ଡ. ବାସନ୍ତୀ ମହାନ୍ତି, ଡ. ଶୁଭସ୍ମିତା ନାୟକ, ଡ. ସସ୍ମିତା ଜେନା ଓ ଡ. ମୋନାଲି ଚ୍ୟାଙ୍ଗ୍ ପ୍ରମୁଖ ଶ୍ରଦ୍ଧା ନିବେଦନ କରିଥିଲେ । ଶେଷରେ ଭାଷାବିଜ୍ଞାନ ଓ ପ୍ରାକୃତିକ ଭାଷା ସଂସାଧନ ବିଭାଗ ସହକାରୀ ପ୍ରଫେସର୍ ଡ. ସଂଗୀତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ମୁଖ୍ୟ ଆଲୋଚକ ଡ. ସ୍ୱାଇଁ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସ୍ୱାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ର ସାଇପ୍ରସାଦ ପଟ୍ଟନାୟକ ବେଦପାଠ କରିଥିଲେ କ୍ଷ ଆଶାରାଣୀ ବେହୁରା, ସ୍ମିତିପ୍ରଜ୍ଞା ମାଝୀ, ମାନସୀ ବେହେରା, ସାଇ ପ୍ରସାଦ ପଟ୍ଟନାୟକ, ଅମିତ କୁମାର ନାୟକ, ରାଜେଶ ବେହେରା ପ୍ରମୁଖ ସମୂହ କଣ୍ଠରେ ସଚ୍ଚିଦାନନ୍ଦଙ୍କ ବିରଚିତ 'ଛୋଟ ମୋର ଗାଆଁଟି' କବିତା ଗାନ କରିଥିଲେ ।

ବ୍ରିଜ୍ ଘଟଣାରେ ନୂଆ ମୋଡ଼

ଭୁଶୁଡ଼ି ନଥିଲା ଭାଙ୍ଗି ଦିଆଯାଇଥିଲା

ନିମାପଡ଼ା(ଅମୃତ ମିଡିଆ): ନିମାପଡ଼ା–ବଳଙ୍ଗା ରାସ୍ତାର ସମ୍ପ୍ରସାରଣ ଓ ନିର୍ମାଣକୁ ନେଇ ଏବେ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଦୀର୍ଘଦିନ ଧରି ମରଣଯନ୍ତ୍ରା ପାଲଟିଥିବା ଏହି ରାସ୍ତାର ଉନ୍ନତିକରଣ ପାଇଁ ବହୁ ଦାବି ଓ ପ୍ରତିବାଦ ପରେ ପ୍ରାୟ ୪୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ବଳଭଦ୍ର କନଷ୍ଟ୍ରକସନ୍ ପ୍ରାଇଭେଟ୍ ଲିମିଟେଡ୍‌କୁ ନିର୍ମାଣ ଦାୟିତ୍ୱ ଦିଆଯାଇଛି।ତେବେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରଠାରୁ କିଛି ଠିକାଦାର ଓ ଠିକା ସଂସ୍ଥା ଏହି ପ୍ରକଳ୍ପକୁ ବିଭିନ୍ନ ଉପାୟରେ ବିରୋଧ କରୁଥିବା ନେଇ ଠିକା ସଂସ୍ଥା ପକ୍ଷରୁ ଅଭିଯୋଗ ହୋଇଛି।ଘଟଣାକ୍ରମେ, ଗତ ୪/୫ ଦିନ ତଳେ ଧନୁଆ ଛକ ନିକଟରେ ରାସ୍ତାର ଗୋଟେଏ ପାର୍ଶ୍ୱରେ ଏକ ଛୋଟ ବ୍ରିଜ୍ ନିର୍ମାଣ କରାଯାଇଥିଲା। ଅନ୍ୟ ପାର୍ଶ୍ୱରେ ବାଲି ଓ ଗୋଡ଼ି ବୋଝେଇ ଟ୍ରକ୍ ଯାତାୟାତ କରିବା ପରେ ନିର୍ମାଣାଧୀନ ବ୍ରିଜ୍‌ର ଛାତରେ ସାମାନ୍ୟ ଫାଟ ଦେଖାଦେଇଥିବା ସ୍ଥାନୀୟ ଲୋକେ ବିଭାଗକୁ ଜଣାଇଥିଲେ। ଅଭିଯୋଗ ପାଇବା ପରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଏହାପରେ ସଂପୃକ୍ତ ଠିକା ସଂସ୍ଥା ପକ୍ଷରୁ ଡୋଜର ଲଗାଇ ଉକ୍ତ ବ୍ରିଜ୍‌କୁ ଭାଙ୍ଗି ଦିଆଯାଇଥିଲା। କିନ୍ତୁ ବ୍ରିଜ୍‌ଟି ନିଜେ ନିଜେ ଭୁଶୁଡ଼ି ପଡ଼ିଥିବା ଭଳି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ହୋଇଥିବା ନେଇ ଠିକା ସଂସ୍ଥା ପକ୍ଷରୁ ଆପତ୍ତି ଉଠାଯାଇଛି।ଠିକା ସଂସ୍ଥାର କର୍ମଚାରୀଙ୍କ କହିବା ଅନୁଯାୟୀ, ବ୍ରିଜ୍‌ଟି ଭୁଶୁଡ଼ି ପଡ଼ି ନଥିଲା।

ଘଟଣାସ୍ଥଳକୁ ଯାଇ ନିର୍ମାଣକୁ ଯାଞ୍ଚ କରିଥିଲେ। ଆବଶ୍ୟକତା ଅନୁଯାୟୀ ଉକ୍ତ ବ୍ରିଜ୍‌କୁ ଭାଙ୍ଗି ପୁନଃନିର୍ମାଣ କରିବାକୁ ଠିକା ସଂସ୍ଥାକୁ କୁହାଯାଇଥିବା ସଂସ୍ଥା ପକ୍ଷରୁ କୁହାଯାଇଛି। ଏହା ସହିତ ବ୍ରିଜ୍‌ଟିକୁ ଅଧିକ ଉଚ୍ଚ କରି ନିର୍ମାଣ କରିବାକୁ ସ୍ଥାନୀୟ ଲୋକମାନେ ମଧ୍ୟ ଦାବି କରିଥିବା ଜଣାପଡ଼ିଛି। ନିର୍ମାଣରେ ସାମାନ୍ୟ ତ୍ରୁଟି ଦେଖାଦେବା ପରେ ବିଭାଗୀୟ ନିର୍ଦ୍ଦେଶ ଓ ସ୍ଥାନୀୟ ଲୋକଙ୍କ ଦାବିକୁ ଦୃଷ୍ଟିରେ ରଖି ଏହାକୁ ଭାଙ୍ଗି ପୁନଃନିର୍ମାଣ କରାଯାଉଛି। ତେଣୁ ଏହାକୁ ନେଇ ଭୁଲ୍ ତଥ୍ୟ ପ୍ରଚାର କରାଯାଉଥିବା ସଂସ୍ଥା ଅଭିଯୋଗ କରିଛି।ଅନ୍ୟପକ୍ଷରେ, ପ୍ରାୟ ୪୪ କୋଟ ଟଙ୍କାର ଏହି ବୃହତ୍ ରାସ୍ତା ପ୍ରକଳ୍ପର କାମ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସୁକତା ରହିଛି। ରାସ୍ତା ନିର୍ମାଣ କାମରେ ସ୍ୱଚ୍ଛତା ଓ ଗୁଣବତ୍ତା ବଜାୟ ରଖିବା ସହିତ ଉଠୁଥିବା ବିଭିନ୍ନ ଅଭିଯୋଗର ସଠିକ୍ ତଦନ୍ତ କରି ସତ୍ୟାସତ୍ୟ ସାମ୍ନାକୁ ଆଣିବାକୁ ସ୍ଥାନୀୟ ମହଲରେ ଦାବି ହେଉଛି।

ଜବରଦଖଲ ଉଚ୍ଛେଦ ପରେ ବି ବଦଳିଲାନି ପିପିଲି ବଜାରର ଚିତ୍ର

ଉନ୍ନତିକରଣକୁ ଅପେକ୍ଷା, ଜୀବିକା ହରାଇ ଦୁର୍ଦ୍ଦିନରେ ବ୍ୟବସାୟୀ

ପିପିଲି(ଅମୃତ ମିଡିଆ): ନୂଆ ରୂପରେ ସଜେଇ ତୋଳିବା ଲକ୍ଷ୍ୟରେ ପିପିଲି ବଜାରରେ ଏନ୍‌ଏସି ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ପ୍ରକ୍ରିୟାରେ ଶତାଧିକ ବ୍ୟବସାୟୀ ପ୍ରଭାବିତ ହୋଇଥିବା ବେଳେ, ବଜାରର ଉନ୍ନତିକରଣ ନେଇ ଆଶା ବାନ୍ଧିଥିଲେ ସ୍ଥାନୀୟ ଲୋକେ। କିନ୍ତୁ ଉଚ୍ଛେଦକୁ ଦୀର୍ଘ ସମୟ ବିତିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇନି ଆଖିଦୃଶିଆ ଉନ୍ନତିକରଣ କାର୍ଯ୍ୟ। ବଜାର ସମ୍ପ୍ରସାରଣ ପରେ ପ୍ରଭାବିତ ବ୍ୟବସାୟୀଙ୍କୁ ଥଇଥାନ କରିବା ପାଇଁ ପ୍ରସ୍ତାବ ରହିଥିଲେ ମଧ୍ୟ ତାହା ଏଯାଏଁ କାର୍ଯ୍ୟକାରୀ ହୋଇନଥିବା ଅଭିଯୋଗ ହୋଇଛି। ଦୋକାନ ହରାଇ ଅନେକ ବ୍ୟବସାୟୀ ଏବେ ଜୀବିକା ସଙ୍କଟରେ ପଡ଼ିଛନ୍ତି। ତେଣୁ ତୁରନ୍ତ ବଜାରର ପୁନଃରୁଦ୍ଧାର ସହ ପ୍ରଭାବିତ ବ୍ୟବସାୟୀଙ୍କ ଥଇଥାନ ପାଇଁ ଦାବି ଜୋର ଧରିଛି। ଅନ୍ୟପଟେ ପିପିଲି ବଜାରର ସାପ୍ତାହିକ ହାଟ ଦୁଇଦିନ (ସୋମବାର ଓ ଶୁକ୍ରବାର) ହାଟଚକରେ ପ୍ରବଳ ଭିଡ଼ ଜମୁଛି। ରାସ୍ତାକଡ଼ରେ ବ୍ୟବସାୟୀମାନେ ପରିବା ବିକ୍ରି କରିବା ସହ ରାସ୍ତାର ଏକାଧିକ ଅଂଶ ଅବରୋଧ ହେଉଛି। ଫଳରେ ଗାଡ଼ିମୋଟର ଯାତାୟାତ ବ୍ୟାହତ ହେବା ସହ ସୃଷ୍ଟି ହେଉଛି ଟ୍ରାଫିକ ସମସ୍ୟା। ଟ୍ରାଫିକ ନିୟନ୍ତ୍ରଣ ପାଇଁ ପିପିଲି ପୋଲିସ ପକ୍ଷରୁ ଜଣେ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲେ ମଧ୍ୟ ରାସ୍ତା ଅବରୋଧ ଓ ଭିଡ଼ ସମସ୍ୟାର ସ୍ଥାୟୀ ସମାଧାନ ହେଉନଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏପରିକି ଟ୍ରାଫିକ ନିୟନ୍ତ୍ରଣ ଅପେକ୍ଷା ବିଭିନ୍ନ ଗାଡ଼ିର ଫଟୋ ଉଠାଇ ଚାଲାଣ କାଟିବାରେ ଅଧିକ ଗୁରୁତ୍ୱ ଦିଆଯାଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ପିପିଲି ବଜାରର ଉନ୍ନତିକରଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ସହ ପ୍ରଭାବିତ ବ୍ୟବସାୟୀଙ୍କୁ ଥଇଥାନ ଏବଂ ହାଟଚକର ଟ୍ରାଫିକ ସମସ୍ୟାର

ସ୍ଥାୟୀ ସମାଧାନ ପାଇଁ ଦାବି ହୋଇଛି। ସ୍ଥାନୀୟ ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦେଇ ବଜାରର ବିକାଶ କାର୍ଯ୍ୟ ଆଗେଇ ନେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଏନେଇ ପିପିଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ କାଦମ୍ବିନୀ ଜେନାଙ୍କ ପ୍ରତିକ୍ରିୟା ନିଆଯାଇଥିବା ବେଳେ, ଉନ୍ନତିକରଣ ସମ୍ପର୍କିତ କାର୍ଯ୍ୟ ସରକାରଙ୍କ ଉପରେ ନିର୍ଭର କରୁଥିବା କହି ସେ କୌଣସି ସନ୍ତୋଷଜନକ ସ୍ପଷ୍ଟ ଉତ୍ତର ଦେଇନଥିବା ଜଣାପଡ଼ିଛି। ଏବେ ପ୍ରଶ୍ନ—ଯେଉଁ ବିକାଶ ପାଇଁ ବ୍ୟବସାୟୀଙ୍କ ଜୀବିକା ଛଡ଼ାଇ ନିଆଗଲା, ସେହି ବିକାଶ କାମ କେବେ ଆରମ୍ଭ ହେବ ? ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

କୋଣାର୍କ ଥାନାରେ କର୍ମଚାରୀ ଅଭାବ

କୋଣାର୍କ(ଅମୃତ ମିଡିଆ): କୋଣାର୍କ ଥାନାରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି । ଫଳରେ ଜନସାଧାରଣ ତ୍ୱରିତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ସୂଚନା ଅନୁଯାୟୀ, କୋଣାର୍କ ଥାନାରେ ସବ୍‌ଇନ୍‌ସପେକ୍ଟର ପଦବୀ ଦୁଇଟିଥିବାବେଳେ ଜଣେ ସବ୍‌ଇନ୍‌ସପେକ୍ଟର କାର୍ଯ୍ୟ କରୁଛନ୍ତି। ୭ଟି ଏଏସ୍‌ଆଇ ପଦବୀଥିବାବେଳେ ୪ ଜଣ କାର୍ଯ୍ୟରତ ଅଛନ୍ତି। ସେହିପରି ୧୧ଟି କନଷ୍ଟେବଲ୍ ପଦବୀ ଥିବାବେଳେ ୨ଜଣ କାର୍ଯ୍ୟ କରୁଛନ୍ତି। କୋଣାର୍କ ଥାନାରେ ଗୋଟିଏ ସବ୍‌ଇନ୍‌ସପେକ୍ଟର, ୩ଟି ଏଏସ୍‌ଆଇ ଏବଂ ୯ଟି କନ୍‌ଷ୍ଟେବଲ୍ ପଦବୀ ଖାଲିପଡ଼ିଛି। ଫଳରେ ଜନସାଧାରଣଙ୍କୁ ସେବା ଯୋଗାଇବାରେ ସମସ୍ୟା ଉପୁଜୁଛି। ବିଶେଷକରି ରାତ୍ରିକାଳୀନ ପାଟ୍ରୋଲିଂ ଠିକ ଭାବେ ସମ୍ପାଦନ ହୋଇ ପାରୁନାହିଁ । ଏଥି ଯୋଗୁ ଅସାମାଜିକ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି।

ଅଖାଦ୍ୟ ଛତୁଆ, ଅଖାଦ୍ୟ ରାସନ !

ପଞ୍ଚାୟତ ସମିତି ବୈଠକରେ ଜାଗିଲା ଅସନ୍ତୋଷ

କାକଟପୁର /ଅନ୍ତରଙ୍ଗ(ଅମୃତ ମିଡିଆ): ପୁରୀ ଜିଲ୍ଲା କାକଟପୁର ବ୍ଲକରେ ଶିଶୁ ଓ ଗର୍ଭବତୀଙ୍କୁ ଦିଆଯାଉଥିବା ଅଖାଦ୍ୟ ଟିଏଚଆର ରାସନକୁ ନେଇ ପଞ୍ଚାୟତ ସମିତି ବୈଠକରେ ପ୍ରବଳ ହୋହାଲ୍ଲା ହୋଇଛି । ପଂଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଷ୍ଟମ ଅଧିବେଶନରେ ବିଧାୟକ ତୁଷାରକାନ୍ତି ବେହେରା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ବିଡିଓ ନାରାୟଣ ଦାଶିତଙ୍କ ଉପସ୍ଥିତିରେ ଏହି ପ୍ରସଙ୍ଗ ଉଠିଥିଲା। ବୈଠକରେ ସିଧାସଳଖ ଭୁବନେଶ୍ୱର ମହାନଗର ନିଗମ ସିଡିପିଓ ଅଫିସରୁ ଆସିଥିବା ଭଲ ଛତୁଆ ସହ କାକଟପୁରରେ ବଣ୍ଟା ହେଉଥିବା ନିମ୍ନମାନର ଛତୁଆର ତୁଳନା କରାଯାଇଥିଲା। ଦୁଇଟି ଯାକ ଆକାଶ-ପାତାଳ ଫରକ। କାକଟପୁର ଛତୁଆରୁ ଦୁର୍ଗନ୍ଧ, ପୋକ ବାହାରୁଥିବା ଅଭିଯୋଗ ହୋଇଛି । ଯାହା କୁନି କୁନି ପିଲା ଖାଇବା ଯୋଗ୍ୟ ନୁହେଁ। ଅଙ୍ଗନବାଡି ଦିଦିମାନେ ବି ଏହାକୁ ବିରୋଧ କରୁଛନ୍ତି। ଏହାକୁ ନେଇ ମଞ୍ଚାସୀନ ଅତିଥିମାନେ ସିଡିପିଓ ମାଡାମଙ୍କୁ କଡା ତାଗିଦ କରି କହିଲେ – ଆଗାମୀ ଦିନରେ ଏମିତି ଅଖାଦ୍ୟ ସାମଗ୍ରୀ ଦିଆଗଲେ କାର୍ଯ୍ୟାନୁଷ୍ଠାନ ହେବ। ଗରିବ ମା-ଶିଶୁଙ୍କ ପେଟରେ ବିଷ

ଦିଆଯାଉଛି ବୋଲି ସଦସ୍ୟମାନେ କହିଥିଲେ। ପରେ ଅନ୍ୟ ବିଭାଗ ଆଲୋଚନା ହୋଇଥିଲା ସତ କିନ୍ତୁ ସବୁଠୁ ବଡ ପ୍ରସଙ୍ଗ ରହିଲା ଅଖାଦ୍ୟ ଟିଏଚଆର । ସାତେ ୪ ବର୍ଷରେ ମାତ୍ର ୮ଟି ବୈଠକ ହୋଇଥିବାରୁ ଏଭଳି ଦୁର୍ନୀତି ବଢୁଛି ବୋଲି କୁଞ୍ଜେଇ ସମିତି ସଭ୍ୟ ପ୍ରମୋଦ ଦାସ କହିଛନ୍ତି।ଏହି ପଂଚାୟତ ସମିତି ବୈଠକ ରେ ବିଭିନ୍ନ ପଂଚାୟତର ଲୋକପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହ ଅନ୍ୟ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।

ଖାଲି ସିସିଟିଭି ଯାଞ୍ଚରେ ଅଟକିଲା କି ତଦନ୍ତ

■ କେବେ ଗାଦି ଛାଡ଼ିବେ ଥାନା ଅଧିକାରିଣୀ ?

କାକଟପୁର/ଅନ୍ତରଙ୍ଗ(ଅମୃତ ମିଡିଆ): ପୁରୀ ଜିଲ୍ଲା ଅନ୍ତରଙ୍ଗ ଥାନା ମରିଛି ନା ବଞ୍ଚିଛି ଲୋକେ ଜାଣି ପାରୁନାହାନ୍ତି ? ଥାନା ନାକ ତଳେ ୫୦ ଲକ୍ଷ ଲୁଟ୍, ୫ ଦିନ ହେଲା ପୋଲିସର ହାତ ଖାଲି। ପୁରୀ ଜିଲ୍ଲାର ଅନ୍ତରଙ୍ଗ ପୋଲିସ ଏବେ ସାଧାରଣ ଲୋକଙ୍କ ନଜରରେ ସମ୍ପୂର୍ଣ୍ଣ ଫେଲ୍। ଗତ ୧୭ ତାରିଖ ବିଳମ୍ବିତ ରାତିରେ ଥାନାଠାରୁ ୫୦ ମିଟର ଦୂର ମହାନ୍ତି କମ୍ପ୍ଲିକେସନରୁ ଦୁର୍ବୃତ୍ତ ଗ୍ୟାସ କଟରରେ ସଟର କାଟି ୫୦ ଲକ୍ଷ ଟଙ୍କାର ଫୋନ୍ ଲୁଟି ନେଲେ। ୧୨୦ ଘଣ୍ଟା ବିତିଲା, ପୋଲିସ କେବଳ ସିସିଟିଭି ଦେଖି ବୁଲୁଛି। ସାଇଣ୍ଟିଫିକ୍ ଟିମ୍ ଫେଲ୍, ସନ୍ଧାନୀ କୁକୁର ଫେଲ୍, ଏବେ କ୍ରାଇମ ବ୍ରାଞ୍ଚ ଟେକ୍ନିକାଲ ଟିମ୍ ବି ଫେଲ୍। ପ୍ରଶ୍ନ ଉଠୁଛି – ଅନ୍ତରଙ୍ଗ ପୋଲିସ କାମ କରୁଛି ନା ଦୁର୍ବୃତ୍ତଙ୍କୁ ସୁରକ୍ଷା ଦେଉଛି ? ବ୍ୟବସାୟୀ ମହାସଂଘ ସଭାପତି ଦୁଷ୍ମନ୍ତ ପଡିଆ ସିଧା କହିଛନ୍ତି, ବର୍ତ୍ତମାନର ଥାନା ଅଧିକାରିଣୀ ଯୋଗ ଦେବା ଦିନରୁ ଅନ୍ତରଙ୍ଗରେ ଆଇନ ଶୃଙ୍ଖଳା ଭୁଶୁଡ଼ି ପଡିଛି। ସେମାନେ ପୁରୀ ଏସପିଙ୍କୁ ଦେଇଥିବା ୬ ଦଫା ବିଫଳତା ଚିଠାରେ ଲେଖିଛନ୍ତି – କରଞ୍ଜପୁର, ଭେଡାବନ୍ଧ, ବନ୍ତିଲୋ, ବରଡି, କେନ୍ଦାପଟି, ପୋଟଳ ଛକ ସମେତ ଅଙ୍ଗନବାଡି, ସ୍କୁଲ,

ମନ୍ଦିର ଚୋରୀ ପରେ ଚୋର ଧରିବାରେ ପୋଲିସ ଫେଲ୍, ରାତ୍ର ପେଟ୍ରୋଲିଂ ନାହିଁ, ପ୍ରତି କେଶରେ ମୋଟା ଟଙ୍କା ଆଦାୟ, ମିଛ କେଶରେ ଲୋକଙ୍କୁ ହଇରାଣ ଓ ନିଶା କାରବାରକୁ ଖୋଲା ପ୍ରୋତ୍ସାହନ। ସାଧାରଣ ଲୋକ କହୁଛନ୍ତି, ଥାନାରେ ଟଙ୍କା ଦେଲେ ନ୍ୟାୟ, ନହେଲେ ମିଛ ମାମଲା। ନିଶା ବ୍ୟବସାୟୀଙ୍କ ଠାରୁ ମାସିକ ଚାନ୍ଦା ଆଦାୟ ଏବେ ରାତି। କାରଣ ଥାନା ସାମ୍ନାରେ ସ୍ଥୁଟି ରେ ଯାଉଛି ପେଟି ପେଟି ମଦ।ଥାନା ରେ ଚାଲିଛି ଦଣ୍ଡିଆ ରାଜ।ଏହି ସମୟରେ ଥାନା କର୍ମଚାରୀ ପାଟ୍ରୋଲିଂ ରେ ଯାଇ ଗୋଡ ମୋଡା ଖାଉଥିବା ଭିଡିଓ ଭାଇରାଲ ହେବା ପରେ ସ୍ୱଚ୍ଛ ଅନ୍ତରଙ୍ଗରେ ପୋଲିସର ଦଲାଲ ଓ ଦଣ୍ଡିଆ ରାଜ ସାମ୍ନାକୁ ଆସିଛି। ଅଗଷ୍ଟ ୧୮ରେ ଦାବୀପତ୍ର ଦେବାର ଘଣ୍ଟାକ ପରେ ବଜାରରୁ ପୁଣି ବାଇକ୍ ଚୋରି ହେବା ପୋଲିସକୁ

ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଚାନ୍ଦୁଆ କର୍ମଶାଳା

ପୁରୀ (ବ୍ୟୁରୋ):ଶୁକ୍ରବାର ଦିବା ୧୧ ଘଟିକା ରେ ଓଡ଼ିଶା ଚାରୁ ଓ କାରୁ କଳା ମହାବିଦ୍ୟାଳୟ ରେ ଚାନ୍ଦୁଆ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଥିବାବେଳେ ସୋମବାର ଅପରାହ୍ନ ୪ ଘଟିକା ରେ ଉଦ୍ୟାପିତ କରାଯିବାର ବ୍ୟବସ୍ଥା ହୋଇଛି । ଏଥିରେ ଓଡ଼ିଶାର ପାରମ୍ପରିକ ଚାନ୍ଦୁଆ କଳାକୁ ପ୍ରୋତ୍ସାହନ ଦେବା ଓ ଲୋକଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ଓ ଆମ ପରମ୍ପରାକୁ ନେଇ ବିଶ୍ୱ ଦରବାରରେ ପହଞ୍ଚାଇବା ଆମର ଲକ୍ଷ୍ୟ । ଏଥିରେ ୨୮ ଜଣ ଚିତ୍ରଶିଳ୍ପୀ ଅଂଶ ଗ୍ରହଣ କରୁଛନ୍ତି। ମାଷ୍ଟର ଟ୍ରେନର ନମିତା ପାତ୍ର , ଅଧ୍ୟାପକ ଉଦ୍ଧବ ନାୟକ,ଅନନ୍ତ ପ୍ରଧାନ, କେଶବ ନାୟକ ଶିଳ୍ପୀ ମାନଙ୍କୁ ସହଯୋଗ କରିବେ।ବନ ବିଭାଗ ଅଧିକାରୀ ପ୍ରଭାତ ଦାସ କୋଡ଼ିନେଟରେ, ସି.ଇ.

୨୦ ବର୍ଷର ଦାବିକୁ ଅଣଦେଖା

ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ସହର ବ୍ରହ୍ମପୁରରେ ଏଯାଏଁ ଆରଟିଓ ଅଫିସ ନାହିଁ

ବ୍ରହ୍ମପୁର (ଅମୃତ ମିଡିଆ): ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଜି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ବ୍ରହ୍ମପୁରରେ ସ୍ୱତନ୍ତ୍ର ଆରଟିଓ ଅଫିସ ପ୍ରତିଷ୍ଠା ପାଇଁ ଦୃଢ ଦାବି କରାଯାଇଛି। ବ୍ରହ୍ମପୁର ଭଳି ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ସହର ବ୍ରହ୍ମପୁରରେ ଆରଟିଓ ନରହିବା କେବଳ ବ୍ରହ୍ମପୁର ନୁହଁ ସମୁଦାୟ 'ଦକ୍ଷିଣ ଓଡିଶା ପ୍ରତି ଅନ୍ୟାୟ' ବୋଲି କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି। ଏ ନେଇ କମିଟି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ସହ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ, ପ୍ରମୁଖ ସଚିବ, ବାଣିଜ୍ୟ ଓ ପରିବହନ ବିଭାଗ, ମୁଖ୍ୟ ଶାସନ ସଚିବ,ପରିବହନ କମିଶନର , ଗଞ୍ଜାମ ଜିଲାପାଳ, ଆରଡିସି,ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ଓ ବ୍ରହ୍ମପୁର ବିଧାୟକଙ୍କୁ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରତିଲିପି ପ୍ରଦାନ କରାଯାଇଚି। କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି, ଏ ଦାବି ୨୦ ବର୍ଷର ପୁରୁଣା। ସବୁ ସରକାର ଏହାକୁ ଅଣଦେଖା କରିଛନ୍ତି। ଦାବିପତ୍ରରେ ବ୍ରହ୍ମପୁରରେ ଆରଟିଓ କାହିଁକି ଦରକାର ସବିଶେଷ ତଥ୍ୟ ପ୍ରଦାନ କରି କୁହାଯାଇଛି ଯେ ଏହା ଓଡିଶାର ସବୁଠୁ ବଡ ଅସଙ୍ଗତି କାରଣ ଗଞ୍ଜାମ ଓଡିଶାର ସବୁଠୁ ବଡ ଜିଲ୍ଲା (୩୫ ଲକ୍ଷ ଲୋକସଂଖ୍ୟା)। ବ୍ରହ୍ମପୁର ଓଡ଼ଶାର ଦ୍ୱିତୀୟ ବୃହତ୍ତମ ସହର ନିୟମ ଅନୁସାରେ ଆରଟିଓ ଏଠାରେ ରହିବା କଥା।

କିନ୍ତୁ ଜିଲ୍ଲାର ୮୫% ଗାଡି ବ୍ରହ୍ମପୁର ସହରରେ ଥିବାବେଳେ ଆରଟିଓ ଅଛି ୪୫ କି.ମି ଦୂର ଛୋଟ ସହର ଛତ୍ରପୁରରେ। ଭାରତର ଆଉ କେଉଁ ବଡ ସହରରେ ଏମିତି ନାହିଁ। ସେହିଭଳି ଲୋକଙ୍କ ଦୈନିକ ହଇରାଣ କଥା କହିବାକୁ ଯାଇ ସେ କହିଛନ୍ତି ଯେ ଛତ୍ରପୁର ଆରଟିଓକୁ ଦୈନିକ ୨୦୦୦+ ଲୋକ ଯାଆନ୍ତି, ସେଥିରୁ ୯୦% ବ୍ରହ୍ମପୁରର।ସକାଳ ୧୦ ଟାରେ ପହଞ୍ଚିବାକୁ ହେଲେ ସକାଳ ୫ ଟାରୁ ବାହାରିବାକୁ ପଡେ। ଜଣେ ଲୋକର ଖର୍ଚ୍ଚ ହିସାବ କଲେ ବସ୍ ଭଡା ୨୦୦-୩୦୦ + ଅଟୋ ୧୦୦ + ଖାଇବା ୧୦୦ + ୧ ଦିନର ମଜୁରୀ ୫୦୦ = ୮୦୦-୧୦୦୦ ଟଙ୍କା ନଷ୍ଟ ବାର୍ଷିକ ଲୋକଙ୍କ କ୍ଷତି ୫୦ କୋଟିରୁ ଅଧିକ। ସେହିପରି

ବାଣିଜ୍ୟିକ ରାଜଧାନୀର କ୍ଷତି ବ୍ରହ୍ମପୁରରେ ୫୦୦୦+ ଟ୍ରକ୍, ୩୦୦୦+ ବସ୍, ୧୦,୦୦୦+ ଅଟୋ ଅଛି। ଗୋଟିଏ ଟ୍ରକ୍ ମାସକୁ ୨ ଥର ଫିଟନେସ୍/ ପରମିଟ୍ ପାଇଁ ଛତ୍ରପୁର ଯାଏ। ପ୍ରତି ଥର ଡିଜେଲ ୩୦୦୦ + ଡ୍ରାଇଭର ଖର୍ଚ୍ଚ ୧୦୦୦ + ବ୍ୟବସାୟ କ୍ଷତି ୫୦୦୦ = ୯୦୦୦ ଟଙ୍କା।୫୦୦୦ ଟ୍ରକ୍ ଙ୍କ ୨ ଥର ଙ୍କ ୯୦୦୦ = ମାସକୁ ୯ କୋଟି, ବର୍ଷକୁ ୧୦୮ କୋଟି ଟଙ୍କା କ୍ଷତି। ଛାତ୍ର ଓ ସାଧାରଣ ଲୋକ ସବୁଠୁ ଅଧିକ ହଇରାଣ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ , ଖଲିକୋଟ କଲେଜ, ଆଇଟିଆଇ, ଏମକେସିଜି ମେଡିକାଲର ଛାତ୍ରମାନେ ଏଲ୍ ଏଲ୍/ଡି ଏଲ ପାଇଁ କ୍ଲାସ୍ ବନ୍ଦ କରି ଯିବାକୁ ପଡୁଛି। ସେହିପରି ମହିଳା ଓ ବୟସ୍କ ଲୋକଙ୍କ ପାଇଁ ସକାଳ ୫ ଟାରେ ଯିବା ଅସୁରକ୍ଷିତ। ୪ଟି ଜିଲ୍ଲା ଉପକୃତ ହେବେ ଏନେଏଚ-୧୬ ଓ ଏନ୍ ଏକ - ୨୬ ବ୍ରହ୍ମପୁର ଦେଇ ଯାଇଛି। ବ୍ରହ୍ମପୁରରେ ଆରଟିଓ ହେଲେ ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡା ୪ ଟି ଜିଲ୍ଲାର ୬୦ ଲକ୍ଷ ଲୋକ ଉପକୃତ ହେବେ।

ଅଧିକନ୍ତୁ ସରକାରୀ ରାଜସ୍ୱ ୪୦% ବଢିବ।ବ୍ରହ୍ମପୁରରେ ଅଫିସ୍ ହେଲେ ଲୋକେ ସହଜରେ ଟ୍ୟାକ୍ସ ଦେବେ। ରାଉରକେଲା, ଅନୁଗୋଳରେ ଆରଟିଓ ହେବା ପରେ ରାଜସ୍ୱ ୪୦% ବଢିଥିଲା।

ଏହି ପରିପ୍ରେକ୍ଷୀରେ କମିଟି ୫ ଦଫା ଦାବୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ତୁରନ୍ତ କାର୍ଯ୍ୟକାରୀ କରିବାକୁ ରଖି କହିଛି ଯେ ଓଆର - ୦୭ କୋଡ୍ ସହ ବ୍ରହ୍ମପୁର ଆରଟିଓକୁ ଅବିଳମ୍ବେ ଘୋଷଣା। ୩୦ ଦିନ ଭିତରେ ବିଏମସି ଅଫିସରେ ଅସ୍ଥାୟୀ ସେବା କେନ୍ଦ୍ର ଖୋଲିବା।ଖଲ୍ଲିକୋଟ ୟୁନିଟ୍ ରୋଡ୍ ରେ ସ୍ଥାୟୀ କୋଠା ଓ ଅଟୋମେଟେଡ୍ ଡ୍ରାଇଭିଂ ଟେଷ୍ଟ ଟ୍ରାକ୍।ଚଳିତ ବର୍ଷ ବଜେଟରେ ୧୦ କୋଟି ବ୍ୟବସ୍ଥା।ଅଫିସର ଓ କର୍ମଚାରୀ ନିଯୁକ୍ତି।

ଏଥି ସହ କମିଟି କହିଛି ଏହା ରାଜନୈତିକ ଦାବି ନୁହେଁ, ଲୋକଙ୍କ ଦାବି। ଗଞ୍ଜାମର ସମସ୍ତ ଦଳର ବିଧାୟକ, ସାଂସଦ ଏହାକୁ ସମର୍ଥନ କରୁଛନ୍ତି। ଆସନ୍ତା ୩ ମାସ ଭିତରେ ଘୋଷଣା ନ ହେଲେ କମିଟି ଟ୍ରକ୍, ବସ୍, ଅଟୋ ମାଲିକ ସଂଘ, ଛାତ୍ର ସଂଗଠନ ଓ ବ୍ୟବସାୟୀ ସଂଘ ସହ ମିଶି ଆନ୍ଦୋଳନ କରିବାକୁ ପଛେଇବ ନାହିଁ ବୋଲି କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି।

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ଛାତ୍ରଛାତ୍ରୀଙ୍କ ସଫଳତା

ଖଲ୍ଲିକୋଟ /ବ୍ରହ୍ମପୁର (ଅମୃତ ମିଡିଆ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଗ୍ଲୋବାଲ ଫାଇନାନ୍ସ ଟେକ୍ନୋଲୋଜି ନେଟୱର୍କ (ଏରଞ୍ଚଘ) ଦ୍ୱାରା ପରିଚାଳିତ ପରୀକ୍ଷାରେ ବିଶ୍ୱବିଦ୍ୟାଳୟର ପାଞ୍ଚ ଜଣ ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରିଛନ୍ତି । ' ଭାରତ ନେତୃ ' ଯୋଜନା ଅଧୀନରେ ହୋଇଥିବା ଏହି ଚୟନ ପରୀକ୍ଷାରେ ରବି ବିଷୋୟୀ, ହରପ୍ରିୟା ସାସମଲ, ଅରିଜିତ ସାହୁ, ରୁଦ୍ରନାରାୟଣ ପାଣିଗ୍ରାହୀ ଓ ଶ୍ରାବଣୀ ସାହୁ ପ୍ରମୁଖ କୃତକାର୍ଯ୍ୟ ହୋଇ ' ସାର୍ଟିଫିକେଟ ଅଫ ଫିନଟେକ ଏବଂ ଇନସିଓରଟେକ (ଉରଓ) ପାଠ୍ୟକ୍ରମରେ ଯୋଗ ଦେବା ନିମନ୍ତେ ସେମାନେ ଦଶଜଣିଆ କୃତିତ୍ୱ ସମ୍ପନ୍ନ ଦଳରେ ଅନ୍ତର୍ଭୁକ୍ତ ହୋଇ ଜାପାନର ଟୋକିଓ ସହରକୁ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି । ଏଥି ନିମନ୍ତେ ଭାରତରୁ ପ୍ରତିନିଧିତ୍ୱ କରିବା ସହିତ ଡିଜିଟାଲ ଫାଇନାନ୍ସ ଟେକ୍ନୋଲୋଜିରେ ଅଧିକ ଜ୍ଞାନ କୌଶଳ ହାସଲ କରିବେ ଓ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରିବାର ଦକ୍ଷତା ଅର୍ଜନ କରିବେ । ଛାତ୍ରଛାତ୍ରୀଙ୍କ ଏହି ସଫଳତା ହେତୁ ବିଶ୍ୱବିଦ୍ୟାଳୟର ତଥା ସମଗ୍ର ଦେଶର ଗୌରବ ବୃଦ୍ଧି ହୋଇଛି । କୁଳପତି ପ୍ରଫେସର ଅସୀମା ସାହୁ, ସ୍ନାତକୋତ୍ତର ପରିଷଦ ଅଧକ୍ଷ ଡ. ମନୋଜ କୁମାର ପଟ୍ଟନାୟକ, ଛାତ୍ର କଲ୍ୟାଣ ଅଧିକାରୀ ଡ. ଉଷାରାଣୀ ରଥ ତଥା ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏହି ସଫଳତା ନିମନ୍ତେ କୃତିତ୍ୱ ହାସଲ କରିଥିବା ପାଞ୍ଚ ଛାତ୍ରଛାତ୍ରୀ ତଥା ବାଣିଜ୍ୟ ବିଭାଗ ମୁଖ୍ୟ ତଥା ଜି. ଏଫ. ଟି. ଏନ. ର ନୋଡାଲ ଅଫିସର ଡ. ଅନ୍ନପୂର୍ଣ୍ଣା ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଯୋଜନାରେ ହୋଇଥିବା ଦୁର୍ନୀତି ଏବଂ ଅନିୟମିତତାକୁ ରୋକିବା।ବାସ୍ତବ ସ୍ଥିତି ଯାଞ୍ଚ, କାଗଜପତ୍ରରେ ଥିବା ହିସାବ ଏବଂଜମିମାଲରେ ହୋଇଥିବା କାମର ତୁଳନା କରିବା।ଜବ୍ କାର୍ଡଧାରୀ ଏବଂ ସାଧାରଣ ଲୋକଙ୍କୁ ସେମାନଙ୍କ ଅଧିକାର ଓ ଖର୍ଚ୍ଚ ସମ୍ପର୍କରେ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହୋଇଥିବା ବେଳେ ବାସ୍ତବରେ ଏହି ଜନଶୁଣାଣି ରେ ଏସବୁ ଦେଖିବାକୁ ମିଳିନାହିଁ। ଚିରାଚରିତ ଢଙ୍ଗରେ ଏଭଳି କାର୍ଯ୍ୟକ୍ରମ ହୋଇଥିବା ପରିଲକ୍ଷିତ ହୋଇଛି।

ଆନନ୍ଦପୁରରେ ଖରିଫ୍ ଧାନ ପଞ୍ଜୀକରଣ ସମସ୍ୟା ଅନୁଧ୍ୟାନ କଲେ ବିଜେପି ନେତା ମହେଶ୍ୱର ସାହୁ

ଆନନ୍ଦପୁର (ଅମୃତ ମିଡିଆ): ଓଡ଼ିଶାର ଚାଷୀକୁଳଙ୍କ ଆୟ ଦ୍ୱିଗୁଣିତ କରିବା ଏବଂ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଅନେକ କୃଷକ କଲ୍ୟାଣକାରୀ ଯୋଜନା ହାତକୁ ନେଇଛନ୍ତି। ଚଳିତ ବର୍ଷ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟାକୁ ଅଧିକ ସରଳ ଓ ସୁଗମ କରାଯାଇଛି। ଏହି କ୍ରମରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସବ୍ ?ିଭିଜନରେ ଅଗଷ୍ଟ ୧୦ ତାରିଖରୁ ଧାନ ସଂଗ୍ରହ ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ପଞ୍ଜୀକରଣ ବ୍ୟବସ୍ଥା ସରଳ ହୋଇଥିବାରୁ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ ବେଶ୍ ଆନନ୍ଦ ପ୍ରକାଶ କରିଛନ୍ତି। ତେବେ ଜମିର ପଞ୍ଜୀକରଣ ସମୟରେ 'ସରୋବର' ନେଟୱାର୍କ ବାରମ୍ବାର ଡାଉନ ରହୁଥିବାରୁ କାମରେ ଅହେତୁକ ବିଳମ୍ବ ହେଉଛି ଯାହା ଚାଷୀ ମାନଙ୍କ ଚିନ୍ତା କାରଣ ସାଜିଛି । ଏହି ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ମହେଶ୍ୱର ସାହୁ ଶୁକ୍ରବାର ଦିନ ଆନନ୍ଦପୁର ଉପଖଣ୍ଡର ଶୈଳଙ୍ଗ, ଖାଲିଆମେଣ୍ଟା, ଭଣ୍ଡାରିଡିହା, ଦେଓଗାଁ, ମଦନପୁର, ଖଲଣା, ବାଡୋ ଓ ବେଲବାହାଲି ପ୍ରଭୃତି ବିଭିନ୍ନ ସେବା ସମବାୟ ସମିତି ବୁଲି ଦେଖି ସ୍ଥିତି ଅନୁଧ୍ୟାନ କରିବା ସହ ଚାଷୀମାନଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ। ନେଟୱାର୍କ ସମସ୍ୟା ଦୂର କରିବା ପାଇଁ ସେ ତୁରନ୍ତ ଉଚ୍ଚସ୍ତରୀୟ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଆଲୋଚନା କରିବେ ବୋଲି ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପରିଦର୍ଶନ ସମୟରେ ଶ୍ରୀ ବିକାଶ ଚନ୍ଦ୍ର ଜେନା, ବିପିନି କୁମାର ଜେନା, ବାମନ ଚରଣ ଭୁୟାଁ, ରୂପ ମହାରଣା, ପ୍ରଣବ ପୁହାଣ, ରାଧେଶ୍ୟାମ ରଣା, ରବିନ୍ଦ୍ର କୁମାର ପଣ୍ଡା, ସନ୍ତୋଷ କୁମାର ସ୍ୱାଇଁ, ବୁଲୁ ପଟ୍ଟନାୟକ, ତୀର୍ଥ ଜେନା, ପ୍ରାଣବନ୍ଧୁ ସାହୁ, ରାଜେନ୍ଦ୍ର କୁମାର ସାହୁ ପ୍ରମୁଖ ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

ଆର୍ଏମ୍ଏସ୍ ବ୍ରହ୍ମପୁର ଗଞ୍ଜାମ ଡିଭିଜନକୁ କଟକରେ ସମ୍ମିଶ୍ରଣର ବିରୋଧ

ବ୍ରହ୍ମପୁର (ଅମୃତ ମିଡିଆ): ୪୮ ବର୍ଷ ପୁରୁଣା ଆର୍ଏମ୍ଏସ୍ ବ୍ରହ୍ମପୁର ଗଞ୍ଜାମ ଡିଭିଜନକୁ କଟକସ୍ଥିତ ଡିଭିଜନରେ ମିଶାଇବାକୁ ମସୁଧା ହେଉଛି। ଦକ୍ଷିଣ ଓଡ଼ିଶାର ୮ଟି ଜିଲ୍ଲା ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟାଳୟର ପ୍ରଶାସନିକ କ୍ଷମତାକୁ ଅପସାରଣ କରାଗଲେ ଗଞ୍ଜାମ ଜିଲ୍ଲାବାସୀଙ୍କ ଠାରୁ ଆରମ୍ଭ କରି ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଯୋଡ଼ି ହୋଇଥିବା ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ପ୍ରଭାବିତ ହେବେ। ଏନେଇ ବ୍ରହ୍ମପୁର ସାଂସଦ ଡ.ପ୍ରଦୀପ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଡାକ ବିଭାଗକୁ ସାମାଜିକ ଗଣମାଧ୍ୟମରେ କରିଛନ୍ତି । ଏହି ନିଷ୍ପତ୍ତିକୁ ଅବଗତ ପ୍ରତ୍ୟାହାର କରିବାକୁ କେନ୍ଦ୍ର ଯୋଗାଯୋଗ ମନ୍ତ୍ରଣାଳୟ ନିକଟରେ ଦାବି କରିଛନ୍ତି। ବର୍ତ୍ତମାନ କାର୍ଯ୍ୟାଳୟରେ ଏକ ହଜାରରୁ ଅଧିକ ପାର୍ସଲ, ୧୫ ହଜାରରୁ ଅଧିକ ସ୍ପିଡ୍ ପୋଷ୍ଟ, ୨୦ ହଜାର ସାଧାରଣ ପୋଷ୍ଟ ଓ ୫୦୦ ପ୍ରାୟ ନିୟମିତ ବୁକିଂ କରାଯାଉଛି। ଏଠାରେ ଇନଷ୍ଟାଣ୍ଟ ପ୍ରୋସେସିଂ ବୁକିଂ କରାଯାଉଥିବାରୁ ଆର୍ଏମ୍ଏସ୍ କାଉଣ୍ଟରରୁ ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ସହଜ ହେଉଛି। ଏହାକୁ ପରିବର୍ତ୍ତନ କରି କେବଳ ବୁକିଂ କାଉଣ୍ଟରରେ ସୀମିତ କରି ରଖାଗଲେ ଗ୍ରାହକଙ୍କ ନିକଟରେ ସେମାନଙ୍କ ପାର୍ସଲଜ ପହଞ୍ଚିବାରେ ସମସ୍ୟା ଉପୁଜିବ ବୋଲି ଅନେକ ପ୍ରାକ୍ତନ ଡାକ କର୍ମଚାରୀ ଯୁକ୍ତି ବାଢ଼ିଛନ୍ତି। କଟକ ଡିଭିଜନରେ ଏହାର ସମ୍ମିଶ୍ରଣ ହେଲେ ବିଭିନ୍ନ କାର୍ଯ୍ୟଧାରା ବିଲମ୍ବ ହେବା ସହ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ପ୍ରଭାବିତ ହେବ। ଏଠାରୁ ପ୍ରଶାସନିକ କାର୍ଯ୍ୟର ଅପସାରଣ ଦ୍ୱାରା ଦୁଇରୁ ତିନି ଦିନରେ ହେଉଥିବା କାମ ଅତିରିକ୍ତ ଦିନ ଲାଗିବ। ସେହିପରି ଡିଭିଜନ ସମ୍ମିଶ୍ରଣ ପରେ ଆରଏମଏସ କାର୍ଯ୍ୟାଳୟ ନିଜର ଗୁରୁତ୍ୱ ହରାଇବ। ଯାହାଫଳରେ ଡାକ ଗନ୍ତବ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ, ପ୍ରଶାସନିକ କାର୍ଯ୍ୟ ପ୍ରଭାବିତ ଓ କର୍ମଚାରୀଙ୍କୁ କୌଣସି କାମ ପାଇଁ ଅଧିକ ବାଟ ଯିବାକୁ ପଡ଼ିବ । ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଗଲେ ବର୍ତ୍ତମାନ ହେଉଥିବା ଅନ୍ତର୍ଜାତୀୟ ପାର୍ସଲ ବୁକିଂ ଠାରୁ ଆରମ୍ଭ କରି ବଲକ୍ ? ? ବୁକିଂ ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି। କୌଣସି ଗ୍ରାହକଙ୍କ ଡାକ ପାଇବାରେ ସମସ୍ୟା ହେଲେ ଅଭିଯୋଗ ପାଇଁ କଟକ ଯିବାକୁ ହେବ। ସେଠାରେ ଅଭିଯୋଗର ତଦନ୍ତରେ ବିଳମ୍ବ ହେବା ସମସ୍ତ ଦିଗକୁ ଅନୁଧ୍ୟାନ କରି ଆଗାମୀ ଦିନରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ନିଷ୍ପତ୍ତିକୁ ବାତିଲ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ହିନ୍ଦ୍ ମଜଦୁର ସଭା (ଏଚଏମଏସ) ରାଜ୍ୟ ଉପସଭାପତି ତଥା ଶ୍ରମିକ ନେତା ରବି ରଥ କେନ୍ଦ୍ର ଯୋଗାଯୋଗ ବିଭାଗ ମନ୍ତ୍ରୀ ଜ୍ୟୋତିରାଜିତ୍ୟ ସିନ୍ଧିଆଙ୍କୁ ଏକ ପତ୍ର ଲେଖି ଏହି ନିଷ୍ପତ୍ତିକୁ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଛନ୍ତି ।

ମା' ସନ୍ତୋଷୀ ଉଚ୍ଚବିଦ୍ୟାଳୟରେ ଶିକ୍ଷକ ମରୁଡ଼ି

ଜଣେ ଶିକ୍ଷକରେ ଚାଲିଛି ବିଦ୍ୟାଳୟ

ଯୋଡ଼ା (ଅମୃତ ମିଡିଆ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଅଶେଇଁକଳା ପଞ୍ଚାୟତରେ ରହିଥିବା ମା' ସନ୍ତୋଷୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ଏବେ ଶିକ୍ଷା ବ୍ୟବସ୍ଥା ପାଇଁ ଚିନ୍ତାର କାରଣ ପାଲଟିଛି । ଏହି ବିଦ୍ୟାଳୟଟି ବ୍ଲକ୍ ଗ୍ରାଣ୍ଟ୍ ବିଦ୍ୟାଳୟ ହୋଇଥିବା ବେଳେ ବର୍ତ୍ତମାନ ନିୟମିତ ଭାବେ କେବଳ ଜଣେ ଶିକ୍ଷକଙ୍କ ଉପରେ ବିଦ୍ୟାଳୟର ଶିକ୍ଷାଦାନ ଦାୟିତ୍ୱ ନିର୍ଭର କରୁଥିବା ଜଣାପଡ଼ିଛି । ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀରେ ପାଖାପାଖି ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ତୁଳନାରେ ମାତ୍ର ଜଣେ ଶିକ୍ଷକ ରହିବା ଯୋଗୁଁ ନିୟମିତ ପାଠପଢ଼ା ପ୍ରଭାବିତ ହେବା ସହ ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ଭବିଷ୍ୟତକୁ ନେଇ ଅଭିଭାବକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉକ୍ତ ଜଣେ ଶିକ୍ଷକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ତୁଲାଇବା ସହିତ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାନିବାସର ଦାୟିତ୍ୱ ମଧ୍ୟ ସମ୍ଭାଳୁଛନ୍ତି । ଫଳରେ ଏକାଧିକ ପ୍ରଶାସନିକ ଓ ଶିକ୍ଷାଦାନ ଦାୟିତ୍ୱ ଏକାକୀ ତୁଲାଇବା ତାଙ୍କ ପାଇଁ ମଧ୍ୟ ଚ୍ୟାଲେଞ୍ଜ୍ ହୋଇପଡ଼ିଛି । ଏହି ସମସ୍ୟାର ସମାଧାନ ଓ ତୁରନ୍ତ ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଫାଟକ ସମ୍ମୁଖରେ ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି । ଶିକ୍ଷକ ଅଭାବ ଯୋଗୁଁ ପାଠପଢ଼ା ବ୍ୟାହତ ହେଉଥିବା ଅଭିଯୋଗ କରି ଶୀଘ୍ର ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି ପାଇଁ ଛାତ୍ରଛାତ୍ରୀମାନେ ଦାବି ଜଣାଇଛନ୍ତି । ବିଶେଷକରି ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପାଠପଢ଼ାର ଏହି ସମୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଭଳି ସ୍ଥିତିରେ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନଥିବା ଯୋଗୁଁ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ଭବିଷ୍ୟତ ପ୍ରଭାବିତ ହେବାର ଆଶଙ୍କା ରହିଛି । ତେଣୁ ଶିକ୍ଷା ବିଭାଗ ଓ ସମ୍ପୃକ୍ତ ପ୍ରଶାସନ ଏହି ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ମା' ସନ୍ତୋଷୀ ଉଚ୍ଚ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି କରିବା ସହ ଛାତ୍ରଛାତ୍ରୀଙ୍କ ପାଠପଢ଼ାକୁ ସ୍ୱାଭାବିକ କରିବାକୁ ଦାବି ହେଉଛି ।

ହଜିଯାଇଛି ମାନବିକତା...

ବିବାଦ ପାଇଁ ହୋଇପାରୁନି ଶାଶୂଙ୍କ ଶବ ସତ୍କାର

୩ ଦିନ ହେଲା ଜଗିବସିଛନ୍ତି ବୋହୂ

ରାଜନଗର (ଅମୃତ ମିଡିଆ): କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଡାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ବୀରଭଞ୍ଜପୁର ଗାଁରେ ଏକ ଅଭାବନୀୟ ଘଟଣା ସାମ୍ନା ଆସିଛି। ଯେଉଁଠି ହଜିଯାଇଛି ମାନବିକତା। ଶବକୁ ମିଳିନି ସମ୍ମାନ। ବିବାଦ ଯୋଗୁ ଦୂରେଇ ଯାଇଛନ୍ତି ଗ୍ରାମବାସୀ। ୩ ଦିନ ହେଲା ପଡ଼ିରହିଛି ମୃତଦେହ।

ପ୍ରାପ୍ତ ସୂଚନା ଅନୁସାରେ ଏହି ଗାଁର ବୃଦ୍ଧା ସବିତା ସାସ୍‌ମଲ ରଣି ଲଗାଇ ମଙ୍ଗଳବାର ଆତ୍ମହତ୍ୟା କରିଥିବା ନେଇ ତାଙ୍କର ବୋହୂ ଡାଳଚୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ସାମୁଦ୍ରିକ ଥାନା ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ କରିବା ପରିବାର ଲୋକଙ୍କୁ ହ

ଜିଲ୍ଲାରେ ଭୋଟର ତାଲିକା ଯାଞ୍ଚ ଶେଷ ପର୍ଯ୍ୟାୟରେ

୨ ଲକ୍ଷ ୩୧ ହଜାରରୁ ଊର୍ଦ୍ଧ୍ୱ ନୋଟିସର ଶୁଣାଣି ସମ୍ପୂର୍ଣ୍ଣ

ଯାଜପୁର (ଅମୃତ ମିଡିଆ) : ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଅଧୀନରେ ଯାଜପୁର ଜିଲ୍ଲାରେ ଭୋଟର ତାଲିକା ସଂଶୋଧନ ଓ ଯାଞ୍ଚ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜିଲ୍ଲା ନିର୍ବାଚନ ପ୍ରଶାସନର ତତ୍ପରତା ଯୋଗୁଁ ଜିଲ୍ଲାର ୭ଟି ନିର୍ବାଚନ ମଣ୍ଡଳୀରେ ନୋଟିସ ଜାରି ସଫଳତାର ସହ ସମ୍ପୂର୍ଣ୍ଣ ହୋଇଛି। ରିପୋର୍ଟ ଅନୁଯାୟୀ, ଯାଜପୁର ଜିଲ୍ଲାରେ ପ୍ରଶାସନ ପକ୍ଷରୁ ମୋଟ ୨,୩୧,୪୫୨ଟି ନୋଟିସ ସଫଳତାର ସହ ଜାରି କରାଯାଇଥିଲା। ନୋଟିସ ପ୍ରଦାନ କ୍ଷେତ୍ରରେ କୌଣସି ବି ଆବେଦନ ବାକି ରହିନାହିଁ। ଜାରି କରାଯାଇଥିବା ନୋଟିସଗୁଡ଼ିକ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨,୩୦,୬୩୬ ଜଣ ଭୋଟରଙ୍କ ଶୁଣାଣି ସମ୍ପୂର୍ଣ୍ଣ ହୋଇସାରିଛି। ନିର୍ବାଚନ ମଣ୍ଡଳୀଓାରୀ ସ୍ଥିତି ଦେଖିଲେ, ଯାଜପୁର ସଦର (୫୨) ରେ ସର୍ବାଧିକ ୪୧,୪୧୭ ଟି ନୋଟିସ ଜାରି ହୋଇ ସମସ୍ତ ୪୧,୪୧୭ ଟିର ଶୁଣାଣି ସମ୍ପୂର୍ଣ୍ଣ ହୋଇଛି। ସୁକିନ୍ଦା (୫୪) ରେ ୩୮,୪୨୮ ଟି ନୋଟିସରୁ ୩୮,୧୮୪ ଟି, ବିଞ୍ଜାରପୁର (୪୮) ରେ ୩୬,୧୫୦ ଟି ନୋଟିସରୁ ୩୫,୪୩୧ଟି, ଏବଂ ବରୀ (୪୯) ରେ ୩୫,୨୩୭ଟି ନୋଟିସରୁ ୩୫,୧୧୩ ଟିର ଶୁଣାଣି ସରିଛି। ସେହିପରି କୋରେଇ (୫୩), ଧର୍ମଶାଳା (୫୧) ଓ ବଡ଼ଚଣା (୫୦)ରେ ଯଥାକ୍ରମେ ୩୧,୦୩୫, ୨୫,୬୫୯ ଏବଂ ୨୩,୫୨୬ଟି ନୋଟିସର ଶତପ୍ରତିଶତ ଶୁଣାଣି ସମ୍ପୂର୍ଣ୍ଣ ହୋଇଛି। ଯାଞ୍ଚ ଓ ଶୁଣାଣି ସମୟରେ ଆବଶ୍ୟକୀୟ ବୈଧ ପ୍ରମାଣପତ୍ର ଓ ସଠିକ ତଥ୍ୟ ଦାଖଲ କରିବାରେ ଅସମର୍ଥ ହୋଇଥିବା ମୋଟ ୬୦୦ ଜଣ ଭୋଟରଙ୍କୁ ଅଯୋଗ୍ୟ ବିବେଚିତ କରାଯାଇ ଭୋଟର ତାଲିକାରୁ ବାଦ୍ ଦେବାକୁ ଚିହ୍ନଟ କରାଯାଇଛି। ଯେଉଁଥିରେ ସୁକିନ୍ଦାରୁ ୧୬୩, ଧର୍ମଶାଳାରୁ ୧୩୬, ବିଞ୍ଜାରପୁରରୁ ୧୩୨, ବଡ଼ଚଣାରୁ ୮୧, ଯାଜପୁରରୁ ୫୪ ଏବଂ କୋରେଇରୁ ୩୪ ଜଣ ଅଛନ୍ତି। ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ସ୍ତରରେ ନୋଟିସ ଆଧାରରେ ୨,୨୮,୫୭୫ଟି ନାମ ଚୂଡ଼ାନ୍ତ ଭୋଟର ତାଲିକାରେ ପ୍ରକାଶ ପାଇଁ ସୁପାରିଶ କରାଯାଇଛି। ଏହା ବ୍ୟତୀତ ଅନ୍ୟାନ୍ୟ ସୂତ୍ରରୁ ଆସିଥିବା ୧୨,୦୦,୬୨୮ ଟି ଆବେଦନ ମଧ୍ୟ ଚୂଡ଼ାନ୍ତ ପ୍ରକ୍ରିୟାକରଣ ମଧ୍ୟରେ ରହିଛି। ସମସ୍ତ ନୋଟିସ, ଦାବି ଓ ଆପତ୍ତିଗୁଡ଼ିକର ସମ୍ପୂର୍ଣ୍ଣ ଫଇସଲା ଆସନ୍ତା ତା ୧୭.୦୯.୨୦୨୬ ରିଖରେ ପ୍ରକ୍ରିୟା ଶେଷ ହେବା ପରେ ଚୂଡ଼ାନ୍ତ ଭୋଟର ତାଲିକା ତା ୨୧.୦୯.୨୦୨୬ ରିଖରେ ବିଧିବଦ୍ଧ ଭାବେ ପ୍ରକାଶ ପାଇବା ନିମନ୍ତେ ନିର୍ବାଚନ କମିଶନ ଘୋଷଣା କରିଛନ୍ତି।

ଇଟାଭାଟି ଶ୍ରମିକଙ୍କୁ ଗୁଳିମାଡ଼

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକର ନରସିଂହପୁର ଗ୍ରାମ ଉନ୍ନୟନ ରାସ୍ତା ନିକଟସ୍ଥ ଇଟା ଭାଟିରେ କାମ କରୁଥିବା ଜଣେ ଶ୍ରମିକଙ୍କୁ ବୁଧବାର ଗୁଳିମାଡ କରାଯାଇଛି। ଗୁଳିଟି ଶ୍ରମିକଙ୍କ ଡାହଣ ଗୋଡରେ ବାଜିଛି। ଗୁଳିମାଡର ଶିକାର ହୋଇଥିବା ଯୁବକ ଜଣକ ହେଉଛନ୍ତି କେଦାର ରାଉତ। କେଦାରଙ୍କ ଘର କଟକ ଜିଲ୍ଲାର ସାଲେପୁର ନିକଟ ରାମକୃଷ୍ଣପୁର ଗ୍ରାମରେ ହୋଇଥିବା ବେଳେ ସେ ପରିବାର ସହ କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଅନୁଆପଡ଼ା ନିକଟ ନରସିଂହପୁର ରାସ୍ତା କଡରେ ଥିବା ଇଟାଭାଟିରେ ରହୁଥିଲେ। ସେଠାରେ ରହି କାମ ଦାମ କରି ପରିବାର ପ୍ରତିପୋଷଣ କରୁଥିଲେ। ବୁଧବାର ସେ ବଜାରକୁ ସଉଦା ପାଇଁ ଆସିଥିଲେ। ସଉଦାପତ୍ର ନେଇ ଘରକୁ ଫେରୁଥିବା ବେଳେ ଦୁଇଟି ବାଇକରେ ୬ ଜଣ ଯୁବକ ତାଙ୍କ ନିକଟକୁ ଆସି ତାଙ୍କ ଗୋଡ଼କୁ ଲକ୍ଷ କରି ଗୁଳିମାଡ କରିଥିଲେ। ଏହାପରେ ଅପରାଧୀମାନେ ଫେରାର ହୋଇଯାଇଥିଲେ। ତେବେ କେଉଁ କାରଣରୁ ଅପରାଧୀମାନେ ତାଙ୍କୁ ଗୁଳି କଲେ ତାହା ଜଣାପଡିନାହିଁ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବାଲିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏହାପରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କାରାଯାଇଥିଲା। ହେଲେ ଏଠାରେ ଡାକ୍ତରମାନେ ଗୋଡ଼ରୁ ଗୁଳି ବାହାର କରିବାରେ ଅସମର୍ଥ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ଖବର ପାଇ କେନ୍ଦ୍ରାପଡ଼ା ଏସପି ସିଦ୍ଧାର୍ଥ କଟ୍ଟାରିଆ, ସଦର ଥାନାଧିକାରୀ ପଦ୍ମାଳୟା ପ୍ରଧାନ, ଚାନ୍ଦୋଳ ଫାଣ୍ଡି ଅଧିକାରୀ ହରେକୃଷ୍ଣ ନନ୍ଦ, ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ଼ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ କେଉଁ କାରଣରୁ ତାଙ୍କୁ ଗୁଳିମାଡ କରାଯାଇଛି ତାହାର ତଦନ୍ତ କରାଯାଉଛି ବୋଲି ଏସପି ଶ୍ରୀ କଟାରିଆ ସୂଚନା ଦେଇଛନ୍ତି।

ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

ରାଜ୍ୟରେ...

ସ୍ଥାପନ କରିବ । ଏହି ପ୍ରକଳ୍ପ ମାଧ୍ୟମରେ ୧,୦୫୪ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି । ବୟନ ଓ ପୋଷାକ ଶିଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ଆଶା ରହିଛି । ସାହାନା କ୍ଲୋଦିଂ କମ୍ପାନୀ ପ୍ରାଇଭେଟ୍ ଲିମିଟେଡ୍ ଢେଙ୍କାନାଳରେ ଶିଶୁ ଓ ପିଲାମାନଙ୍କ ପାଇଁ ନିଟେଡ୍ ରେଡିମେଡ୍ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ । ଏହି ପ୍ରକଳ୍ପରେ ୨୫୧.୪୫ କୋଟି ଟଙ୍କାର ପୁଞ୍ଜିନିବେଶ ହେବ ଏବଂ ଏହା ମାଧ୍ୟମରେ ୫,୧୦୪ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ଆଶା ରହିଛି । ପ୍ରତିମା ଏଗ୍ରୋ ସିଡିଂ ମିଲ୍ ପ୍ରାଇଭେଟ୍ ଲିମିଟେଡ୍ ବଲାଙ୍ଗିରରେ କଟନ୍ ୟାର୍ନ, କମ୍ବର୍ ନଏଲ୍, ଲିକରିନ୍ ୱେଷ୍ଟ, ଫ୍ଲାପ୍ ଷ୍ଟିପ୍ ଏବଂ ହାର୍ଡ ୱେଷ୍ଟ ଉତ୍ପାଦନ ପାଇଁ ଏକ ବୟନ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରିବ । ଏହି ପ୍ରକଳ୍ପରେ ୧୨୫ କୋଟି ଟଙ୍କାର ପୁଞ୍ଜିନିବେଶ ହେବ ଏବଂ ଏହା ମାଧ୍ୟମରେ ୪୦୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ରସାୟନ ଓ ରସାୟନିକ ଉତ୍ପାଦ କ୍ଷେତ୍ରରେ ତିନୋଟି ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ପ୍ରାସୋଲ୍ କେମିକାଲ୍ସ ଲିମିଟେଡ୍ ଗଞ୍ଜାମରେ ୪୫୦ କୋଟି ଟଙ୍କାର ପୁଞ୍ଜିନିବେଶରେ ଫସଫରସ୍ ଭିତ୍ତିକ ଡେରିଭେଟିଭ୍ସ ଉତ୍ପାଦନ କାରଖାନା ସ୍ଥାପନ କରିବ । ଏହି ପ୍ରକଳ୍ପ ମାଧ୍ୟମରେ ୪୫୮ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ନ୍ୟୁ ଜେନେରେସନ୍ ମାନୁଫ୍ୟାକୁରିଂ ପ୍ରାଇଭେଟ୍ ଲିମିଟେଡ୍ ସୁନ୍ଦରଗଡ଼ରେ ୮୦ କୋଟି ଟଙ୍କାର ପୁଞ୍ଜିନିବେଶରେ କୋଲ୍ ଟାର୍ ଡିଷ୍ଟିଲେସନ୍ ଏବଂ ଉପ-ଉତ୍ପାଦ ଉତ୍ପାଦନ କାରଖାନା ସ୍ଥାପନ କରିବ। ଏହି ପ୍ରକଳ୍ପ ମାଧ୍ୟମରେ ୩୦୧ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ହାସଭାନ୍ ରସାୟନ ପ୍ରାଇଭେଟ୍ ଲିମିଟେଡ୍ ନୂଆପଡ଼ାରେ ବଲ୍କ ଡ୍ରଗ୍ ଇଣ୍ଟରମିଡିଏଟ୍ସ ଉତ୍ପାଦନ ପାଇଁ ଏକ ମାନୁଫ୍ୟାକୁରିଂ ୟୁନିଟ୍ ସ୍ଥାପନ କରିବ । ଏହି ପ୍ରକଳ୍ପରେ ୫୫ କୋଟି ଟଙ୍କାର ପୁଞ୍ଜିନିବେଶ ହେବ ଏବଂ ଏହା ମାଧ୍ୟମରେ ୭୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ସଦ୍ୟ ଅନୁମୋଦିତ ପ୍ରସ୍ତାବଗୁଡ଼ିକ ମଧ୍ୟରେ ଚିକିତ୍ସା ଉପକରଣ ଏବଂ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ପୁଞ୍ଜିନିବେଶ ମଧ୍ୟ ଅନ୍ତର୍ଭୁକ୍ତ ରହିଛି । ସସ୍ତାସୁନ୍ଦର ହେଲଥ ବଡି ଲିମିଟେଡ୍ ଖୋର୍ଦ୍ଧାରେ ଏକ ଚିକିତ୍ସା ଉପକରଣ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ । ଏହି ପ୍ରକଳ୍ପରେ ୫୬ କୋଟି ଟଙ୍କାର ପୁଞ୍ଜିନିବେଶ ହେବ ଏବଂ ଏହା ମାଧ୍ୟମରେ ୧,୦୫୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ଆଶା ରହିଛି । ଇଏସଡିଏମ୍ କ୍ଷେତ୍ରରେ ସିର୍ମା ଏସଜିଏସ୍ ଟେକ୍ନୋଲୋଜି ଲିମିଟେଡ୍ ଖୋର୍ଦ୍ଧାରେ ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡ ଆସେମ୍ବଲି ଏବଂ ବକ୍ସ ବିଲ୍ଡ ଉତ୍ପାଦନ ପାଇଁ ଏକ ମାନୁଫ୍ୟାକୁରିଂ ୟୁନିଟ୍ ସ୍ଥାପନ କରିବ । ଖଣିଜ ଓ ଧାତୁ ଭିତ୍ତିକ ଶିଳ୍ପ କ୍ଷେତ୍ରରେ ମଧ୍ୟ ପୁଞ୍ଜିନିବେଶ ଆକର୍ଷିତ ହେବାର ଧାରା ଜାରି ରହିଛି । ଏହି ଅନୁମୋଦନଗୁଡ଼ିକ ମଧ୍ୟରେ ଇସ୍ପାତ, ଲୁହା ଓ ଫେରୋ ଆଲଏଲ୍ ଏବଂ ଇସ୍ପାତ ଡାଉନଷ୍ଟ୍ରିମ୍ ମାନୁଫ୍ୟାକୁରିଂ କ୍ଷେତ୍ରର ପ୍ରକଳ୍ପଗୁଡ଼ିକ ମଧ୍ୟ ସାମିଲ ରହିଛି, ଯେଉଁଥିରେ ପ୍ରକ୍ରିୟାକରଣ ଓ ମୂଲ୍ୟବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି ।

ଗୁରୁଜାଙ୍ଗ...

ଯୁବପିଢ଼ି ନିଜର ମୂଳ ଶିକ୍ଷା, ସଂସ୍କୃତି, ବେଦ, ସଂସ୍କୃତ, ଗୋ-ସଂରକ୍ଷଣ ଓ ସନାତନୀ ପରମ୍ପରା ସହ ଯୋଡ଼ିହୋଇ ଦେଶଭକ୍ତି ଓ ସାହସର ସହ ସମାଜ ଗଠନରେ ଅଂଶଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ବାଚସ୍ପତି ସୁରମା ପାଢ଼ୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଆଧ୍ୟାତ୍ମିକ ଓ ସାମାଜିକ ଅବଦାନର ସ୍ମୃତିଚାରଣ କରିବା ସହ ତାଙ୍କ ପ୍ରଦର୍ଶିତ ମାର୍ଗରେ ଚାଲିବାକୁ ସମାଜକୁ ଆହ୍ୱାନ ଦେଇଥିଲେ। ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଏହି ସମାରୋହରେ ଯୋଗଦେଇ ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଜୀଙ୍କ ଜନ୍ମପୀଠ ଗୁରୁଜାଙ୍ଗକୁ 'ଐତିହ୍ୟ ଗ୍ରାମ' ଏବଂ ଗୁରୁଜାଙ୍ଗ ପଞ୍ଚାୟତକୁ 'ଆଦର୍ଶ ପଞ୍ଚାୟତ' ଭାବେ ଘୋଷଣା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି।

ପରପାରିରେ...

ହୃଦୟରେ ଚିରକାଳ ଅମର ହୋଇ ରହିବ। ଏହି ଦୁଃଖଦ ସମୟରେ ମୁଁ ଶୋକସନ୍ତପ୍ତ ପରିବାରବର୍ଗ ଓ ଅସଂଖ୍ୟ ପ୍ରଶଂସକଙ୍କୁ ଗଭୀର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାଙ୍କ ସଦଗତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।'ବିଜେଡି ନେତା ନବୀନ ପଟ୍ଟନାୟକ ମଧ୍ୟ ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି।

ସ୍ତ୍ରୀକୁ ...

ପରେ ଶୋଇପଡ଼ିଥିଲେ। ରାତି ପ୍ରାୟ ୧ଟାରୁ ୧ଟା ୩୦ ମଧ୍ୟରେ ସନ୍ତୋଷ ଶୋଇଥିବା ସୁଯୋଗ ନେଇ ଶତ୍ରୁଘନ ଏକ କଟୁରୀରେ ତାଙ୍କ ମୁଣ୍ଡ କାଟି ହତ୍ୟା କରିଥିବା ତଦନ୍ତରୁ ଜଣାପଡ଼ିଛି ।ହତ୍ୟା ପରେ ମୁଣ୍ଡବିହୀନ ମୃତଦେହକୁ ଘରଠାରୁ ପ୍ରାୟ ୨୦ ମିଟର ଦୂର ଏକ ପୋଖରୀରେ ଫିଙ୍ଗି ଦେଇଥିବା ବେଳେ କଟାମୁଣ୍ଡକୁ ଘରର ପୂଜାଘରେ ମାଟି ତଳେ ପୋତି ଦେଇଥିଲା ।ତଦନ୍ତ ବେଳେ ପୁଲିସ ଶତ୍ରୁଘନଙ୍କ ପୂଜାଘରେ ଖୋଳତାଡ଼ କରି ମାଟି ତଳୁ ସନ୍ତୋଷଙ୍କ କଟାମୁଣ୍ଡ ଉଦ୍ଧାର କରିଥିଲା। ଏଥିସହ ହତ୍ୟାକାଣ୍ଡରେ ବ୍ୟବହୃତ କଟୁରୀ ମଧ୍ୟ ଜବତ କରାଯାଇଛି । କଟାମୁଣ୍ଡ ପୋତାଯାଇଥିବା ସ୍ଥାନରୁ ବେଲପତ୍ର ଏବଂ ପୂଜାଘରୁ ରକ୍ତଛିଟା ମଧ୍ୟ ଜବତ କରିଛି ପୁଲିସ ।ପୁଲିସ ତଦନ୍ତ ଅନୁଯାୟୀ, କିଛି ବର୍ଷ ତଳେ ଶତ୍ରୁଘନଙ୍କ ସ୍ତ୍ରୀ ବାପଘରକୁ ଚାଲିଯାଇଥିଲେ। ନରବଳି ବେଳେ ସ୍ତ୍ରୀ ବାପଘରୁ ତାଙ୍କ ପାଖକୁ ଫେରିଆସିବେ ବୋଲି ଶତ୍ରୁଘନ ବିଶ୍ୱାସ କରୁଥିଲେ। ଏହି ଅନ୍ଧବିଶ୍ୱାସରୁ ସେ ସନ୍ତୋଷଙ୍କୁ ଘରକୁ ଆଣି ନରବଳି ଦେଇଥିବା ଏସ୍ପି ସୂଚନା ଦେଇଛନ୍ତି ।ଘଟଣାରେ ଦେଓଗାଁ ପୁଲିସ ଅଭିଯୁକ୍ତ ଶତ୍ରୁଘନ ସାହୁଙ୍କୁ ଗିରଫ କରି ଆଜି ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି । ଘଟଣାର ଅନ୍ୟାନ୍ୟ ଦିଗ ନେଇ ପୁଲିସର ତଦନ୍ତ ଜାରି ରହିଛି ।

ଅଭିଯୋଗ ଶୁଣାଣି ଦିନରେ ରହୁନାହାନ୍ତି ବିଭାଗୀୟ ଅଧିକାରୀ

ନିରାଶରେ ଫେରୁଛନ୍ତି ହିତାଧିକାରୀ

ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) : କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ମଣ୍ଡଳ ଯୋଗାଣ ବିଭାଗ କାର୍ଯ୍ୟାଳୟରେ ସପ୍ତାହକୁ ଦୁଇ ଦିନ ଯଥା- ସୋମବାର ଓ ଗୁରୁବାର କାର୍ଯ୍ୟାଳୟ ପକ୍ଷରୁ ଦିନାଙ୍କ ସ୍ଥିର କରାଯାଇ ଏହି ଦୁଇ ଦିନରେ ଯୋଗାଣ ବିଭାଗ ସମ୍ବନ୍ଧୀୟ ଯାବତୀୟ ଅଭିଯୋଗକୁ ଶୁଣାଣି କରାଯିବ ବୋଲି ଯୋଗାଣ ବିଭାଗ କାର୍ଯ୍ୟାଳୟ କାନ୍ଥରେ ଏକ ଲିଖିତ ପ୍ରଚାର ପତ୍ର ଲଗାଯାଇଛି । ଏହି ପଞ୍ଚାୟତ ସମିତି ଅଧିନ ୪୧ଗୋଟି ପଞ୍ଚାୟତର ହିତାଧିକାରୀମାନେ ନିଜ ନିଜର ଅଭିଯୋଗ ନେଇ ଆସିଥାନ୍ତି । ସପ୍ତାହକୁ ଦୁଇଦିନ ଅଭିଯୋଗ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲେ ମଧ୍ୟ ଯଦି ଏହି ଦୁଇ ଦିନରେ କୌଣସି ସରକାରୀ ଛୁଟି ପଡ଼େ ତାହେଲେ ମଧ୍ୟ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ହୋଇନଥାଏ । ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ଫଳରେ ଦୂରଦୂରାନ୍ତରରୁ ବହୁ ଲୋକେ ବାରମ୍ବାର ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ଆସୁଥିବାର ଦେଖିବାକୁ ମିଳୁଛି । ଗତ ସୋମବାର ତା.୧୭. ୦୮.୨୦୨୬ରିଖରେ ଅଭିଯୋଗ ଶୁଣାଣି ଦିବସ ଥିଲେ ମଧ୍ୟ ଯୋଗାଣ ବିଭାଗ ଦାୟିତ୍ୱରେ ଥିବା ନିଶ୍ଚିନ୍ତକୋଇଲି ମଣ୍ଡଳ ବିପଣନ ନିରୀକ୍ଷିକା କାର୍ଯ୍ୟାଳୟରେ ନରହି ବଡ଼ଖୋର ପଞ୍ଚାୟତରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଯାହାଫଳରେ ଦୂରଦୂରାନ୍ତରୁ ବହୁ ଲୋକ ସେମାନଙ୍କ ଅଭିଯୋଗ ନେଇ ଆସିଥିଲେ ମଧ୍ୟ କାର୍ଯ୍ୟାଳୟରେ ଅଧିକାରିଣୀ ଉପସ୍ଥିତ ନଥିବାରୁ ସେମାନେ ନିରାଶରେ ଫେରିଥିଲେ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗୀୟ ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

ଘରେ ଶୋଇଥିବା ବେଳେ ଭୁଶୁଡିଲା ମାଟିକାନ୍ଥ

ଅଳ୍ପକେ ବର୍ତ୍ତିଲେ ଦୁଇ ପ୍ରାଣୀ, ସରକାରୀ ସହାୟତା ଦାବି

ବାରିପଦା /ସାହାରପଡ଼ା (ଅମୃତ ମିଡିଆ) : ଲଗାଣ ବର୍ଷାରେ ମାଟି କାନ୍ଥ ଭୁଶୁଡ଼ି ପଡ଼ିବାରୁ ଘରେ ଶୋଇଥିବା ଦୁଇ ପ୍ରାଣୀ ଅଳ୍ପକେ ବିପଦରୁ ବର୍ତ୍ତି ଯାଇଛନ୍ତି। ଏଭଳି ଅଘଟଣ କେନ୍ଦୁଝର ଜିଲ୍ଲା,ସାହାରପଡ଼ା ବ୍ଲକ,ଖଡ଼ିକାପଦା ପଞ୍ଚାୟତ ଅନ୍ତର୍ଗତ ଖଡ଼ିବେଡ଼ା ଗାଁରେ ଘଟିଛି । ଗାଁର ଦୋସର ବିରୁଆ ଓ ସାବିତ୍ରୀ କୁଂକାର ଘରେ ଶୋଇଥିବା ସମୟରେ ଘରର ମାଟି କାନ୍ଥ ହଠାତ୍ ଭୁଶୁଡ଼ି ପଡ଼ିଥିଲା । ଲଗାଣ ବର୍ଷା ଯୋଗୁଁ କାନ୍ଥରେ ପାଣି ପଶି ଏହା ଦୁର୍ବଳ ହୋଇଯାଇଥିବା ପରେ ହଠାତ୍ ଭୁଶୁଡ଼ି ପଡ଼ିଥିବା ଜଣାପଡ଼ିଛି । କାନ୍ଥ ଭୁଶୁଡ଼ିବା ସମୟରେ ଘରେ ଥିବା ଦୁଇ ପ୍ରାଣୀ ଅଳ୍ପକେ ବର୍ତ୍ତିଯାଇଥିବାରୁ ବଡ଼ ଅଘଟଣ ଟଳିଛି । ତେବେ ଘରର କାନ୍ଥ ଭାଙ୍ଗିଯିବା ସହ ଘର ଭିତରେ ଥିବା ବିଭିନ୍ନ ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଛି । ଘରର ଏକ ଅଂଶ ଭାଙ୍ଗିଯିବା ପରେ ପରିବାର ଏବେ ଚିନ୍ତାରେ ଅଛନ୍ତି । ବର୍ଷା ଜାରି ରହିଥିବାରୁ ଘରର ଅବଶିଷ୍ଟ ଅଂଶ ମଧ୍ୟ ବିପଦସଙ୍କୁଳ ହୋଇପଡ଼ିଛି । ଫଳରେ ପରିବାରର ରହିବା ଓ ସୁରକ୍ଷାକୁ ନେଇ ଆଶଙ୍କା ବଢ଼ିଛି । ଦୁର୍ବଳ ମାଟିଘରେ ବର୍ଷା ସମୟରେ ରହିବା ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇଥିବାରୁ ପରିବାରକୁ ତୁରନ୍ତ ସୁରକ୍ଷିତ ଆଶ୍ରୟ ଯୋଗାଇବା ଆବଶ୍ୟକ ବୋଲି ଗ୍ରାମବାସୀ କହିଛନ୍ତି । ଘଟଣା ପରେ କ୍ଷତିଗ୍ରସ୍ତ ପରିବାରକୁ ପ୍ରଶାସନ ପକ୍ଷରୁ ତୁରନ୍ତ ସହାୟତା ଯୋଗାଇବାକୁ ଦାବି ହୋଇଛି । ରାଜସ୍ୱ ବିଭାଗ ପକ୍ଷରୁ ଘରର କ୍ଷୟକ୍ଷତି ଆକଳନ କରାଯାଇ ନିୟମାନୁସାରେ ସହାୟତା ଏବଂ ଘର ନିର୍ମାଣ ପାଇଁ ସରକାରୀ ଯୋଜନାରେ ସାମିଲ କରିବାକୁ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି । ଲଗାଣ ବର୍ଷା ସମୟରେ ଅନ୍ୟ ଦୁର୍ବଳ ମାଟିଘରଗୁଡ଼ିକର ମଧ୍ୟ ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେବାକୁ ଗ୍ରାମବାସୀ ମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

ପ୍ରଶାସନର ପ୍ରତିଶ୍ରୁତି ପାଣିର ଗାର : ୯ ଦିନ ଗଲାନି ନିୟମ

ବଉଳଗଡିଆ ରାସ୍ତାରେ ଗଡିଲା ଓଭରଲୋଡେଡ ଗାଡ଼ି

ଗାଡି ପାଇଁ ଘଣ୍ଟା ଘଣ୍ଟା ରାସ୍ତା ଜାମ୍, ଭୁଲ କାହାର ?

ନୀଳଗିରି (ଅମୃତ ମିଡିଆ) : ନୀଳଗିରି ବଉଳଗଡିଆ ୧୭ କିମି ରାସ୍ତା ପାଇଁ ୩୦ ରୁ ଊର୍ଦ୍ଧ୍ୱ ଥର ଧାରଣ ଓ ଦାବିପତ୍ର ପ୍ରଦାନ କରାଯାଇଥିଲେ ବି ରାସ୍ତା କାର୍ଯ୍ୟ ଏ ଯାବତ ହୋଇପାରିଲା ନାହିଁ। ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ ରାସ୍ତାରେ ଯାତାୟତ କରିବାରେ ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖ

ଦ୍ୱିତୀୟ ଟେଷ୍ଟ ପାଇଁ ଟିମ୍ ଇଣ୍ଡିଆ ପ୍ଲେଇଂ ଇଲେଭେନରେ ହେବ ପରିବର୍ତ୍ତନ

ନୂଆଦିଲ୍ଲୀ : ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟ ଅଗଷ୍ଟ ୨୩ ତାରିଖରେ ସିଂହଳୀ ସ୍ପୋର୍ଟସ କ୍ଲବ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ । ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଟିମ୍ ଇଣ୍ଡିଆ ୧-୦ରେ ଆଗୁଆ ରହିଛି । ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲରେ ପହଞ୍ଚିବା ସ୍ଥିତି ମଜବୁତ କରିବା ପାଇଁ ଭାରତକୁ ଦ୍ୱିତୀୟ ଟେଷ୍ଟରେ ଜିତିବା ନିଶ୍ଚିତ ଦରକାର । ଏବେ ଦ୍ୱିତୀୟ ଟେଷ୍ଟ ପୂର୍ବରୁ ଟିମ୍ ଇଣ୍ଡିଆ ପ୍ଲେଇଂ ୧୧ରେ ପରିବର୍ତ୍ତନ କରିପାରେ । କୁଲଦୀପ ଯାଦବଙ୍କୁ ବାଦ୍ ଦିଆଯାଇପାରେ । ପ୍ରଥମ ଟେଷ୍ଟରେ ଭାରତ ବ୍ୟାଟିଂ ଏବଂ ବୋଲିଂରେ ବଢିଆ ପ୍ରଦର୍ଶନ କରିଥିଲା । ଦେବଦତ୍ତ ପାଡ୍ଡିକଲ ପ୍ରଥମ ଇନିଂସରେ ୧୬୨ ରନ୍ କରିଥିଲେ । କେଏଲ ରାହୁଲ ଦୁଇଟି ଯାକ ଇନିଂସରେ ଭଲ୍ କରିଛନ୍ତି । ରିଷଭ ପନ୍ତ ଦ୍ୱିତୀୟ ଇନିଂସରେ ଦ୍ରୁତଗତିରେ ରନ୍ କରିଥିଲେ । ୱିନର ମାନବ ସୁଥାର ଏବଂ ରବିନ୍ଦ୍ର ଜାଡେଜା ବଢିଆ ବୋଲିଂ କରିଥିଲେ । ମାନବ ସୁଥାର ଦୁଇଟି ଯାକ ଇନିଂସରେ ୧୦ଟି ୱିକେଟ ନେଇଥିଲେ । ଏହି ମ୍ୟାଚରେ କୁଲଦୀପ ଯାଦବ ବେଶ୍ କିଛି ଖାସ୍ କରିନଥିଲେ । ପ୍ରଥମ ଇନିଂସରେ ୬୫ ରନ୍ ଦେଇ ୧ ୱିକେଟ ନେଇଥିଲେ । ସେହିପରି ଦ୍ୱିତୀୟ ଇନିଂସରେ ୧୧ ଓଭର ବୋଲିଂ କରି ଗୋଟିଏ ବି ୱିକେଟ ନେଇପାରିନଥିଲେ । ଦ୍ୱିତୀୟ ଟେଷ୍ଟରେ କୁଲଦୀପ ଯାଦବଙ୍କ ସ୍ଥାନରେ ସାରାଂଶ ଜୈନ ସୁଯୋଗ ମିଳିପାରେ । ଶ୍ରୀଲଙ୍କା ଟିମରେ ବାମହାତୀ ବୋଲର ରହିଛନ୍ତି, ଏମାନଙ୍କ ଆଗରେ ୱିନ ସମସ୍ୟା କରିପାରେ । ତେଣୁ ପ୍ଲେଇଂ ୧୧ରେ ସାରାଂଶ ଜୈନଙ୍କୁ ସାମିଲ କରାଯାଇପାରେ । ସାରାଂଶ ଜୈନଙ୍କ ପ୍ରଥମ ଟେଷ୍ଟ ଡେବ୍ୟୁ ହେବ ଏହ ମ୍ୟାଚ । ପ୍ରଥମ ଶ୍ରେଣୀ କ୍ରିକେଟରେ ୨୨୨୩ ରନ୍ କରିଛନ୍ତି । ୯୭ ଇନିଂସରେ ୧୮୮ ୱିକେଟ ନେଇଛନ୍ତି । ପ୍ରଥମ ଶ୍ରେଣୀ କ୍ରିକେଟରେ ୧୦ଟି ମ୍ୟାଚରେ ୫ କିମ୍ବା ଏହାଠାରୁ ଅଧିକ ୱିକେଟ ନେଇସାରିଛନ୍ତି । ଦ୍ୱିତୀୟ ଟେଷ୍ଟ ପାଇଁ ସମ୍ଭାବ୍ୟ ଏକାଦଶ : ଯଶସ୍ୱୀ ଜୟସ୍ୱାଲ, କେଏଲ ରାହୁଲ, ଦେବଦତ୍ତ ପାଡ୍ଡିକଲ, ଶୁବମନ ଗିଲ, ରିଷଭ ପନ୍ତ, ଧ୍ରୁବ ଜୁରେଲ, ରବିନ୍ଦ୍ର ଜାଡେଜା, ମାନବ ସୁଥାର, ସାରାଂଶ ଜୈନ, ମହମ୍ମଦ ସିରାଜ, ପ୍ରସିଦ୍ଧ କୃଷ୍ଣା ।

ହକି ବିଶ୍ୱକପ୍‌ରେ ମହିଳା ଦଳର ଦବଦବା

ଦ୍ୱିତୀୟ ରାଉଣ୍ଡକୁ ଏଣ୍ଟ୍ରୀ

ନୂଆଦିଲ୍ଲୀ : ହକି ବିଶ୍ୱକପରେ ମହିଳାଙ୍କ ଦବଦବା। ଏଫଆଇଏଚ ହକି ବିଶ୍ୱକପରେ ଭାରତୀୟ ମହିଳା ଦଳ ଉନ୍ନତ ପ୍ରଦର୍ଶନ କରି ଚଳିତ ହକି ବିଶ୍ୱକପ୍‌ର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛି । ବୁଧବାର ପୁରୁଷ ଦଳ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହୋଇଥିଲା । ଭାରତୀୟ ମହିଳା ଦଳ ଗୁରୁବାର ପୁଲ ଡି'ର ଅନ୍ତିମ ମ୍ୟାଚରେ ଇଂଲଣ୍ଡକୁ ଭେଟିଥିଲା । ଏହି ମ୍ୟାଚ ଗୋଲ ଶୂନ୍ୟ ଡ୍ର' ରହିବାରୁ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ । ପୁଲରେ ଚୀନ ସର୍ବାଧିକ ୭ ପଏଣ୍ଟ ପାଇ ଟପ୍ପର ଏବଂ ଭାରତ ୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲା । ଭାରତ ୦-୦ ଇଂଲଣ୍ଡ ଏହି ମ୍ୟାଚ ବେଶ ସଂଘର୍ଷପୂର୍ଣ୍ଣ ହୋଇଥିଲା । ଉଭୟ ଦଳ ଆକ୍ରମଣ ଓ ପ୍ରତି ଆକ୍ରମଣ କରି ଏକାଧିକ ସୁଯୋଗ ପାଇଥିଲେ । କିନ୍ତୁ କେହି ଗୋଲ ଖାତା ଖୋଲି ପାରି ନଥିଲେ । ସବିତା ଭାରତୀୟ ଗୋଲପୋଷ୍ଟ ସାମ୍ନାରେ ପ୍ରାଚୀର ଭଳି ଛିଡ଼ା ହୋଇଥିଲେ । ଇଂଲଣ୍ଡ ୮ଟି ପିସି (ପେନାଲ୍ଟି କର୍ଣ୍ଣର) ପାଇଥିଲା । କିନ୍ତୁ ସମସ୍ତ ପିସିକୁ ବିଫଳ କରାଇଥିଲେ ଭାରତୀୟ ରକ୍ଷଣଭାଗ ଓ ଗୋଲକିପର ସବିତା । ସେମିତି ଭାରତ ମଧ୍ୟ ପ୍ରତି ଆକ୍ରମଣ କରି ୬ଟି ପିସି ପାଇଥିଲା । ଇଂଲଣ୍ଡ ଗୋଲକିପର ପ୍ରିଚାର୍ଡ ମିରିଆମ ମଧ୍ୟ ସବୁ ବିଫଳ କରି ଦେଇଥିଲେ । ଶେଷ ମୁହୂର୍ତ୍ତ ଯାଏ ଉଭୟ ଦଳ ଗୋଲ ଖାତା ଖୋଲିବା ନେଇ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । କିନ୍ତୁ ସଫଳ ହୋଇ ପାରି ନଥିଲେ । ପୁଲ ଡି'ରୁ ଭାରତ ଓ ଚୀନ ଦ୍ୱିତୀୟ ରାଉଣ୍ଡରେ ଗ୍ରୁପ୍ ଇ'ରେ ସାମିଲ ହୋଇଛନ୍ତି । ଏହି ଗ୍ରୁପ୍ର ପୁଲ ଏ'ରୁ ନେଦରଲାଣ୍ଡସ ଓ ଅଷ୍ଟ୍ରେଲିଆ ସାମିଲ ହୋଇଛନ୍ତି । ଭାରତ ଆଜି ଏହି ରାଉଣ୍ଡର ପ୍ରଥମ ମ୍ୟାଚ ନେଦରଲାଣ୍ଡ ସହ ଖେଳିବ । ସେମିତି ଦ୍ୱିତୀୟ ମ୍ୟାଚରେ ଅଷ୍ଟ୍ରେଲିଆକୁ ଆସନ୍ତା ୨୩ ତାରିଖରେ ଭେଟିବ ।

ଶ୍ରୀଲଙ୍କାସ୍ଥିତ ଇଣ୍ଡିଆ ହାଉସ୍‌ରେ ଭାରତୀୟ ଖେଳାଳିଙ୍କୁ ଭବ୍ୟ ସ୍ୱାଗତ

କଲମ୍ବୋ : ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ତଥା ଶେଷ ଟେଷ୍ଟ୍ ଖେଳିବା ପୂର୍ବରୁ ଗୁରୁବାର ଭାରତୀୟ ଦଳକୁ କଲମ୍ବୋସ୍ଥିତ ଇଣ୍ଡିଆ ହାଉସ୍‌ଠାରେ ଭବ୍ୟ ସ୍ୱାଗତ ପ୍ରଦାନ କରାଯାଇଛି । ଶ୍ରୀଲଙ୍କାରେ ଥିବା ଭାରତର ଉଚ୍ଚାୟୁକ୍ତ ସନ୍ତୋଷ ଝା ଖେଳାଳିମାନଙ୍କ ପାଇଁ ନୈଶ୍ୟ ଭୋଜିର ଆୟୋଜନ କରିଥିଲେ। ଏଥିରେ ଭାରତୀୟ ଦଳ ସହ ଶ୍ରୀଲଙ୍କା ଦଳର ଖେଳାଳିମାନେ ମଧ୍ୟ ଯୋଗ ଦେଇଥିଲେ। ଏହା ଏକ 'ସ୍ମରଣୀୟ ସନ୍ଧ୍ୟା' ବୋଲି ଦୁଇ ଦଳକୁ ଆତିଥ୍ୟ ଦେଇଥିବା ଶ୍ରୀ ଝା କହିଥିଲେ। 'ଏକ୍ସ'ରେ ସେ ଲେଖିଥିଲେ, ''ଟିମ୍ ଇଣ୍ଡିଆ ପାଇଁ ଉତ୍ସାହିତ, ସଂପ୍ରତି ଏଠାରେ ଚାଲିଥିବା ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଅବସରରେ ଉଭୟ ଭାରତ ଓ ଶ୍ରୀଲଙ୍କାର ପୁରୁଷ କ୍ରିକେଟ୍ ଦଳକୁ ଆତିଥ୍ୟ ଦେଇ ବହୁତ ଖୁସି। କ୍ରିକେଟ୍ ଉଭୟ ଦେଶର ସମ୍ପର୍କକୁ ଆହୁରି ଦୃଢ଼ କରିଚାଲିଛି।' କଲମ୍ବୋରେ ଏକ ସ୍ମରଣୀୟ ସନ୍ଧ୍ୟା, ଶ୍ରୀଲଙ୍କାରେ ଥିବା ଭାରତର ଉଚ୍ଚାୟୁକ୍ତ ସନ୍ତୋଷ ଝା, ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ୍ ପୂର୍ବରୁ କଲମ୍ବୋସ୍ଥିତ ଇଣ୍ଡିଆ ହାଉସ୍‌ରେ ଟିମ୍ ଇଣ୍ଡିଆକୁ ଆତିଥ୍ୟ ଦେଇଥିଲେ। ବୋଲି ବିସିସିଆଇ 'ଏକ୍ସ'ରେ କହିଛି। ସୂଚନାଯୋଗ୍ୟ ଯେ ଭାରତ ଘରୋଇ ଦଳ ବିପକ୍ଷ ପ୍ରଥମ ଟେଷ୍ଟ୍‌କୁ ୧୬୫ ରନ୍‌ରେ ଜିତିନେଇଛି। ଫଳରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳାରେ ଭାରତ ସଂପ୍ରତି ୧-୦ରେ ଆଗରେ ରହିଛି। ଦ୍ୱିତୀୟ ଟେଷ୍ଟ୍ ରବିବାରଠୁ କଲମ୍ବୋର ସିନ୍‌ହାଲେସେ ସ୍ପୋର୍ଟ୍ସ କ୍ଲବ୍‌ଠାରେ ଖେଳାଯିବ।

ବିଶ୍ୱ ବ୍ୟାଡ୍‌ମିଣ୍ଟନ୍: ପଦକ ପକ୍କା କଲେ ତ୍ରିଶା-ଗାୟତ୍ରୀ

ନୂଆଦିଲ୍ଲୀ : ଇତିହାସ ରଚିଛନ୍ତି ତ୍ରିଶା ଜଲି ଓ ଗାୟତ୍ରୀ ଗୋପିଚାନ୍ଦ। ବିଡବ୍ଲ୍ୟୁଏଫ ବିଶ୍ୱ ଚାମ୍ପିୟନଶିପର ମହିଳା ଡବ୍ଲଲରେ ଭାରତର ପଦକ ଜିତିବା ଅପେକ୍ଷାରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ତ୍ରିଶା ଓ ଗାୟତ୍ରୀ ମଧୁର ପ୍ରତିଶୋଧ ସହ ଭାରତ ପାଇଁ ବିଡବ୍ଲ୍ୟୁଏଫ ବିଶ୍ୱ ଚାମ୍ପିୟନଶିପର ମହିଳା ଡବ୍ଲଲରେ ପଦକ ପକ୍କା କରିଛନ୍ତି। କଡ଼ା ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲରେ ତ୍ରିଶା ଓ ଗାୟତ୍ରୀ ଚାଇନାର ୪ର୍ଥ ସିଡ୍ ଜିଆ ୟି ଫାନ ଓ ଝାଙ୍ଗ ଶୁ ଜିଆନଙ୍କୁ ହରାଇ ଦେଇଛନ୍ତି। ୧୬-୨୧, ୨୧-୧୫ ଓ ୨୧-୧୩ରେ ମ୍ୟାଚ୍ ଜିତି ଭାରତକୁ ସେମି ଫାଇନାଲ ଟିକେଟ ଦେଇଛନ୍ତି। ଚାମ୍ପିୟନ ହେବା ଦିଗରେ ଏହା ବିଜୟ ଠାରୁ ଆଉ କିଛି ଅଧିକ। କାରଣ ୨୦୧୧ ପରେ ବିଡବ୍ଲ୍ୟୁଏଫ ବିଶ୍ୱ ଚାମ୍ପିୟନଶିପର ମହିଳା ଡବ୍ଲଲରେ ଭାରତର ପଦକ ନିଶ୍ଚିତ ହୋଇଛି। ୨୦୧୧ରେ ଶେଷଥର ପାଇଁ ବିଡବ୍ଲ୍ୟୁଏଫ ବିଶ୍ୱ ଚାମ୍ପିୟନଶିପର ମହିଳା ଡବ୍ଲଲରେ ଅଶ୍ୱିନୀ ପୋନ୍ନପ୍ପା ଓ ଜ୍ୱାଲା ଗୁଟ୍ଟା ଦେଶ ପାଇଁ ପଦକ ଜିତିଥିଲେ। ଦୀର୍ଘ ୧୫ ବର୍ଷ ପରେ ଏବେ

ତ୍ରିଶା ଓ ଗାୟତ୍ରୀ ଭାରତ ପାଇଁ ପଦକ ପକ୍କା କରିଛନ୍ତି। ସେମି ଫାଇନାଲ ଜିତିଲେ କେବଳ ପଦକର ରଙ୍ଗ ବଦଳିବ। ନଚେତ ଉଭୟ କାଂସ୍ୟ ପଦକ ଜିତିବା ଏକ ପ୍ରକାରର ସ୍ପଷ୍ଟ ହୋଇ ଯାଇଛି। ରାଉଣ୍ଡ ଅଫ ୧୬ରେ ବିଶ୍ୱର ୭ମ ସିଡ୍‌କୁ ଜଳକା କରିଥିବା ଭାରତୀୟ ଯୋଡ଼ି କ୍ୱାର୍ଟର ଫାଇନାଲରେ ଚାଇନାର ଜିଆ ୟି ଫାନ ଓ ଝାଙ୍ଗ ଶୁ ଜିଆନଙ୍କ ସାମ୍ନା କରିଥିଥିଲେ। ଦିଲ୍ଲୀର ଇନ୍ଦିରା ଗାନ୍ଧି ଷ୍ଟାଡିୟମରେ ଖେଳା ଯାଉଥିବା ଏହି ମ୍ୟାଚ୍‌ରେ ଭାରତୀୟ ଯୋଡ଼ି ସାମାନ୍ୟ ଚାପରେ ରହିଥିଲେ। କାରଣ ଚାଇନାର ଫାନ ଓ ଜିଆନ ଯୋଡ଼ି ବିଶ୍ୱର ୪ ନମ୍ବର ଖେଳାଳି। ସେମାନଙ୍କୁ ଗାୟତ୍ରୀ-ତ୍ରିଶା ନିଜ ବ୍ୟାଡମିଣ୍ଟନ କ୍ୟାରିୟରରେ କେବେ ହେଲେ ବି ଏମାନଙ୍କୁ ହରାଇ ନଥିଲେ। ଏହାପୂର୍ବରୁ ୩ ଥର ସେମାନେ ପରସ୍ପରକୁ ଭେଟିଥିବା ବେଳେ ସବୁଥର ଚାଇନିଜ ଯୋଡ଼ି ହିଁ ବାଜି ମାରିଥିଲେ। ଏଥିପାଇଁ ଶୁକ୍ରବାର ତ୍ରିଶା-ଗାୟତ୍ରୀ ଅତରିକ୍ତ ଚାପରେ ରହିଥିଲେ। ଏହାର ଝଲକ ମଧ୍ୟ ପ୍ରଥମ ସେଟ୍‌ରେ ଦେଖିବାକୁ ମିଳିଥିଲା। ଚାଇନିଜ ଯୋଡ଼ି ପ୍ରଥମ ସେଟ୍‌କୁ ୨୧-୧୬ରେ ଜିତି ନେଇଥିଲେ। ହେଲେ ଦ୍ୱିତୀୟ ରାଉଣ୍ଡ ବେଳକୁ ବଦଳି ଯାଇଥିଲା ସ୍ଥିତି। ତ୍ରିଶା-ଗାୟତ୍ରୀ ସବୁ ଇତିହାସକୁ ଭୁଲି ମ୍ୟାଚ୍ ଉପରେ ଫୋକସ କରିଥିଲେ। ଏହାର ଫାଇଦା ମଧ୍ୟ ସେମାନଙ୍କୁ ମିଳିଥିଲା। ଦ୍ୱିତୀୟ ସେଟ ଭାରତ ସପକ୍ଷରେ ୨୧-୧୫ରେ ଯାଇଥିଲା। ଫଳରେ ମ୍ୟାଚ୍ ନିର୍ଣ୍ଣାୟକ ସେଟ୍‌କୁ ଯାଇଥିଲା। ଏହି ସେଟ୍‌ରେ କେହି କାହାକୁ ଛାଡ଼ିବା ମୁଡରେ ନଥିଲେ। ଘରୋଇ ଦର୍ଶକ ପ୍ରତିଟି ଶଟକୁ ଉତ୍ସାହର ସହ ସ୍ୱାଗତ କରିଥିଲେ। ଘରୋଇ ଦର୍ଶକଙ୍କ ଉତ୍ସାହ ଓ ନିଜର ଦକ୍ଷତା ବଳରେ ତ୍ରିଶା-ଗାୟତ୍ରୀ ନୂଆ ଇତିହାସ ରଚିବାକୁ ସକ୍ଷମ ହୋଇଥିଲେ।

ସାମ୍ କରନ୍‌ଙ୍କ ଜଙ୍ଘରେ ଆଘାତ

ଲଣ୍ଡନ: ଇଂଲଣ୍ଡର ଅଲ୍‌ରାଉଣ୍ଡର ସାମ୍ କରନ୍ ଆହତ ଅଛନ୍ତି। ତାଙ୍କ ଜଙ୍ଘରେ ଆଘାତ ଲାଗିଛି। କରନ୍‌ଙ୍କ ଜଙ୍ଘରେ ଶୁକ୍ରବାର ଅସ୍ତ୍ରୋପଚାର କରାଯିବ। ଫଳରେ ଇଂଲଣ୍ଡର ଚଳିତ ଋତୁରେ କରନ୍ କୌଣସି କ୍ରିକେଟ୍ ଖେଳିବେ ନାହିଁ। କିଛି ମାସ ପରେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ କରନ୍ କ୍ରିକେଟ୍‌କୁ ଫେରିବେ। ବାମହାତି ପେସ୍ ବୋଲର ଓ ବାମହାତି ବ୍ୟାଟ୍‌ସମ୍ୟାନ ସାମ୍ କରନ୍ ଜଣେ ସୀମିତ ଓଭର କ୍ରିକେଟ୍ ବିଶେଷଜ୍ଞ। ପେସ୍ ବୋଲିଂ ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍‌ସଙ୍କ ଅବସର ପରେ ସାମ୍ କରନ୍‌ଙ୍କୁ ଇଂଲଣ୍ଡ ଟେଷ୍ଟରେ ଦଳରେ ସ୍ଥାନଦେବା ଲାଗି ଯୋଜନା ହୋଇଥିଲା। ହେଲେ ସେ ଆହତ ହୋଇଛନ୍ତି। ୨୦୨୧ରେ କରନ୍ ଶେଷ ଥର ଟେଷ୍ଟ କ୍ରିକେଟ୍ ଖେଳିଥିଲେ। ଜଙ୍ଘ ଆଘାତ ଯୋଗୁଁ ସାମ୍ କରନ୍ ୨୦୨୬ ଆଇପିଏଲ୍‌ରୁ ମଧ୍ୟ ଓହରି ଯାଇଥିଲେ। ତାଙ୍କ ଅନୁପସ୍ଥିତିରେ ପ୍ରଥମ ଟେଷ୍ଟରେ କାମଚଳା ୱିନର ଓ ବ୍ୟାଟ୍‌ସମ୍ୟାନ ଡାନ୍ ଲରେନ୍‌ସଙ୍କୁ ଇଂଲଣ୍ଡ ଖେଳାଉଛି।

ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ : ସେମିଫାଇନାଲରେ ନେଦରଲାଣ୍ଡସ୍‌କୁ ଭେଟିବ ଭାରତ

ନୂଆଦିଲ୍ଲୀ : ଭାରତୀୟ ପୁରୁଷ ଦଳ ଚଳିତ ଏଫ୍‌ଆଇଏଚ୍ ହକି ବିଶବକପ୍‌ରେ ନିଜ ନିଜର ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନ ସହଆୟୋଜକ ନେଦରଲାଣ୍ଡସ ବିପକ୍ଷରୁ ଆରମ୍ଭ କରିବ । ସେମିଫାଇନାଲ୍ ପଥ ପାଇଁ ହେଉଥିବା ଏହି ପର୍ଯ୍ୟାୟରେ ଭାରତୀୟ ପୁରୁଷ ଶନିବାର ଖେଳିବାକୁ ଯାଉଥିବା ନିଜର ପ୍ରଥମ ମ୍ୟାଚ୍ ଆହ୍ୱାନ ଭରା ହେବାର ସମ୍ଭାବନା ରହିଛି। ଶନିବାର ରାତି ୭.୩୦ରେ ଆମ୍ଷ୍ଟଲଭିନ୍‌ର ୱାଗନର ଷ୍ଟାଡିୟମ୍‌ରେ ପୁଲ୍-ଇ'ର ପ୍ରଥମ ମ୍ୟାଚ୍‌ରେ ଏହି ଦୁଇ ଦଳ ମୁହାଁମୁହିଁ ହେବେ। ଲଗାତାର ଦୁଇ ଅଲିମ୍ପିକ୍‌ରେ କାଂସ୍ୟ ଜିତିଥିବା ଭାରତ ପୁଲ୍-ଡି'ରେ ଦ୍ୱିତୀୟ ସ୍ଥାନରେ ରହି ଏହି ପର୍ଯ୍ୟାୟରେ ପହଞ୍ଚିଛି। ହେଲେ ଏହି ଦଳ ବିନା ପଏଣ୍ଟରେ ପୁଲ୍-ଇ'ରେ ସ୍ଥାନ ପାଇଛି। ଅନ୍ୟପକ୍ଷରେ ପ୍ୟାରିସ୍ ଅଲିମ୍ପିକ୍‌ସ ବିଜେତା ନେଦରଲାଣ୍ଡସ ପୁଲ୍ ବିଜେତା ସହ ୩ ପଏଣ୍ଟ ନେଇ ଦ୍ୱିତୀୟ ପର୍ଯ୍ୟାୟରେ ପହଞ୍ଚିଛି। ପୁଲ୍-ଡି'ର ଶୀର୍ଷ ଦଳ ଇଂଲଣ୍ଡ ୩ ପଏଣ୍ଟ ସହ ଏବଂ ପୁଲ୍-ଏ'ର ଦ୍ୱିତୀୟ ଦଳ ଆର୍ଜେଣ୍ଟିନା ଶୂନ ପଏଣ୍ଟ ସହ ପୁଲ୍-ଇ'ରେ ପହଞ୍ଚିଛନ୍ତି। ଫଳରେ ନେଦରଲାଣ୍ଡସ ଓ ଇଂଲଣ୍ଡ ପାଇଁ ସେମିଫାଇନାଲ୍ ପଥ ସହଜ ରହିଛି। ତେଣୁ ଭାରତ ସେମିଫାଇନାଲ୍ ସ୍ଥାନ କରିବାକୁ ହେଲେ ନେଦରଲାଣ୍ଡସ ଓ ଆର୍ଜେଣ୍ଟିନାକୁ ହରାଇବାକୁ ପଡ଼ିବ। ନିଜର ପ୍ରଥମ ପର୍ଯ୍ୟାୟରେ କେବଳ ଇଂଲଣ୍ଡରୁ ହାରିଥିବା ଭାରତ ୱେଲ୍ସକୁ ୩-୧ ଓ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାକୁ ୫-୩ରେ ହରାଇଥିଲା। ହେଲେ ଦଳକୁ ଏହାଠାରୁ ଭଲ ପ୍ରଦର୍ଶନ କଲେ ନେଦରଲାଣ୍ଡସକୁ ହରାଇବାକୁ ସକ୍ଷମ ହେବ। ଉଭୟ ଦଳ ଏପର୍ଯ୍ୟନ୍ତ ୧୦୮ ଥର ମୁହାଁମୁହିଁ ହୋଇଥିଲା ବେଳେ ନେଦରଲାଣ୍ଡସ ୪୮ ଓ ଭାରତ ୩୩ରେ ଜିତିଥିଲା ବେଳେ ଅନ୍ୟଗୁଡ଼ିକ ଅମୀମାଂସିତ ରହିଥିଲା। ଉଭୟ ଦଳ ଶେଷ ଥର ଲାଗି ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ମୁହାଁମୁହିଁ ହୋଇଥିଲେ। ଏଥିରେ ଭାରତ ୩-୨ ଗୋଲ୍‌ରେ ନେଦରଲାଣ୍ଡସକୁ ହରାଇଥିଲା।

ବାଂଲାଦେଶ କ୍ରିକେଟ ବୋର୍ଡର ବଡ଼ ନିଷ୍ପତ୍ତି, ବାଂଲାଦେଶ ପ୍ରିମିୟର ଲିଗ୍ ହେଲା ସସପେଣ୍ଡ

ଢାକା : ବାଂଲାଦେଶ କ୍ରିକେଟ ବୋର୍ଡର ବଡ଼ ନିଷ୍ପତ୍ତି । ବାଂଲାଦେଶ ପ୍ରିମିଅର ଲିଗକୁ ସସପେଣ୍ଡ କରାଯାଇଛି। ଦେଶର ସବୁଠାରୁ ବଡ଼ କ୍ରିକେଟ ଲିଗ୍ ବିପିଏଲର ଆୟୋଜନ କରିବ ନାହିଁ । ବୋର୍ଡର ଅଧ୍ୟକ୍ଷ ତମିମ ଇକବାଲ କହିଛନ୍ତି, ଲିଗ୍ ଭିନ୍ନ ରୂପରେ ବ୍ୟବସ୍ଥିତ ଭାବେ ପୁଣି କରାଯିବ । ତେବେ ବୋର୍ଡର ଏଭଳି ନିଷ୍ପତ୍ତି ପଛରେ ବିତ୍ତୀୟ କ୍ଷତି ମୁଖ୍ୟ କାରଣ ବୋଲି କୁହାଯାଉଛି। ବାଂଲାଦେଶ କ୍ରିକେଟ ବୋର୍ଡ ଅଧ୍ୟକ୍ଷ ତମିମ ଇକବାଲ୍ କହିଛନ୍ତି, ଚଳିତବର୍ଷ ବିପିଏଲ୍‌ର ଆୟୋଜନ ହେବ ନାହିଁ । ଗତ ୨ ବର୍ଷ ଭିତରେ ବୋର୍ଡ ବିପିଏଲ୍ ଯୋଗୁଁ ୩.୩ ମିଲିଅନ ଡଲାର କ୍ଷତି ସହିଛି । ଏହି କ୍ଷତି ପାଖାପାଖି ୩୧.୫ କୋଟି ଟଙ୍କା ହେବ । ସେ ଆହୁରି ମଧ୍ୟ କହିଛନ୍ତି, ବିପିଏଲ୍ ଭଲ ଟୁର୍ଣ୍ଣାମେଣ୍ଟ । ଆଉ ଏହାକୁ ଲୋକମାନେ ଖୁବ୍ ଭଲପାଇବା ମଧ୍ୟ ଦେଇଛନ୍ତି । ଏହାର ଆୟୋଜନ ଠିକ୍ ଭାବେ ହେଲେ ଲୋକଙ୍କ ଉତ୍ସାହ ଅଧିକ ବଢିଯିବ । ଫ୍ରାଞ୍ଚାଇଜ କ୍ରିକେଟରୁ ବୋର୍ଡକୁ ଫାଇଦା ମିଳିବା ଉଚିତ, କ୍ଷତି ନୁହେଁ । ତେଣୁ ଏଥିପାଇଁ ସମସ୍ୟାର ସମାଧାନ ନ ବାହାରିଛି, ଯାଏଁ କ୍ଷତିରେ ଚାଲିଥିବା ଟୁର୍ଣ୍ଣାମେଣ୍ଟକୁ ସସପେଣ୍ଡ କରିବା କିଛି ଭୁଲ୍ ନୁହେଁ । ବର୍ତ୍ତମାନ ବିପିଏଲ୍ ବିବାଦରେ ରହିଛି । ଚଳିତବର୍ଷ ମଇରେ ବାଂଲାଦେଶ କ୍ରିକେଟ ବୋର୍ଡର ଜଣେ ଖେଳାଳି ଏବଂ ଟିମ୍ ଅଫିସିଆଲ୍‌କୁ ଆଣ୍ଠି କରପସନ୍ ୟୁନିଟ୍ ସଚ୍ଚାବାଜୀ ସମ୍ମିଳନୀରେ ସାମିଲ ଥିବାରୁ ସସପେଣ୍ଡ କରାଯାଇଥିଲା। ବାଂଲାଦେଶ ପ୍ରିମିୟର ଲିଗ୍ ୨୦୧୨ରେ ଆରମ୍ଭ ହୋଇଥିଲା । ଗତ ୧୫ ବର୍ଷରେ ବିପିଏଲ୍ ୧୨ ସିଜିନ ଖେଳାଯାଇଛି । ୨୦୧୪ରେ ରାଜନୈତିକ ସଙ୍କଟ ମଧ୍ୟରେ ୨୦୨୦ ଏବଂ ୨୦୨୧ରେ କୋଭିଡ ମହାମାରୀ ଯୋଗୁଁ ବିପିଏଲର ଆୟୋଜନ ହୋଇନଥିଲା । ବିପିଏଲର ସବୁଠାରୁ ସଫଳ ଟିମ୍ କୋମିଲା ଭିକ୍ଟୋରିୟନ୍ସ ରହିଛି । ଏହି ଟିମ୍ ମୋଟ୍ ୪ ଥର ଟାଇଟଲ ଜିତିଛି ।

୨୨ ବର୍ଷ ପରେ ଦୋଷମୁକ୍ତ ହେଲେ ଜାକବ୍ ମାର୍ଟିନ

ନୂଆଦିଲ୍ଲୀ : ଦୀର୍ଘ ୨୨ ବର୍ଷର ଆଇନଗତ ସଂଘର୍ଷ ପରେ ଶେଷରେ ଦୋଷମୁକ୍ତ ହୋଇଛନ୍ତି ଭାରତୀୟ କ୍ରିକେଟର ପୂର୍ବତନ ଖେଳାଳି ଜାକବ ମାର୍ଟିନ। ବରୋଦାର ଏହି ଭେଟରାନ କ୍ରିକେଟରଙ୍କୁ ଦିଲ୍ଲୀର ପଟିଆଲା ହାଉସ କୋର୍ଟ ସମସ୍ତ ଅପରାଧିକ ମାମଲାରୁ ମୁକ୍ତ କରିଛନ୍ତି। ୨୦୦୪ରେ ଆଇପିସିର ଧାରା ୪୨୦, ୪୬୮, ୪୭୧, ୧୨୦ବି ସହ ପାସପୋର୍ଟ ଆଇନର ଧାରା ୧୨ ଅନୁସାରେ ମାର୍ଟିନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ବ୍ରିଟେନର ନକଲ

ନାବାଳିକାଙ୍କୁ ଅସଦାଚରଣ ମାମଲାରେ ଅଭିଯୁକ୍ତକୁ ୩ବର୍ଷ ସଶ୍ରମ କାରାଦଣ୍ଡ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡ଼ା ଅତିରିକ୍ତ ଜିଲ୍ଲା ଦୌରାଜଜ ତଥା ପୋକ୍ସୋ କୋର୍ଟ ବିଚାରପତି ପ୍ରଜ୍ଞା ପରମିତା ରାଉଳ ଏକ ଅସଦାଚରଣ ମାମଲାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଅଭିଯୁକ୍ତକୁ ୫ ହଜାର ଟଙ୍କା ଜୋରିମାନାରେ ଦଣ୍ଡରେ ମଧ୍ୟ ଦଣ୍ଡିତ କରିଛନ୍ତି। ଜୋରିମାନା ଅନାଦେୟ ଅଭିଯୁକ୍ତ ଅଧିକ ତିନି ମାସ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ଜଜ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଉଛନ୍ତି ମହାକାଳପଡ଼ା ଥାନା ଅଞ୍ଚଳର ବଙ୍ଗାଳି ମଲିକ(୭୦)। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୨୧ ମସିହା ଜାନୁଆରୀମାସ ୨୨ ତାରିଖରେ ସେହି ଥାନା ଅଞ୍ଚଳର ଜଣେ ୧୧ ବର୍ଷର ନାବାଳିକା ବଙ୍ଗାଳି ମଲ୍ଲିକଙ୍କ ଘରକୁ ଯାଇଥିଲେ। ହେଲେ ସେହି ସମୟରେ କେହି ନଥିବାର ସୁଯୋଗ ନେଇ ବଙ୍ଗାଳି ମଲ୍ଲିକ ନାବାଳିକାଙ୍କ ସହ ଅସଦାଚରଣ କରିଥିଲେ। ନାବାଳିକା ଜଣଙ୍କ ପାଟି କରିବାରୁ ଅଭିଯୁକ୍ତ ତାଙ୍କ ପାଟିକୁ ଏକ ଗାମୁଛାରେ ବାନ୍ଧି ଦେଇଥିଲେ। ଏହାସହ ଘଟଣା ସଂପର୍କରେ କାହାକୁ କହିଲେ ଜୀବନରୁ ମାରିଦେବେ ବୋଲି ତାକୁ ଧମକ ଦେଇଥିଲେ। ଅସଦାଚରଣ କରିବା ପରେ ନାବାଳିକାଙ୍କୁ ଘରୁ ବାହାରକୁ ଫିଙ୍ଗି ଦେଇଥିଲେ। ଏ ନେଇ ନାବାଳିକାଙ୍କ ମା' ମହାକାଳପଡା ଥାନାରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ କୋର୍ଟରେ ଅଭିଯୋଗପତ୍ର ଦାଖଲ କରିବା ପରେ ମାମଲାର ବିଚାର ଆରମ୍ଭ ହୋଇଥିଲା। ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ସରକାରଙ୍କ ପକ୍ଷରୁ କୋର୍ଟରେ ସ୍ୱତନ୍ତ୍ର ପିପି ନେହେରୁ ସାହୁ ମାମଲା ପରିଚାଳନା କରୁଥିଲେ।

ମଣ୍ଡି ସମସ୍ୟା ନେଇ କୃଷକ ସଂଘର ତହସିଲଦାରଙ୍କୁ ଦାବିପତ୍ର

ବେଗୁନିଆପଡା (ଅମୃତ ମିଡିଆ) : ଗୁରୁବାର ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକ ଅନ୍ତର୍ଗତ ଇନାମ ବେଲପଡା ଓ କୋଦଳା ପାକ୍ଷର କୃଷକ ସଂଘ ବିଭିନ୍ନ ଚାଷ ଓ ମଣ୍ଡି ସମସ୍ୟାକୁ ନେଇ ଗୁରୁବାର ଦିନ ଜିଲ୍ଲାପାଳ ଉଦ୍ଦେଶ୍ୟରେ କୋଦଳା ତହସିଲଦାର ବିନ୍ଦୁ ବଳୟ ରାଉତରାୟଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଚାଷୀଙ୍କ ଦାବି ମୁତାବକ ପ୍ରଥମେ ଜମି ବାବଦ ରାଜସ୍ୱ କର ଦେବାରେ ସମ୍ପୃକ୍ତ ଆରଆଇ ରସିଦ ବହି ନଥିବା ଦର୍ଶାଇ କର ନେବାକୁ ମନା କରୁଛନ୍ତି। ଫଳରେ ବିନା ରସିଦରେ ଚାଷୀ ପଞ୍ଜୀକରଣ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ପଞ୍ଜୀକରଣ କରିନପାରି ବାଧ ହୋଇ ବାହାରେ କମ ଦାମରେ ଆଦାୟ ଧାନ ବିକିବାକୁ ବାଧ ହେଉଛନ୍ତି। ଦ୍ୱିତୀୟରେ ଚାଷୀମାନେ ପାକ୍ଷ ନିକଟରୁ ଠିକରେ ଆବଶ୍ୟକୀୟ ସାର ପାଇପାରୁନାହାନ୍ତି। ବାହାରୁ ବାଧ ହୋଇ ତିନିଗୁଣା ଉଚାଦରରେ ସାର କିଣୁଛନ୍ତି। ଏହାର ସମାଧାନ କରାଯାଇ ପାକ୍ଷ ମାଧ୍ୟମରେ ସାର ଯୋଗାଇଦେବାକୁ କୃଷକ ସଂଘ ଦାବିକରିଛନ୍ତି। ତୃତୀୟ ଦାବି ଚାଷୀ ପଞ୍ଜିକରଣ ସମୟସୀମା ବୃଦ୍ଧି କରାଯାଇ ଭାଗ ଚାଷୀ ଏବଂ ମନ୍ଦିର ଜମି ଚାଷ କରୁଥିବା ଚାଷୀଙ୍କ ଧାନ ଉଠାଯାଉ। ଗତ ବର୍ଷ ଚାଷୀଙ୍କ ଠାରୁ ନେଇଥିବା ଧାନର ପ୍ରାପ୍ୟ ଆଜିସୁଦ୍ଧା ପାଇନଥିବାରୁ ତାହା ଶୀଘ୍ର ପୈଠ କରାଯାଉ,ବାପାଙ୍କ ନାମରେ ଥିବା ପଟ୍ଟା ଜମିକୁ ଭାଇ ଭାଇଙ୍କ ମଧ୍ୟରେ ଭାଗ କରାଯାଇ ପଟ୍ଟା ବଣ୍ଟନ କରାଯାଉ, ଏବଂ ଅନଲାଇନରେ ରସିଦ ନ କଟାଯାଇ ଅଫ ଲାଇନ ରେ ରସିଦ କାଟି ପଞ୍ଜିକରଣକୁ ସହଜ କରାଯାଉ। କାରଣ ଏସବୁର ଅସୁବିଧା ପାଇଁ ଏବର୍ଷ ଆଜିସୁଦ୍ଧା କେବଳ ୩୮ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି ଏବଂ ଅନ୍ୟୁନ ୪୫୦ ଜଣ ଚାଷୀଙ୍କର ପଞ୍ଜୀକରଣ ହେବାକୁ ବାକି ଅଛି। ସଂସାରକୁ ଚାଷୀମାନେ ହିଁ ଆହାର ଯୋଗାନ୍ତି। ତେଣୁ ଚାଷୀଙ୍କ ସମସ୍ୟା ଶୀଘ୍ର ସମାଧାନ କରିବାକୁ ତହସିଲଦାରଙ୍କ ଆଗରେ ଗୁହାରି କରିଛନ୍ତି। ଏ ସମସ୍ତ ସମସ୍ୟାକୁ ଗୁରୁତର ସହିତ ନେଇ ତହସିଲଦାର ଶ୍ରୀ ରାଉତରାୟ ସମସ୍ତ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରାଯିବ ଏବଂ ପୁରୁଣା ରସିଦ ଦେଖାଇ ମଧ୍ୟ ପଞ୍ଜିକରଣ କରାଯାଇପାରିବ ବୋଲି କହିଥିବା ବେଳେ ଗତ ବର୍ଷ ଧାନର ବକେୟା ପାଇନଥିବା ଚାଷୀ ଲିଖିତ ଦରଖାସ୍ତ ପ୍ରଦାନକରିବାକୁ ପରାମର୍ଶ ଦେଇଥିଲେ। ମନ୍ଦିର ଜମିର ସମସ୍ୟା ଦୁଇ ଦିନ ମଧ୍ୟରେ ଜଣାପଡିବ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ତହସିଲଦାରଙ୍କ ସକାରାତ୍ମକ ଆଲୋଚନାରେ ଖୁସିବ୍ୟକ୍ତ କରି ଶୀଘ୍ର ସମସ୍ୟାର ସମାଧାନ ହୋଇପାରିବ ବୋଲି ବିଶ୍ୱାସ କରି ଫେରିଥିଲେ। ଏ ସମ୍ପର୍କରେ ତହସିଲଦାର ଶ୍ରୀ ରାଉତରାୟଙ୍କୁ ପଚାରିବାରେ ସେ କହିଥିଲେ ଯେ ଯଥାସାଧ୍ୟ ଚାଷୀଙ୍କ ସମସ୍ୟାର ସମାଧାନ କରିବା ପାଇ ଚେଷ୍ଟା କରିବୁ, ଆଜି ଠାରୁ ପଟ୍ଟା କିମ୍ବା ରସିଦ ବାବଦ ରେ କିଛି ସମସ୍ୟା ଥିଲେ ମୋ ସାହିତ ଯୋଗାଯୋଗ କରାଇପାରିବେ ବୋଲି କହିଥିଲେ।

ଅଗ୍ନିନିରାପତ୍ତା ବଢ଼ାଇବାକୁ ହାଇକୋର୍ଟରେ ନୂଆ ଫାୟାର ୟୁନିଟ୍

କଟକ (ବ୍ୟୁରୋ) : ଓଡ଼ିଶା ହାଇକୋର୍ଟରେ ଅଗ୍ନି ସୁରକ୍ଷା ଚିନ୍ତା। ୧୧ ନୂଆ ପଦବି ପାଇଁ ପ୍ରସ୍ତାବ, ବାର୍ଷିକ ଖର୍ଚ୍ଚ ହେବ ୫୧ ଲକ୍ଷ ଟଙ୍କା। ଓଡ଼ିଶା ହାଇକୋର୍ଟ ପରିସରରେ ଅଗ୍ନିନିରାପତ୍ତା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ୧୧ଟି ଅତିରିକ୍ତ ଅଗ୍ନିଶମ ପଦବୀ ସୃଷ୍ଟି କରିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ଏଥିଲାଗି ବାର୍ଷିକ ପ୍ରାୟ ୫୧ ଲକ୍ଷ ୧୨ ହଜାର ୨୮୦ ଟଙ୍କାର ଆର୍ଥିକ ବୋଝ ପଡ଼ିବ। ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀଙ୍କ ପକ୍ଷରୁ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବଙ୍କୁ ଏନେଇ ପ୍ରସ୍ତାବ ପଠାଯାଇଛି। ହାଇକୋର୍ଟ ଭଳି ଅତ୍ୟନ୍ତ ସମ୍ବେଦନଶୀଳ ଓ ଅଧିକ ଜନଗହଳିପୂର୍ଣ୍ଣ ପରିସରରେ ୨୪ ଘଣ୍ଟିଆ ଅଗ୍ନିଶମ ପ୍ରସ୍ତୁତି ପାଇଁ ସ୍ଥାୟୀ ଟିମ୍‌ର ଆବଶ୍ୟକତା ଥିବା ଦର୍ଶାଯାଇଛି। ବର୍ତ୍ତମାନ ହାଇକୋର୍ଟ ପରିସରରେ ଏକ ଅସ୍ଥାୟୀ ଫାୟାର ଆଉଟ୍‌ପୋଷ୍ଟ ଚାଲୁଛି। ଏଥିପାଇଁ କଟକ, ବିଡ଼ାନାସୀ, ବାରଙ୍ଗ, ଟାଙ୍ଗୀ-ଚୌଦ୍ୱାର ଓ ଚାଉଳିଆଗଞ୍ଜ ଅଗ୍ନିଶମ କେନ୍ଦ୍ରରୁ କର୍ମଚାରୀଙ୍କୁ ଡ୍ୟୁଟିରେ ମୁତୟନ କରାଯାଉଛି। ଫଳରେ ଏହି ଅଗ୍ନିଶମ କେନ୍ଦ୍ରଗୁଡ଼ିକର ନିଜସ୍ୱ ମାନବସମ୍ବଳ କମିବା ସହ ଜରୁରୀକାଳୀନ ସେବା ପ୍ରଭାବିତ ହେଉଥିବା ଅଗ୍ନିଶମ ବିଭାଗ ଦର୍ଶାଇଛି।

ପାରାଦୀପ ବନ୍ଦରରେ ଜାହାଜ ଆରେଷ୍ଟ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ (ବ୍ୟୁରୋ) : ପାରାଦୀପ ବନ୍ଦରରେ ଏକ ଜାହାଜକୁ ଆରେଷ୍ଟ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାବସାୟିକ ବିବାଦକୁ ନେଇ ସୋଗ୍‌ଲାସି ଇନସ୍ୟୁରାନ୍ସ କମ୍ପାନି ଲିମିଟେଡ ପକ୍ଷରୁ ଦାୟର ସାମୁଦ୍ରିକ ବିବାଦ ସଂପର୍କିତ ଆବେଦନର ହାଇକୋର୍ଟ ଶୁଣାଣି କରି ପାରାଦୀପ ବନ୍ଦରରେ ଏମଟି ୟୁନିଟି (ଆଇଏମଓ ୯୩୮୮୭୯୨) ଜାହାଜକୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକାରୀ ସଂସ୍ଥାର ଅନ୍ତରୀଣ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ପକ୍ଷରେ ଏ ସଂକ୍ରାନ୍ତୀୟ ମୂଳ ସାମୁଦ୍ରିକ ବିବାଦ ମାମଲାରେ ପ୍ରତିପକ୍ଷ ଏମଟି ୟୁନିଟି (ଆଇଏମଓ ୯୩୮୮୭୯୨)କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ସେପ୍ଟେମ୍ବର ୯କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି। ମାମଲାର ବିବରଣୀରୁ ପ୍ରକାଶ ଯେ ୩ କୋଟି ୧ଲକ୍ଷ ୯୮ ହଜାର ୪୮୩ ଟଙ୍କା ଦାବି କରି ଜାହାଜ ବିରୋଧରେ ଆବେଦନକାରୀ ସଂସ୍ଥା ଏହି ମାମଲା ଦାୟର କରିଛି। ମୂଳ ସାମୁଦ୍ରିକ ବିବାଦ ମାମଲା ବିଚାରାଧୀନ ଥିବା ବେଳେ ଜାହାଜକୁ ଆରେଷ୍ଟ କରାଯାଉ ବୋଲି ଦର୍ଶାଇ ଆବେଦନକାରୀ ଅନ୍ତରୀଣ ଆବେଦନ ଦାୟର କରିଥିଲେ। ପ୍ରତିପକ୍ଷ ଜାହାଜଟି ଖୁବ ଶୀଘ୍ର ପାରାଦୀପ ବନ୍ଦର ଛାଡ଼ି ଚାଲିଯାଇ ପାରେ ବୋଲି ଆବେଦନକାରୀ ଦର୍ଶାଇଥିଲେ। ଯଦି ପାରାଦୀପ ବନ୍ଦରରୁ ଜାହାଜ ଅନ୍ୟତ୍ର ଚାଲିଯାଏ ତେବେ ଏହି ମାମଲା ଅପ୍ରାସଂଗିକ ହୋଇଯିବ ବୋଲି ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଏହାପରେ ହାଇକୋର୍ଟ ଜାହାଜକୁ ପାରଦୀପ ବନ୍ଦରରେ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଶିକ୍ଷକନେତାଙ୍କ ପରଲୋକ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : ବିଶିଷ୍ଟ ଶିକ୍ଷକନେତା ତଥା ଅବସରପ୍ରାପ୍ତ ଶିକ୍ଷକ ଅବନୀ କୁମାର ମହାନ୍ତିଙ୍କ ୮୧ବର୍ଷ ବୟସରେ ହୃଦ୍‌ଘାତରେ ଶ୍ୟାମସୁନ୍ଦରପୁରସ୍ଥିତ ବାସଭବନରେ ଗୁରୁବାର ଅପରାହ୍ନରେ ବିୟୋଗ ହୋଇଯାଇଛି। କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଉଚ୍ଚବିଦ୍ୟାଳୟରୁ ଶିକ୍ଷକ ଭାବରେ ଅବସରଗ୍ରହଣ କରିବା ପରେ ଶିକ୍ଷାବୀତ ଶ୍ରୀ ମହାନ୍ତି ଶିକ୍ଷକ ସଂଗଠନ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ଶେଷ ପର୍ଯ୍ୟନ୍ତ ଜଡିତ ଥିଲେ। ସ୍ୱର୍ଗତ ମହାନ୍ତି ଶେଷ ଜୀବନ ପର୍ଯ୍ୟନ୍ତ ନିଜକୁ ସମାଜସେବାରେ ନିୟୋଜିତ କରିଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସାହି ମୂରବୀ ରମେଶ ଚନ୍ଦ୍ର ମହାନ୍ତି,ଅନୁଜ୍ଞା ମହାନ୍ତିଙ୍କ ସମେତ ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ପ୍ରତ୍ୟେକ ସ୍ଥାନରେ ଅଲଓଷ୍ଟାର ପ୍ରାକ୍ତନ ରାଜ୍ୟ ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା, ତପନ କୁମାର ସିଂ, ରାଜ୍ୟ ଅଲଓଷ୍ଟାର କାର୍ଯ୍ୟକାରୀ ସଭାପତି ଧନେଶ୍ୱର ପାତ୍ର, ଦୟାନିଧି ସ୍ୱାଇଁ, କେଶବ ଚନ୍ଦ୍ର ବିଶ୍ୱାଳ, ମାନଭଞ୍ଜନ ପ୍ରଧାନ, ଗଗନବିହାରୀ ସାହୁ, ଇଶ୍ୱର ଚନ୍ଦ୍ର ସାମଲ, ପ୍ରଣବ ଜେନା ପ୍ରମୁଖ ବହୁ ଶିକ୍ଷକ, ପୂର୍ବତନ ଶିକ୍ଷକ ଓ ଶିକ୍ଷକନେତାମାନେ ତାଙ୍କ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ସାନଭାଇ ଅନୂପ ମହାନ୍ତି ମୁଖାଗ୍ନି ଦେଇଥିଲେ।

ଘରେ ପଶି ଚୋରି ଅଭିଯୋଗ
ଘଟଣାର ୨୩ ବର୍ଷ ପରେ ମିଳିଲା ନ୍ୟାୟ

କଟକ (ବ୍ୟୁରୋ) : ଘଟଣାର ୨୩ ବର୍ଷ ପରେ ଜଣେ ବ୍ୟକ୍ତିଙ୍କୁ ହାଇକୋର୍ଟରୁ ନ୍ୟାୟ ମିଳିଛି। ଘରେ ପଶି ଚୋରି କରିବା ଘଟଣାରେ କଟକ ଜେଏମଏଫସି ୨୦୧୩, ଜୁଲାଇ ୩୦ରେ ପ୍ରଦାନ କରିଥିବା ଦଣ୍ଡାଦେଶ ବିରୋଧରେ ଦାୟର ଅପିଲକୁ ଆବେଦନକାରୀଙ୍କ ଅନୁପସ୍ଥିତିରେ ଦୌରା ଅଦାଲତ ଖାରଜ କରିବା ପ୍ରସଂଗକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି।ଦୋଷୀ ବ୍ୟକ୍ତିଙ୍କ ଅପିଲକୁ ଆଇନଜୀବୀ ବା ଆବେଦନକାରୀଙ୍କ ଅନୁପସ୍ଥିତିରେ ଖାରଜ କରିବାକୁ ଆଇନ ଅନୁମତି ଦିଏ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏହା ଅପିଲ୍ ପ୍ରକ୍ରିୟାକୁ ପ୍ରହସନରେ ପରିଣତ କରିଥାଏ। ତଥ୍ୟ ପ୍ରମାଣ ଆଧାରରେ ଅପିଲ ଉପରେ ନିଷ୍ପତ୍ତି ନିଆଯିବା ଉଚିତ। ନ୍ୟାୟକୁ ଆଇନ କାନୁନର ବୈଷୟିକ ଔପଚାରିକତାରେ ସମାଧି ଦିଆଯାଇ ପାରିବ ନାହିଁ। ଯଦି ମାମଲା ପରିଚାଳନା କରୁଥିବା ଆଇନଜୀବୀ ଅପିଲ ଶୁଣାଣି ବେଳେ ଅନୁପସ୍ଥିତ ରୁହନ୍ତି ତେବେ ଅଦାଲତ ଆମିକସକ୍ୟୁରିଙ୍କୁ ନିଯୁକ୍ତି ଦେଇ ତଥ୍ୟ ପ୍ରମାଣ ଆଧାରରେ ନିର୍ଣ୍ଣୟ କରି ପାରିବେ ବୋଲି କହିବା ସହିତ ଜେଏମଏଫସି ଅଦାଲତଙ୍କ ଦଣ୍ଡାଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଜଷ୍ଟିସ ଭି.ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ବସନ୍ତ କୁମାର ପାଲଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରକାଶ ଯେ ଘରେ ପଶି ଚୋରି ଅଭିଯୋଗ ନେଇ ମଙ୍ଗଳାବାଗ ଥାନାରେ ୨୦୦୩, ଅକ୍ଟୋବର ୩।୧୧ରେ ଆବେଦନକାରୀ ଅଭିଯୁକ୍ତ ଥିଲେ। ଜେଏମଏଫସି ଅଦାଲତ ମାମଲାର ୨୦୧୩, ଜୁଲାଇ ୩୦ରେ ଶୁଣାଣି କରି ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ଏକ ବର୍ଷ ଜେଲ ଓ ୨ ହଜାର ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଥିଲେ। ଏହି ଦଣ୍ଡାଦେଶ ବିରୋଧରେ ଆବେଦନକାରୀ ଦାୟର କରିଥିବା ଅପିଲକୁ କଟକ ଦୌରା ଅଦାଲତ ୨୦୧୪, ମାର୍ଚ୍ଚ ୧୮ରେ ଖାରଜ କରିଥିଲେ। ଏପରି ନିର୍ଦ୍ଦେଶ

ଚୋରା ମଦ ଜବତ, ୮ ଗିରଫ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡ଼ା ଜିଲ୍ଲାପାଳ ଶ୍ରୀ ରଘୁରାମ ଆର.ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି, ରାଜକନିକ, ମାର୍ଶାଘାଇ, ଜମ୍ବୁ ସାମୁଦ୍ରିକ, ଡେରାବିଶ ଏବଂ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ଦାସଭାଗରିଆ ଗ୍ରାମର ରୁଣୁ ବେହେରା (୩୭)ଙ୍କ ନିକଟରୁ ୨୬ ଲିଟର ଚୋରା ବିଦେଶୀ ମଦ, ତୁଳଶିଶାସନ ଗ୍ରାମର ତ୍ରିଲୋଚନ ଦାସ(୫୧)ଙ୍କ ନିକଟରୁ ୧୯ ଲିଟର ଚୋରା ଦେଶୀ ମଦ, ବାରୁଣଦିଆ ଗ୍ରାମର ଜୀତେନ୍ଦ୍ର ସେଠୀ (୩୫)ଙ୍କ ନିକଟରୁ ୨୨ଲିଟର ଚୋରା ବିଦେଶୀ ମଦ, ପ୍ରଭାକରପୁର ଗ୍ରାମର ଗାମୀ ରାଉତ(୩୬)ଙ୍କ ଠାରୁ ୯ ଲିଟର ଚୋରା ଦେଶୀ ରନ୍ଧା ମଦ, ଶ୍ୟାମଯୋରି ଗ୍ରାମର ଶୁକ୍ଲ ଖିଲାର(୫୫)ଙ୍କ ନିକଟରୁ ୧୦ ଲିଟର ଚୋରା ଦେଶୀ ରନ୍ଧା ମଦ, ଜମ୍ବୁ ଗ୍ରାମର ଦିଲୀପ ପଲେଇ(୪୫)ଙ୍କ ନିକଟରୁ ୧୮ ଲିଟର ଚୋରା ବିଦେଶୀ ମଦ, ନାଳିକଣା ଗ୍ରାମର ଅଜୟ କୁମାର ସ୍ୱାଇଁ(୪୮)ଙ୍କ ନିକଟରୁ ୨୭ ଲିଟର ଚୋରା ବିଦେଶୀ ମଦ ଓ ବିଶ୍ୱକ ଗ୍ରାମର ପ୍ରଶାନ୍ତ କୁମାର ସାହୁ(୪୪)ଙ୍କ ନିକଟରୁ ୩୫ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଥିଲା। ଉକ୍ତ ଚଢ଼ାଉରେ ସମୁଦାୟ ୧୬୬ ଲିଟର ଦେଶୀ, ଦେଶୀ ରନ୍ଧା ଓ ବିଦେଶୀ ଚୋରା ମଦ ଜବତ କରାଯାଇଥିବାବେଳେ ୮ ଜଣ ଚୋରାମଦ ବେପାରୀଙ୍କୁ ଗିରଫ କରାଯାଇ ଆଇନାନୁଯାୟୀ କୋର୍ଟ ଚାଲାଣ କରାଯାଇଛି। ଆଗକୁ ଅବକାରୀ ଚଢ଼ାଉ ଅଧିକ ଜୋରଦାର କରାଯିବ ବୋଲି କେନ୍ଦ୍ରାପଡ଼ା ଅବକାରୀ ଅଧିକ୍ଷକ ଶ୍ରୀ ମଣ୍ଡଳ ସୂଚନା ଦେଇଛନ୍ତି।

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିଚାଳନା ପରିଷଦ ଗଠିତ

କଟକ (ବ୍ୟୁରୋ) : କଟକ ଜିଲ୍ଲା ଟାଙ୍ଗୀ ଚୌଦ୍ୱାର ବ୍ଲକ ମଙ୍ଗରାଜପୁର ଗ୍ରାମ ପଞ୍ଚାୟତ ଅଧୀନ କଲ୍ୟାଣପୁରରେ ଅବସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପରିଚାଳନା ପରିଷଦ ଗଠନ ହୋଇଯାଇଛି। ଏହି ପରିଷଦ ଆଗାମୀ ତିନି ବର୍ଷ ପାଇଁ କାର୍ଯ୍ୟ ନିର୍ବାହ କରିବେ। ପର୍ଯ୍ୟବେକ୍ଷକ ଭାବେ କଟକ ଶିକ୍ଷା ବିକାଶ ସମିତିର ଉତ୍ତର ପୂର୍ବ ସମ୍ଭାଗ ସଂଯୋଜକ ତୁଷାର ରଞ୍ଜନ ଦାଶ ଓ ଚୌଦ୍ୱାର ସଙ୍କୁଳ ପ୍ରମୁଖ ବଂଶୀଧର କାଣ୍ଡିଙ୍କ ଉପସ୍ଥିତିରେ ପରିଷଦ ଗଠନ କରାଯାଇଥିଲା। ଏହି କମିଟିକୁ ୯ଜଣ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ଦେବଜିତ୍ ପ୍ରସାଦ ସିଂ ଦେଓଙ୍କୁ ଚୟନ କରାଯାଇଥିବା ବେଳେ ଉପ ସଭାପତି ଭାବେ ସଂଜୟ ପରିଡ଼ା। ସମ୍ପାଦକ ଭାବେ ହେମନ୍ତ କୁମାର ରାଉତ ସ୍ଥାନ ପାଇଥିବା ବେଳେ ସହ ସମ୍ପାଦକ ଭାବେ ପ୍ରମୋଦିନି ଖଟୁଆ ଓ କୋଷାଧ୍ୟକ୍ଷ ଭାବେ ମୋହନ ଚରଣ ଜେନା ଓ ସଦସ୍ୟ ଭାବେ ଡ଼ଃ ସୁସ୍ମିତା ସିଂ ଓ ଆଇନଜୀବୀ ସରୋଜ କୁମାର ବରାଳଙ୍କୁ ଚୟନ କରାଯାଇଛି। ନିୟମ ଅନୁଯାୟୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଅନିତା ସାହୁ ଓ ଆଚାର୍ଯ୍ୟ ପ୍ରତିନିଧି ରମାକାନ୍ତ ଓଝା ସ୍ଥାନ ପାଇଛନ୍ତି। ବୈଠକରେ ପୂର୍ବତନ ସଭାପତି ବିନୋଦ କୁମାର ବରାଳ ପ୍ରତିଷ୍ଠାତା ସଦସ୍ୟ ଜୟନ୍ତ କୁମାର ପାତ୍ର ଯୋଗ ଦେଇ ବିଗତ ଦିନର ଅନୁଭୂତି ପ୍ରଦାନ କରିଥିଲେ। ଉପଦେଷ୍ଟା ମଣ୍ଡଳୀରେ ପ୍ରତିଷ୍ଠାତା ସଦସ୍ୟ ବସନ୍ତ କୁମାର ବେହେରା, ସରପଞ୍ଚ ଦେବେନ୍ଦ୍ର ନାଥ ପାଣ୍ଡବ, ଦିବ୍ୟଜ୍ୟୋତି ପାଣି, ଜୟନ୍ତ କୁମାର ପାତ୍ର, ବିନୋଦ କୁମାର ବରାଳ, ସରୋଜ କୁମାର ଖଟୁଆ, ନରେନ୍ଦ୍ର ବେହେରାଙ୍କୁ ମନୋନୀତ କରାଯାଇଛି। ସଭପତି ଶ୍ରୀ ସିଂ ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ

ଜିଲ୍ଲାର ୨ଲକ୍ଷ ୫୧ହଜାର ଲୋକ ବନ୍ୟାପ୍ରଭାବିତ

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ପରିସ୍ଥିତି ଜାରି ରହିଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର, ସ୍ଥାନାନ୍ତରଣ, ରିଲିଫ୍ ଓ ଅତ୍ୟାବଶ୍ୟକ ସେବା ଯୋଗାଣ କାର୍ଯ୍ୟ ନିରନ୍ତର ଭାବେ ଜାରି ରହିଛି। ଗୁରୁବାର ସନ୍ଧ୍ୟା ୫ଟା ସୁଦ୍ଧା ଜିଲ୍ଲାର ୫ଟି ବ୍ଲକ ଯଥା ଆଳି, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ରାଜନଗର, ରାଜକନିକା ଏବଂ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୨ଟି ୱାର୍ଡ ବନ୍ୟା ପ୍ରଭାବିତ ହୋଇଛି। ମୋଟ ୬୬ଟି ଗ୍ରାମ ପଞ୍ଚାୟତ ଓ ୧୬୪ଟି ଗ୍ରାମ ପ୍ରଭାବିତ ହୋଇଥିବା ବେଳେ ୨,୫୧,୯୬୮ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରୁ ଏପର୍ଯ୍ୟନ୍ତ ୬,୩୫୦ ଜଣଙ୍କୁ ୩୧ଟି ଉଦ୍ଧାର କେନ୍ଦ୍ରକୁ ସ୍ଥାନାନ୍ତରଣ କରାଯାଇଛି। ଆଜି ୭ଟି କେନ୍ଦ୍ରରେ ୧,୨୬୦ ଜଣ ଆଶ୍ରୟ ନେଇଛନ୍ତି। ଜିଲ୍ଲାରେ ମୋଟ ୩୮ଟି ମୁକ୍ତ ରୋଷେଇ/ରିଲିଫ୍ କେନ୍ଦ୍ର ଖୋଲାଯାଇଥିବା ବେଳେ ଆଜି ୧୬ଟି କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ଏହି କେନ୍ଦ୍ରଗୁଡ଼ିକ ମାଧ୍ୟମରେ ଆଜି ୪,୯୩୫ ଜଣ ଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଛି। ସମୁଦାୟ ୬,୩୫୦ ଜଣ ହିତାଧିକାରୀ ଏହି ବ୍ୟବସ୍ଥାରୁ ଉପକୃତ ହୋଇଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ୧୨ଟି ମେଡିକାଲ୍ ଟିମ୍ ନିୟୋଜିତ ଅଛନ୍ତି। ଏଥିରେ ଆଳିରେ ୨ଟି, ପଟ୍ଟାମୁଣ୍ଡାଇରେ ୩ଟି, ଇନ୍ଦୁପୁରରେ ଗୋଟିଏ, ରାଜନଗରରେ ୩ଟି ଏବଂ ରାଜକନିକାରେ ୨ଟି ଟିମ୍ ରହିଛି। ସେହିପରି ୬ଟି ଭେଟେନାରୀ ଟିମ୍ ମଧ୍ୟ ନିୟୋଜିତ ଅଛନ୍ତି।ବନ୍ୟା ପ୍ରଭାବିତ ଲୋକଙ୍କୁ ଜରୁରୀ ରିଲିଫ୍ ଭାବେ ଚାଉଳ, ଚୁଡ଼ା, ଗୁଡ଼/ଚିନି, ବିସ୍କୁଟ୍, ପାଣି ଓ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଉଛି।ସମୁଦାୟ ୭୨୮.୯୮ କ୍ୱିଣ୍ଟାଲ୍ ଚାଉଳ, ୫୫.୩ କ୍ୱିଣ୍ଟାଲ୍ ଚୁଡ଼ା ଓ ୮୧ କ୍ୱିଣ୍ଟାଲ୍ ଗୁଡ଼/ଚିନି ବଣ୍ଟନ କରାଯାଇଛି। ଏହାସହ ୧୬,୯୧୪ ପ୍ୟାକେଟ୍ ବିସ୍କୁଟ୍, ୧,୧୬,୬୨୦ ବୋତଲ ପାଣି ଓ ୬୧,୦୦୦ ପାଣି ପାଉଚ୍ ଯୋଗାଇ ଦିଆଯାଇଛି। ଆଜି ୨୧୨.୪୫ କ୍ୱିଣ୍ଟାଲ୍ ଚୁଡ଼ା, ୮.୮୫ କ୍ୱିଣ୍ଟାଲ୍ ଗୁଡ଼/ଚିନି, ୨,୪୦୪ ପ୍ୟାକେଟ୍ ବିସ୍କୁଟ୍, ୨୮,୭୦୦ ବୋତଲ ପାଣି ଓ ୧୭,୫୦୦ ପାଣି ପାଉଚ୍ ବଣ୍ଟନ କରାଯାଇଛି । ବନ୍ୟାଜଳରେ ବୁଡ଼ିଯିବା କାରଣରୁ ୧୪୨ଟି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ପାଇଁ ୮ଟି ପାୱାର ବୋଟ୍, ୧୩୭ଟି ଦେଶୀ ଡଙ୍ଗା ଏବଂ ୧୭ଟି ମେକାନାଇଜ୍ଡ ଦେଶୀ ଡଙ୍ଗା ନିୟୋଜିତ କରାଯାଇଛି ।ବନ୍ୟା ପ୍ରଭାବରେ ପ୍ରାୟ ୧୪,୨୬୮ ହେକ୍ଟର ଫସଲ ଅଞ୍ଚଳ ପ୍ରଭାବିତ ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ବନ୍ୟାଜଳ ହ୍ରାସ ପରେ ଫସଲ ଓ ଘରବାଡ଼ି କ୍ଷୟକ୍ଷତିର ବିସ୍ତୃତ ଆକଳନ କରାଯିବ। ବ୍ରାହ୍ମଣୀ ନଦୀ ଅଳଭାଠାରେ ଜଳସ୍ତର ୫.୯୦ ମିଟର, ଯାହାର ବିପଦ ସଙ୍କେତ ୪.୮୮ ମିଟର। ଗୋପାଳପୁରଠାରେ ଜଳସ୍ତର ୧୦.୨୧ ମିଟର, ବିପଦ ସଙ୍କେତ ୧୦.୦୫ ମିଟର ରହିଛି। ଜେନାପୁର ଆନିକଟରେ ଜଳସ୍ତର ୬୪.୪୦ ଫୁଟ୍, ବିପଦ ସଙ ୬୭ ଫୁଟ୍ ରହିଛି। ବୈତରଣୀ ନଦୀ ଆଖୁଆପଦାଠାରେ ଜଳସ୍ତର ୧୮.୦୭ ମିଟର, ବିପଦ ସଙ୍କେତ ୧୮.୩୩ ମିଟର ରହିଛି। ମୁଣ୍ଡଳୀଠାରେ ୪,୭୪,୬୨୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ୨୦ ଅଗଷ୍ଟ ୨୦୨୬ରେ ଜିଲ୍ଲାରେ ମୋଟ ୪୭ ମି.ମି. ବର୍ଷା ରେକର୍ଡ ହୋଇଥିବା ବେଳେ ଜିଲ୍ଲାର ହାରାହାରି ବର୍ଷା ୫.୨୨ ମି.ମି. ରହିଛି।

ପୂର୍ବତନ ବାଚସ୍ପତି ଓ ସାଂସଦଙ୍କ ବଡ଼ଚଣା ବନ୍ୟାଞ୍ଚଳ ଗସ୍ତ

ସରକାର ବନ୍ୟାଞ୍ଚଳ ରିଲିଫ୍ ସେବାରେ ସମ୍ପୂର୍ଣ ବିଫଳ

ବାଲିଚନ୍ଦ୍ରପୁର (ଅମୃତ ମିଡିଆ) : ଆଜି ବଡ଼ଚଣା ବନ୍ୟା ଅଞ୍ଚଳରେ ବିରୋଧୀ ବିଜେଡି ଦଳର ନେତା ପୂର୍ବତନ ବାଚସ୍ପତି ତଥା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଦୀପ କୁମାର ଅମାତ ବିଜେଡି ଦଳ ର ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ଜିଲ୍ଲା ବନ୍ୟା ଜଳ ଗସ୍ତରେ ଆସି ବଡ଼ଚଣା ବନ୍ୟା ଅଞ୍ଚଳ କୁ ବୁଲିଦେଖିବା ସହିତ ଲୋକଙ୍କ ସମସ୍ୟା ପଚାରିବୁଝିଥିଲେ। ସେମାନଙ୍କୁ ସ୍ଥାନୀୟ ବିଜେଡି ନେତା ମାନେ ବାଲିଚନ୍ଦ୍ରପୁର ଠାରେ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଧନା କରିବା ସହିତ ଏକ ବିରାଟ ମୋଟର ସାଇକେଲ ରାଲିରେ ପତରାଜପୁର, ଚାରିନଙ୍ଗଳ, ବାହାଦୂରନଗର, ଗୋପାଳପୁର, ଗଜେନ୍ଦ୍ରପୁର, ଖଡ଼ଗପୁର, ଉଦୟଗିରି, ମଝିପଡା, ଚଣ୍ଡିଆ ଆଦି ବନ୍ୟାଞ୍ଚଳରେ ପହଞ୍ଚାଇଥିଲେ। ତାଙ୍କ ସହିତ ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ବଡ଼ଚଣା ବିଜେଡି ଦଳ ର ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର ମଧ୍ୟ ବନ୍ୟା ଅଞ୍ଚଳ ପରିଦର୍ଶନ କରିଥିଲେ। ବନ୍ୟା ଅଞ୍ଚଳ ରେ ସାମ୍ବାଦିକ ମାନଙ୍କୁ ସୂଚନା ପ୍ରଦାନ କରି କହିଲେ ଯେ ସରକାର ବନ୍ୟା ଅଞ୍ଚଳରେ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଠିକଣା ଭାବରେ ବୁଝିପାରିନାହାନ୍ତି। ସରକାର ବନ୍ୟା ଅଞ୍ଚଳ କୁ ସେବା ଯୋଗାଇଦେବାରେ ସମ୍ପୂର୍ଣ ବିଫଳ ହୋଇଛନ୍ତି। ଲୋକଙ୍କ ପାଖରେ ଏଯାବତ ପ୍ରଶାସନ ପହଂଚିପାରିନାହିଁ। ପୂର୍ବ ସରକାର ଅମଳରେ ନବୀନ ପଟ୍ଟନାୟକ ବନ୍ୟା ଅଞ୍ଚଳର ଲୋକଙ୍କ କଥାକୁ ଗୁରୁତ୍ୱ ଦଉଥିବାବେଳେ ମୋହନ ସରକାର ରିଲିଫ ଯୋଗାଇ ଦେବାର ତ ଦୂରର କଥା ଏ ସଂକ୍ରାନ୍ତ ରେ ସରକାର ସମ୍ପୂର୍ଣ ବିଫଳ ହୋଇଛି। ଏହି ଗସ୍ତ ସମୟରେ ବିଜେଡି ନେତା ତାପସ ରାୟ , ନିରଞ୍ଜନ ବିଶ୍ୱାଳ, ଜ୍ଞାନରଞ୍ଜନ ସାହୁ, ଦିଲୀପ ସାମଲ, ନାରୀନେତ୍ରୀ ଦମୟନ୍ତୀ ସାମଲ, ସରସ୍ୱତୀ ବେହେରା, ଶ୍ରୀକାନ୍ତ ସାମଲ, ଦେବଦତ୍ତ ସାମଲ, ପ୍ରକାଶ କୁମାର ଦାଶ, ରଶ୍ମିରଂଜନ ବଳ, ଲକ୍ଷ୍ମୀଧର ବାନା, ଦିବାକର ସେଠୀ, ଗୋଲାମ କିବିରିଆ ଖାଁ, ମନ୍ମଥ କେଶରୀ ସାବରାଏ, ମନୋରଞ୍ଜନ ମଲିକ, ଅନନ୍ତ ମହାରଣା, ସୂର୍ଯ୍ୟ ନାରାୟଣ ତ୍ରିପାଠୀ, କୁଳମଣି ବାରିକ, ଯଶୋଦୀପ୍ତ ସାମଲ, ଗଗନ ବିହାରୀ ସ୍ୱାଇଁ, ପୂର୍ଣଚନ୍ଦ୍ର ମଲିକ, ପ୍ରଦୀପ୍ତ ମହାନ୍ତି, ସଂଜୀବ ସାମଲ ଆଦି ଶତାଧିକ ବିଜେଡି କ୍ରମୀ ମାନେ ବନ୍ୟା ଅଞ୍ଚଳ ଗସ୍ତ କରିଥିଲେ। ଏହି ଗସ୍ତ ସମୟରେ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ଦିଲ୍ଲୀପ କୁମାର ମହାନ୍ତି ଓ ପୋଲିସ ବାହିନୀ ବନ୍ୟା ଅଞ୍ଚଳରେ ଉପସ୍ଥିତ ଥିଲେ।

୨ ମୃତକଙ୍କ ପରିବାରକୁ ଭେଟିଲେ ବିଧାୟକ ଶାରଦା

ନିଶ୍ଚିନ୍ତକୋଇଲି (ଅମୃତ ମିଡିଆ) : କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଅଧିନ ଜିଗ୍ନୀପୁର ଗ୍ରାମ ପଞ୍ଚାୟତ ମହାଜନପୁର ଗ୍ରାମର ରମାକାନ୍ତ ସାହୁଙ୍କ ପତ୍ନୀ ପଙ୍କଜିନୀ ସାହୁ ଏବଂ ଜିଗ୍ନୀପୁରର ପ୍ରବୋଧ କୁମାର ମହାନ୍ତିଙ୍କ ପତ୍ନୀ ପୁଷ୍ପାଞ୍ଜଳୀ ମହାନ୍ତିଙ୍କ ବିୟୋଗ ଖବର ପାଇ ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦାପ୍ରସାଦ ପ୍ରଧାନ ଦୁଇ ମୃତକଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ବିଧାୟକ ଶ୍ରୀଯୁକ୍ତ ପ୍ରଧାନଙ୍କ ସହିତ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ଉପାଧକ୍ଷ ନୃସିଂହଚରଣ ମିଶ୍ର, ସମିତିସଭ୍ୟ ଅଶୋକ କୁମାର ଓଝା, ସରପଞ୍ଚ ତିଲୋତ୍ତମା ରାଉତ, ସମାଜସେବୀ ରମେଶଚନ୍ଦ୍ର ସ୍ୱାଇଁ, ରଞ୍ଜନ କୁମାର ରାଉତ, ରବିଚନ୍ଦ୍ର ବେହେରା, ଜ୍ଞାନରଂଜନ ରାଉତ, ଗୋକୁଳାନନ୍ଦ ରାଉତ, ପଞ୍ଚାନନ ସାହୁ, ଅଚ୍ୟୁତାନନ୍ଦ ମଲିକ, ପୂର୍ଣ୍ଣିମା ରାଉତ, ଜ୍ୟୋତିରଂଜନ ରାଉତ, ପଞ୍ଚାୟତ ପ୍ରମୁଖ ଜଗବନ୍ଧୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

‘ଭାରତୀୟ ଜ୍ଞାନ ପରମ୍ପରା’ ନେଇ ଆଲୋଚନାଚକ୍ର

ନୀଳଗିରି (ଅମୃତ ମିଡିଆ) : ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନସ୍ଥ ଭାରତୀୟ ଜ୍ଞାନ ପ୍ରଣାଳୀ ବିଭାଗ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରଚେଷ୍ଟାରେ ଭାରତୀୟ ଜ୍ଞାନ ପରମ୍ପରାର ପ୍ରଚାର, ପ୍ରସାର ଓ ସଂରକ୍ଷଣ ଉଦ୍ଦେଶ୍ୟରେ ନୀଳଗିରି ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ, ଗୁରୁକୁଳ ଏବଂ ପାରମ୍ପରିକ କାରିଗରଙ୍କୁ ନେଇ ଏକ ଦିନିକିଆ ସଚେତନତା ଓ ଜ୍ଞାନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୀରୁ ଆସିଥିବା ଭାରତ ସରକାରଙ୍କ ଆଇକେଏସ୍ ବିଭାଗର ସଂଯୋଜକ ଡ. ଧର୍ମପୁରୀ ବେଦରତ୍ନ ସମସ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ଜ୍ଞାନ ପରମ୍ପରାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବେଦ, ଜ୍ଞାନ, ସାହିତ୍ୟ, ବିଜ୍ଞାନ, ସଂସ୍କୃତି, ଗୁରୁ-ଶିଷ୍ୟ ପରମ୍ପରା ଏବଂ ପାରମ୍ପରିକ ଜ୍ଞାନକୁ ଆଧୁନିକ ଶିକ୍ଷା ଓ ଗବେଷଣା ସହ ସଂଯୋଗ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।ପ୍ରଥମ ଆଲୋଚନା ଚକ୍ର ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବେଳେ ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ ବେହେରାଙ୍କ ଉପସ୍ଥିତିରେ ଡ. ବେଦରତ୍ନ ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କୁ ଭାରତୀୟ ଜ୍ଞାନ ପରମ୍ପରାର ଐତିହ୍ୟ ଓ ଆଧୁନିକ ପ୍ରାସଙ୍ଗିକତା ସମ୍ପର୍କରେ ଉଦ୍ ?ବୋଧନ ଦେଇଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଡ. ଅକ୍ଷୟ କୁମାର ପାଣିଗ୍ରାହୀଏବଂ ଡ. ମନୋଜିତ ଭଟାଚାର୍ଯ୍ୟ ଉପସ୍ଥିତ ରହିଥିଲେ।ଦ୍ୱିତୀୟ ଆଲୋଚନା ଚକ୍ର ସନ୍ତରାଗଡ଼ି ଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ହେମନ୍ତ କୁମାର ପାଣିଗ୍ରାହୀ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।ସଭାରେ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ଭାରତର ଐତିହ୍ୟ ସମ୍ପର୍କରେ ଅବଗତ କରାଯାଇଥିଲା। ଶେଷରେ ନୀଳଗିରି ବ୍ଲକ ସାରୁପାଳସ୍ଥିତ ଅମୃତବାଣୀ ଗୁରୁକୁଳ ବେଦ ବିଦ୍ୟାଳୟରେ ଏକ ବିଶେଷ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।ପ୍ରଫେସର ସିନୀରୁଦ୍ଧ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଡ. କୁମାର ଚନ୍ଦ୍ର ମିଶ୍ରସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥି ଭାବେ ଡ. ଭଟ୍ଟାଚାର୍ଯ୍ୟ, ଡ. ବିନୋଦ ବିହାରୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ବେଦ ଓ ଭାରତୀୟ ଐତିହ୍ୟ ଓ ପରମ୍ପରା ବାବଦରେ ନିଜ ନିଜ ମତ ରଖିଥିଲେ। ଶେଷରେ ଓମ୍‌ପ୍ରକାଶ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

ଭାରତଗ୍ୟାସରେ ଉନ୍ମୋଚନ ହେଲା ୧୦ କେଜିର ଲାଇଟ୍ ଜିପ୍ ଟାଙ୍କି

ନୀଳଗିରି (ଅମୃତ ମିଡିଆ) : ଭାରତ ପେଟ୍ରୋଲିୟମ୍ କର୍ପୋରେସନର ନୀଳଗିରି ମା'ଲକ୍ଷ୍ମୀ ଭାରତ ଗ୍ୟାସ୍ କାର୍ଯ୍ୟାଳୟ ପରିସରରେ ୧୦ କେଜିର ଲାଇଟ୍ ଜିପର ଟାଙ୍କି ଉନ୍ମୋଚନ ହୋଇଯାଇଛି। ବିପିସିଏଲର ମ୍ୟାନେଜର ପ୍ରସନ୍ନ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ନୀଳଗିରିର ଭାରପ୍ରାପ୍ତ ତହସିଲଦାର ତଥା ଅତିରିକ୍ତ ତହସିଲଦାର ଶୁଭଶ୍ରୀ ଜେନା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦବିହାରୀ ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗାଣ ଅଧିକାରୀଣି ବିଦୁଲତା ନାୟକ, ଯୋଗାଣ ବିଭାଗ ଅଧିକାରିଣୀ ରାଜଶ୍ରୀ ପଣ୍ଡା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଚିନ୍ତାମଣି ରାଉତ ପ୍ରମୁଖ ଉପସ୍ଥିତ ରହି ନୂତନ ୧୦ କି.ଲୋ ର ଗ୍ୟାସ କିପରି ଭାବରେ ହିତାଧିକାରୀଙ୍କୁ ଆଗାମୀ ଦିନରେ ସହାୟତ ହେବ ସେ ନେଇ ଆଲୋଚନା କରାଯାଇଥିଲା। ନୀଳଗିରି ଭାରତ ଗ୍ୟାସ୍ ମ୍ୟାନେଜର ପ୍ରଦ୍ୟୁମ୍ନ କୁମାର ଶତପଥୀ ଉପସ୍ଥିତ ରହି ଏହି ସିଲିଣ୍ଡର୍ ସ୍ୱତନ୍ତ୍ର ଫାଇବରରେ ପ୍ରସ୍ତୁତ ହୋଇଛି। କମ୍ ଓଜନ ବିଶିଷ୍ଟ ଟାଙ୍କି,ଅଗ୍ନି ସଂଯୋଗରେ ଆସିଲେ ଏ ଟାଙ୍କି ଫାଟିବ ନାହିଁ, ଜଙ୍ଗ ମୁକ୍ତ, ଗ୍ୟାସ୍ ସ୍ତରର ଦୃଶ୍ୟତା, ଗ୍ୟାସ୍ ବୁକିଂର ୪ଘଣ୍ଟା ଭିତରେ ହୋମ୍ ଡେଲିଭରୀ କରାଯିବାର ବ୍ୟବସ୍ଥା ରହିଛି ବୋଲି ପ୍ରକାଶ କରିଥିଲେ। ପ୍ରୋପାଇଟର ବିଜୟ ମହାରଣା ଗ୍ରାହକମାନଙ୍କର ସହଯୋଗ ଲୋଡ଼ିବା ସହ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ସରପଞ୍ଚ ଙ୍କ ନେତୃତ୍ୱରେ ଆରମ୍ଭ ହେଲା ନିଶାମୁକ୍ତ ଅଭିଯାନ

ବାରିପଦା /ଉଦଳା (ଅମୃତ ମିଡିଆ) : ଉଦଳା ବ୍ଲକ ଅନ୍ତର୍ଗତ ଭୀମତାଳି ପଂଚାୟତର ସରପଂଚ ବିଜୟା ମୁର୍ମୁଙ୍କ ନେତୃତ୍ୱରେ ଚଳିତ ଅଗଷ୍ଟ ୧୯ ତାରିଖ ବୁଧବାର ଠାରୁ ନିଶାମୁକ୍ତ ଅଭିଯାନ ସହିତ ବୃକ୍ଷରୋପଣର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ଅବସରରେ ଭୁରୁଡୁବଣି ଗ୍ରାମସ୍ଥିତ ଜାହିରାପାଠ ପରିସରରେ ନିଶାଦ୍ରବ୍ୟ ସେବନର କୁପରିଣାମ ସମ୍ପର୍କରେ ଏକ ଆଲୋଚନାଚକ୍ର ସହ ଏହାକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରିବା ପାଇଁ ଶପଥପାଠର ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ବର୍ଷ ତମାମ ଜାରି ରହିବା ସହ ସମଗ୍ର ଭୀମତାଳି ପଂଚାୟତକୁ ଏକ ନିଶାମୁକ୍ତ ପଂଚାୟତ ଭାବରେ ଘୋଷଣା ପାଇଁ ଉଦ୍ୟମ କରାଯାଉଛି ବୋଲି ସରପଂଚ ସୂଚନା ପ୍ରଦାନ କରିଛନ୍ତି। ପ୍ରାରମ୍ଭରେ ଜାହିରାପାଠର ପୂଜକ (ନାଏକେ) ସୁକୁମାର ସୋରେନ ଓ ମାଝିହାଡ଼ାମ ବୁଧିରାମ ମୁର୍ମୁ ପୂଜାପାଠ ସାରିବା ପରେ ବୃକ୍ଷରୋପଣ ପର୍ବ ଆରମ୍ଭ ହୋଇଥିଲା। ଏହାପରେ ଆୟୋଜିତ ଆଲୋଚନାଚକ୍ରରେ ସରପଂଚ ବିଜୟା ମୁର୍ମୁ ଅଧକ୍ଷତା କରି ନିଶାଦ୍ରବ୍ୟ ସେବନ କିପରି ଆମକୁ ଭୟଙ୍କର ଅନ୍ଧକାର ମଧ୍ୟକୁ ଠେଲି ଦେଉଛି ବିଭିନ୍ନ ଦୃଷ୍ଟାନ୍ତମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାକୁ ଉପସ୍ଥିତ ଥିବା ଶତାଧିକ ଆଦିବାସୀ ଭାଇ ଭଉଣୀ ସମର୍ଥନ ଜଣାଇବା ସହ ପ୍ରଥମେ ନିଜ ପରିବାରକୁ ନିଶାଠାରୁ ଦୁରେଇ ରଖିବା ପାଇଁ ଶପଥ ପାଠ କରିଥିଲେ। ଜାହିରାପାଠରେ ଆଦିବାସୀ ଭାଇ ଭଉରୀ ମାନେ ଏକତ୍ରିତ ହୋଇ ଏପରି ଏକ ଉତ୍ସବ ପାଳନ କରିଥିବାରୁ ଏକ ଭିନ୍ନସ୍ୱାଦର ବାତାବରଣ ଖେଳି ଯାଇଥିଲା। ଆଗାମି ଦିନରେ ଏହା ଏକ ସୁସ୍ଥ ପରମ୍ପରା ସୃଷ୍ଟି କରିବା ସହ ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିବ ବୋଲି ବହୁ ଜ୍ଞାନି ଗୁଣି ଲୋକେ ମତ ଦେଇଛନ୍ତି। ସରପଂଚଙ୍କର ଏଡାଦୃଶ କାର୍ଯ୍ୟକଳାପକୁ ଲୋକ ସଂଗଠନ ଜନଜାଗୃତି ମଂଚର ସଦସ୍ୟମାନେ ମଧ୍ୟ ପ୍ରଶଂସା କରିଥିବାର ଜଣାଯାଇଛି। ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ କରୁଣାକର ମୁର୍ମୁ, ଚାନ୍ଦରାୟ ମାଣ୍ଡି, ଗାଲୁରାମ ଟୁଡୁ, ରତ୍ନାକର ମାଣ୍ଡି, ସୁନାରାମ ସୋରେନ, ମଙ୍ଗଲ ମାଣ୍ଡି, ବାଲକା ହେମ୍ବ୍ରମ, ରଶ୍ମିଲତା ଟୁଡୁ, ସିନିଗ ମାଣ୍ଡି, ପାନ ମୁର୍ମୁ, ଫୁଲମଣି ମାଣ୍ଡି, ତୁମୁନି ମାଣ୍ଡି ପ୍ରମୁଖ ସହଯୋଗ କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ଡିଏଭି ପବ୍ଲିକ ସ୍କୁଲର ବନ୍ୟା ସହାୟତା

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : ବନ୍ୟା ବିପନ୍ନଙ୍କ ନିକଟରେ ସହାୟତା ପହଞ୍ଚାଇବା ଉଦ୍ଦେଶ୍ୟରେ ଡିଏଭି ପବ୍ଲିକ୍ ସ୍କୁଲ, କେନ୍ଦ୍ରାପଡ଼ା ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକର ତରଡିପାଳ ଗ୍ରାମପଞ୍ଚାୟତ ଓ ପେଣ୍ଡପାଳ ଗ୍ରାମପଞ୍ଚାୟତର ବନ୍ୟା ପ୍ଲାବିତ ଅଞ୍ଚଳରେ ଦ୍ୱିତୀୟ ପର୍ଯ୍ୟାୟର ବନ୍ୟା ସହାୟତା ଅଭିଯାନ ଚାଲିଛି। ବନ୍ୟା ପାଣି ଘେରି ରହିଥିବା ଅଞ୍ଚଳରେ ସେବାଦଳ ଡଙ୍ଗା ଯୋଗେ ଘରକୁ ଘର ବୁଲି ବିପନ୍ନ ପରିବାରଙ୍କ ନିକଟରେ ସହାୟତା ପହଞ୍ଚାଇଥିଲେ। ଏହି ସମୟରେ ଶୁଖିଲା ଖାଦ୍ୟ, ପିଇବା ପାଣି ଓ ଆବଶ୍ୟକ ଔଷଧ ବଣ୍ଟନ କରାଯାଇଥିଲା। ଏହି ମାନବିକ ସେବା ଅଭିଯାନରେ ବରିଷ୍ଠ ସମାଜସେବୀ ମହମ୍ମଦ ଜାହିଦ ଖାନ ଓ ପ୍ରେମାନନ୍ଦ ବିଶ୍ୱାଳ ଯୋଗଦେଇ ବନ୍ୟା ବିପନ୍ନଙ୍କୁ ସହାୟତା ପହଞ୍ଚାଇବାରେ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଏହି ରିଲିଫ୍ ଅଭିଯାନ ପରିଚାଳିତ ହୋଇଥିଲା। ଦୁଇଟି ଗ୍ରାମପଞ୍ଚାୟତର ବନ୍ୟା ପ୍ରଭାବିତ ଲୋକଙ୍କ ଦ୍ୱାରଦେଶର

ମହିଳାଙ୍କୁ ନେଇ ଜଗନ୍ନାଥ ଟ୍ରକ ମାଲିକ ସଂଘରେ ବିବାଦ

କାର୍ଯ୍ୟକର୍ତ୍ତା ଓ ସଦସ୍ୟଙ୍କ ଧାରଣା

ପାରାଦୀପ (ଅମୃତ ମିଡିଆ) : ଜଣେ ମହିଳା ଙ୍କୁ ନେଇ ଜଗନ୍ନାଥ ଟ୍ରକ ମାଲିକ ସଙ୍ଘରେ ତୁମ୍ବି ତୋଫାନ। ପାରାଦୀପ ଆଦର୍ଶ ଥାନାରେ ସଂଘର ୧୬ଜଣ ସଦସ୍ୟ ଓ ଦୁଇଜଣ କର୍ମକର୍ତ୍ତାଙ୍କ ନାମରେ ମହିଳା ଦେଇଥିବା ମାମଲାକୁ ନେଇ ଧାରଣାରେ ବସିଛନ୍ତି ସଙ୍ଘର ସଦସ୍ୟ ଓ କର୍ମକର୍ତ୍ତା। ସୂଚନା ଅନୁଯାୟୀ ଜଗନ୍ନାଥ ଟ୍ରକ ମାଲିକ ସଙ୍ଘରେ ଗତ ସାଧାରଣ କର୍ମକର୍ତ୍ତା ନିର୍ବାଚନ ର ଫଳାଫଳ ପ୍ରକାଶ ପାଇବା ପରେ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇଙ୍କ ସହିତ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ ଯୋଗଦେଇଥିଲେ। ଉକ୍ତ ସଭାରେ ସଙ୍ଘ ତରଫରୁ ସାଧାରଣ ସଦସ୍ୟ ମାନଙ୍କ ସହିତ ସଙ୍ଘର ପୁରାତନ କର୍ମକର୍ତ୍ତାମାନେ ବସିବାକୁ ରହିଥିବା ସିଟରେ ହଠାତ ଜଣେ ମହିଳା ଆସି ବସିଥିଲେ। ଯାହାକୁ ନେଇ କର୍ମକର୍ତ୍ତାମାନଙ୍କ ଓ କେଉଁଠୁ ଆସିଲେ ଏବଂ ସଙ୍ଘର ପୁରାତନ କର୍ମକର୍ତ୍ତାଙ୍କ ପାଇଁ ଉଦ୍ଧିଷ୍ଟ ଚୌକି ରେ କିଭଳି ବସିଲେ ତାହାକୁ ନେଇ ନିଜ ନିଜର ମନ୍ତବ୍ୟ ଦେଇଥିଲେ। ଉକ୍ତ ଘଟଣାକୁ ନେଇ ଉକ୍ତ ମହିଳା ପାରାଦୀପ ଆଦର୍ଶ ଥାନାରେ ଦେଇଥିବା ଏତଲା ରେ ନିଜକୁ ଜଣେ ସମାଜସେବୀ ଭାବରେ ପରିଚୟ ଦେବା ସହିତ ଓଡ଼ିଶାର ଏକ ଟ୍ରକ ମାଲିକ ସଙ୍ଘର ନବନିର୍ବାଚିତ ସଭାପତି ଓ ଜଣେ ସଦସ୍ୟ ତାଙ୍କୁ ନିମନ୍ତଣ କରିଥିଲେ ବୋଲି ଉଲ୍ଲେଖ କରିଥିଲେ। ଯାହାକୁ ନେଇ ପୋଲିସ ମାମଲା ରୁଜୁ କରିବା ସହିତ ଦୁଇଥର ସଙ୍ଘ କାର୍ଯ୍ୟାଳୟକୁ ଯାଇ ମାମଲା ଥିବା ସମସ୍ତ ସଦସ୍ୟ ଓ କର୍ମକର୍ତ୍ତାମାନଙ୍କୁ ଖୋଜିବା ପରେ ଏ ନେଇ ସଙ୍ଘର କାର୍ଯ୍ୟକାରୀ ସଭାପତି ସରୋଜ ମହାପାତ୍ର ସଙ୍ଘର ସଭାପତିଙ୍କୁ ବାରମ୍ବାର ଏହି ବିଷୟରେ ପଚାରିଥିଲେ ମଧ୍ୟ ହଁ ବୁଝାଯିବ ବୋଲି ବାରମ୍ବାର କହିଥିଲେ। ଇତିମଧ୍ୟରେ ସଙ୍ଘର ସାଧାରଣ ସଭାରେ ସଭାପତିଙ୍କୁ ଏହି ଘଟଣା ବିଷୟରେ ଆଲୋଚନା କରିବାପାଇଁ ପଚାରିବାରୁ ଲଞ୍ଚ ପରେ ଏ ବିଷୟରେ ଆଲୋଚନା କରିବେ ବୋଲି କହି ଆଲୋଚନା କୁ ଏଡାଇ ଦେଇଥିଲେ। ଯାହାକୁ ନେଇ ଜଗନ୍ନାଥ ଟ୍ରକ ମାଲିକ ସଙ୍ଘ କାର୍ଯ୍ୟାଳୟରେ ଶାନ୍ତିପୂର୍ଣ ଭାବରେ ସାଧାରଣ ସଦସ୍ୟମାନଙ୍କ ସହିତ କର୍ମକର୍ତ୍ତାମାନେ ଧାରଣାରେ ବସି ରହିଛନ୍ତି। ଯେ ପର୍ଯ୍ୟନ୍ତ ସଭାପତି ଉକ୍ତ ଘଟଣା ବିଷୟରେ ଆଲୋଚନା କରିନାହାନ୍ତି ଏବଂ ଉକ୍ତ ମହିଳା କିଏ ଓ ତାଙ୍କୁ ସଙ୍ଘର କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବକୁ କିଏ ଡାକିଥିଲା ଏ ନେଇ ସ୍ୱୀକରଣ ଦେଇନାହାନ୍ତି, ସେ ପର୍ଯ୍ୟନ୍ତ ଶାନ୍ତିପୂର୍ଣ ଭାବରେ ଧାରଣା ବଳବତ୍ତର ରହିବ ବୋଲି ସଙ୍ଘର ସଦସ୍ୟ ଓ କାର୍ଯ୍ୟକର୍ତ୍ତାମାନେ ସିଧାସଳଖ ଚେତାବନୀ ଦେଇଛନ୍ତି।

'ମୋ ମାଟି ଭାପୁର' ଅନୁଷ୍ଠାନ ପକ୍ଷରୁ ଗୁରୁ ସାକ୍ଷାତ୍ ପରବ୍ରହ୍ମ କାର୍ଯ୍ୟକ୍ରମ ପ୍ରସ୍ତୁତି

ଖଣ୍ଡପଡା (ଅମୃତ ମିଡିଆ) : ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ପଞ୍ଚାୟତ ଅନ୍ତର୍ଗତ ସୋମନାଥଦେବ କଲ୍ୟାଣ ମଣ୍ଡପ ପରିସରରେ 'ମୋ ମାଟି ଭାପୁର' ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସେପ୍ଟେମ୍ବର ୫ ତାରିଖରେ ଆୟୋଜିତ ହେବାକୁ ଥିବା ପଞ୍ଚମ ବାର୍ଷିକ ଗୁରୁଃସାକ୍ଷାତ ପରଂବ୍ରହ୍ମ କାର୍ଯ୍ୟକ୍ରମ ନିମନ୍ତେ ଆଜି ପୂର୍ବାହ୍ନରେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ବିଜୟ କୁମାର ତ୍ରିପାଠୀଙ୍କ ସଂଯୋଜନା କ୍ରମେ ଗୁରୁଃସାକ୍ଷାତ ପରଂବ୍ରହ୍ମ କାର୍ଯ୍ୟକ୍ରମର ସଭାପତି ଶିକ୍ଷାବିତ ରବୀନ୍ଦ୍ରନାଥ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଉକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଭାପୁର ବ୍ଲକ ପୂର୍ବତନ ଅଧକ୍ଷ ଶିବ ପ୍ରସାଦ ଷଡ଼ଙ୍ଗୀ, ଅବସରପ୍ରାପ୍ତ ବରିଷ୍ଠ ସଂଗଠକ ନିରଞ୍ଜନ ସୁବୁଦ୍ଧି, ଅବସରପ୍ରାପ୍ତ ପ୍ରଫେସର ପ୍ରସନ୍ନ କୁମାର ସାହୁ, ସମାଜସେବୀ ସନ୍ତୋଷ କୁମାର ତ୍ରିପାଠୀ, କଣ୍ଠଶିଳ୍ପୀ ଯୁଧିଷ୍ଠିର ଖୁଣ୍ଟିଆ, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ଯୁବ ସଭାପତି ମନୋରଞ୍ଜନ ବେହେରା ପ୍ରମୁଖ ମଞ୍ଚାସିନ ରହି ଗୁରୁ ପୂଜନ କାର୍ଯ୍ୟକ୍ରମ କିଭଳି ସରସ ସୁନ୍ଦର ଭାବରେ ପାଳନ ହେବ ସେ ସମ୍ପର୍କରେ ନିଜ ନିଜର ମତପ୍ରକାଶ ଦେଇଥିଲେ। ପୂର୍ବ ବର୍ଷ ପରି ଭାପୁର ଓ ଖଣ୍ଡପଡ଼ା ବ୍ଲକ ସମେତ ଏନଏସି ର ସମସ୍ତ ଅବସର ଏବଂ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଗୁରୁପୂଜନ କାର୍ଯ୍ୟକ୍ରମକୁ ନିମନ୍ତଣ କରାଯିବ ବୋଲି ଅନୁଷ୍ଠାନର ସଭାପତି ଶ୍ରୀ ପଟ୍ଟନାୟକ ସୂଚନା ପ୍ରଦାନ କରିଛନ୍ତି। ସେହିଭଳି କାର୍ଯ୍ୟକ୍ରମକୁ ବଳିଷ୍ଠ ଓ ସରସ ସୁନ୍ଦର କରାଯିବା ପାଇଁ ଅନୁଷ୍ଠାନର ସଦସ୍ୟ ମାନେ ଗୁରୁ ଦାୟିତ୍ୱ ନେବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଗୁରୁ ପୂଜନ କାର୍ଯ୍ୟକ୍ରମ ଦୁଇ ବ୍ଲକର ମଧ୍ୟ ଭାଗ ବନମାଳିପୁର ସୋମନାଥଦେବ ପଞ୍ଚୁଦୋଳ ଯାତ୍ରା ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଂଗଠକ ଗୋପାଳକୃଷ୍ଣ ପଣ୍ଡା, ହୃଷିକେଶ ରାଉତ, ସମରେନ୍ଦ୍ର ମହାନ୍ତି, ବୃନ୍ଦାବନ ପଣ୍ଡା, ପ୍ରମୋଦ କୁମାର ସାହୁ, ସୁଦର୍ଶନ ବେହେରା, ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ଖଣ୍ଡପଡ଼ା ଓ ଭାପୁର ବ୍ଲକର ଶତାଧିକ ସଦସ୍ୟ ଉପସ୍ଥିତ ରହିଥିଲେ। ସୂଚନା ଯୋଗ୍ୟ ଯେ ଖଣ୍ଡପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ସଂଗଠନ କୁ ସୁଦୃଢ କରିବା ସହିତ ଏକ ପ୍ରମୁଖ ବିରୋଧୀ ଦଳର କାର୍ଯ୍ୟ ନିର୍ବାହ କରି ଆସିଥିବା ତୁଙ୍ଗ ନେତା ବେଣୁଧର ପ୍ରଧାନ ଉକ୍ତ କାର୍ଯ୍ୟକ୍ରମକୁ ଯଥାସମ୍ଭବ ସୁନ୍ଦର ଓ ସୁଦୂରପ୍ରସାରୀ ହେବା ନେଇ ଉଦ୍ୟମ ଜାରି ରଖିଥିବାର ସୂଚନା ପ୍ରଦାନ କରିଛନ୍ତି।

ଆଧାର କରାଇଦେବା ପାଇଁ ସରକାରୀ ବାବୁ ଟଙ୍କା ନେଉଥିବାର ଅଭିଯୋଗ

ବାରିପଦା /ଉଦଳା (ଅମୃତ ମିଡିଆ) : ଆଧାର କାର୍ଡ଼ ନଥିବା ଯୋଗୁଁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏତିକିବେଳେ ଏହିସବୁ କାମରେ ନିୟୋଜିତ ଥିବା ସରକାରୀ ବାବୁ ମାନେ କାର୍ଡ଼ କରାଇଦେବେ ବୋଲି କହି ଲୋକଙ୍କ ଠାରୁ ଟଙ୍କା ଆଦାୟ କରୁଥିବାର ଅଭିଯୋଗ ହସ୍ତଗତ ହୋଇଛି। କପ୍ତିପଦା ବ୍ଲକର ମଝିଗଡ଼ିଆ ପଂଚାୟତ ଅନ୍ତର୍ଗତ ମହୁଲପଙ୍ଗା ଗ୍ରାମର ବାସିନ୍ଦା ନାରାୟଣ ମହାକୁଡ଼ଙ୍କ ସହଧର୍ମିଣି ରାଇମଣି ମହାକୁଡ଼ଙ୍କର ଆଧାର କାର୍ଡ଼ ନାହିଁ। ଫଳରେ ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫କିଗ୍ରା ଚାଉଳ ପାଇବାରୁ ସେ ବଂଚିତ ଅଛନ୍ତି। ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ରାଇମଣି ଏଥିପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଜଣାଇଛନ୍ତି। ଆଧାର ପାଇଁ ରାଇମଣି କପ୍ତିପଦା ବ୍ଲକ କାର୍ଯ୍ୟାଳୟକୁ ଆସି ବାରମ୍ବାର ଫଟୋ ଉଠାଇଛନ୍ତି। କିନ୍ତୁ ଦିର୍ଘଦିନ ଧରି କାର୍ଡ଼ ନଆସିବାରୁ ଏଠାରେ କାର୍ଯ୍ୟରତ ସରକାରୀ ବାବୁଙ୍କ ନିକଟରେ ପରିବାରର ଲୋକେ ଗୁହାରି ଜଣାଇଥିଲେ। ଏତିକିବେଳେ ସରକାରୀ ବାବୁ ତାଙ୍କୁ କାର୍ଡ଼ କରାଇଦେବା ପାଇଁ ୧୫୦୦ଟଙ୍କା ମାଗିଥିଲେ। ୧୫୦୦ଟଙ୍କା ଦେବା ପରେ ମଧ୍ୟ କାର୍ଡ଼ ପାଇପାରିନଥିବାର କଥା ରାଇମଣିଙ୍କ ସ୍ୱାମି ନାରାୟଣ ମହାକୁଡ଼ ଜଣାଇଛନ୍ତି। ଏହିଭଳି ଭାବରେ ଗାଁ ଗହଳରେ ବସବାସ କରୁଥିବା ସରଳ ନିରିହ ଲୋକଙ୍କୁ ସରକାରୀ ବାବୁ ମାନେ ବିଭିନ୍ନପ୍ରକାର ହଇରାଣ ହରକତ କରୁଥିବାର ଅଭିଯୋଗ ନିୟମିତ ଶୁଣିବାକୁ ମିଳୁଛି। ବିଭାଗୀୟ କତୃପକ୍ଷ ଉକ୍ତ ଘଟଣାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

ତ୍ରି-ଦିବସୀୟ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ଆଧାରିତ କର୍ମଶାଳା 'ପ୍ରଗତି'

ବାରିପଦା (ଅମୃତ ମିଡିଆ) : ରରୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟ, ରେ ପ୍ରଧାନଶିକ୍ଷକଙ୍କ ବୃତ୍ତିଗତ ବିକାଶ ନିମନ୍ତେ ତ୍ରି-ଦିବସୀୟ ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ଆଧାରିତ କର୍ମଶାଳା 'ପ୍ରଗତି' ଅନୁଷ୍ଠିତ ହୋଇଯାଇଛି। ଏଥିରେ ରରୁଆଁ ବ୍ଲକର ୪୮ ଜଣ ପ୍ରାଥମିକ ବିଦ୍ୟାଳୟ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ,ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଏହି ତିନିଦିନିଆ କର୍ମଶାଳାଟି ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ମୟୂରଭଞ୍ଜ, ବାରିପଦାର ଶିକ୍ଷକ-ପ୍ରଶିକ୍ଷକ ତଥା ସାଧନ-କର୍ମୀ ସାଗର କୁମାର ଦଳନାଏକ, ଶିକ୍ଷକ-ପ୍ରଶିକ୍ଷକ ସଂଜୀବ କୁମାର ପାତ୍ର, ସାଧନ-କର୍ମୀ ମନୋଜ କୁମାର ପାତ୍ର ଏବଂ ସଂଜୀବ କୁମାର ବେହେରାଙ୍କର ଦ୍ୱାରା ତିନିଦିନଧରି କର୍ମଶାଳାଟି ସୂଚାରୁରୂପେ ପରିଚାଳିତ ହୋଇଥିଲା। ପ୍ରଶିକ୍ଷଣ ପେଟିକ୍ସଟି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ବୃତ୍ତିଗତ ବିକାଶ, ଜାତୀୟ ଶିକ୍ଷା ନୀତି-୨୦୨୦ର ପୁନର୍ବଳନ, ସାମଗ୍ରିକ ବିଦ୍ୟାଳୟ ବିକାଶ ପାଇଁ ୭ଟି ପରିସର ଚିହ୍ନଟକରଣ, ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ନେତୃତ୍ୱର ଗୁଣାତ୍ମକ କୌଶଳ ବିକାଶ, ଉପଲବ୍ଧ ସମ୍ବଳର ଆକଳନ ପାଇଁ ସାଧନୀ ପ୍ରସ୍ତୁତିକରଣ, ସାମଗ୍ରିକ ବିଦ୍ୟାଳୟ ବିକାଶ ଯୋଜନା ପ୍ରସ୍ତୁତି ଓ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉପରେ ପର୍ଯ୍ୟବେସିତ ହୋଇଥିଲା।

ଶାଳଗାଁରେ ବିପର୍ଯ୍ୟୟ ସମ୍ପର୍କିତ ସଚେତନତା ଶିବିର

ବାରିପଦା (ଅମୃତ ମିଡିଆ) : ମୟୁରଭଞ୍ଜ ଜିଲ୍ଲା, ବଡ଼ସାହି ବ୍ଲକ, ଶାଳଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରେ କଟକ ସ୍ଥିତ ମୁଣ୍ଡୁଳି ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବାହିନୀ ଦ୍ୱାରା ବିପର୍ଯ୍ୟୟ ସତର୍କତା ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ପ୍ରଭାସ କୁମାର ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରା ଅଧକ୍ଷତା କରିଥିଲେ। ଡ. ନିରୋଜ କୁମାର(ମୁଖ୍ୟ ଚିକିତ୍ସା ଅଧିକାରୀ ତଥା ବରିଷ୍ଠ ସେନା ଅଧିକାରୀ), ରମେଶ ଚନ୍ଦ୍ର ଓଝା (ନିରୀକ୍ଷକ) (ଏନ.ଡି.ଆର.ଏଫ)ଙ୍କ ଉପସ୍ଥିତିରେ ଛାତ୍ର-ଛାତ୍ରୀ ମାନେ ନିଜକୁ ସୁରକ୍ଷିତ ରଖି ଅନ୍ୟଙ୍କୁ କିଭଳି ଜୀବନ ବଞ୍ଚାଇ ପାରିବେ ସେ ବିଷୟରେ ବିଭିନ୍ନ ପ୍ରକାର ସଚେତନତା କରାଇବା ସହିତ ପ୍ରଦର୍ଶିତ କରାଇଥିଲେ। ଏଥି ସହିତ ସର୍ପଘାତ ଓ ଘଡଘଡି ରୁ କିଭଳି ରକ୍ଷା ପାଇପାରିବା ଛାତ୍ର-ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। (ଏନ.ଡି.ଆର.ଏଫ.)ର ଜି.ବି. ପରିଡ଼ା, ଏ.ଡି. ତ୍ରିପାଠୀ, ଏ.କେ. ବେହେରା ଓ ବି.କେ. ସାମନ୍ତରାୟ ସଚେତନତା ଶିବିରରେ ଯୋଗ ଦେଇଥିଲେ। ଛାତ୍ର-ଛାତ୍ରୀ ମାନେ ବିପର୍ଯ୍ୟୟ ସମ୍ପର୍କିତ ଶିକ୍ଷା ପାଇବା ପରେ ନିଜ ପରିବାର ତଥା ଅନ୍ୟମାନଙ୍କୁ ସଚେତନ କରାଇବା ପାଇଁ ଅତିଥି ବୃନ୍ଦ ପରାମର୍ଶ ଦେଇଥିଲେ। ଛାତ୍ର-ଛାତ୍ରୀଙ୍କ ସହିତ ବିଭିନ୍ନ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ବନ୍ୟାରେ ଜନସାଧାରଣଙ୍କୁ ସୁରକ୍ଷା ଦେବା ପାଇଁ ଆସିଥିବା ସମୟରେ ଛାତ୍ର-ଛାତ୍ରୀମାନଙ୍କୁ ସଚେତନତା କାର୍ଯ୍ୟକ୍ରମ କରିଥିବାରୁ ବିଦ୍ୟାଳୟ ତରଫରୁ ଉୟସୀ ପ୍ରଶଂସା କରିଥିଲେ। ବିଦ୍ୟାଳୟର ଚିତ୍ତରଞ୍ଜନ ପୁହାଣ, ପ୍ରଭାକର ଉପାଧ୍ୟାୟ, ପ୍ରମୋଦ ବିଶ୍ୱାଣି, ଧର୍ମେନ୍ଦ୍ର ସିଂ ଓ ସରୋଜ କୁମାର ପଣ୍ଡା ସହଯୋଗ କରିଥିଲେ। ସର୍ବଶେଷରେ ସନ୍ତୋଷ କୁମାର ଖଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ବେଆଇନ କରତ କଳ ଜବତ : ୨ ଗିରଫ

ବାରିପଦା (ଅମୃତ ମିଡିଆ) : ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ରେଞ୍ଜ ଅଞ୍ଚଳରେ ବେତନଟୀ ବନବିଭାଗ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଉକ୍ତ ରେଞ୍ଜ ଅଧୀନ ବଡ଼ାମପୁର ସେକ୍ସନ ଅଧୀନ ବଧୂ କୁଚବଣିଆରେ ବେଆଇନ ଭାବେ ଚାଲୁଥିବା ଚଳନକ୍ଷମ କରତ କଳ ଉପରେ ବନବିଭାଗ ଚଢ଼ାଉ କରି ଉକ୍ତ କରତ କଳକୁ ଜବତ କରିବା ସହିତ ୧ଲକ୍ଷ ୫୦ ହଜାର ଟଙ୍କାର କାଠ, ଏକ ହୋଣ୍ଡା ଆକ୍ଟିଭା ସ୍କୁଟି ଓ ଏଚଏଫ ଡିଲକ୍ସ ବାଇକ ଜବତ କରିଛି। ଏଥି ସହିତ ବଡ଼ାମପୁର ଗ୍ରାମର ପ୍ରମୋଦ ମହାନ୍ତ ଓ ସମାଇଡ଼ିହି ଗ୍ରାମର ରବୀନ୍ଦ୍ର ବେହେରାଙ୍କୁ ଗିରଫ ମଧ୍ୟ କରିଛି ବନବିଭାଗ। ଉକ୍ତ ଚଢ଼ାଉ ଏସିଏଫ ମେହେରବାନ ଅଲ୍ଲୀଙ୍କ ନେତୃତ୍ୱରେ ହୋଇଥିବା ବେଳେ ବେତନଟି ରେଞ୍ଜର ଧ୍ରୁବେନ୍ଦ୍ରନାଥ ନାଏକ,ରାସଗୋବିନ୍ଦପୁର ରେଞ୍ଜର ଘନଶ୍ୟାମ ସିଂ, ଫୋରେଷ୍ଟର ଦୀପକ ପାତ୍ର ଏବଂ ବନବିଭାଗ କର୍ମଚାରୀ ମାନେ ଚଢ଼ାଉରେ ସାମିଲ ଥିଲେ।

ଲାଲବଜାର ରାଜା ଗଣେଶ ପୂଜା କମିଟିର କର୍ମକର୍ତ୍ତା ଚୟନ

ବାରିପଦା (ଅମୃତ ମିଡିଆ) : ବାରିପଦା ସହର ପ୍ରତିଷ୍ଠିତ ପୁରାତନ ଲାଲବଜାର ରାଜା ଗଣେଶ ପୂଜା କମିଟିର ଚଳିତ ବର୍ଷର ପୂଜାକୁ ନେଇ ପ୍ରଥମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲାଲ ବଜାର ସ୍ଥିତ ମା ତାରିଣୀ ମନ୍ଦିର ପ୍ରାଙ୍ଗଣରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ସଦସ୍ୟ ମାନେ ଯୋଗଦେଇ ପୂଜାର ପ୍ରସ୍ତୁତି ବାବଦରେ ଆଲୋଚନା କରିଥିଲେ। ଚଳିତ ବର୍ଷ ପୂଜା ୧୮ ବର୍ଷରେ ପଦାର୍ପଣ କରିଥିବା ବେଳେ କିପରି ଏହାକୁ ସରସ ସୁନ୍ଦର କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇ ଚଳିତ ବର୍ଷ ଗଣେଶ ପୂଜା ମହାଆଡମ୍ବରରେ ପାଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ଅବସର ରେ ପୂଜା କମିଟିର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି। ସଭାପତି ଭାବେ ଗଣେଶ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ବୀରେନ୍ଦ୍ର ନାଥ ସାହୁ, ଉପ ସଭାପତି କାହ୍ନୁ ଚରଣ ବେହେରା, ସମ୍ପାଦକ ପାର୍ଥ ସାରଥୀ ସ୍ୱାଇଁ, ସହ ସମ୍ପାଦକ ଦୀପକ ପଟ୍ଟନାୟକ ଓ ମୋହନ ଗୁପ୍ତା ଏବଂ କୋଷାଧ୍ୟକ୍ଷ ଭାବେ ଅନନ୍ତ ସ୍ୱାଇଁ ସର୍ବ ସମ୍ମତିକ୍ରମେ ଚୟନ ହୋଇଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବରିଷ୍ଠ ଆଡଭୋକେଟ ବିଭୁ ପ୍ରସାଦ ଦାସ, ଆଡଭୋକେଟ ଜ୍ୟୋତି ପ୍ରକାଶ ରଥ, ତିମିରି କାନ୍ତି ଦାସ, ମହେନ୍ଦ୍ର ରାଉତ, ବୃନ୍ଦାବନ ରାଉତ, ବିନୋଦ ଦାସ, ମନୋଜ ଷେଣ୍ଠ, କିଶୋର ସାହୁ, ଅରବିନ୍ଦ ନନ୍ଦ, ଦିଲ୍ଲୀପ କୁମାର ସାହୁ, ତପନ ବାରିକ ପ୍ରମୁଖ ମନୋନୀତ ହୋଇଛନ୍ତି। ଅନୁଷ୍ଠିତ ବୈଠକରେ ଲାଲବଜାର ରାଜା ପୂଜା କମିଟିର ସଦସ୍ୟ ମାନେ ଉପସ୍ଥିତ ରହି ପୂଜାର ତୋରଣ, ସାଜସଜ୍ଜା ଓ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ଆଲୋଚନା କରିଥିଲେ। ସୂଚନା ଥାଉ କି, ବାରିପଦା ସହରର ଅନୁଷ୍ଠିତ ହେଉଥିବା ଗଣେଶ ପୂଜା ମଣ୍ଡପ ମଧ୍ୟରେ ଲାଲବଜାର ମଣ୍ଡପର ବିଶେଷତ୍ୱ ରହିଥାଏ। ଏଠାରେ ପୂଜା ପାଉଥିବା ଗଣେଶଙ୍କ ସୁଉଚ୍ଚ ମୂର୍ତ୍ତି ଲାଲବଜାର ରାଜା ଭାବେ ଲୋକ ମୁଖରେ ପ୍ରସିଦ୍ଧ। ଏଠାକାର ଘଟ ଉତ୍ତୋଳନ ଠାରୁ ଆରମ୍ଭ କରି ପୂଜାବିଧି, ପ୍ରସାଦ ବଣ୍ଟନ ଓ ବିସର୍ଜନରେ ସତନ୍ତତା ରହିଛି।

ସର୍ବେଶ୍ୱର ସାହିତ୍ୟ ସଂସଦର ସାରସ୍ୱତ ସମାରୋହ

ବାରିପଦା/ସାହାରପଡା (ଅମୃତ ମିଡିଆ) : କେନ୍ଦୁଝର ଜିଲ୍ଲା, ସାହାରପଡା ସ୍ଥିତ ସର୍ବେଶ୍ୱର ସାହିତ୍ୟ ସଂସଦର ଏକାଦଶତମ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ସ୍ୱତନ୍ତ ଅତିଥିଭାବେ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ମନୋଜ କୁମାର ସାହୁ ଓ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଭାଗବତ ଲେଙ୍କା। ସଂସଦର ଅଧକ୍ଷ ରମାକାନ୍ତ ମହାନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ 'ବନଶ୍ରୀ' ପତ୍ରିକା ଲୋକାର୍ପିତ ହେବାସହ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ତିନି ଜଣ

୮ ଲୁଟେରା ଗିରଫ, ୧୦.୫ ଲକ୍ଷର ସୁନା-ରୁପା ଓ ସାମଗ୍ରୀ ଜବତ

ଜୟପୁର(ଅମୃତ ମିଡିଆ): ଜୟପୁର ସହର ଓ ଆଖପାଖ ଅଞ୍ଚଳରେ ଚୋରି, ଲୁଟ, ଘରେ କାନ୍ଥ ଓ କବାଟ ଭାଙ୍ଗି ଚୋରି ଏବଂ ଦାଦାବଟି ଆଦାୟ ଭଳି ଅପରାଧ ଘଟଣାରେ ଟାଉନ୍ ପୁଲିସକୁ ବଡ଼ ସଫଳତା ମିଳିଛି। ଟାଉନ୍ ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଅର୍ଚ୍ଚିତା ମିଉଲ ସୂଚନା ଦେଇ କହିଛନ୍ତି ଯେ ବିଭିନ୍ନ ମାମଲାରେ ୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ପ୍ରାୟ ୧୦.୫ ଲକ୍ଷ ଟଙ୍କାର ସୁନା ରୂପା ଅଳଙ୍କାର, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଘରୋଇ ଉପକରଣ ଓ ଦାଦାବଟି ଆଦାୟରେ ବ୍ୟବହୃତ ଅସ୍ତ୍ର ଜବତ ହୋଇଛି। ଜୟପୁର ସୁନାରୀ ସାହିସ୍ଥିତ ସ୍କୁଲରୁ ଚୋରି ହୋଇଥିବା ସ୍ମାର୍ଟ ପ୍ୟାନେଲ୍ ଟିଭି, ଆଦର୍ଶନଗରସ୍ଥିତ କାର୍ଯ୍ୟାଳୟରୁ ଚୋରି ହୋଇଥିବା ଏସିଅର କମ୍ପ୍ୟୁଟର, ଧୋବାସାହିରୁ ଚୋରି ସିଲେଇ

ମେସିନ୍ ସମେତ ବିଭିନ୍ନ ଚୋରି ସାମଗ୍ରୀ ପୁଲିସ ଉଦ୍ଧାର କରିଛି। ହାନାଗୁଡ଼ାର ଏକ ଘରେ କାନ୍ଥ ଓ କବାଟ ଭାଙ୍ଗି ଚୋରି ହୋଇଥିବା ସୁନା ରୂପା ଅଳଙ୍କାର ମଧ୍ୟ ଜବତ ହୋଇଛି। ଜବତ ସାମଗ୍ରୀ ମଧ୍ୟରେ ୨ ଯୋଡ଼ା ସୁନା ଚେନ୍, ୬ ଯୋଡ଼ା ସୁନା କାନଫୁଲ, ସୁନା ଇୟର-ରିଂ ଚେନ୍, ଭଙ୍ଗା ସୁନା କାଚ, ୩ ଯୋଡ଼ା ରୂପା ପାଉଁଜି, ୨ଟି ରୂପା ସିନ୍ଦୂର ଫରୁଆ ଓ ୫ଟି ରୂପା ମୁଦ୍ରା ରହିଛି। ଏଥିସହ ଗୋଟିଏ ସ୍ମାର୍ଟ ଏଲଇଡି ଟିଭି, ସ୍ମାର୍ଟ ପ୍ୟାନେଲ୍ ଟିଭି, ଏସର ଡେସ୍କଟପ୍ କମ୍ପ୍ୟୁଟର ଓ ସିପିୟୁ, ୨ଟି ସମର ୱାଟର ପମ୍ପ, ସିଲେଇ ମେସିନ୍, ୨ଟି ଛୁରୀ ଏବଂ ନଗଦ ୬୪୦ ଟଙ୍କା ଜବତ ହୋଇଛି। ସେହିପରି ଗତ ୧୯ ତାରିଖ ରାତିରେ ପଞ୍ଚାନନ ମନ୍ଦିର ଛକ ନିକଟରେ କାତି ଓ ଛୁରୀ ଦେଖାଇ ଦୋକାନୀ ଓ ସାଧାରଣ ଲୋକଙ୍କୁ ଭୟଭୀତ କରି ଦାଦାବଟି ଆଦାୟ କରୁଥିବା ୩ ଜଣଙ୍କୁ ରାତ୍ରିକାଳୀନ ପାଟ୍ରୋଲିଂ ବେଳେ ପୁଲିସ କାବୁ କରିଥିଲା। ଏନେଇ ଥାନାରେ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଆକାଶ ହରିଜନ(୨୦), ଭଗବାନ ଖୋରା(୩୭), ଦେବା ନାୟକ(୫୨), ଟି. ସନ୍ତୋଷ(୧୯), ଗଣେଶ ବେଶ୍ରା(୨୦), ଚନ୍ଦନ ବଡ଼େଇ(୨୪), ଅଜୟ ନାୟକ(୨୯) ଓ ପ୍ରବୀଣ ନାୟକ(୨୦)। ସିସିଟିଭି ଫୁଟେଜ୍ ଯାଞ୍ଚ, ଗୁପ୍ତ ସୂଚନା ଓ ନିୟମିତ ପାଟ୍ରୋଲିଂ ଆଧାରରେ ଏହି ସଫଳତା ମିଳିଥିବା ପୁଲିସ କହିଛି। ସାମ୍ବାଦିକ ସମ୍ମିଳନୀରେ ଟାଉନ୍ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ, ଏସ୍ଆଇ ଦୀପକ କୁମାର ପଣ୍ଡା, ଏଏସ୍ଆଇ ଦିଗନ୍ତ ପ୍ରଭୁ ସାଏ ଓ କାର୍ତ୍ତିକ ମିଶ୍ର ଉପସ୍ଥିତ ଥିଲେ।

ସାଳନ୍ଦୀ ସଂସ୍କାର ପାଇଁ ସାଂସଦଙ୍କୁ ଦାବିପତ୍ର ପ୍ରଦାନ

ଭଦ୍ରକ(ଅମୃତ ମିଡିଆ): ସାଳନ୍ଦୀ ନଦୀର ସଂସ୍କାର ପାଇଁ ଭଦ୍ରକର ସାଳନ୍ଦୀ ବିକାଶ ମଞ୍ଚ ତରଫରୁ ରାଜ୍ୟସଭା ସାଂସଦ ମନମୋହନ ସାମଲଙ୍କୁ ଭେଟି ଏକ ୬ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ କୁହାଯାଇଛି ଯେ, ସଳନ୍ଦୀ ଦୁର୍ବଳ ନଦୀବନ୍ଧ ଓ ଏହାର ନଦୀ ଗର୍ଭ ଖନନ ହେଉ ନଥିବାରୁ ବାରମ୍ବାର ବନ୍ୟା ଆସି ଲୋକଙ୍କର ବହୁ କ୍ଷତିର ସାମ୍ନା କରୁଛନ୍ତି। ଚାଷ ନଷ୍ଟ ହେଉଛି। ପ୍ରତିବର୍ଷ ସାପ କାମୁଡ଼ାରେ ଲୋକ ଆତଙ୍କିତ ହେଉଛନ୍ତି। ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ନଦୀବନ୍ଧର ଉଚ୍ଚତା ବଢ଼ିବା ସହ ନଦୀ ଗର୍ଭ ଖନନ କରିବା ଓ ଭଦ୍ରକ ସହର ଦେଇ ଯାଇଥିବା ସାଳନ୍ଦୀ ନଦୀର ଉଭୟ ପାର୍ଶ୍ୱ ସୌନ୍ଦର୍ଯ୍ୟୀକରଣ କରିବା ପାଇଁ ଦାବି କରାଯାଇଛି। ସେହିପରି ନଦୀପଠାକୁ ଜବରଦଖଲରୁ ମୁକ୍ତ କରିବା ଓ ବନ୍ୟାଜଳର ସୁପରିଚାଳନା ପାଇଁ ଯୋଜନା ପ୍ରସ୍ତୁତ କରିବା। ସାଳନ୍ଦୀ ନଦୀ ଆଜି ଭଦ୍ରକ ପୌରପାଳିକା ଅଧିଭୁକ୍ତ ସମସ୍ତ ସରକାରୀ ଓ ଘରୋଇ ବର୍ଜ୍ୟ ବସ୍ତୁ, ବ୍ୟବହାରିତ ଜଳ ପାଇଁ ପ୍ରଦ୍ୟୁଷଣ ହେଉଛି। ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ଜରିଆରେ ନଦୀକୁ ପାଣି ଛାଡିବା ପାଇଁ ଯୋଜନା କରିବା ଦାବି କରାଯାଇଥିଲା। ରାଜ୍ୟସଭା ସାଂସଦ ଶ୍ରୀ ସାମଲ ଏହାର ସ୍ଥାୟୀ ପ୍ରତିକାର ପାଇଁ ଏକ ସର୍ଭେ ଓ ଡିପିଆର ପ୍ରସ୍ତୁତ କରିବା ପାଇଁ ରାଜ୍ୟ ସରକାରଙ୍କୁ ଚିଠି ଲେଖିବେ ଓ ତାହାପରେ ଏହାର ଖର୍ଚ୍ଚ ଅଟକଳ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଦାବିପତ୍ର ସଂଗଠନର ସଭାପତି ଅମ୍ବିକା ଦାସ, ସମ୍ପାଦକ ପ୍ରତାପ ପାଢ଼ୀ, ଇଞ୍ଜିନିଅର କମଳା ବେହେରା, ପ୍ରସନ୍ନ ମହାପାତ୍ର, ସ୍ୱଦେଶ ପଣ୍ଡା ଓ ସରଜୁ ଶୈଳ ପଲେଇ ଉପସ୍ଥିତ ଥିଲେ।

ୱାରେଣ୍ଟଧାରୀ ୩ ଅଭିଯୁକ୍ତ ଗିରଫ, କୋର୍ଟଚାଲାଣ

ଜୟପୁର(ଅମୃତ ମିଡିଆ): ଫେରାର ଅଭିଯୁକ୍ତ ଓ ୱାରେଣ୍ଟଧାରୀଙ୍କ ବିରୋଧରେ ସଦର ଥାନା ପୁଲିସର ଅଭିଯାନ ଜୋରଦାର ହୋଇଛି।

ଗୁରୁବାର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦୀର୍ଘଦିନ ଧରି ଫେରାର ଥିବା ୩ ଜଣ ୱାରେଣ୍ଟଧାରୀ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଉମୁରା ଗ୍ରାମର ଡେଭିଡ୍ ନାଗ(୨୧)ଙ୍କ ବିରୋଧରେ ଡକାୟତି ଉଦ୍ୟମ ମାମଲା ରହିଥିଲା। ସଦର ଥାନାରେ ରୁଜୁ କେଶ୍ ନଂ ୩୬୪/୨୦୨୩ ଆଧାରରେ ଜୟପୁର ଏସ୍ଡିଜେଏମ୍ ଅଦାଲତ ପକ୍ଷରୁ ଜାରି ଜାମିନବିହୀନ ପରୱାନା ବଳରେ ଏଏସ୍ଆଇ ବ୍ୟୋମକେଶ ଧଙ୍ଗଡ଼ାମାଝୀ ତାଙ୍କୁ ଗିରଫ କରିଛନ୍ତି। ସେହିପରି ପେପର ମିଲ୍ ଲେବର କଲୋନୀର କୁଶରାଜ ଭକ୍ତ(୨୩)ଙ୍କ ବିରୋଧରେ ମହିଳାଙ୍କୁ ନିର୍ଯାତନା ଓ ଅସଦାଚରଣ ଅଭିଯୋଗରେ ୨୦୧୭ରେ ମାମଲା ରୁଜୁ ହୋଇଥିଲା। ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ଅମିୟ ରଞ୍ଜନ ସଗରିଆ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଅନ୍ୟପକ୍ଷରେ ବାଲିଆ ପଞ୍ଚାୟତ ଅନ୍ତର୍ଗତ କୁଷ୍ଠାରଖାଲ ଗ୍ରାମର ଶଙ୍କର ହରିଜନ(୩୬)ଙ୍କ ବିରୋଧରେ ଗାଳିଗୁଲଜ, ମାରପିଟ୍ ଓ ଜୀବନରୁ ମାରିଦେବା ଧମକ ଅଭିଯୋଗରେ ମାମଲା ଚାଲିଥିଲା। ଏଏସ୍ଆଇ ପଙ୍କଜିନୀ ଶବର ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। କୋରାପୁଟ ଏସପି ରୋହିତ ବର୍ମାଙ୍କ ନିର୍ଦ୍ଦେଶ ଓ ଏସଡିପିଓ ଅର୍ଚ୍ଚିତା ମିଉଲଙ୍କ ତତ୍ତ୍ୱାବଧାନରେ ଫେରାର ଅଭିଯୁକ୍ତଙ୍କୁ କାବୁ କରିବା ସହ ଅଞ୍ଚଳରେ ଆଇନଶୃଙ୍ଖଳା ବଜାୟ ରଖିବା ଲକ୍ଷ୍ୟରେ ଏଭଳି ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସଦର ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

ଗୋଡ଼କୁ ଗୁଳି କରି ଲୁଟିନେଲେ ମୋଟର ସାଇକେଲ

ରଣପୁର(ଅମୃତ ମିଡିଆ): ନୟାଗଡ଼ ଜିଲ୍ଲାର ସମ୍ବେଦନଶୀଳ ଚାନ୍ଦପୁର ଥାନା ଅଞ୍ଚଳରେ ଗୁଳି ମାରି ମୋଟରସାଇକଲ୍ ଲୁଟି ନେଇଛନ୍ତି। ଆଜି (ଗୁରୁବାର) ଅପରାହ୍ଣ ଗୋଟାଏ ବେଳେ ପଟିଆ ପାଇକସାହିର ପରମାନନ୍ଦ ନାୟକଙ୍କ ପୁଅ ପିଣ୍ଟୁ ନାୟକ ନିଜର (ଓଡି ୦୨ଡି ଆର ୯୦୫୯) ମୋଟର ସାଇକେଲ ନେଇ ଗାଧୋଇବାକୁ ଯାଇଥିଲେ। ମୋଟରସାଇକଲ୍ ତୁଠରେ ଥୋଇ ଗାଧୋଉଥିବା ବେଳେ ତିନି ଜଣ ଲୁଟେରା ଗୋଟିଏ ମଟର ସାଇକେଲ ରେ ସେଠାରେ ପହଞ୍ଚିଥିଲେ। ପିଣ୍ଟୁ ପ୍ରଥମେ ଭୟଭୀତ କରାଇଥିଲେ। ପ୍ରତିବାଦ କରିବାକୁ ଗୋଡ଼କୁ ଗୁଳି କରି ମୋଟର ସାଇକେଲ ନେଇ ଫେରାର ହୋଇଯାଇଥିଲେ। ସୂଚନା ପାଇ ପରିବାର ଲୋକ ଆହତ ପିଣ୍ଟୁ କୁ ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଚାନ୍ଦପୁର ଥାନା ପୁଲିସ

ଚାନ୍ଦପୁର ବସନ୍ତ ମଞ୍ଜରୀ ମେଡିକାଲରେ ପହଞ୍ଚି ଆହତ ପିଣ୍ଟୁର ବୟାନ ରେକର୍ଡ କରିଛନ୍ତି। ଚାନ୍ଦପୁର ଥାନା ନିରୀକ୍ଷକ ଅଭୟ ବେହେରା କୁହିଛନ୍ତି, ଅଭିଯୋଗ ଭିତ୍ତିରେ ଏକ ମାମଲା ରୁଜୁ କରାଯାଇଛି। ଅପରାଧୀଙ୍କୁ ଚିହ୍ନଟ କରିବାକୁ ରାସ୍ତାରେ ଲାଗିଥିବା ସି ସି କ୍ୟାମେରା ଯାଞ୍ଚ କରାଯାଉଛି। ଏହି ଥାନା ଅଞ୍ଚଳ ଦେଇ ୧୬ ନମ୍ବର ଜାତୀୟ ରାଜପଥ ଯାଇଛି। ବନ୍ଧମୁଣ୍ଡା ଓ ପଟିଆ ଭଳି ଘଞ୍ଚ ଜଙ୍ଗଲ ରହିଥିବା ବେଳେ ଅନେକ ସମୟରେ ବେଆଇନ ଶିକାରୀଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳେ। ଏହା ସହ ମାଙ୍କଡ଼ା ପଥର ଓ କଳାମୁଗୁନି ପଥର ଖଣିର ବେଆଇନ ଖନନ ଓ ଚାଲାଣକାରୀଙ୍କ ଦୌରାତ୍ମ୍ୟ ରହିଛି। ପୁଲିସର ନିୟମିତ ପାଟ୍ରୋଲିଂର ଅଭାବରୁ ଅଞ୍ଚଳରେ ଅପରାଧୀଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ପଟିଆ ଓ ମୟୁରଝରିଆ ରେ ଦୁଇଟି ଫାଣ୍ଡି ପାଇଁ ପ୍ରସ୍ତାବ ଥିଲେ ମଧ୍ୟ ଏଯାଏଁ କାର୍ଯ୍ୟକାରୀ ହୋଇନାହିଁ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ଦେଇଛନ୍ତି।

ସ୍ୱାମୀଙ୍କ ହାତଗୋଡ଼ ବାନ୍ଧି ସ୍ତ୍ରୀଙ୍କ କାନ ଛିଣ୍ଡାଇ ସୁନାଫୁଲ ଝାମ୍ପିନେଲେ ଦୁର୍ବୃତ୍ତ

ନବରଙ୍ଗପୁର(ଅମୃତ ମିଡିଆ): ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଥାନା ଅନ୍ତର୍ଗତ ଦହଣା ଗାଁରେ ଗୁରୁବାର ବିକ୍ରମିତ ରାତିରେ ଉମେଶ ଚନ୍ଦ୍ର ରଥଙ୍କ ଘରେ ସଶସ୍ତ୍ର ଡକାୟତି ହୋଇଛି। ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଗୁରୁବାର ରାତିରେ ପ୍ରାୟ ୮ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଦହଣା ଗ୍ରାମର ଉମେଶ ଚନ୍ଦ୍ର ରଥଙ୍କ ଘରେ ପଶିଥିଲେ। ଠାକୁର ଘରର ଝରକା ଭାଙ୍ଗି ଘର ଭିତରକୁ ପ୍ରବେଶ କରିବା ପରେ ଦୁର୍ବୃତ୍ତମାନେ ଉମେଶଙ୍କୁ ଆକ୍ରମଣ କରିଥିବା ସହ ପ୍ରବଳ ମାଡ଼ ମାରିବା ସହିତ ହାତ ବାନ୍ଧି ଦେଇଥିଲେ ଏବଂ ବେକରେ ଭୁଜାଲି ରଖି ଅନ୍ୟ ଏକ କଖରାରେ ଶୋଇଥିବା ତାଙ୍କ ସ୍ତ୍ରୀ ପୁଷ୍ପଲତା ଦାଶଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ଆକ୍ରମଣ କରି ପ୍ରବଳ ମାଡ଼ ମାରିବା ସହିତ ତାଙ୍କ ହାତ ବାନ୍ଧି ବେକ ରେ ଭୁଜାଲି ରଖି ଦେଇଥିବା ପାଡ଼ିତ ପରିବାର ପକ୍ଷରୁ କୁହାଯାଇଛି। ଏହାପରେ ଦୁର୍ବୃତ୍ତମାନେ ପୁଷ୍ପଲତାଙ୍କ ସୁନାର କାନଫୁଲ ଟାଣି କାନ ଛିଡାଇ ଦେଇଥିଲେ ଏହାସହ ଭୟଭୀତ କରି ଦୁର୍ବୃତ୍ତମାନେ ଘରେ ଥିବା ଗଡରେଜ ଭାଙ୍ଗି ନଗଦ ୨ ଲକ୍ଷ ୧୦ ହଜାର ଟଙ୍କା, ୫ ଭରି ଓଜନ ସୁନାର ଗୋଟିଏ ସୁନା ହାର, ୨ଟି ସୁନା ମୁଦି, ଗୋଟିଏ ସୁନା କାନଫୁଲ, ୨ଟି ସୁନା ଲକେଟ, ସୁନା ମଙ୍ଗଳ ସୂତ୍ର, ଲୁଟି ନେଇଥିବା ଅଭିଯୋଗ କରିଛନ୍ତି। ପୋଲିସକୁ ଏନେଇ ରାତିରେ ଫୋନ୍ ମାଧ୍ୟମରେ ସୂଚନା ଦେବା ପରେ ରାତି ଅଳ୍ପ ସମୟରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ନିକଟସ୍ଥ ସିସିଟିଭି ଯାଞ୍ଚ କରିବା ସହିତ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁରର ସହାୟତା ନିଆଯିବ ବୋଲି ନବରଙ୍ଗପୁର ଏସ୍ଡିପିଓ କୃଷ୍ଣ ଚନ୍ଦ୍ର ଭତ୍ତା କହିଛନ୍ତି। ଘଟଣାକୁ ନେଇ ତେନ୍ତୁଳିଖୁଣ୍ଟି ପୋଲିସ ତଦନ୍ତ ଆରମ୍ଭ କରିଥିବାବେଳେ ଡକାୟତିରେ ସମ୍ପୃକ୍ତ ଦୁର୍ବୃତ୍ତମାନେ କିଏ ଏବଂ କେଉଁ ଉଦ୍ଦେଶ୍ୟରେ ଏଭଳି ଘଟଣା ଘଟାଇଲେ ତାହା ତଦନ୍ତ ପରେ ସ୍ପଷ୍ଟ ହେବ।

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମଶତବାର୍ଷିକୀ ମହୋତ୍ସବ ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି

ଅନୁଗୋଳ(ଅମୃତ ମିଡିଆ) : ଅନୁଗୋଳଜିଲ୍ଲା ତାଳଚେର ଗୁରୁଜାଙ୍ଗଠାରେ ଆସନ୍ତାକାଲି ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମଶତବାର୍ଷିକୀ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସହିତ ବାଚସ୍ପତି ସୁରମା ପାଢ଼ୀ ଓ ମନ୍ତ୍ରୀମଣ୍ଡଳର ବିଭିନ୍ନ ମନ୍ତ୍ରୀଙ୍କ ସହ ବିଧାୟକ ଓ ସାଂସଦମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଯାହାକୁ ନେଇ ଆଜି ପୁଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ନିଜେ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଓ ଅନୁଗୋଳ ଆରକ୍ଷୀ ଅଧିକ୍ଷକ ଗୁରୁଜାଙ୍ଗଠାରେ ବିଭିନ୍ନ ସ୍ଥାନକୁ ପରିଦର୍ଶନ କରିବା ସହିତ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଆସି ଗୁରୁଜାଙ୍ଗଠାରେ ଥିବା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶତବାର୍ଷିକ ମହୋତ୍ସବର ଉଦ୍‌ଘାଟନ କରିବା ସହିତ ସେଠାରେ ଥିବା ସଭାରେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ଅନେକ ସାଧୁସନ୍ଥଙ୍କ ସହିତ ୨୦ ହଜାରରୁ ଅଧିକ ଜନସମାଗମ ହେବ ବୋଲି ଆଶା ପ୍ରକଟ କରାଯାଉଛି।

ସ୍ୱାସ୍ଥ୍ୟକେନ୍ଦ୍ରର ପାଚେରୀ ନିର୍ମାଣ କାର୍ଯ୍ୟରେ ଅନିୟମିତତା

କର୍ଲାମୁଣ୍ଡା(ଅମୃତ ମିଡିଆ): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୧ କୋଟି ଅର୍ଥ ମଞ୍ଜୁରୀ ହୋଇ ବ୍ଲକ ସଦରର ଶାନ୍ତିନଗର ପଡାଠାରେ ୩୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ନିର୍ମାଣ ପାଇଁ ଟେଣ୍ଡର ଜରିଆରେ ଜୈନକ ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ତେବେ ନିର୍ମାଣ କାର୍ଯ୍ୟ ଚୁକ୍ତିନାମା ଅନୁସାରେ ଧାର୍ଯ୍ୟ ସମୟ ସୀମାରେ ସମାପ୍ତ ହୋଇପାରି ନ ଥିବାରୁ ନୂତନ ଗୃହରେ ଜନସାଧାରଣ ଚିକିତ୍ସା ସେବା ପାଇପାରୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଟେଣ୍ଡର ଜରିଆରେ ଜାତୀୟ ପ୍ରକଳ୍ପ ନିର୍ମାଣ ନିଗମକୁ ଡାକ୍ତରଖାନାର ପାଚେରୀ ନିର୍ମାଣ ପାଇଁ ନିଯୁକ୍ତ କରାଯାଇଛି। ତେବେ ଉକ୍ତ ପାଚେରି କାର୍ଯ୍ୟ ଠିକ ଭାବେ ତଦାରକ ହେଉ ନ ଥିବାରୁ ନିର୍ମାଣ କାର୍ଯ୍ୟରେ ଅନିୟମିତତା ହେଉଥିବା ଦେଖିବାକୁ ମିଳିଛି। ପାଚେରି ନିର୍ମାଣ କାର୍ଯ୍ୟ ନ ସରୁଣୁ ପାଚେରି ଫାଟି ଆଁ କଲାଣି। ଏନେଇ ବିଭାଗୀୟ ଯନ୍ତ୍ରୀ ବିମଳ ବାବୁଙ୍କୁ ପଚାରିବାରୁ ଉକ୍ତ କାର୍ଯ୍ୟ ଏନ୍‌ପିସିସି ନିଜ ତଦାରକରେ କରୁଛି। ଘଟଣା ସମ୍ପର୍କରେ ଏନ୍‌ପିସିସି ଅବଗତ କରି ଦିଆଯିବ ବୋଲି କହିଛନ୍ତି।

ଭୂତକୋଠି ସାଜିଛି କଲ୍ୟାଣ ମଣ୍ଡପ

କେସିଙ୍ଗା(ଅମୃତ ମିଡିଆ): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କନ୍ତେଶିର ଗ୍ରାମ ପଞ୍ଚାୟତରୁ ପ୍ରାୟ ୫୦୦ ମିଟରରେ ଗ୍ରାମ ପଞ୍ଚାୟତ ପକ୍ଷରୁ ଗୋଦାମ ଗୃହ ଗତ ୨୦୧୬-୧୭ ମସିହାରେ ନିର୍ମାଣ କରାଯାଇଥିଲା। ଗ୍ରାମ ପଞ୍ଚାୟତର ଚାଉଳ, ଗହମ, ଭଳି ସମସ୍ତ ପିଡ଼ିଏସ ସାମଗ୍ରୀ ରଖିବା ପାଇଁ ତତ୍କାଳୀନ ବିଜେଡି ସରକାରଙ୍କ ଅମଳରେ ପ୍ରାୟ ୨୫ ଲକ୍ଷ ବ୍ୟୟ ଅଟକଳରେ ନିର୍ମାଣ କରାଯାଇଥିଲା। ସେହି ସମୟରେ ଏହି କଲ୍ୟାଣ ମଣ୍ଡପରେ ବିଭିନ୍ନ ସଭା ସମିତି ଓ ଗ୍ରାମ ସଭା, ପଲ୍ଲୀ ସଭା ସମେତ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ଉକ୍ତ କଲ୍ୟାଣ ମଣ୍ଡପରେ ବର୍ତ୍ତମାନ ଭୁତ କୋଠି ପାଲଟିଛି। ଚାରି ପଟେ ଅନାବନା ଗଛ ସହ ଘାସ ଭର୍ତ୍ତି ହୋଇଛି। ଶିବ ମନ୍ଦିର ପାର୍ଶ୍ୱର ଜାତୀୟ ରାଜପଥ ୨୬ର ପଶ୍ଚିମ ଦିଗରେ ଏହି କଲ୍ୟାଣ ମଣ୍ଡପ ଅବସ୍ଥାପିତ ହୋଇଛି। କୌଣସି ସରକାରୀ କାର୍ଯ୍ୟ କରାଯାଉ ନ ଥିବାରୁ ଭୁତକୋଠିରେ ପରିଣତ ହୋଇଛି।ମୁଖ୍ୟ ଗେଟରେ ତାଲା ପଡିରହିଛି। କାର୍ଯ୍ୟକ୍ରମ କରାଯାଉ ନ ଥିବାରୁ ଲକ୍ଷାଧିକ ଟଙ୍କାରେ ନିର୍ମାଣ କଲ୍ୟାଣ ମଣ୍ଡପଟି ଅକାମୀ ହୋଇ ଭୁତକୋଠିରେ ପରିଣତ ହୋଇଛି। ଗ୍ରାମ ପଞ୍ଚାୟତର ଗରିବ ଶ୍ରେଣୀର ଲୋକଙ୍କ ପୁଅ ଝିଅ ବାହା ଘର ପାଇଁ ବ୍ୟବହାର କଲେ ମଧ୍ୟ ବହୁତ ଭଲ ହୁଅନ୍ତା ବୋଲି

ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ବ୍ରହ୍ମାଙ୍କୁ ପଚାରିବାରୁ ମୋ କାର୍ଯ୍ୟ କଳାପ ସମୟରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଉଥିଲା। ମୁଁ ମୁଖ୍ୟ ଗେଟର ବାଡ଼ାକୁ ୯ଲକ୍ଷ ବ୍ୟୟ ଅଟକଳରେ ନିର୍ମାଣ କରି କଲ୍ୟାଣ ମଣ୍ଡପକୁ କାର୍ଯ୍ୟକ୍ଷମ କରୁଥିଲି, ବର୍ତ୍ତମାନ ଏକ ଭୁତକୋଠି ପାଲଟିଛି। ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯାଉ ବୋଲି ଦାବି କରିଛନ୍ତି। ଏ ନେଇ କେସିଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜନ୍ମେଜୟ ସ୍ୱାଇଁଙ୍କୁ ପଚାରିବାରୁ ମୁଁ ତଦନ୍ତ କରି ଉଚିତ କାର୍ଯ୍ୟାନୁଷ୍ଠାନ ନେବି ବୋଲି ପ୍ରକାଶ କରିଥିଲେ।

ବନ୍ଧୁକ ମୁନରେ ଲୁଟିନେଲେ ଦାମୀ ବାଇକ୍, ଦ

ନୀତି ସମ୍ମନ୍ନ ପାଇଁ ପଣ୍ଡୁ ନୃସିଂହ ଚାରି ଆଶ୍ରମ ବିଜେ କରୁଛନ୍ତି

ଧାରଣାରେ ବସିଲେ ନିଖିଳ ଓଡ଼ିଶା ବିଦ୍ୟୁତ ମଜଦୂର ମହାସଂଘ

ପ୍ରଖ୍ୟାତ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କୁ ସ୍ୟାଣ୍ଡ ଆନିମେସନରେ ଶ୍ରଦ୍ଧାଞ୍ଜଳି



ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆର ନବୀକରଣ ଗୃହ ଓ ଉଦ୍‌ଘାଟିତ

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.123, Saturday, 22 August 2026, Puri, Pages - 24, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୩, ଶନିବାର, ୨୨ ଅଗଷ୍ଟ ୨୦୨୬, ପୁରୀ, ୨୪ ପୃଷ୍ଠା, ମୂଲ୍ୟ - ୯ ଟଙ୍କା